


◀◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ


• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ▪ JEYPORE ▪ SAMBALPUR ▪ PANIKOILI

•VOLUME- 42 •ISSUE-204 •BHUBANESWAR •SUNDAY •19 JANUARY 2025 •PAGE-14 •₹ 6.00

•ବର୍ଷ-୪୨ •ସଂଖ୍ୟା-୨୦୪ •ଭୁବନେଶ୍ୱର •ରବିବାର •୧୯ ଜାନୁଆରୀ ୨୦୨୫ •ପୃଷ୍ଠା-୧୪ •ଟ.୬.୦୦ (ସିନ୍ଦୂରା ସହ)


### ୧୦ ମାନଦଣ୍ଡ ଆଧାରରେ ପୂର୍ଣ୍ଣାଙ୍ଗ ବଜେଟ ପ୍ରସ୍ତୁତି ପାଇଁ ସରକାରଙ୍କ ପ୍ରସ୍ତାବ

# ଦୋଛକିରେ ରାଜ୍ୟ ପ୍ରଶାସନ

■ **ଭୁବନେଶ୍ୱର, ୧୮।୧ (ସମିସ):** ରାଜ୍ୟରେ କ୍ଷମାତାସୀନ ବିଜେପି ସରକାର ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଆସନ୍ତା ଫେବୃଆରୀ ମାସରେ ପୂର୍ଣ୍ଣାଙ୍ଗ ବଜେଟ୍ ଆଣିବେ। ଆଗାମୀ ଚାରି ବର୍ଷ ପାଇଁ ରାଜ୍ୟ ବିକାଶର ଆଭିମୁଖ୍ୟକୁ ସ୍ୱଷ୍ଟ କରିବା ସହ ସମ୍ପ୍ରତି ଜାରି ରହିଥିବା ବିକାଶଧାରାକୁ ଅଧିକ ଗତିଶୀଳ କରିବା ପାଇଁ ରୂପରେଖ ପ୍ରସ୍ତୁତି ଉଦ୍ଦେଶ୍ୟରେ ଏହି ବଜେଟ୍ ଗୁରୁତ୍ୱ ବହନ କରୁଛି। ରାଜ୍ୟବାସୀଙ୍କ ଆଶା ଆକାଂକ୍ଷାକୁ ଦୃଷ୍ଟିରେ ରଖି ଆଗାମୀ ବଜେଟ୍‌ରେ ସାମାଜିକ କ୍ଷେତ୍ରକୁ ପ୍ରାଧାନ୍ୟ ଦେବା ନେଇ ନୂଆ ସରକାର ୧୦ଟି ମାନଦଣ୍ଡ ଅନୁଯାୟୀ ବିଭାଗ ଗୁଡ଼ିକରୁ ପ୍ରସ୍ତାବ ଆଗତ କରୁଛନ୍ତି।

ତେବେ ପୂର୍ବ ବଜେଟର ସିଂହଭାଗ ଖର୍ଚ୍ଚ ହୋଇପାରି ନଥିବା ବେଳେ ଆଗାମୀ ବଜେଟରେ କେଉଁ ଯୋଜନା ଓ ପ୍ରକଳ୍ପର ପ୍ରସ୍ତାବ ସ୍ଥାନିତ ହେବ, ତାକୁ ନେଇ

**ଆଗାମୀ ଚାରି ବର୍ଷ ପାଇଁ ବଜେଟରେ ଆଭିମୁଖ୍ୟ ସ୍ୱଷ୍ଟ କରିବେ ସରକାର**

**୨୦୩୬ ସୁଦ୍ଧା ସମୃଦ୍ଧ ଓଡିଶା ଗଠନ ଲକ୍ଷ୍ୟ**

ବିଭାଗଗୁଡ଼ିକ ଏବେ ଦୋ ଛକିରେ। ଗୋଟିଏ ପଟେ ବହୁ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଆରମ୍ଭ ହୋଇଥିବା ପ୍ରକଳ୍ପ ତଥା ଯୋଜନା ଏଯାବତ ସମ୍ପୂର୍ଣ୍ଣ ହୋଇ ନଥିବା



ବେଳେ ନୂତନ ପ୍ରକଳ୍ପ ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦିଷ୍ଟ ଭାବେ କୌଣସି ପ୍ରସ୍ତାବ ଆସିନାହିଁ। ଅନ୍ନଦାତା, ନାରୀଶକ୍ତି, ସହଜରେ ଜୀବନ ଯାପନ, ମୌଳିକ ନାଗରିକ ସୁବିଧା, ବିକଶିତ ଗାଁ-ବିକଶିତ ସହର, ରୋଜଗାର ଓ କର୍ମ ନିଯୁକ୍ତି, ଓଡିଆ ଅସ୍ମିତା ଓ ଜଗନ୍ନାଥ ସଂସ୍କୃତି, ଲୋକଙ୍କ ସରକାର ଭଳି ୧୦ଟି ଆଧାରରେ ବଜେଟ ପ୍ରସ୍ତୁତ କରିବା ଉଭୟ ସରକାର ଓ ପ୍ରଶାସନ ପାଇଁ କଷ୍ଟସାଧ ହୋଇଛି। ଏଥିପାଇଁ ଗତ ଡିସେମ୍ବର ମାସରୁ ମଧ୍ୟ ଅର୍ଥ ବିଭାଗ ସବୁ ବିଭାଗ ଠାରୁ ରିପୋର୍ଟ ମାଗିଲାଣି।

ସରକାରରେ ପଟ୍ଟ ପରିବର୍ତ୍ତନ, ବିଳମ୍ବିତ ବଜେଟ ଆବଣ୍ଟନ, ଯୋଜନାରେ ବଡ଼ ପରିବର୍ତ୍ତନ, ପୁରୁଣା ଭିତରେ ନୂଆ ଯୋଜନାର ପ୍ରବେଶ, ସର୍ବୋପରି ପାଣ୍ଠି ପରିଚାଳନାରେ ଉପଯୁକ୍ତ ନିରୀକ୍ଷଣର ଅଭାବ ଚଳିତ ବର୍ଷ ବଜେଟ ବ୍ୟୟରେ ବଡ଼ ଅନ୍ତରାୟ ▶ପୃଷ୍ଠା-୯

### ୪୦ ଘଣ୍ଟା ପରେ ୩ ଶ୍ରମିକଙ୍କ ମୃତଦେହ ଉଦ୍ଧାର

# 'ଡାଲମିଆ ସିମେଣ୍ଟ' ବିରୋଧରେ ୩ ମାମଲା

■ **ରାଉରକେଲା, ୧୮।୧(ସମିସ):** ଦୀର୍ଘ ୪୦ ଘଣ୍ଟା ପରେ ରାଜଗାଙ୍ଗପୁର ଡାଲମିଆ ସିମେଣ୍ଟ କାରଖାନାର ପାୱାର ପ୍ଲାଣ୍ଟରେ ଧସି ଯାଇଥିବା କୋଇଲା ପାହାଡ଼ ତଳୁ ୩ ଶ୍ରମିକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକମାନେ ହେଲେ, ମଧୁସୂଦନ କଲୋନୀ ନିବାସୀ ରଞ୍ଜିତ ଭୋଳ, ଆଇଟି କଲୋନୀ ନିବାସୀ ଦଶରଥ ପାତ୍ର ଓ ବଏଲର ଅପରେଟର୍ ସୁଶାନ୍ତ କୁମାର ରାଉତ। ଏହି ଘଟଣାରେ କାରଖାନା ବିରୋଧରେ ରାଜଗାଙ୍ଗପୁର ଥାନାରେ ୩ଟି ମାମଲା ରୁଜୁ ହୋଇଛି। କାରଖାନାର ଫାକ୍ଟ୍ରି ଅକ୍ୟୁପାୟର ଭେଙ୍ଗଟେଶ ତ୍ୟାଗରାଜନ୍ ଏବଂ ମ୍ୟାନେଜର ସନ୍ଦୀପ ବର୍ମାଙ୍କ ନାମରେ ପୁଲିସ୍ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ସେହିପରି ଏହି ଘଟଣାରେ କାରଖାନା ଓ ବାଷ୍ପିତ୍ର ନିର୍ଦ୍ଦେଶାଳୟ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସିମେଣ୍ଟ କାରଖାନାର ପାୱାର ପ୍ଲାଣ୍ଟରେ ୫୪ ମେଗାୱାଟ୍‌ରେ ଥିବା ସମସ୍ତ ବଏଲର ବଙ୍କର ଓ କନଭେୟର ବେଲ୍ଟ ଚଳାଇବା ପାଇଁ ସମ୍ପୂର୍ଣ୍ଣ ନିଷେଧ କରାଯାଇ ତାକୁ ସିଲ୍ କରି ଦିଆଯାଇଛି। କାରଖାନାରେ ସମ୍ପୂର୍ଣ୍ଣ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରା ନଯିବା ପର୍ଯ୍ୟନ୍ତ ପାୱାର ପ୍ଲାଣ୍ଟକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସୁନ୍ଦରଗଡ଼ ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ମାଝୀ



**ବଏଲର ବଙ୍କର୍ ଓ କନଭେୟର ବେଲ୍ଟ ସିଲ୍**

**ମୃତକଙ୍କ ପରିବାରକୁ ୨୫ ଲକ୍ଷର ସହାୟତା**

ସୂଚନା ଦେଇଛନ୍ତି। ଏହାସହ କାରଖାନା କର୍ତ୍ତୃପକ୍ଷଙ୍କୁ ନୋଟିସ୍ ଜାରି କରାଯାଇଥିବା କାରଖାନା ଓ ବାଷ୍ପିତ୍ର ବିଭାଗ ଉପନିର୍ଦ୍ଦେଶକ ଙ୍କ ବିଭୁପ୍ରସାଦ ସୂଚନା ଦେଇଛନ୍ତି। ସେହିପରି ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ନିର୍ଦ୍ଦେଶାଳୟ ପକ୍ଷରୁ ଏହାର ତଦନ୍ତ କରାଯାଉଛି ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମାଝୀ ସୂଚନା ଦେଇଛନ୍ତି। ▶ପୃଷ୍ଠା-୯

### ସାଢ଼େ ୮ ପ୍ରତିଶତ କଟ୍‌ନୀଛଟ୍‌ନୀକୁ ବିରୋଧ

# ବିନାୟକପୁରରେ ଉତ୍ତେଜନା



**ଧାନ ବସ୍ତା ଓଜନ ପାଇଁ ଦେବାକୁ ପଡୁଛି ଚାରି ଟଙ୍କା**

■ **ଭଦ୍ରକ/ବାସୁଦେବପୁର, ୧୮।୧ (ସମିସ):** ଭଦ୍ରକ ଜିଲ୍ଲାର ବିଭିନ୍ନ ମଣ୍ଡିରେ ଧାନବିକ୍ରିକୁ ନେଇ ଅସନ୍ତୋଷ ଦେଖାଦେଇଛି। ମଣ୍ଡିରେ ଧାନ ବସ୍ତା ଓଜନ ପାଇଁ ୪ ଟଙ୍କା ଦେବାକୁ ପଡୁଥିବା ବେଳେ ସାଢ଼େ ୮ରୁ ୧୦ ପର୍ସେଣ୍ଟ କଟନୀ ଛଟନୀକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ଫଳରେ କେଉଁଠି ଚାଷୀ ଧାନ ବିକ୍ରି ବନ୍ଦ କରିଦେଇଥିବା ବେଳେ ଆଉ କେଉଁଠି ସୋସାଇଟ୍ ଧାନ ନ କିଣି ଚାଷୀଙ୍କୁ ହଇରାଣ କରୁଥିବା ଅଭିଯୋଗ ହୋଇଛି।

ବାସୁଦେବପୁର ବ୍ଲକର ବିନାୟକପୁର ସୋସାଇଟିର ସାଢ଼େ ୮ ପର୍ସେଣ୍ଟ କଟ୍‌ନୀ ଛଟନୀକୁ ଚାଷୀ ବିରୋଧ କରିବାରୁ ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଗଣମାଧ୍ୟମର ପ୍ରତିନିଧିମାନେ ପହଞ୍ଚିବା ପରେ ମଣ୍ଡି ଛାଡି ସଦସ୍ୟମାନେ ପଳାଇ ଯାଇଥିଲେ। ବହୁ କଷ୍ଟରେ ଚାଷୀ ବର୍ଷା ଓ ଶୀତକୁ ଖାତିରି ନ କରି, ବାତ୍ୟା, ବନ୍ୟା ସହ ଯୁଝି ଯେଉଁ ଫସଲ ଗଣ୍ଡା ଅମଳ କରିଛି; ଏବେ ତାହାକୁ ବିକ୍ରି କରିବାକୁ ସେ ପ୍ରଶାସନ ଓ ମିଲମାଲିକଙ୍କ ▶ପୃଷ୍ଠା-୯

### ଆରଜି କର ହସ୍ପିଟାଲ ଡାକ୍ତର ଦୁଷ୍କର୍ମ ଓ ହତ୍ୟା ଘଟଣା

# ସଞ୍ଜୟ ରୟ ଦୋଷୀ; ୨୦ରେ ଦଣ୍ଡବିଧାନ



■ **କୋଲକାତା, ୧୮।୧ (ଏଜେନ୍ସି):** ବହୁଚର୍ଚ୍ଚିତ କୋଲକାତା ଆର.ଜି. କର ମେଡିକାଲ କଲେଜ ହସ୍ପିଟାଲର କାର୍ଯ୍ୟରତ ଟ୍ରେନି ଡାକ୍ତରଙ୍କୁ ଦୁଷ୍କର୍ମ ଏବଂ ହତ୍ୟା ମାମଲା ।।ରେ ମୁଖ୍ୟ ଅଭିଯୁକ୍ତ ସଞ୍ଜୟ ରୟକୁ କୋର୍ଟ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏହି ଘଟଣାର ୧୬୧ ଦିନ ପରେ ସିଆଲଦା କୋର୍ଟ ସଞ୍ଜୟକୁ ଦୋଷୀ ସାବ୍ୟସ୍ତ କରିଥିଲା ବେଳେ ଆସନ୍ତା ୨୦ ତାରିଖରେ ଦଣ୍ଡବିଧାନ କରିବେ। ୨୦୨୪ ଅଗଷ୍ଟ ୯ରେ ଆରଜିକେ ହସ୍ପିଟାଲ ମଧ୍ୟରୁ ଜଣେ ଟ୍ରେନି ମହିଳା ଡାକ୍ତରଙ୍କ ମୃତଦେହ ମିଳିଥିଲା। ସେ ପୂର୍ବ ରାତିରେ ଡ୍ୟୁଟି ସାରି ବିଶ୍ରାମ ନେଉଥିଲା ବେଳେ ତାଙ୍କୁ ଦୁଷ୍କର୍ମ କରାଯିବା ▶ପୃଷ୍ଠା-୯

### ଆକ୍ସିସ ବ୍ୟାଙ୍କରେ ପଲିସି କରି ଫସିଗଲେ

# ୪୮ ଲକ୍ଷ ହରାଇଲେ ଶିକ୍ଷକ

■ **ଦେବଗଡ଼, ୧୮।୧ (ସମିସ):** ଅବସରପ୍ରାପ୍ତ ଶିକ୍ଷକଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୪୮ ଲକ୍ଷ ଟଙ୍କା ଗାଏବ। ଆକ୍ସିସ ବ୍ୟାଙ୍କରେ ମ୍ୟାକ୍ସ-ଲାଇଫ୍ ପଲିସି କରି ସର୍ବସ୍ୱ ଜମା ପୁଞ୍ଜି ହରାଇଲେ ଶିକ୍ଷକ। ୪୭ଲକ୍ଷ ୯୫ହଜାର ୧୫୦ ଟଙ୍କା ହରାଇବା ପରେ ସେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପ୍ରାଥମିକ ତଦନ୍ତ ପରେ ଆକ୍ସିସ ବ୍ୟାଙ୍କର ତତ୍କାଳୀନ ମ୍ୟାନେଜରଙ୍କ ସମେତ ୧୨ ଅଭିଯୁକ୍ତଙ୍କ ନାମରେ ମାମଲା ରୁଜୁ ସହ ଘଟଣାର ତଦନ୍ତ ଆରମ୍ଭ କରିଛି ଦେବଗଡ଼ ପୁଲିସ।

ଦେବଗଡ଼ ଥାନା ଅନ୍ତର୍ଗତ ବଳମ ପଞ୍ଚାୟତ ଭାଲୁମୁଣ୍ଡା ଗ୍ରାମର ୭୨ ବର୍ଷୀୟ ଅବସରପ୍ରାପ୍ତ ହାଇସ୍କୁଲ ଶିକ୍ଷକ ଜନାର୍ଦ୍ଦନ ପ୍ରଧାନ ଗତ ୨୦୧୪ ମସିହା ଜୁଲାଇରେ ତତ୍କାଳୀନ ଆକ୍ସିସ ବ୍ୟାଙ୍କ ମ୍ୟାନଜର ସୁମିତ ମିଶ୍ରଙ୍କ ସହ ଆଲୋଚନା କରି ମ୍ୟାକ୍ସ ଲାଇଫ ଇନସ୍ୟୁରାନ୍ସ କମ୍ପାନୀରେ ତାଙ୍କ ନାମରେ ଏକ ପଲିସି କରିଥିଲେ।

**ତତ୍କାଳୀନ ବ୍ୟାଙ୍କ ମ୍ୟାନେଜରଙ୍କ ସମେତ ୧୨ ଜଣଙ୍କ ନାମରେ ମାମଲା**

ତେବେ ୨୦୧୬, ୨୦୧୭, ୨୦୧୯ ମସିହାରେ ସେହି ବ୍ୟାଙ୍କର ଅନ୍ୟ ଜଣେ ମ୍ୟାନେଜର ସୌମ୍ୟ ପାଣିଗ୍ରାହୀଙ୍କ କୌଣସି ସମ୍ମତି ବିନା ସେ ତାଙ୍କ ନାମରେ ୨ଟି ଓ ତାଙ୍କ ସ୍ତ୍ରୀ ସୈରେନ୍ଦ୍ରୀ ପ୍ରଧାନ ନାମରେ ୪ଟି, ଏପରି ▶ପୃଷ୍ଠା-୯

### ନିଶା ମାଫିଆଙ୍କ ଗଳାବାଟ ପାଲଟିଛି ବିମାନ ବନ୍ଦର

# ପୁଣି ୭କୋଟିର ମାରିଜୁଆନା ଜବତ

■ **ଭୁବନେଶ୍ୱର, ୧୮।୧ (ସମିସ):** ନିଶା ମାଫିଆଙ୍କ ଗଳାବାଟ ପାଲଟିଛି ଭୁବନେଶ୍ୱର ବିମାନ ବନ୍ଦର। ସେମାନେ ବିମାନ ବନ୍ଦର ଦେଇ ବିଦେଶରୁ ମାରିଜୁଆନା ଚାଲାଣ କରୁଛନ୍ତି। ଗତ ୧୪ ଦିନରେ ୨୧କୋଟିରୁ ଅଧିକ ଟଙ୍କା ମୂଲ୍ୟର ମାରିଜୁଆନା ଜବତ ହେଲାଣି। ଏହି ଘଟଣାରେ ଦୁଇ ମହିଳା ସମେତ ୩ଜଣଙ୍କୁ ଗିରଫ କରାଗଲାଣି। ତଥାପି ମାରିଜୁଆନା ଚାଲାଣ କମୁନାହିଁ।

ଆଜି ପୁଣି ବିଜୁ ପଟ୍ଟନାୟକ ବିମାନ ବନ୍ଦରରୁ ୭କୋଟିର ମାରାଜୁଆନା ଜବତ କରାଯାଇଛି। ଜଣେ ଚାଲାଣକାରୀ ମାରିଜୁଆନା ଆଣି ଆସୁଥିବା ବେଳେ ମାଡ଼ି ବସିଥିଲା କଷ୍ଟମ ବିଭାଗ। ଚାଲାଣ କରୁଥିବା ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚରା କରୁଛି କଷ୍ଟମ ବିଭାଗ। ୭ କେଜିର ମାରିଜୁଆନା ନେଇ ଜଣେ ଅଭିଯୁକ୍ତ ବ୍ୟାଙ୍କକ୍‌ରୁ ଭୁବନେଶ୍ୱର ଆଣୁଥିଲେ। ଏନେଇ ଗୁଇନ୍ଦା ସୁତ୍ରରୁ ଖବର ପାଇଥିଲା କଷ୍ଟମ ବିଭାଗ। ଇଣ୍ଡିଗୋ ବିମାନ ଭୁବନେଶ୍ୱର ବିମାନ ବନ୍ଦରରେ ଅବତରଣ କରିବା ପରେ କଷ୍ଟମ ବିଭାଗ କର୍ମଚାରୀ ଜଣେ ଯାତ୍ରୀଙ୍କ ଲଗେଜ୍ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ୭ କୋଟିର ମାରିଜୁଆନା ଧରାପଡିଥିଲା। ଉକ୍ତ ବ୍ୟକ୍ତିଙ୍କୁ ଉଠାଇ ନେଇଥିଲା କଷ୍ଟମ ବିଭାଗର ଏୟାର



**ଜଣେ ଚାଲାକକାରୀଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି**

**୧୪ ଦିନରେ ୨୧ କୋଟିରୁ ଅଧିକ ମାରିଜୁଆନା ଜବତ ହେଲାଣି**

**ଥାଇଲାଣ୍ଡ, ମାଲେସିଆରୁ ହେଉଛି ଚାଲାଣ**

ଇଣ୍ଟେଲିଜେନ୍ସ ୟୁନିଟ୍। ବ୍ୟାଙ୍କକ୍ ଓ କ୍ୱାଲାଲମପୁରରୁ ପୂର୍ବରୁ ଆସୁଛି ଏହି ଦାମୀ ନିଶାଦ୍ରବ୍ୟ। ପୂର୍ବରୁ ୨ ଜଣ ମହିଳା ଓ ୩ଯୁବକଙ୍କୁ ଗିରଫ କରାଯାଇଥିବା ବେଳେ ବିମାନବନ୍ଦର ବର୍ତ୍ତମାନ ନିଶା କାରବାରର ▶ପୃଷ୍ଠା-୯




# ‘୨୫ ମିନିଟ ବିଳମ୍ବ ହୋଇଥିଲେ ମୁଁ ବଞ୍ଚି ନ ଥାନ୍ତି’



ନୂଆଦିଲ୍ଲୀ,୧୮ ।୧(ଏଜେନ୍ସି) : ନିଜ ଦେଶରୁ ପଳାଇ ଆସି ବର୍ତ୍ତମାନ ଭାରତରେ ଆଶ୍ରୟ ।ନେଇଥିବା ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନା ୱାଜେଦ୍ ୨୦୨୪ ଅଗଷ୍ଟ ୫ ତାରିଖର ଘଟଣାକ୍ରମକୁ ମନେ ପକାଇ ନିଜ ଦୁଃଖ ବଖାଣିଛନ୍ତି। ବାଂଲାଦେଶରେ ବିକ୍ଷୋଭ ପରେ ତାଙ୍କ ଉପରେ କିଭଳି ମରଣାନ୍ତକ ଆକ୍ରମଣ ହୋଇଥିଲା ଏବଂ ତାଙ୍କୁ ମାରିଦେବାକୁ ରାଜନୈତିକ ସ୍ତରରେ ଷଡ଼ଯନ୍ତ୍ର କରାଯାଇଥିଲା ତାହାକୁ ହସିନା ସାମ୍ନାକୁ ଆଣିଛନ୍ତି। ସେ ଆଲ୍ଲାଙ୍କ କୃପାରୁ ବଞ୍ଚି ଯାଇଥିବା କହିଛନ୍ତି । ୨୦୦୪ ଅଗଷ୍ଟ ୫ରେ ହସିନା ନିଜ ଦେଶ ଛାଡି ଅପ୍ରତ୍ୟାଶିତ ଭାବେ ଭାରତ ପଳାଇ ଆସିଥିଲା

## ମତେ ମାରିବାକୁ ଷଡ଼ଯନ୍ତ୍ର ହୋଇଥିଲା: ହସିନା

ବେଳେ ସେହି ଦିନ ହିଁ ବାଂଲାଦେଶର କୋଟାଲିପଡ଼ାରେ ହୋଇଥିବା ଗ୍ରେନେଡ୍ ଆକ୍ରମଣରେ ତାଙ୍କୁ ଟାର୍ଗେଟ କରାଯାଇଥିଲା । ଯେଉଁଥିରେ ୨୪ ଜଣ ଲୋକଙ୍କ ମୃତ୍ୟୁ ହୋଇଥିଲା ଏବଂ ସେ ଆହତ ହୋଇଥିଲେ । ଯଦି ୨୦ ରୁ ୨୫ ମିନିଟ ବିଳମ୍ବ ହୋଇଥାଆନ୍ତା ତେବେ ସେ ଆଜି ନ ଥାନ୍ତେ ବୋଲି ଅଡିଓ ମେସେଜରେ ହସିନା କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ୨୦୨୪ରେ ବାଂଲାଦେଶରେ ହସିନା ସରକାରଙ୍କ ବିରୋଧରେ ବ୍ୟାପକ ଆନ୍ଦୋଳନ ଚାଲିବା ସହିତ ଦେଶର ସବୁ ପ୍ରାନ୍ତରରେ ବିକ୍ଷୋଭ, ହିଂସା ବଢିଥିଲା। ହିଂସାରେ ଶତାଧିକ ଲୋକଙ୍କ ମୃତ୍ୟୁ ହେବା ସହିତ ଶହ ଶହ ଲୋକ ଆହତ ହୋଇଥିଲେ। ତେବେ ୨୦୨୪ ଅଗଷ୍ଟ ୫ରେ ବିକ୍ଷୋଭକାରୀମାନେ ପ୍ରଧାନମନ୍ତ୍ରୀଙ୍କ ବାସଭବନ ଭିତରେ ପଶିବାକୁ ଉଦ୍ୟମ କରିବା ପୂର୍ବରୁ ଶେଖ ହସିନା ସେନା ହେଲିକପ୍ଟରରେ ଭାରତ ଚାଲି ଆସିଥିଲେ। ତାଙ୍କ ସହ ତାଙ୍କ ଭଉଣୀ ମଧ୍ୟ ଭାରତରେ ଆଶ୍ରୟ ନେଇଛନ୍ତି । କିନ୍ତୁ ଏହାମଧ୍ୟରେ ଶେଖ ହସିନାଙ୍କ ପ୍ରତ୍ୟର୍ପଣ ଲାଗି ବାଂଲାଦେଶର ଅନ୍ତରୀଣ ସରକାର ଦୁଇଥର ଭାରତକୁ ଚିଠି ଲେଖିସାରିଛନ୍ତି। କିନ୍ତୁ ଭାରତ ସରକାର ହସିନାଙ୍କ ପ୍ରତ୍ୟର୍ପଣ ନେଇ ମୁହଁ ଖୋଲି ନଥିଲା ବେଳେ ହସିନାଙ୍କ ଭିସା ଅବଧି ବଢାଇ ଦେଇଛନ୍ତି।

## ଚନ୍ଦ୍ରବାବୁଙ୍କ ଓଲଟା ବାଟ

ହଟ୍ ସ୍ପଟ୍

ତିରୁପତି ଲଡୁ ବିବାଦ ଏବଂ ସୁପ୍ରିମ କୋର୍ଟଙ୍କ ଭର୍ତ୍ସନା ପରେ ଦୀର୍ଘ ଦିନ ଧରି ନିରବତା ଅବଲମ୍ବନ କରିଥିବା ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ପୁଣି ମୁହଁ ଖୋଲିଛନ୍ତି। ମୁହଁ ଖୋଲୁ ।।ଖୋଲୁ ସେ ଯେଉଁ କଥାଟି କହିଛନ୍ତି, ତାହା ତାଙ୍କୁ ପୁଣି ବିବାଦ ଘେରକୁ ଟାଣିବା ଥୟ। ରାଜ୍ୟରେ ସେ ନୂଆ ଆଇନ ତିଆରି କରିବାକୁ ଯାଉଛନ୍ତି । ଯେଉଁମାନଙ୍କର ଦୁଇରୁ ଅଧିକ ପିଲା ଥିବେ ସେମାନେ ହିଁ ପଞ୍ଚାୟତ ଓ ପୌର ନିର୍ବାଚନ ଲଢ଼ିପାରିବେ। ଏହି ଆଇନକୁ କଡ଼ାକଡ଼ି ଭାବେ ପାଳନ କରାଯିବ ବୋଲି ସେ କହିଛନ୍ତି। ତାଙ୍କର ଯୁକ୍ତି ହେଉଛି ଯେ ରାଜ୍ୟରେ ବୟସ୍କମାନଙ୍କ ସଂଖ୍ୟା ବଢ଼ି ଚାଲିଥିବା ବେଳେ ପିଲା ଓ ଯୁବକମାନଙ୍କ ସଂଖ୍ୟା



କମି କମି ଚାଲିଛି । ତେଣୁ ଏଭଳି ଅସଙ୍ଗତିକୁ ଦୂର କରିବା ଲାଗି ନୂଆ ଆଇନ ଜରୁରୀ ହୋଇପଡ଼ିଛି। ଦୁଇରୁ ଅଧିକ ସନ୍ତାନ ଥିଲେ ନିର୍ବାଚନ ଲଢ଼ିପାରିବେ ନାହିଁ ସାରା ଦେଶରେ ନିୟମ ରହିଥିବା ବେଳେ ଏହି ଧାରାକୁ ଭାଙ୍ଗିବାକୁ ପ୍ରତିଜ୍ଞା କରିଛନ୍ତି ଚନ୍ଦ୍ରବାବୁ। ଦୁଇ ମାସ ତଳେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ଯେ ନିର୍ବାଚନ ପାଇଁ ଅଧିକ ସନ୍ତାନ ଉପରେ ରହିଥିବା କଟକଣାକୁ ହଟାଇ ଦିଆଯିବ। ଅଧିକ ସନ୍ତାନ ପରିବାରକୁ ସରକାରୀ ସହାୟତା ମଧ୍ୟ ମିଳୁଛି । ଏଭଳି ପରିବାରକୁ ରିହାତି ଦରରେ ଚାଉଳ ଯୋଗାଇ ଦଆଯାଉଛି। ଦୁଇରୁ ଅଧିକ ସନ୍ତାନ ଥିଲେ ଯାଇ ନିର୍ବାଚନରେ ଲଢ଼ିବାକୁ ସୁଯୋଗ ମିଳିବ ବୋଲି ସେ ଯେଉଁ ନିୟମ କରିବାକୁ ଯାଉଛନ୍ତି, ତାହାକୁ ନେଇ ଅନେକ ନେତା ଚିନ୍ତାରେ। ନିର୍ବାଚନ ଲଢ଼ିବା ଲାଗି ସନ୍ତାନ ସଂଖ୍ୟାକୁ ଦୁଇ ଭିତରେ ସୀମିତ ରଖିଥିବା ନେତା ଏବେ କଣ କରିବେ। ତେବେ ଉଲ୍ଲେଖନୀୟ କଥାଟି ହେଉଛି ଯେ ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ ଏଭଳି ଯୁକ୍ତିକୁ ସମର୍ଥନ କରିଛନ୍ତି ତାମିଲନାଡୁ ମୁଖ୍ୟମନ୍ତ୍ରୀ ଷ୍ଟାଲିନ୍ । ସେ କହିଛନ୍ତି ଯେ ଦକ୍ଷିଣ ଭାରତରେ ପରିବାର ନିୟନ୍ତ୍ରଣ ଯୋଗୁଁ ଲୋକସଂଖ୍ୟା ହ୍ରାସ ପାଇବାରେ ଲାଗିଛି । ରାଜନୈତିକ ଦୃଷ୍ଟିକୋଣରୁ ଏହା ଦକ୍ଷିଣ ଭାରତ ରାଜ୍ୟଙ୍କୁ କ୍ଷତି ପହଞ୍ଚାଉଛି। ପୁଣି ଚନ୍ଦ୍ରବାବୁ ଦେଶସାରା ଏଭଳି ନିୟମ ଲାଗୁ କରିବାକୁ ପରାମର୍ଶ ଦେଇଛନ୍ତି । କହିଛନ୍ତି ଦେଶ ଏବେ ନଚେତିଲେ ଜାପାନ ଓ କୋରିଆ ଭଳି ଦୁର୍ଦ୍ଦଶା ଭୋଗିବ ।

## ୭୩୭ ପାଲେଷ୍ଟନୀୟ ଯୁଦ୍ଧବନ୍ଦୀଙ୍କୁ ମୁକ୍ତ କରିବ ଇସ୍ରାଏଲ

ତେଲ୍ ଆଭିଭ୍,୧୮ ।୧(ଏଜେନ୍ସି): ଇସ୍ରାଏଲ ଏବଂ ହମାସ ମଧ୍ୟରେ ଯୁଦ୍ଧ ବିରତିକୁ ନେଇ ବିଗତ କିଛି ଦିନ ହେଲା ଦ୍ୱନ୍ଦ୍ୱ ଉପୁଜିଥିଲା ବେଳେ ରବିବାର ଏହା ବାସ୍ତବାୟିତ ହେବାକୁ ଯାଉଛି। ଯୁଦ୍ଧବିରତି ପ୍ରସ୍ତାବକୁ ଇସ୍ରାଏଲ କ୍ୟାବିନେଟ୍ ଶନିବାର ଅନୁମୋଦନ ଦେବା ପରେ ଏହାକୁ ନେଇ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ଏହିକ୍ରମରେ ଆସନ୍ତାକାଲି ଉଭୟ ପକ୍ଷ ପଣବନ୍ଦୀଙ୍କୁ ମୁକ୍ତ କରିବେ । ମିଳିଥିବା ସୂଚନା ଅନୁସାରେ ଆସନ୍ତାକାଲି ସକାଳେ ଇସ୍ରାଏଲରେ ବନ୍ଦୀ ଥିବା ପାଲେଷ୍ଟାଇନର ପ୍ରାୟ ୭୩୭ ବ୍ୟକ୍ତିଙ୍କୁ ମୁକ୍ତ କରାଯିବ। ଜାନୁଆରୀ ୧୯ ଏଠାକାର ସ୍ଥାନୀୟ ସମୟ ସକାଳ ୮.୩୦ ମିନିଟ୍‌ରେ ଏହି ଯୁଦ୍ଧବନ୍ଦୀଙ୍କୁ ଇସ୍ରାଏଲ ଜେଲରୁ ମୁକ୍ତ କରାଯିବ ବୋଲି ପ୍ରମୁଖ ମଧ୍ୟସ୍ଥ ରାଷ୍ଟ୍ର କତାର ପକ୍ଷରୁ କୁହାଯାଇଛି । ପ୍ରଥମ ପର୍ଯ୍ୟାୟ ଯୁଦ୍ଧ ବିରତି ବୁଝାମଣା ଅନୁସାରେ ୭୩୭ ପାଲେଷ୍ଟନୀୟ ଯୁଦ୍ଧବନ୍ଦୀଙ୍କୁ ମୁକ୍ତ କରାଯିବ ବୋଲି ଇସ୍ରାଏଲ ନ୍ୟାୟିକ ମନ୍ତ୍ରାଳୟ ପକ୍ଷରୁ ମଧ୍ୟ ସ୍ପଷ୍ଟ କରାଯାଇଛି । ମୁକ୍ତି ପାଇବାକୁ ରହିଥିବା ଲୋକମାନଙ୍କ ମଧ୍ୟରେ ୫ ରୁ ୬ ହମାସ ସଂଗଠନର କେତେକ ପ୍ରମୁଖ ନେତା ରହିଥିଲା ବେଳେ ଏଥିରେ ମହିଳା ଏବଂ ଶିଶୁ ମଧ୍ୟ ରହିଛନ୍ତି । ଅନ୍ୟପକ୍ଷରେ ପାଲେଷ୍ଟାଇନରେ ବନ୍ଧକ

### ହମାସ-ଇସ୍ରାଏଲ ଯୁଦ୍ଧ ବିରତି ପ୍ରକ୍ରିୟା ଆରମ୍ଭ

### ପ୍ରଥମ ପର୍ଯ୍ୟାୟରେ ୩୩ ଇସ୍ରାଏଲୀଙ୍କୁ ମୁକ୍ତ କରିବ




ରହିଥିବା ୩୩ ଇସ୍ରାଏଲୀ ବନ୍ଦୀଙ୍କୁ ମଧ୍ୟ ହମାସ ମୁକ୍ତ କରିବ । ଗାଜାପଟି ନିକଟରେ ଉଭୟ ପକ୍ଷ ଲୋକଙ୍କୁ ସ୍ୱଦେଶ ଯିବାକୁ ଅନୁମତି ଦିଆଯିବ ବୋଲି କୁହାଯାଇଛି ।

ଉଲ୍ଲେଖଯୋଗ୍ୟ ଯେ, ଇସ୍ରାଏଲ ଏବଂ ହମାସ ମଧ୍ୟରେ ୪୨ ଦିନ ପାଇଁ ଏହି ପର୍ଯ୍ୟାୟ ଯୁଦ୍ଧ ବିରତି ପ୍ରସ୍ତାବ କାର୍ଯ୍ୟକାରୀ କରାଯାଇଛି । ଏହାପରେ ଯଦି ଦୁଇ ପକ୍ଷ ମଧ୍ୟରେ ସ୍ଥିତି ସ୍ୱାଭାବିକ ହୁଏ ଏବଂ ସବୁକିଛି ଠିକଠାକ୍ ଚାଲେ ତେବେ ଦୀର୍ଘସୂତ୍ରରେ ଯୁଦ୍ଧ ବିରତି ପ୍ରସ୍ତାବ କାର୍ଯ୍ୟକାରୀ କରାଯାଇପାରେ । ଏଥିପାଇଁ କତାରରେ ଅନୁଷ୍ଠିତ ବୈଠକରେ ଆଲୋଚନା କରାଯାଇଛି । ଅନ୍ୟପକ୍ଷରେ ଆମେରିକାର ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଆଭିମୁଖ୍ୟ ଇସ୍ରାଏଲ ଏବଂ ପାଲେଷ୍ଟାଇନ ସମସ୍ୟା ପ୍ରସଙ୍ଗରେ ଆଗକୁ ନୂଆ ମୋଡ ଦେଇପାରେ ବୋଲି ମଧ୍ୟ ଆକଳନ କରାଯାଉଛି ।

## ଇରାନ ସୁପ୍ରିମକୋର୍ଟର ଦୁଇ ବିଚାରପତିଙ୍କୁ ହତ୍ୟା

ତେହରାନ୍,୧୮ ।୧(ଏଜେନ୍ସି): ଇରାନ ସୁପ୍ରିମକୋର୍ଟ ପରିସରରେ ଶନିବାର ଆତଙ୍କବାଦୀ ଆକ୍ରମଣ ହୋଇଛି । ଜଣେ ଆତଙ୍କବାଦୀ କିଛି ବିଚାରପତିଙ୍କୁ ନିଶାଣ କରି ଗୁଳି ଚଳାଇଥିଲା ବେଳେ ଏହି ଘଟଣାରେ ଦୁଇ ବରିଷ୍ଠ ବିଚାରପତିଙ୍କ ମୃତ୍ୟୁ ହେବା ସହିତ ଅନ୍ୟ ଜଣେ ବିଚାରପତି ଆହତ ହୋଇଛନ୍ତି। ଏହି ଘଟଣା ପରେ ଆତଙ୍କବାଦୀ ଜଣକ ନିଜକୁ ଗୁଳିକରି ଆତ୍ମହତ୍ୟା କରିଛି। ମୃତ ଦୁଇ ବିଚାରପତି ହେଲେ ମହମ୍ମଦ ମୋଘିସେସ୍ ଏବଂ ହାଜୋତୋସଲାମ ଅଲ୍ଲୀରଜିନୀ। ଗୁରୁତର ଆହତ ହୋଇଥିବା ତୃତୀୟ ବିଚାରପତିଙ୍କୁ ଚିକିତ୍ସା ଲାଗି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ବେଳେ ତାଙ୍କ ଅବସ୍ଥା ଗମ୍ଭୀର ଥିବା ଇରାନ ଗଣମାଧ୍ୟମ ପ୍ରକାଶ କରିଛି । ଇରାନର ଆଇଆରଜିସି ଅନୁମୋଦିତ ଖବର ସଂସ୍ଥା ଫାର୍ ନ୍ୟୁଜ୍ ଅନୁସାରେ କୌଣସି କାରଣକୁ ନେଇ ଆତଙ୍କବାଦୀ ଜଣକ ଏହି ଦୁଇ ବିଚାରପତିଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲା। କିନ୍ତୁ ହତ୍ୟାକାରୀ କୁହାଯାଉଥିବା ଆତଙ୍କବାଦୀ କୋର୍ଟ ପରିସରରେ କର୍ମଚାରୀଙ୍କ ପ୍ରକୋଷ୍ଠ ସଫେଇ କାର୍ଯ୍ୟ ପାଇଁ ନିୟୋଜିତ ଥିଲା ବୋଲି କିଛି ସୂତ୍ରରୁ କୁହାଯାଇଛି।

## ଟ୍ରମ୍ପଙ୍କ ଶପଥ ଗ୍ରହଣକୁ ବିରୋଧ; ୱାଶିଂଟନ୍‌ରେ ହଜାର ହଜାର ବିକ୍ଷୋଭକାରୀ

ୱାଶିଂଟନ୍,୧୮ ।୧(ଏଜେନ୍ସି): ଆମେରିକାର ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଉ ମାତ୍ର ଦୁଇ ଦିନ ପରେ ଶପଥ ନେବେ । ଏଥିପାଇଁ ତାଙ୍କ ଶିବିରରେ ଆନନ୍ଦ ଉଲ୍ଲାସ ଖେଳିଯିବା ସହିତ ପ୍ରସ୍ତୁତି ଜୋରଦାର ହୋଇଛି । ଟ୍ରମ୍ପଙ୍କ ଶପଥ ଗ୍ରହଣ ଉତ୍ସବ ପାଇଁ ୱାଶିଂଟନରେ ଭବ୍ୟ ଉତ୍ସବ ଆୟୋଜନ କରାଯାଉଛି । ଅନ୍ୟପକ୍ଷରେ ଟ୍ରମ୍ପଙ୍କୁ ବିରୋଧ କରି ତାଙ୍କ ଶପଥ ଗ୍ରହଣ ପୂର୍ବରୁ ହଜାର ହଜାର ବିକ୍ଷୋଭକାରୀ ରୁଣ୍ଡ ହେବାରେ ଲାଗିଛନ୍ତି । ଶନିବାର ହଜାର ହଜାର ସଂଖ୍ୟାରେ ବିକ୍ଷୋଭକାରୀ ୱାଶିଂଟନ ଡିସିରେ ଏକାଠି ହେବା ସହିତ ଟ୍ରମ୍ପଙ୍କ (ଜିଓପି) ନୀତିକୁ ବିରୋଧ କରି ସ୍ଲୋଗାନ ଦେଇଛନ୍ତି। ଟ୍ରମ୍ପ ପ୍ରଶାସନରେ ପ୍ରବାସୀ ଲୋକଙ୍କୁ ନାନା ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବା ସହିତ ସଂଖ୍ୟାଲଘୁ ଲୋକମାନଙ୍କ ସମସ୍ୟା ମଧ୍ୟ ବଢିବ ବୋଲି ସେମାନେ କହିଛନ୍ତି । ଏପରିକି ଅନେକ ଲୋକ ଟ୍ରମ୍ପଙ୍କ ଶପଥ ଉତ୍ସବ ବୟକଟ୍ କରିବା ଉଦ୍ଦେଶ୍ୟରେ ୱାଶିଂଟନ ଛାଡି ଅନ୍ୟ ସହରକୁ ପଳାଇଥିବା କୁହାଯାଇଛି। ଜାନୁଆରୀ ୨୦ ତାରିଖରେ ଯେଉଁମାନଙ୍କ ଜନ୍ମଦିନ ପଡୁଛି ସେମାନେ ଅନ୍ୟ ସହର ଯାଇ ଜନ୍ମଦିନ ପାଳନ କରିବାକୁ ଯୋଜନା କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଟ୍ରମ୍ପ ନିର୍ବାଚନୀ ପ୍ରତିଶ୍ରୁତିରେ ଦେଶବାସୀଙ୍କୁ ଯାହା କହିଥିଲେ ତାହାକୁ ପ୍ରଥମ ଦିନରୁ କାର୍ଯ୍ୟକାରୀ କରିବାକୁ ପ୍ରସ୍ତୁତି ନେଇଛନ୍ତି।

## ଧରାପଡ଼ିଲା ସୈଫ ଆକ୍ରମଣକାରୀ

ରାୟପୁର,୧୮।୧(ଏଜେନ୍ସି): ବଲିଉଡ ଅଭିନେତା ସୈଫ୍ ଅଲ୍ଲୀ ଖାନଙ୍କ ଉପରେ ମରଣାନ୍ତକ ଆକ୍ରମଣ ଘଟଣାକୁ ନେଇ ମୁମ୍ବଇ ପୁଲିସ ଯାଞ୍ଚ ଜୋରଦାର୍ କରିଥିଲା ବେଳେ ବିଭିନ୍ନ ସ୍ଥାନରେ ଚଢଉ କରାଯିବା ସହିତ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ପଚରାଉଚରା କରାଯାଉଛି। ଏହିକ୍ରମରେ ରେଳବାଇ ପୁଲିସ ଜଣେ ୩୧ ବର୍ଷୀୟ ବ୍ୟକ୍ତିଙ୍କୁ ଛତିଶଗଡ଼ର ଦୁର୍ଗ ଷ୍ଟେସନରେ ଶନିବାର ଅଟକ ରଖିଥିବା ଜଣାପଡ଼ିଛି। ଆକାଶ କୈଳାସ କନୌଜିଆ ନାମକ ଏହି ବ୍ୟକ୍ତି ଜଣକ ମୁମ୍ବଇର ଲୋକମାନ୍ୟ ତିଳକ ଟର୍ମିନସ୍‌ରୁ କୋଲକାତା ସାଲିମାର ଯାଉଥିବା ଜ୍ଞାନେଶ୍ୱରୀ ଏକ୍ସପ୍ରେସରେ ଯାତ୍ରା କରୁଥିଲା ବେଳେ ତାଙ୍କ ଉପରେ ସନ୍ଦେହ ଆସିବାରୁ ରେଳବାଇ ପୁଲିସ ଦୁର୍ଗ ଷ୍ଟେସନରେ ତାଙ୍କୁ ଅଟକ ରଖିଛି। ଗତ ଗୁରୁବାର ସୈଫ ଅଲ୍ଲୀଙ୍କ ଉପରେ ଆକ୍ରମଣ ପରେ ଦୁର୍ବୃତ୍ତ ଜଣକ ଫେରାର ହୋଇଯାଇଥିଲା ବେଳେ ପୁଲିସ ସିସିଟିଭି ଫୁଟେଜ୍‌କୁ ଆଧାର କରି ଆବଶ୍ୟକ ଫଟୋ ଏବଂ ମୋବାଇଲ ଫୋନ ଟାୱାରକୁ ଆଧାର କରି ଅଭିଯୁକ୍ତକୁ ଟ୍ରାକ କରିବାକୁ ଉଦ୍ୟମ କରିଥିଲା। ଏହିକ୍ରମରେ ମୁମ୍ବଇ ପୁଲିସ ରେଳବାଇ ପୁଲିସକୁ ଆବଶ୍ୟକ ସୂଚନା ଦେଇଥିଲା ବେଳେ ରେଳବାଇ ପୁଲିସ ମୁମ୍ବଇ-ହାୱଡ଼ା ରୁଟ୍‌ରେ ରାଜନନ୍ଦଗାଓଁ ଷ୍ଟେସନରେ ଏହି ସନ୍ଦିଗ୍ଧକୁ ଧରିବାକୁ ପ୍ରୟାସ କରିଥିଲା। କିନ୍ତୁ ସେଠାରେ ମୋବାଇଲ ଟାୱାରକୁ ନେଇ ସନ୍ଦିଗ୍ଧକୁ ଚିହ୍ନଟ କରାଯିବା ସମ୍ଭବ ହୋଇ ନଥିଲା। କିନ୍ତୁ ପରେ ପରେ ଦୁର୍ଗ ଷ୍ଟେସନରେ ସଂପୃକ୍ତ ସନ୍ଦିଗ୍ଧକୁ ଧରିବାକୁ ରେଳବାଇ ପୁଲିସ ଜାଲ ବିଛାଇଥିଲା। ପରେ ପରେ ଟ୍ରେନ ଦୁର୍ଗ ଷ୍ଟେସନରେ ପହଞ୍ଚିବା ପରେ ସେଠାରୁ ବ୍ୟ ଆକାଶକୁ ପୁଲିସ ଧରି ଅଟକ ରଖିଥିବା ଜଣାପଡ଼ିଛି।



ଦୁର୍ଗ ଷ୍ଟେସନରେ ସନ୍ଦିଗ୍ଧକୁ ଅଟକ ରଖିଲା ରେଳବାଇ ପୁଲିସ

### ପୁଲିସ ନିକଟରେ କରିନାଙ୍କ ବୟାନ

## ଆକ୍ରମଣକାରୀ ଅତ୍ୟନ୍ତ ହିଂସ୍ରକ ଥିଲା

ବଲିଉଡ୍ ଅଭିନେତା ସୈଫ୍ ଅଲୀ ଖାନ୍‌ଙ୍କ ଉପରେ ଆକ୍ରମଣ ହେବା ଘଟଣାକୁ ନେଇ ଏବେ ସବୁ ମହଲରେ ଚର୍ଚ୍ଚା ଚାଲିଥିଲା ବେଳେ ଆକ୍ରମଣକାରୀକୁ ଧରିବା ଲାଗି ମୁମ୍ବଇ ପୁଲିସ ଜୋରଦାର ଉଦ୍ୟମ ଚଳାଇଛି । ମୁମ୍ବଇ ପୁଲିସର ୩୦ଟି ଟିମ୍ ବିଭିନ୍ନ ସ୍ଥାନରେ ଚଢଉ କରି ସନ୍ଦିଗ୍ଧ ବ୍ୟକ୍ତି ବିଶେଷଙ୍କୁ ପଚରାଉଚରା କରୁଛି । ଏହି ଘଟଣା ସହ କୌଣସି ଅଣ୍ଡରୱାର୍ଲଡ ଗ୍ୟାଙ୍ଗର ହାତ ରହିଛି କି ନାହିଁ ତାହାକୁ ନେଇ ମଧ୍ୟ ପୁଲିସ ଯାଞ୍ଚ କରୁଛି। ଏହାମଧ୍ୟରେ ସୈଫ୍‌ଙ୍କ ପତ୍ନୀ କରିନା କପୁର ଖାନ ପୁଲିସ ନିକଟରେ ନିଜର ବୟାନ ରଖିଛନ୍ତି। ସେ ପୁଲିସକୁ କହିଛନ୍ତି ଯେ ତାଙ୍କ ସ୍ୱାମୀ ସୈଫଙ୍କୁ ଅନୁପ୍ରବେଶକାରୀ ଜଣକ ଅତ୍ୟନ୍ତ ନିର୍ମମ ଭାବେ ଆକ୍ରମଣ କରିଥିଲା ବେଳେ ଛୁରିରେ ବାରମ୍ବାର ଆକ୍ରମଣ କରିଥିଲା। କିନ୍ତୁ ତାଙ୍କ ଘରୁ କୌଣସି ସାମଗ୍ରୀ ଚୋରି ହୋଇ ନାହିଁ। ଏପରିକି ବ୍ୟକ୍ତି ଜଣକ ଘରେ ରହିଥିବା ଅଳଙ୍କାର ଉପରେ ମଧ୍ୟ ଆଖି ପକାଇ ନଥିବା କରିନା କହିଛନ୍ତି। ହେଲେ ସେ ଅତ୍ୟନ୍ତ ହିଂସ୍ରକ ଭାବେ ଆକ୍ରମଣ କରିଥିଲା ବୋଲି କରିନା କହିଛନ୍ତି। ଏଭଳି ବିଷୟକୁ ନେଇ ପୁଲିସ ଆହୁରି ଚିନ୍ତାରେ ପଡ଼ିଛି। କାରଣ ପ୍ରଥମେ ଦୁର୍ବୃତ୍ତ ଜଣକ ଘରେ ପଶିଲା ପରେ ୧ କୋଟି ଟଙ୍କା ଦାବି କରିଥିଲା। କିନ୍ତୁ ପରେ କୌଣସି ଜିନିଷ ଚୋରି କରି ନଥିଲା ବୋଲି କରିନା କହିଛନ୍ତି।



### ବିଜେପି-ଆପ୍ ମଧ୍ୟରେ ପୁଣି ବାକ୍‌ଯୁଦ୍ଧ

## କେଜ୍ରିୱାଲଙ୍କ ଗାଡ଼ି ଉପରେ ବିଜେପି ଗୁଣ୍ଡାଙ୍କ ଆକ୍ରମଣ: ଆପ୍

ନୂଆଦିଲ୍ଲୀ,୧୮ ।୧(ଏଜେନ୍ସି) : ଦିଲ୍ଲୀ ବିଧାନସଭା ନିର୍ବାଚନ ପାଖେଇ ଆସୁଥିଲା ବେଳେ ବିଜେପି ଏବଂ ଆମ୍ ଆଦମୀ ପାର୍ଟି(ଆପ୍) ମଧ୍ୟରେ ବିବାଦ ତୀବ୍ର ହେବାରେ ଲାଗିଛି। ବିଶେଷକରି ନିର୍ବାଚନୀ ପ୍ରଚାର ଏବେ ଜୋରଦାର ହେବା ସହ ବିଭିନ୍ନ ପ୍ରସଙ୍ଗରେ ଉଭୟ ଦଳର ନେତା ମୁହାଁମୁହିଁ ହେଉଥିବା ଦେଖାଯାଉଛି । ଏହାମଧ୍ୟରେ ପ୍ରଚାର ବେଳେ ଆପ୍ ମୁଖ୍ୟ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଗାଡି ଉପରକୁ ବିଜେପି ଗୁଣ୍ଡାମାନେ ଆକ୍ରମଣ କରିଥିବା ଆପ୍ ଅଭିଯୋଗ ଆଣିଛି । କେଜ୍ରିୱାଲ ନୂଆଦିଲ୍ଲୀ ବିଧାନସଭା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିଲା ବେଳେ ଏଠାରେ ବିଜେପି ପକ୍ଷରୁ ପରଭେଶ ବର୍ମା ପ୍ରାର୍ଥୀ ହୋଇଛନ୍ତି । ତେବେ ଶନିବାର କେଜ୍ରିୱାଲ ତାଙ୍କ ନିର୍ବାଚନ ମଣ୍ଡଳୀରେ ପ୍ରଚାର କରୁଥିଲା ବେଳେ ପରଭେଶଙ୍କ ସମର୍ଥକମାନେ ତାଙ୍କ ଗାଡି ଉପରକୁ ଟେକା ପଥର ମାଡ଼ କରି ତାଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିବା ଆପ୍ ଅଭିଯୋଗ କରିଛି । କେଜ୍ରିୱାଲ ଯେଭଳି ପ୍ରଚାର କରି ନ ପାରିବେ ସେଥିପାଇଁ ମଧ୍ୟ ଉଦ୍ୟମ କରାଯାଇଛି ବୋଲି ଆପ୍ ‘ଏକ୍ସ’ରେ ପୋଷ୍ଟ କରି ଅଭିଯୋଗ କରିଛି । ଅନ୍ୟପକ୍ଷରେ କେଜ୍ରିୱାଲଙ୍କ ପ୍ରଚାର ଅଭିଯାନ ସମୟରେ ତିନି ଯୁବକଙ୍କ ଉପରେ ଗାଡି ଚଢାଇ ଦେବାକୁ ଉଦ୍ୟମ ହୋଇଥିଲା ବୋଲି ପରଭେଶ ବର୍ମା କହିଛନ୍ତି। ସେ କହିଛନ୍ତି ଯେ, ନୂଆଦିଲ୍ଲୀ ବିଧାନସଭା ମଣ୍ଡଳକୁ କେଜ୍ରିୱାଲ ପ୍ରଚାର କରିବାକୁ ଯାଇଥିଲା ବେଳେ ତାଙ୍କୁ ବହୁ ଯୁବକ ବିରୋଧ କରିଥିଲେ।

## ଭାରତ-ବାଂଲାଦେଶ ସୀମାରେ ଉତ୍ତେଜନା

ନୂଆଦିଲ୍ଲୀ, ୧୮ ।୧(ଏଜେନ୍ସି): ପଶ୍ଚିମବଙ୍ଗର ମାଲଦା ଜିଲ୍ଲାକୁ ଲାଗି ଭାରତ-ବାଂଲାଦେଶ ସୀମାସ୍ଥିତ ସୁଖଦେବପୁର ବିଏସଏଫ ପୋଷ୍ଟ ନିକଟରେ ଉଭୟ ପଟର ଚାଷୀମାନଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଛି । ବାଂଲାଦେଶର କିଛି ଚାଷୀ ଭାରତ ପଟକୁ ଆସି ସେଠାକାର ଚାଷୀଙ୍କ ଫସଲ ନେଇ ଯାଇଥିବା ଅଭିଯୋଗ ଉଠିବା ପରେ ଉଭୟ ପଟର ଚାଷୀମାନଙ୍କ ମଧ୍ୟରେ କିଛି ସମୟ ପାଇଁ ସଂଘର୍ଷ ହୋଇଥିଲା । ତେବେ ବିଏସଏଫ ଏବଂ ବାଂଲାଦେଶ ସୀମା ସୁରକ୍ଷାବଳ ଘଟଣାସ୍ଥଳରେ ପହଞ୍ଚି ହସ୍ତକ୍ଷେପ କରିବା ପରେ ସ୍ଥିତି ସ୍ୱାଭାବିକ ହୋଇଥିବା ଜଣାପଡ଼ିଛି ।

## ତେଜସ୍ୱୀଙ୍କ ହାତରେ ଆରଜେଡି ନେତୃତ୍ୱ



ପାଟନା, ୧୮ ।୧ (ଏଜେନ୍ସି) : ଆରଜେଡିକୁ ନେଇ ଏବେ ଲାଲୁ ପ୍ରସାଦ ଯାଦବଙ୍କ ଯୁଗ ଶେଷ ହେବାକୁ ଯାଉଛି । ଦଳୀୟ ନେତୃତ୍ୱ ଦାୟିତ୍ୱ ତେଜସ୍ୱୀ ଯାଦବଙ୍କ ହାତରେ ଦେବାକୁ ଦଳ ନିଷ୍ପତ୍ତି ନେଇଛି । ଶନିବାର ପାଟନାରେ ଅନୁଷ୍ଠିତ ଆରଜେଡି କାର୍ଯ୍ୟକାରିଣୀ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଦଳୀୟ ସମ୍ବିଧାନ ସଂଶୋଧନ ପାଇଁ ଆଗତ ପ୍ରସ୍ତାବ ଜାତୀୟ କାର୍ଯ୍ୟକାରିଣୀରେ ପାରିତ ହେବା ସହିତ ଦଳରେ ଲାଲୁ ଯାଦବଙ୍କୁ ଯେଉଁ ଅଧିକାର ମିଳିଥିଲା ତାହା ଏବେ ତେଜସ୍ୱୀ ଯାଦବଙ୍କୁ ମଧ୍ୟ ଦିଆଯାଇଛି। ବୈଠକରେ ଦଳର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଆଲୋକ ମେହେଟ୍ଟା ଦଳୀୟ ସମ୍ବିଧାନରେ ସଂଶୋଧନ ପାଇଁ ଯେଉଁ ପ୍ରସ୍ତାବ ଦେଇଥିଲେ ତାହା ସର୍ବସମ୍ମତିକ୍ରମେ ପାରିତ ହୋଇଥିଲା। ତେଜସ୍ୱୀ ଯାଦବ ଏବେ ନିର୍ବାଚନରେ ଯାହାକୁ ଚାହିଁବେ ତାଙ୍କୁ ଦଳୀୟ ଚିହ୍ନ ଦେଇପାରିବେ ଏବଂ ଦଳ ସହ ଜଡିତ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ମଧ୍ୟ ନେଇପାରିବେ ବୋଲି କୁହାଯାଇଛି।

### ପ୍ରୟାଗରାଜ ମହାକୁମ୍ଭ

## ଷଷ୍ଠ ଦିନରେ ୫୦ ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ

ପ୍ରୟାଗରାଜ,୧୮ ।୧(ଏଜେନ୍ସି) : ପ୍ରୟାଗରାଜ ମହାକୁମ୍ଭକୁ ଦିନକୁ ଦିନ ଶ୍ରଦ୍ଧାଳୁଙ୍କ ଆଗମନ ବଢିପାରେ ଲାଗିଛି । ମହାକୁମ୍ଭର ଷଷ୍ଠ ଦିବସରେ ଶନିବାର ୫୦ ଲକ୍ଷରୁ ଅଧିକ ଶ୍ରଦ୍ଧାଳୁ ପବିତ୍ର ତ୍ରିବେଣୀ ସଙ୍ଗମରେ ସ୍ନାନ କରିଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ

- ବୁଡ଼ ପକାଇଲେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ
- ମହାକୁମ୍ଭରେ ସାମିଲ ହୋଇପାରନ୍ତି ଏଲନ ମସ୍କ



ରାଜନାଥ ସିଂ ଶନିବାର ସ୍ନାନ କରିବା ସହିତ ବିଦେଶାଗତ ବହୁ ଶ୍ରଦ୍ଧାଳୁ ମଧ୍ୟ ବୁଡ଼ ପକାଇଛନ୍ତି। ବର୍ତ୍ତମାନ ସୁଦ୍ଧା ତ୍ରିବେଣୀ ସଙ୍ଗମରେ ବୁଡ଼ ପକାଇଥିବା ଶ୍ରଦ୍ଧାଳୁଙ୍କ ସଂଖ୍ୟା ୭ କୋଟିରେ ପହଞ୍ଚିଥିବା କୁହାଯାଇଛି। ମହାକୁମ୍ଭରେ ସାଧାରଣ ଶ୍ରଦ୍ଧାଳୁଙ୍କ ବ୍ୟତୀତ ବିଭିନ୍ନ ସ୍ଥାନରୁ ଆସିଥିବା ସାଧୁ, ସନ୍ଥଙ୍କ ମେଳି ଚାଲିଛି । ପ୍ରମୁଖ ୧୩ ଆଖଡ଼ାର ସାଧୁ ଏବଂ ମହନ୍ତଙ୍କ ବିଭିନ୍ନ କାର୍ଯ୍ୟକ୍ରମ ଶ୍ରଦ୍ଧାଳୁମାନଙ୍କୁ ଆକର୍ଷିତ କରିଛି । ତେବେ ଏଠାକୁ ଆସୁଥିବା ସାଧୁ ଓ ସନ୍ନ୍ୟାସୀଙ୍କ ଆଶ୍ଚର୍ଯ୍ୟଜନକ ରୂପ ଶ୍ରଦ୍ଧାଳୁ ଓ ଭକ୍ତମାନଙ୍କ ପାଇଁ ସବୁଠୁ ଅଧିକ ଆକର୍ଷଣୀୟ ହୋଇଛି ।

ପ୍ରତିରକ୍ଷା ମନ୍ତ୍ରୀଙ୍କ ଗସ୍ତକୁ ନେଇ ପ୍ରୟାଗରାଜରେ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରାଯାଇଥିଲା । ସହରରେ କୌଣସି ସ୍ତରରେ ଶୋଭାଯାତ୍ରା କିମ୍ବା ବିକ୍ଷୋଭ କରାଯିବା ଉପରେ ପୁଲିସ ରୋକ୍ ଲଗାଥିଲା ବେଳେ ଡ୍ରୋନ ଉଡାଣ ଉପରେ ମଧ୍ୟ ବ୍ୟାନ୍ ଘୋଷଣା କରିଥିଲା । ତ୍ରିବେଣୀ ସଙ୍ଗମରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ବୁଡ଼ ପକାଇବା ପରେ ମହାକୁମ୍ଭକୁ ଭାରତୀୟତାର ଏକ ଶ୍ରେଷ୍ଠ ପ୍ରଦର୍ଶନ ବୋଲି କହିଥିଲେ । ଆଗାମୀ ଦିନରେ ଦେଶ ବିଦେଶରୁ ଏହି ମେଳାକୁ ଆହୁରି ଶ୍ରଦ୍ଧାଳୁଙ୍କ ଆଗମନ ହେବାକୁ ଥିବାରୁ ଏହା ଭାରତୀୟ ଏବଂ ବିଦେଶୀ ଲୋକଙ୍କ ମଧ୍ୟରେ ଆଧ୍ୟାତ୍ମିକ ଚେତନାବୋଧକୁ ନେଇ ଆହୁରି ଉତ୍ସାହ ଆଣିବ ବୋଲି ସେ କହିଥିଲେ ।

## କୁମ୍ଭାଶ୍ଚର୍ଯ୍ୟ... ଚର୍ଚ୍ଚାରେ ‘ଗୋଲଡେନ୍ ବାବା’, ‘ଚାଏ ୱାଲା ବାବା’

ମହାକୁମ୍ଭରେ ପୂର୍ବରୁ ଆଇଆଇଟି ବାବା, ମସ୍କୁଲାର ବାବା ଶ୍ରଦ୍ଧାଳୁଙ୍କ ମଧ୍ୟରେ ଆକର୍ଷଣ ସୃଷ୍ଟି କରିଥିଲା ବେଳେ ଏବେ ସବୁଠୁ ଚର୍ଚ୍ଚାରେ ରହିଛନ୍ତି ଗୋଲଡେନ୍ ବାବା ଏବଂ ‘ ଚାୟ ୱାଲା ବାବା’ । ଗୋଲ୍ଡେନ ବାବାଙ୍କ ପ୍ରକୃତ ନାମ ହେଉଛି ଏସ୍ କେ ନାରାୟଣ ଗିରି ଜୀ ମହାରାଜ । ଯିଏ ମୂଳତଃ କେରଳରୁ ଆସିଛନ୍ତି । ବର୍ତ୍ତମାନ ସେ ଦିଲ୍ଲୀରେ ରହିବା ସହିତ ନିରଞ୍ଜନୀ ଆଖଡ଼ା ସହିତ ଜଡିତ ରହିଛନ୍ତି। କିନ୍ତୁ ସେ ମହାକୁମ୍ଭର ସବୁଠୁ ଦାମୀ ବାବା ଭାବେ ପରିଚିତି ଲାଭ କରିଛନ୍ତି ।ସେ ନିଜ ଶରୀରରେ କୋଟି କୋଟି ଟଙ୍କାର ସୁନା ଅଳଙ୍କାର ଧାରଣ କରି ଅଧିକ ଚର୍ଚ୍ଚିତ ହୋଇପଡ଼ିଛନ୍ତି। ଏଥିପାଇଁ ସେ ଗୋଲଡେନ୍ ବାବା ନାମରେ ବିଭିନ୍ନ ସୋସିଆଲ ମିଡିଆରେ ଭାଇରାଲ ହୋଇଛନ୍ତି। ସେ ପ୍ରାୟ ୪ କିଲୋଗ୍ରାମ ଓଜନର ସ୍ୱର୍ଣ୍ଣ ଅଳଙ୍କାର ପିନ୍ଧି ଥିଲା ବେଳେ ଏହାର ମୂଲ୍ୟ ପାଖାପାଖି ୬ କୋଟି ଟଙ୍କା ହେବ । ବାବା ପ୍ରତ୍ୟେକ ଅଙ୍ଗରେ ଭିନ୍ନ ଭିନ୍ନ ଅଳଙ୍କାର ଧାରଣ କରିଥିଲା ବେଳେ ଏହାର ଚମକ ଶ୍ରଦ୍ଧାଳୁମାନଙ୍କୁ ବେଶ ଆକର୍ଷିତ କରିଛି । ହାତରେ ସୁନା ମୁଦି, କଙ୍କଣ, ଘଣ୍ଟା ଏବଂ ଏକ ସୁନାର ବାଡି ମଧ୍ୟ ଅଛି । ବାଡ଼ିରେ ଦେବା-ଦେବୀଙ୍କ ଲକେଟ୍ ମଧ୍ୟ ରହିଛି । ୬୭ ବର୍ଷୀୟ ଗୋଲଡେନ୍ ବାବା ରବିନ୍ଦ୍ର ପୁରୀ ମହାରାଜଙ୍କଠାରୁ ଦୀକ୍ଷା ଗ୍ରହଣ କରି ନିରଞ୍ଜନୀ ଆଖଡ଼ା ସହ ଜଡ଼ିତ ରହିଛନ୍ତି । ସେ ଶିକ୍ଷା କ୍ଷେତ୍ରରେ ମଧ୍ୟ କାମ କରୁଛନ୍ତି। ଧର୍ମ ଏବଂ ଶିକ୍ଷାକୁ ନେଇ ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିହେବ ବୋଲି ସେ କୁହନ୍ତି ।





ଗୋଲ୍ଡେନ ବାବାଙ୍କ ଭଳି ‘ ଚାଏୱାଲା ବାବା’ ଭାବେ ପରିଚିତ ଆଉ ଜଣେ ବାବା ମଧ୍ୟ ମହାକୁମ୍ଭରେ ବେଶ ଚର୍ଚ୍ଚାରେ ରହିଛନ୍ତି। ଏହି ଚାଏୱାଲା ବାବା’ଙ୍କ ଅସଲି ନାମ ହେଉଛି ଦୀନେଶ ସ୍ୱରୂପ ବ୍ରହ୍ମଚାରୀ । ସେ ‘ ନିରବ ବାବା’ ନାମରେ ମଧ୍ୟ ପରିଚିତ । ଦୀନେଶ ସ୍ୱରୂପ ମହାରାଜ ଏକଦା ଚା’ ବିକ୍ରି କରୁଥିଲା ବେଳେ ଦିନକୁ କେବଳ ୧୦ କପ୍ ଚାପ ପି’ ହିଁ ଜୀବନଧାରଣ କରିଥାଆନ୍ତି। କୌଣସି ସମୟରେ ସେ କିଛି କଠିନ ଖାଦ୍ୟ ଖାଆନ୍ତି ନାହିଁ। କିନ୍ତୁ ସଦା ସର୍ବଦା ନିରବ ରହୁଥିବାରୁ ତାଙ୍କୁ ‘ ସାଇଲେନ୍ସ ବାବା’ ମଧ୍ୟ କୁହାଯାଏ । ତେବେ ସବୁଠୁ ବଡ଼ କଥା ହେଲା ସେ ବିଗତ ୪୦ ବର୍ଷ ଧରି ଆଇଏଏସ୍ ଆଶାୟୀଙ୍କୁ ଦିଗ୍‌ଦର୍ଶନ ଦେଇ ଆସିଛନ୍ତି। ସେ କଥା କହୁ ନଥିଲେ ମଧ୍ୟ ନିଜର ଭାବ ପ୍ରକାଶ ଏବଂ ହ୍ୱାଟସ୍‌ଆପ୍ ମାଧ୍ୟମରେ ଶିକ୍ଷାର୍ଥୀଙ୍କୁ ନାନା ଦିଗରେ ସଫଳତା ହାସଲ ପାଇଁ ପ୍ରେରଣା ଦେଇଥାଆନ୍ତି।

# ବିଜେପିରେ ଛକାପଞ୍ଝା

## ବିଳମ୍ବିତ ହେବ ରାଜ୍ୟ ସଭାପତି ନିର୍ବାଚନ!

**୧୫ ତାରିଖ ମଧ୍ୟରେ ଜିଲ୍ଲା ସଭାପତି ଚୟନ ନୋହିଲା**

**ଶୀର୍ଷ ନେତୃତ୍ୱଙ୍କ ଫତୁଆ, ଗଣମାଧ୍ୟମ ଆଗରେ ମୁହଁ ଖୋଲନି**

ଭୁବନେଶ୍ୱର, ୧୮।୧(ସମିସ): ଯେତେ ଢାଙ୍କିବାକୁ ଚେଷ୍ଟାକଲେ ମଧ୍ୟ ରାଜ୍ୟ ବିଜେପିରେ ଗୋଷ୍ଠୀକନ୍ଦଳ ଲୁଚୁନାହିଁ। ପ୍ରଭାବ ବିସ୍ତାର ପାଇଁ ଦୁଇ ପ୍ରମୁଖ ଗୋଷ୍ଠୀଙ୍କ ମଧ୍ୟରେ ଶୀତଳ ଯୁଦ୍ଧ, ଛକାପଞ୍ଝା ବାହାରକୁ ଜଳଜଳ ଦିଶୁଛି। ଶୀର୍ଷ ସ୍ତରରେ ଏହି ଗୋଷ୍ଠୀ କନ୍ଦଳ ଜିଲ୍ଲା, ମଣ୍ଡଳ ସ୍ତରୀୟ ରାଜନୀତିକୁ ପ୍ରଭାବିତ କରିଥିବା ବେଳେ ଏହା ଏବେ ନେତୃତ୍ୱଙ୍କ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କଲାଣି। ବାରମ୍ବାର ତାରିଖ ଗଡ଼ିବା ସତ୍ତ୍ୱେ ବିଜେପି ପକ୍ଷରୁ ଏଯାବତ୍ ସବୁଆଡ଼େ ମଣ୍ଡଳ ସଭାପତି ନିଯୁକ୍ତ କରାଯାଇ ପାରିଲା ନାହିଁ। ସେହିପରି ୧୭ ତାରିଖ ସୁଦ୍ଧା ଜିଲ୍ଲା ସଭାପତି ନିଯୁକ୍ତ କରିବାକୁ ତାରିଖ ଧାର୍ଯ୍ୟ ହୋଇଥିଲେ ହେଁ ୩୬ ସାଂଗଠନିକ ଜିଲ୍ଲାରେ ଜଣେହେଲେ ସଭାପତି ନିଯୁକ୍ତ ହୋଇପାରି ନାହାନ୍ତି। ତୃଣମୂଳ ସ୍ତରରେ ସାଂଗଠନିକ ନିର୍ବାଚନ ବିଳମ୍ବ ହେବା କାରଣରୁ ଏହାର ସିଧାସଳଖ ପ୍ରଭାବ ରାଜ୍ୟ ବିଜେପି ସଭାପତି ଚୟନ, ବିଭିନ୍ନ ନିଗମ ଏବଂ ବୋର୍ଡ ନିଯୁକ୍ତିକୁ ମଧ୍ୟ ପ୍ରଭାବିତ କରୁଛି। ସାଧାରଣ ନିର୍ବାଚନରେ ଅପ୍ରତ୍ୟାଶିତ ସଫଳତା ପାଇଥିବା ଏହି ଜାତୀୟ ଦଳରେ କ୍ଷମତା ଲଢ଼େଇ ଏବେ ରାଜ୍ୟ ରାଜନୀତିକୁ ବେଶ୍ ସରଗରମ୍ କରିଛି।

ପ୍ରଥମେ ଚଳିତ ମାସ ୧୫ ତାରିଖ ମଧ୍ୟରେ ରାଜ୍ୟକୁ ନୂଆ ବିଜେପି ମୁଖିଆ ମିଳିବ ବୋଲି କହିଥିଲେ ରାଜ୍ୟ ବିଜେପି ପ୍ରଭାରୀ ବିଜୟ ପାଲ୍ ସିଂ ତୋମାର। ଏହାପରେ ଏହି ତାରିଖକୁ ଆସନ୍ତା ୨୫ ତାରିଖକୁ ଘୁଞ୍ଚାଇ ଦିଆଗଲା। ଏପରିକି ୧୭ ତାରିଖ ସୁଦ୍ଧା ରାଜ୍ୟରେ ଦଳର ସମସ୍ତ ୩୭ଟି ସାଂଗଠନିକ ଜିଲ୍ଲାରେ ସଭାପତି ନିଯୁକ୍ତ ହେବେ ବୋଲି ରାଜ୍ୟ ନିର୍ବାଚନ ଅଧିକାରୀ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଦମ୍ଭୋକ୍ତି ପ୍ରକାଶ କରିଥିଲେ। ମାତ୍ର ବିଜେପି ମଧ୍ୟରେ ଚାଲିଥିବା ଅନ୍ତଃକନ୍ଦଳ କାରଣରୁ ନିର୍ବାଚନ ପ୍ରକ୍ରିୟା ସଂପନ୍ନ ହୋଇ ପାରୁନାହିଁ।

ରାଜନୈତିକ ମହଲରେ ହେଉଥିବା ଚର୍ଚ୍ଚା ଅନୁସାରେ, ଗୋଟିଏ ଗୋଷ୍ଠୀ ବର୍ତ୍ତମାନର ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ସମର୍ଥନ କରୁଥିବାବେଳେ ଅପର ଗୋଷ୍ଠୀଟି ସେମାନଙ୍କ କ୍ୟାମ୍ପରୁ ଜଣେ ରାଜ୍ୟ ଦାୟିତ୍ୱ ତୁଲାନ୍ତୁ ବୋଲି ଜିଦ୍ ଧରି ବସିଛନ୍ତି। ଖାଲି ରାଜ୍ୟ ସଭାପତି ନୁହେଁ; ଜିଲ୍ଲା ସଭାପତି ନିର୍ବାଚନରେ ମଧ୍ୟ ଉଭୟ ଗୋଷ୍ଠୀ ନିଜ ନିଜ ପସନ୍ଦର ନେତାଙ୍କୁ ସଭାପତି ପଦରେ ଆସୀନ କରିବାକୁ ଗୋଟିଚାଳନା କରୁଥିବା ମଧ୍ୟ ଚର୍ଚ୍ଚା ହେଉଛି।

ସଂଗଠନରେ ନିଜର ଦବ୍‌ଦବା ପାଇଁ ଦୁଇ ଗୋଷ୍ଠୀ ଆପ୍ରାଣ ଉଦ୍ୟମ ଜାରି ରଖିଥିବା ବେଳେ ତୃଣମୂଳ ସ୍ତରରେ କର୍ମୀ ମଧ୍ୟ ବର୍ତ୍ତମାନ ଦୁଇ ଦଳରେ ବିଭକ୍ତ ହୋଇଛନ୍ତି। ଫଳସ୍ୱରୂପ ସହମତି ଭିତ୍ତିରେ ଜିଲ୍ଲା ସଭାପତି ଚୟନ ହୋଇପାରୁ ନଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

ଅପରପକ୍ଷେ ଦଳରେ ଚାଲିଥିବା ଏପରି ଛକାପଞ୍ଝାକୁ ନେଇ ଖୁବ୍ ଚିନ୍ତିତ ଏବଂ ଅସନ୍ତୁଷ୍ଟ ଅଛନ୍ତି ଦଳର ଜାତୀୟ ନେତୃତ୍ୱ। ଗତ ୧୪ ତାରିଖରେ ବିଜେପିର କୋର୍ କମିଟି ସହ ରାଜ୍ୟ ବିଜେପିର ୩-୪ ଜଣ ନେତାଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିବା ବେଳେ ଏନେଇ ବ୍ୟାପକ ଭାବେ ଆଲୋଚନା ହୋଇଥିବା ଜଣାପଡ଼ିଛି। ଦଳ ଭିତରେ ଅସନ୍ତୋଷ ଏତେ ଉଗ୍ର ହେଲାଣି ଯେ ଆଗକୁ ଏହା ସଂଗଠନ ପାଇଁ ବିପଦ ସୃଷ୍ଟି କରିପାରେ। ଏଭଳି ଆଶଙ୍କାକୁ ଆଖି ଆଗରେ ରଖି ରାଜ୍ୟ ନେତାମାନଙ୍କୁ ତାଗିଦ କରିଛନ୍ତି ହାଇକମାଣ୍ଡ। ଗଣମାଧ୍ୟମ ଆଗରେ ଏନେଇ ଆଦୌ ମୁହଁ ନ ଖୋଲିବାକୁ ଶୀର୍ଷ ନେତୃତ୍ୱ ଫତୁଆ ଜାରି କରିରିଥିବା ଜଣାପଡ଼ିଛି। ତେବେ ଫତୁଆକୁ ମାନି ଦଳର ରାଜ୍ୟସ୍ତରୀୟ ନେତା ସାଂଗଠନିକ ନିର୍ବାଚନ, ନିଗମ, ବୋର୍ଡ ନିଯୁକ୍ତିକୁ ନେଇ ମୁହଁ ଖୋଲୁ ନଥିଲେ ମଧ୍ୟ ସେମାନଙ୍କ ମଧ୍ୟରେ ଥିବା ଅସନ୍ତୋଷ ଜଳଜଳ ଜଣାପଡୁଛି।

ଇତିମଧ୍ୟରେ ରାଜ୍ୟ ସଭାପତି ମନମୋହନ ସାମଲ ଦିଲ୍ଲୀରେ କେନ୍ଦ୍ରୀୟ ନେତାମାନଙ୍କ ସହ ଆଲୋଚନା କରି ଆଜି ଭୁବନେଶ୍ୱର ଫେରିଆସିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଆସନ୍ତା ୨୫ ତାରିଖ ସୁଦ୍ଧା ରାଜ୍ୟ ବିଜେପିକୁ ନୂଆ ମଙ୍ଗୁଆଳ ମିଳି ନ ପାରନ୍ତି। ରାଜ୍ୟରେ ସାଂଗଠନିକ ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତି ପାଇଥିବା ସାଂସଦ ସଞ୍ଜୟ ଜୟସ୍ୱାଲ ମଧ୍ୟ ଏଯାବତ୍ ଓଡ଼ିଶା ଆସିନାହାନ୍ତି। ତେଣୁ ରାଜ୍ୟ ବିଜେପି ସଭାପତି ଆସନ୍ତା ଫେବୃଆରୀ ମାସ ଯାଏଁ ଗଡ଼ିଯାଇପାରେ ବୋଲି ଅନୁମାନ କରୁଛନ୍ତି ରାଜନୈତିକ ବିଶେଷଜ୍ଞ।

ଅନ୍ୟପକ୍ଷରେ ସାଂଗଠନିକ ନିର୍ବାଚନକୁ ନେଇ ଦଳ ମଧ୍ୟରେ ଏତେ ଟଣା ଓଟରା ଥିବାବେଳେ ଆଗାମୀ ଦିନରେ ନିଗମ, ବୋର୍ଡରେ ଅଧ୍ୟକ୍ଷ, ଉପଦେଷ୍ଟା ଓ ସଦସ୍ୟ ପଦ ନିଯୁକ୍ତିରେ ଗୋଷ୍ଠୀକନ୍ଦଳ ଆହୁରି ତୀବ୍ର ହୋଇପାରେ ବୋଲି କର୍ମୀମହଲରେ ଆଶଙ୍କା ପାଇଲାଣି। ପଦବୀ ହାତେଇବାକୁ ଦଳ ମଧ୍ୟରେ ମାଳମାଳ ଆଶାୟୀ ଥିବାବେଳେ ଦଳ କାହାକୁ କେମିତି ସନ୍ତୁଷ୍ଟ କରୁଛି, ତାହା ସଂପୂର୍ଣ୍ଣ ରୂପେ ହାଇକମାଣ୍ଡଙ୍କ ଉପରେ ନିର୍ଭର କରୁଛି। ତେବେ ପ୍ରଥମ ଥର ଲାଗି ରାଜ୍ୟରେ ନିଜ ଦମ୍‌ରେ କ୍ଷମତାକୁ ଆସିଥିବା ଦଳ ପାଇଁ ଏହା ଆଦୌ ଶୁଭଙ୍କର ନୁହେଁ ବୋଲି ମତ ଦେଇଛନ୍ତି ରାଜନୈତିକ ବିଶେଷଜ୍ଞ।

## ବିଜେପି ଛାଡ଼ି ବିଜେଡିରେ ସାମିଲ ହେଲେ ହିଞ୍ଜିଳିର ଶତାଧିକ ନେତା ଓ କର୍ମୀ



ଭୁବନେଶ୍ୱର,୧୮ ।୧(ସମିସ): ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ହିଞ୍ଜିଳି ନିର୍ବାଚନମଣ୍ଡଳୀର ବୁରୁପଡ଼ା ସରପଞ୍ଚ ସନ୍ତୋଷିନୀ ବେହେରାଙ୍କ ସମେତ ନାଏବ ସରପଞ୍ଚ, ୱାର୍ଡମେମ୍ବର ଓ ଶତାଧିକ ବିଜେପି କର୍ମୀ ଆଜି ଶଙ୍ଖଭବନଠାରେ ବିଜୁ ଜନତା ଦଳର କ୍ରିୟାନ୍ୱୟନ ଓ ସମନ୍ୱୟ କମିଟି ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଦଳରେ ସାମିଲ୍ ହୋଇଥିବା ସମସ୍ତ ବିଜେପି କର୍ମୀଙ୍କୁ ଶ୍ରୀ ମିଶ୍ର ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ। ଏହି ମିଶ୍ରଣ ପର୍ବରେ ବିଜୁ ଜନତା ଦଳର କାର୍ଯ୍ୟକ୍ରମ ରୂପାୟନ କମିଟି ଆବାହକ ସଞ୍ଜୟ ଦାସବର୍ମା, ସଭ୍ୟ ସଂଗ୍ରହ ଅଭିଯାନ ଆବାହକ ଅତନୁ ସବ୍ୟସାଚୀ ନାୟକ, ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ, ମିଡିଆ ସଂଯୋଜକ ଡଃ ଲେନିନ୍ ମହାନ୍ତି, ଡଃ ପ୍ରିୟବ୍ରତ ମାଝୀ ପ୍ରମୁଖ ଉପସ୍ଥିତ ରହି ସ୍ୱାଗତ କରିଥିଲେ।

ଏହି ଅବସରରେ ବିଜେଡିରେ ସାମିଲ୍ ହୋଇଥିବା ସରପଞ୍ଚ ସନ୍ତୋଷିନୀ ବେହେରା ନିଜ ପ୍ରତିକ୍ରିୟାରେ କହିଛନ୍ତି, ବିଗତ ୭ ମାସ ହେଲା ବିଜେପି ପଞ୍ଚାୟତ ସ୍ତରରେ କିଛି ଉନ୍ନତିମୂଳକ କାର୍ଯ୍ୟ କରୁନାହାନ୍ତି। ଯାହା କହିଥିଲେ ତା'ର ଓଲଟା କାମ କରୁଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି, ଆଦର୍ଶ ଓ କାର୍ଯ୍ୟଧାରାରେ ଅନୁପ୍ରାଣିତ ହୋଇ ଆମେ ସମସ୍ତେ ବିଜୁ ଜନତା ଦଳରେ ସାମିଲ ହେବା ପାଇଁ ନିଷ୍ପତ୍ତି ନେବା ପରେ ଆଜି ନବୀନ ନିବାସରେ ବିଜେଡି ସୁପ୍ରିମୋଙ୍କୁ ଦେଖା କଲୁ। ଲୋକଙ୍କ ପାଇଁ କାମ କରିବା ଲାଗି ଶ୍ରୀ ପଟ୍ଟନାୟକ ଆମକୁ ପରାମର୍ଶ ଦେଲେ। ବିଜୁ ଜନତା ଦଳରେ ସାମିଲ ହୋଇ ଆମେ ବହୁତ ଖୁସି ଅନୁଭବ କରୁଛୁ ବୋଲି ଶ୍ରୀମତୀ ବେହେରା କହିଥିଲେ।

ଶଙ୍ଖ ଭବନରେ ଆୟୋଜିତ ମିଶ୍ରଣ ପର୍ବରେ ନାଏବ ସରପଞ୍ଚ ରଞ୍ଜନ ସ୍ୱାଇଁ, ୱାଡର୍‌ମେମ୍ବର ସର୍ବଶ୍ରୀ ପୁନମ୍ ପାଲୋ, ଉମାରାଣୀ ପୋଲାଇ, ଜୟନ୍ତୀ ସାହୁ, ଅଭିମନ୍ୟୁ ଖାଟୋଇ, ଶରତ ଚନ୍ଦ୍ର ପଣ୍ଡା, ରିଙ୍କି ମୁନି, ଗଣେଶ ସେଠୀ, ପାଣ୍ଡି ପ୍ରଧାନ, ନିର୍ମଳ ବେହେରା ପ୍ରମୁଖ ବିଜେଡିରେ ସାମିଲ୍ ହୋଇ ଦଳର ସଭାପତି ଶ୍ରୀ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଥିଲେ।

# ଅକ୍ଷୟ ଶକ୍ତି ଉତ୍ପାଦନ ମୁହାଁ ଓଡ଼ିଶା

**୨୦୩୦ ମସିହା ସୁଦ୍ଧା ୭.୫ ଗିଗାୱାଟ୍ ସୌରଶକ୍ତି ଉତ୍ପାଦନ କରିବାକୁ ଲକ୍ଷ୍ୟ**

**ଭାସମାନ ସୌର ପ୍ରକଳ୍ପରୁ ଉତ୍ପାଦନ ହୋଇପାରିବ ୩୩.୫ ଗିଗାୱାଟ୍ ଶକ୍ତି**

**୫୧ଟି ମଧ୍ୟମ ଜଳଭଣ୍ଡାରରେ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଚାଲିଛି ଫିଜିବିଲିଟି ସର୍ଭେ**

ଭୁବନେଶ୍ୱର,୧୮।୧(ସମିସ): ରାଜ୍ୟରେ ଅକ୍ଷୟ ଶକ୍ତି ବିଶେଷକରି ସୌର ଶକ୍ତି କ୍ଷେତ୍ରରେ ବ୍ୟପାକ ସମ୍ଭାବନା ରହିଛି। ବିଶେଷକରି ଓଡ଼ିଶାର ଭୌଗଳିକ ସ୍ଥିତି ଏ କ୍ଷେତ୍ରରେ ସମ୍ଭାବନାକୁ ବହୁଗୁଣିତ କରିଥିବା ବେଳେ ବିଦାୟୀ ସରକାରଙ୍କ ଓଡ଼ିଶା ଅକ୍ଷୟ ଶକ୍ତି ନୀତି ମଧ୍ୟ ପ୍ରଭାବଶାଳୀ ପରିଲକ୍ଷିତ ହେଉଛି। ଏକ ଘରୋଇ ସଂସ୍ଥାର ଗବେଷଣା ରିପୋର୍ଟ ଅନୁଯାୟୀ ରାଜ୍ୟର ମୋଟ ୨୦୦ ଗିଗାୱାଟ ସୌର ଶକ୍ତି ଉତ୍ପାଦନ କ୍ଷମତା ରହିଛି। ଏଥିରୁ କେବଳ ୩୩.୫ ଗିଗାୱାଟ ଭାସମାନ ସୌର ପ୍ରକଳ୍ପରୁ ଉତ୍ପାଦନ ହୋଇପାରିବ ବୋଲି ଜଣାପଡ଼ିଛି। ଏହାକୁ ନଜରରେ ରଖି ରାଜ୍ୟ ସରକାର ଭାସମାନ ସୌର ପ୍ରକଳ୍ପ ପାଇଁ ଥିବା ଗାଇଡାଲାଇନରେ ଆବଶ୍ୟକୀୟ ସଂଶୋଧନ ମଧ୍ୟ କରୁଛନ୍ତି।

ଓଡ଼ିଶା ୨୦୩୦ ମସିହା ସୁଦ୍ଧା ମୋଟ ୧୦.୯୫ ଗିଗାୱାଟ ଅକ୍ଷୟ ଶକ୍ତି ଉତ୍ପାଦନ ଲକ୍ଷ୍ୟ ରଖିଥିଲା ବେଳେ ଏଥିରେ ସିଂହଭାଗ ଭୂମିକା ସୌରଶକ୍ତିର ରହିବ। ବିଭିନ୍ନ ସୌର ପ୍ରକଳ୍ପ ମାଧ୍ୟମରେ ୭.୫ ଗିଗାୱାଟ ଶକ୍ତି ଉତ୍ପାଦନ କରିବାକୁ ବୃହତ୍ ଲକ୍ଷ୍ୟ ରଖାଯାଇଛି। ଏଥିରେ ଭାସମାନ ସୌର ପ୍ରକଳ୍ପର ପ୍ରମୁଖ ଭୂମିକା ରହିଛି। ଭାରତୀୟ ମହାକାଶ ବିଜ୍ଞାନ ଗବେଷଣା ସଂସ୍ଥା(ଇସ୍ରୋ)ର ଏନ୍‌ଆର୍‌ଏସ୍‌ସି ସର୍ଭେ ଅନୁସାରେ, ରାଜ୍ୟରେ ପ୍ରାୟ ୬୭୦ ବର୍ଗ କିଲୋମିଟର ପରିବ୍ୟାପ୍ତ ଅଞ୍ଚଳରେ ଛୋଟବଡ଼କୁ ମିଶାଇ ମୋଟ ୭୪୪୪ଟି ଜଳଭଣ୍ଡାର, ହ୍ରଦ ଓ ପୁଷ୍କରିଣୀ ରହିଛି। ଏହାକୁ ସଠିକ୍ ଭାବେ ଉପଯୋଗ କରାଯାଇ ଭାସମାନ ସୌର ପ୍ରକଳ୍ପ କାର୍ଯ୍ୟାନ୍ୱୟନ କରାଗଲେ ଓଡ଼ିଶାରେ ୩୩.୫ ଗିଗାୱାଟ୍ ସୌର ଶକ୍ତି ଉତ୍ପାଦନ ହୋଇପାରିବ। ବିଶେଷକରି କୋରାପୁଟ, ବଲାଙ୍ଗିର, ସୁନ୍ଦରଗଡ଼, ଅନୁଗୋଳ, ଢେଙ୍କାନାଳ, ମାଲକାନଗିରି, ରାୟଗଡ଼ା ଓ କେନ୍ଦୁଝର ଜିଲ୍ଲାରେ ଭାସମାନ ସୌର ପ୍ରକଳ୍ପ ପାଇଁ ବେଶ୍ ସମ୍ଭାବନା ରହିଥିବା ଜଣାପଡ଼ିଛି। ଏ ଧରଣର ପ୍ରକଳ୍ପ ପାଇଁ ଏକ ଜଳଭଣ୍ଡାର କମିଟି ଗଠନ କରାଯାଇଥିବା ବେଳେ ଏହା ପ୍ରକଳ୍ପ ସ୍ଥାନ ଚିହ୍ନଟ ଏବଂ ସ୍ଥାପନ ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିବ।

ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ କମିଟି ପ୍ରାଥମିକ ଭାବେ ହୀରାକୁଦ, ରେଙ୍ଗାଲି, ଇନ୍ଦ୍ରାବତୀ ଜଳଭଣ୍ଡାରରେ ଭାସମାନ ସୌର ପ୍ରକଳ୍ପ ପାଇଁ ଜିଆଇଏସ୍ ମ୍ୟାପିଂ ଚୂଡ଼ାନ୍ତ କରିଥିବା ବେଳେ ଏଠାରେ ପ୍ରକଳ୍ପ ସ୍ଥାପନ କାର୍ଯ୍ୟ ଜାରି ରହିଛି। ଇତିମଧ୍ୟରେ ରାଜ୍ୟର ୫୧ଟି ମଧ୍ୟମ ଜଳଭଣ୍ଡାରରେ ପ୍ରକଳ୍ପ ସ୍ଥାପନ ପାଇଁ ଫିଜିବିଲିଟି ସର୍ଭେ କରିବାକୁ ପରାମର୍ଶଦାତା ନିଯୁକ୍ତ ମଧ୍ୟ ହୋଇଛନ୍ତି। ସେହିପରି ଆଗାମୀ ଦିନରେ ରାଜ୍ୟର ବୃହତ୍ ଜଳଭଣ୍ଡାରରୁ ୧୦୦୦ ମେଗାୱାଟ୍ କ୍ଷମତା ବିଶିଷ୍ଟ ଭାସମାନ ସୌର ପ୍ରକଳ୍ପ ସ୍ଥାପନ ପାଇଁ ଯୋଜନା ମଧ୍ୟ ପ୍ରସ୍ତୁତ କରାଯାଇଛି। ରାଜ୍ୟ ସରକାରଙ୍କ ଅକ୍ଷୟ ଶକ୍ତି ନୀତି- ୨୦୨୨ ସହ ସୌର ପ୍ଲାଣ୍ଟ ଏବଂ ସୌର ଉତ୍ପାଦନ କ୍ଷେତ୍ରରେ ଦିଆଯାଉଥିବା ପ୍ରୋତ୍ସାହନ ରାଶି ଏକ୍ଷେତ୍ରରେ ବେଶ୍ ଉପଯୋଗୀ ସାବ୍ୟସ୍ତ ହେଉଥିବା କୁହାଯାଉଛି। ରାଜ୍ୟରେ ସୌରଶକ୍ତି ଉତ୍ପାଦନ ପାଇଁ ବ୍ୟାପକ ସୁଯୋଗ ଏବଂ ସମ୍ଭାବନା ରହିଛି।

## ରାୟଗଡ଼ାରେ ସ୍ୱାମୀତ୍ୱ ଯୋଜନାର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ



**ସମ୍ପତ୍ତିପତ୍ରରେ ମହିଳାଙ୍କ ନାମ ଯୋଡ଼ାଯିବା ସଶକ୍ତୀକରଣର ଆଉ ଏକ ଉଦାହରଣ: ମୁଖ୍ୟମନ୍ତ୍ରୀ**

ରାୟଗଡ଼ା, ୧୮।୧(ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଆଭାସୀ ଜରିଆରେ ସ୍ୱତନ୍ତ୍ର ସ୍ୱାମୀତ୍ୱ ଯୋଜନାର ଇ-ସମ୍ପତ୍ତି କାର୍ଡ ବିତରଣ ଶୁଭାରମ୍ଭ କରିଛନ୍ତି। ଭାରତର ୫୦ ହଜାର ଗ୍ରାମର ୬୫ ଲକ୍ଷ ହିତାଧିକାରୀଙ୍କୁ ଏହି ସମ୍ପତ୍ତି କାର୍ଡ ବଣ୍ଟନ କରାଯିବ। ରାୟଗଡ଼ାର ବିଜୁ ପଟ୍ଟନାୟକ ଅଡିଟରିୟମ୍‌ଠାରେ ଏନେଇ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ଯେ ସ୍ୱାମୀତ୍ୱମାନେ କୌଣସି ସମ୍ପତ୍ତି କିମ୍ବା ସାଧନ ଉପରେ ଅଧିକାର ଜାହିର କରିବା, ଅର୍ଥାତ ସଂଶାଧନ ଉପରେ ଆଇନ ଅନୁଯାୟୀ ମାଲିକାନାସ୍ୱତ୍ୱ। ଓଡ଼ିଶାରେ ୨୦୨୧ ଫେବ୍ରୁଆରୀ ୫ ତାରିଖରେ ଏହି ଯୋଜନାର କାର୍ଯ୍ୟାନ୍ୱୟନ ପାଇଁ ଭାରତୀୟ ସର୍ବେକ୍ଷଣ ବିଭାଗ ସହ ଚୁକ୍ତି ସ୍ୱାକ୍ଷର ହୋଇଥିଲା। ୫ଟି ଜିଲ୍ଲା ଯଥା ରାୟଗଡ଼ା, ଝାରସୁଗୁଡ଼ା, ଗଜପତି, ଢେଙ୍କାନାଳ ଏବଂ ନବରଙ୍ଗପୁରର ମୋଟ ୩,୦୩୯ଟି ଗ୍ରାମରେ ସର୍ଭେ ଚାଲୁଛି। ତନ୍ମଧ୍ୟରୁ ୨,୭୨୧ଟି ଗ୍ରାମରେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ବର୍ତ୍ତମାନ ସୁଦ୍ଧା ରାୟଗଡ଼ା ଜିଲ୍ଲାର ୨ ହଜାର ୪୬୨ଟି ମୌଜା ଏବଂ ୨୭୯ଟି ପଡ଼ାରେ ସର୍ଭେ ସରିଛି। ଜିଲ୍ଲାର ସମୁଦାୟ ୨ ହଜାର ୮୭୦ଜଣଙ୍କୁ ସମ୍ପତ୍ତିପତ୍ର ମଧ୍ୟ ପ୍ରଦାନ କରାଯିବ। ପରିବାରର ମହିଳାମାନଙ୍କ ନାମ ସମ୍ପତ୍ତିପତ୍ରରେ ଯୋଡ଼ାଯିବା ଯୋଗୁଁ ମହିଳା ସଶକ୍ତୀକରଣ ଦିଗରେ ଏହା ଆଉ ଏକ ମାଇଲଖୁଣ୍ଟ ହୋଇପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ଏହି ଅବସରରେ ୧୦ଜଣ ହିତାଧିକାରୀଙ୍କୁ ଇ-ସମ୍ପତ୍ତି କାର୍ଡ ପ୍ରଦାନ କରାଯାଇଥିଲା। ହିତାଧିକାରୀ ଗଜେନ୍ଦ୍ର ସଙ୍ଗୀତ ପ୍ରଧାନମନ୍ତ୍ରୀଙ୍କ ସହ ବାର୍ତ୍ତାଳାପ କରିଥିବାରୁ ମୁଖ୍ୟମନ୍ତ୍ରୀ ତାଙ୍କୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ବିଧାୟକ କାଦ୍ରକା ଆପଲସ୍ୱାମୀ, ବିଧାୟକ ନୀଳମାଧବ ହିକକା ଓ ରାୟଗଡ଼ା ଜିଲ୍ଲାପାଳ ପାରୁଲ ପଟାୱରୀ ପ୍ରମୁଖ ଉପସ୍ଥିତ ଥିଲେ।

## ହଂସିତାଙ୍କୁ ମିଳିଲାନି ଅନ୍ତରୀଣ ଜାମିନ

**ତଦନ୍ତ ପାଇଁ ଅଧିକ ସମୟ ମାଗିଲା ପୁଲିସ**

ଭୁବନେଶ୍ୱର,୧୮ ।୧(ସମିସ): ପ୍ରଭାବଶାଳୀ ଲୋକଙ୍କ ସହ ସଂପର୍କ ଥିବାର ମିଛ ପ୍ରମାଣ ଦେଖାଇ ବିଭିନ୍ନ ଉପାୟରେ ଲୋକଙ୍କଠାରୁ କୋଟି କୋଟି ଟଙ୍କା ଠକିଥିବା ଅଭିଯୋଗରେ ଗିରଫ ହୋଇଥିବା ହଂସିତା ଅଭିଲିପ୍ସାଙ୍କୁ ଅଦାଲତ ଅନ୍ତରୀଣ ଜାମିନ୍ ଦେଇ ନାହାନ୍ତି। ଅନିଲ ମହାନ୍ତି ଓ ହଂସିତାଙ୍କ ଅନ୍ତରୀଣ ଜାମିନ ଆବେଦନର ଶୁଣାଣି ଆସନ୍ତା ୨୧ ତାରିଖକୁ ଘୁଞ୍ଚାଇ ଦିଆଯାଇଛି। ସ୍ୱାମୀ ସରୋଜ ସାହୁଙ୍କ ସ୍ୱାସ୍ଥ୍ୟ ଖରାପ ଦର୍ଶାଇ ହଂସିତା ଅନ୍ତରୀଣ ଜାମିନ ଆବେଦନ କରିଥିଲେ। ହେଲେ କୋର୍ଟରେ ହଂସିତା ଦାଖଲ କରିଥିବା ଦସ୍ତାବିଜ୍‌ରେ ୨ ଜଣ ସ୍ୱାମୀ ଦର୍ଶାଇଛନ୍ତି। ତେଣୁ ହଂସିତାଙ୍କ ପ୍ରକୃତ ସ୍ୱାମୀ କିଏ, ତାହାକୁ ନେଇ ଦ୍ୱନ୍ଦ୍ୱ ବଢୁଥିବାରୁ ସମସ୍ତ ଦସ୍ତାବିଜ ଦାଖଲ ପାଇଁ ସମୟ ମଗାଯାଇଥିବା ସରକାରୀ ଓକିଲ ସଲିଲ ପ୍ରଧାନ କହିଛନ୍ତି। ସବୁଠୁ ବଡ଼କଥା ହେଲା, ହଂସିତାଙ୍କ ବିରୋଧରେ ଆଇଟିପିଏ ଆକ୍ଟର ସେକ୍ସନ ୫ ମଧ୍ୟ ଲଗାଯାଇଛି। ଯାହାକୁ ନେଇ ତଦନ୍ତର ନୂଆ ନୂଆ ଦିଗ ସାମ୍ନାକୁ ଆସୁଥିବା ବେଳେ ବଡ଼ ବଡ଼ ଲୋକଙ୍କ ଚେହେରା ଖୁବ୍‌ଶୀଘ୍ର ଜଣାପଡ଼ିବ ନେଇ ଚର୍ଚ୍ଚା ଜୋର୍ ଧରିଛି।

## ତାପମାତ୍ରା

ଡିଗ୍ରୀ ସେଲ୍‌ସିୟସ

| ସ୍ଥାନ | ସର୍ବୋଚ୍ଚ | ସର୍ବନିମ୍ନ |
|---|---|---|
| ବାଲେଶ୍ୱର | ୨୭.୪ | ୧୩.୯ |
| ଚାନ୍ଦବାଲି | ୨୬.୪ | ୧୪.୪ |
| କଟକ | ୨୫.୨ | ୧୩.୦ |
| ପାରାଦୀପ | ୨୬.୮ | ୧୪.୨ |
| ଭୁବନେଶ୍ୱର | ୨୭.୩ | ୧୨.୩ |
| ଗୋପାଳପୁର | ୨୫.୪ | ୧୫.୩ |
| ପୁରୀ | ୨୭.୮ | ୧୬.୨ |
| ଅନୁଗୋଳ | ୨୬.୧ | ୧୦.୦ |
| ବାରିପଦା | ୨୬.୦ | ୧୩.୪ |
| ଝାରସୁଗୁଡ଼ା | ୨୮.୬ | ୯.୭ |
| କେନ୍ଦୁଝରଗଡ଼ | ୨୫.୪ | ୧୧.୨ |
| ସମ୍ବଲପୁର | ୨୯.୧ | ୧୩.୪ |
| ସୁନ୍ଦରଗଡ଼ | ୨୯.୪ | ୧୧.୦ |
| ହୀରାକୁଦ | ୨୮.୯ | ୧୩.୧ |
| ତାଳଚେର | ୨୮.୪ | ୧୩.୬ |
| ଭବାନୀପାଟଣା | ୨୭.୦ | ୧୧.୦ |
| ବଲାଙ୍ଗିର | ୨୭.୫ | ୧୨.୫ |
| କୋରାପୁଟ | ୨୬.୫ | ୧୧.୦ |
| ଫୁଲବାଣୀ | ୨୫.୭ | ୮.୦ |
| ଟିଟିଲାଗଡ଼ | ୨୭.୫ | ୧୪.୮ |
| ମାଲକାନଗିରି | ୩୦.୩ | ୧୪.୩ |
| ସୋନପୁର | ୨୭.୪ | ୧୩.୪ |
| ଦାରିଙ୍ଗବାଡ଼ି | ୨୫.୦ | ୮.୦ |
| ନୟାଗଡ଼ | - | ୧୨.୪ |
| ବୌଦ୍ଧ | ୨୭.୨ | ୧୪.୮ |
| ଛତ୍ରପୁର | ୨୭.୦ | ୧୫.୨ |
| ପାରଳାଖେମୁଣ୍ଡି | ୨୯.୨ | ୧୫.୦ |
| ରାୟଗଡ଼ା | ୨୭.୦ | ୧୩.୦ |
| ଭଦ୍ରକ | ୨୭,୫ | ୧୧.୫ |
| ଯାଜପୁର | ୨୭.୮ | ୧୪.୨ |
| ଢ଼େଙ୍କାନାଳ | ୨୮.୦ | ୧୧.୪ |
| ବରଗଡ଼ | ୨୮.୫ | ୧୪.୦ |
| ଦେଓଗଡ଼ | ୨୮.୪ | ୧୪.୦ |
| ନୂଆପଡ଼ା | - | ୧୪.୪ |
| ନବରଙ୍ଗପୁର | ୨୭.୨ | ୧୧.୪ |
| ଖୋର୍ଦ୍ଧା | ୨୭.୫ | - |
| ଜଗତସିଂହପୁର | ୨୭.୫ | ୧୪.୦ |
| କେନ୍ଦ୍ରାପଡ଼ା | ୨୭.୮ | ୧୪.୮ |
| ରାଉରକେଲା | - | - |

**ଆର୍‌ଆଇ, ଅମିନ ଓ ଫରେଷ୍ଟର ଫରେଷ୍ଟ ଗାର୍ଡ ପରୀକ୍ଷାରେ ଅସଂଗତି ପ୍ରସଙ୍ଗ**

## ୩ ମାସ ବିତିଲା; ଆସିଲାନି ତଦନ୍ତ ରିପୋର୍ଟ

**ପରୀକ୍ଷା ବାତିଲ୍ କରି ପୁନଃ ପରୀକ୍ଷା କରିବାକୁ ଦାବି**

**ସମାଧାନ ନ ହେଲେ ୨୩ରେ ଆନ୍ଦୋଳନ ଚେତାବନୀ**

ଭୁବନେଶ୍ୱର, ୧୮ ।୧(ସମିସ): ନିଯୁକ୍ତି ଦୁର୍ନୀତି ଏବଂ ଅନିୟମିତତା ପ୍ରସଙ୍ଗ ଭୁଲି ଯାଇଛନ୍ତି ରାଜ୍ୟ ସରକାର। ଆର୍‌ଆଇ, ଅମିନ ପରୀକ୍ଷାରେ ବ୍ୟାପକ ଅସଂଗତି ଅଭିଯୋଗ ହେବା ପରେ ଅକ୍ଟୋବର ୧୭ରେ ରାଜ୍ୟ ସରକାର ତଦନ୍ତ କରୁଥିବା କହିଥିଲେ। ହେଲେ ଏହାକୁ ୩ ମାସ ବିତିଥିଲେ ମଧ୍ୟ ତଦନ୍ତର ଅଗ୍ରଗତି ସମ୍ପର୍କରେ ପଦୁଟିଏ କହୁ ନାହାନ୍ତି। ତଦନ୍ତ ଆଳରେ ସମୟ ଅତିବାହିତ କରୁଛନ୍ତି। ଏଣୁ ତୁରନ୍ତ ଆର୍‌ଆଇ, ଅମିନ ସମେତ ଫରେଷ୍ଟର, ଫରେଷ୍ଟଗାର୍ଡ ପରୀକ୍ଷା ବାତିଲ୍ କରି ପୁନଃ ପରୀକ୍ଷା ତାରିଖ ଘୋଷଣା କରିବାକୁ ଦୁର୍ନୀତି ବିରୋଧୀ ଛାତ୍ର ସଂଗଠନ ପକ୍ଷରୁ ଦାବି କରାଯାଇଛି। ଆସନ୍ତା ୫ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ୨୩ ତାରିଖରେ ଆଶାୟୀମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସଂଗଠନ ଚେତାବନୀ ଦେଇଛି।

ଶନିବାର ଏକ ସାମ୍ବାଦିକ ସମ୍ମିଳନୀରେ ସଂଗଠନ ପକ୍ଷରୁ କୁହାଯାଇଛି ଯେ ବିବାଦୀୟ ଆର୍‌ଆଇ, ଅମିନ ପରୀକ୍ଷା ଉପରେ ନଭେମ୍ବର ୮ ରେ ପରୀକ୍ଷାର୍ଥୀଙ୍କଠାରୁ ଅଭିଯୋଗ ଆହ୍ୱାନ କରାଯାଇଥିଲା। ହଜାର ହଜାର ଆଶାୟୀ ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) ୱେବସାଇଟ୍‌ରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ତିନି ମାସରୁ ଅଧିକ ସମୟ ବିତିଥିଲେ ମଧ୍ୟ ସରକାର କାହିଁକି ନିଷ୍କର୍ଷରେ ପହଞ୍ଚିପାରୁ ନାହାନ୍ତି ବୋଲି ସଂଗଠନର ଆବାହକ ବିଭୂତି ଭୂଷଣ ମହାପାତ୍ର ପ୍ରଶ୍ନ କରିଛନ୍ତି। ଅପରପକ୍ଷରେ କରୋନା ସମୟରେ ନିଯୁକ୍ତି ପରୀକ୍ଷା ହୋଇ ନ ଥିବାରୁ ଅନ୍ୟ ରାଜ୍ୟଙ୍କ ପରି ନିଯୁକ୍ତି ବୟସ ସୀମାକୁ ୪୨ ବର୍ଷ ପର୍ଯ୍ୟନ୍ତ ବଢ଼ାଇବାକୁ ସଂଗଠନ ପକ୍ଷରୁ ଦାବି କରାଯାଇଛି।

## ବାହୁଡ଼ିଗଲେ ସିଙ୍ଗାପୁର ରାଷ୍ଟ୍ରପତି



**ମୁଖ୍ୟମନ୍ତ୍ରୀ କହିଲେ, ସିଙ୍ଗାପୁର ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ ଐତିହାସିକ ଘଟଣା**

**୮ ଏମଓୟୁ କାର୍ଯ୍ୟକାରୀ ହେଲେ ଓଡ଼ିଶା ବିଶ୍ୱର ଅଗ୍ରଣୀ ଦେଶମାନଙ୍କ ସହିତ ସମକକ୍ଷ ହୋଇପାରିବ**

ଭୁବନେଶ୍ୱର,୧୮।୧(ସମିସ): ନିଜର ୨ ଦିନିଆ ଓଡ଼ିଶା ଗସ୍ତ ସାରି ସିଙ୍ଗାପୁର ରାଷ୍ଟ୍ରପତି ଶନିବାର ସନ୍ଧ୍ୟାରେ ଓଡ଼ିଶା ଛାଡ଼ିଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ସିଙ୍ଗାପୁର ରାଷ୍ଟ୍ରପତିଙ୍କ ଦୁଇ ଦିନିଆ ଓଡ଼ିଶା ଗସ୍ତ ଅତ୍ୟନ୍ତ ସମ୍ମାନର ବିଷୟ। ଏହି ଗସ୍ତର ପ୍ରଭାବ ଅତ୍ୟନ୍ତ ସୁଦୂରପ୍ରସାରୀ ହେବ। ରାଷ୍ଟ୍ରପତିଙ୍କ ଉପସ୍ଥିତିରେ ଆମ ସରକାର ସିଙ୍ଗାପୁର ସହିତ ୮ଟି ଗୁରୁତ୍ୱପୂର୍ଣ୍ଣ ଏମଓୟୁ କରିଛନ୍ତି। ଏଗୁଡ଼ିକ କାର୍ଯ୍ୟକାରୀ ହେବା ପରେ ସମ୍ପୃକ୍ତ କ୍ଷେତ୍ର ଗୁଡ଼ିକରେ ଆମ ରାଜ୍ୟ ଓଡ଼ିଶା ବିଶ୍ୱର ଅଗ୍ରଣୀ ଦେଶମାନଙ୍କ ସହିତ ସମକକ୍ଷ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି। ସିଙ୍ଗାପୁର ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ ପରିପ୍ରେକ୍ଷୀରେ ଲୋକ ସେବା ଭବନ ସ୍ଥିତ କନଭେନସନ ସେଣ୍ଟରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ୨୦୩୬ ସୁଦ୍ଧା ଓଡ଼ିଶାକୁ ଏକ ସମୃଦ୍ଧ ରାଜ୍ୟରେ ପରିଣତ କରିବା ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତର ଏକ ପ୍ରମୁଖ ଗ୍ରୋଥ୍ ଇଞ୍ଜିନ୍ ଭାବରେ ଗଢି ତୋଳିବା ଆମର ଲକ୍ଷ୍ୟ ଅଟେ। ସେହି ଲକ୍ଷ୍ୟ ନେଇ, ଆମେ ରାଜ୍ୟର ଭିତ୍ତିଭୂମି କ୍ଷେତ୍ରରେ ବ୍ୟାପକ ନିବେଶ କରିବା ସହିତ ଦେଶ ଓ ସାରା ବିଶ୍ୱର ପ୍ରମୁଖ ନିବେଶକମାନଙ୍କୁ ଓଡିଶାରେ ପୁଞ୍ଜି ନିବେଶ କରିବା ପାଇଁ ନିମନ୍ତ୍ରଣ କରୁଛୁ। ସେହି ପରିପ୍ରେକ୍ଷୀରେ ମୁଁ ଆମ ଟିମ୍ ଓଡ଼ିଶାର ନେତୃତ୍ୱ ନେଇ ଦିଲ୍ଲୀ ଓ ମୁମ୍ବାଇରେ ରୋଡ୍ ସୋ କରିବା ସହ ସିଙ୍ଗାପୁର ମଧ୍ୟ ଗସ୍ତ କରିଥିଲି। ଆଧୁନିକ ସହରାଞ୍ଚଳ ଯୋଜନା ଠାରୁ ଆରମ୍ଭ କରି ନୂତନ ସହର ପ୍ରତିଷ୍ଠା, ପେଟ୍ରୋଲିୟମ, କେମିକାଲ୍‌ସ, ଗ୍ରୀନ ଏନର୍ଜି, ଆଇଟି ଓ ଦକ୍ଷତା ବିକାଶ ପରି ଆଧୁନିକ କ୍ଷେତ୍ରର ବିକାଶ ପାଇଁ ବର୍ତ୍ତମାନ ଆମର କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**ଆଳୁ ପରେ ଯୋଗାଣ ମନ୍ତ୍ରୀଙ୍କ ରାସନକାର୍ଡର କାହାଣୀ**

# ଭୂତକାର୍ଡ କହି ଭୁତାଉଛନ୍ତି

ଭୁବନେଶ୍ୱର,୧୮ ।୧(ସମିସ): ତିରୋଟ ସମୟରେ ଖାଉଟିଙ୍କୁ ସୁଲଭ ମୂଲ୍ୟରେ ରାଜ୍ୟ ସରକାର ଆଳୁ ଯୋଗାଇ ପାରିଲେନି। ଲୋକଙ୍କ ବିଦ୍ରୋହ ଦେଖି ଯୋଗାଣ ମନ୍ତ୍ରୀ ରେଳରେ ଆଳୁ ଆଣିବା ଭଳି କାହାଣୀ ଶୁଣାଇଲେ। ହେଲେ ମନ୍ତ୍ରୀଙ୍କ ଆଳୁ କାହାଣୀ କିଛି କାମ କଲାନି। ବଜାରରେ ଆଳୁ ଦରବୃଦ୍ଧିର ନିଆଁ ଏବେ ବି ଥମିନାହିଁ। ଏପରି ସ୍ଥିତିରେ ରାସନ ସାମଗ୍ରୀ ବଣ୍ଟନରେ ଦେଖାଦେଇଥିବା ଅବ୍ୟବସ୍ଥାକୁ ନେଇ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଦେଇଥିବା ମନ୍ତବ୍ୟକୁ ବିରୋଧୀ କଡ଼ା ସମାଲୋଚନା କରିଛନ୍ତି। ଆଳୁ କାହାଣୀ ଭଳି ଯୋଗାଣ ମନ୍ତ୍ରୀ ରାସନ କାହାଣୀ ଶୁଣାଇ ଲୋକଙ୍କୁ ଭୁତାଉଛନ୍ତି ଏବଂ ଗରିବଙ୍କୁ ରାସନ ସାମଗ୍ରୀ ଦେବାକୁ ସରକାର ଚାହୁଁ ନାହାନ୍ତି ବୋଲି ବିରୋଧୀ ବିଜେଡି ଏବଂ କଂଗ୍ରେସ କହିଛି।

ରାସନ ସାମଗ୍ରୀ ବଣ୍ଟନ ଉପରେ ମନ୍ତବ୍ୟ ରଖି ଯୋଗାଣ ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି, ଆୟକର ଦେଉଥିବା ଲୋକ ରାସନ କାଡର୍ ହାତେଇଛନ୍ତି। ଇ-କେୱାଇସି ଯାଞ୍ଚ ପ୍ରକ୍ରିୟାବେଳେ ଏହା ସରକାରଙ୍କ ଦୃଷ୍ଟିଗୋଚର ହୋଇଛି। ବାସ୍ତବରେ ଏଭଳି ହିତାଧିକାରୀଙ୍କ ସଂଖ୍ୟା କେତେ ସେନେଇ ସରକାରୀ ସ୍ତରରେ ତନାଘନା ଚାଲିଛି। ଏଥିରେ କେତେ ମାତ୍ରାରେ ସତ୍ୟତା ଅଛି, କ୍ଷେତ୍ରସ୍ତରୀୟ ଅନୁଧ୍ୟାନରୁ ସ୍ୱଷ୍ଟ ଜଣାପଡ଼ିବ। ଯଦି ଏହା ସତ ପ୍ରମାଣିତ ହୁଏ, ତେବେ ତୁରନ୍ତ ସେମାନଙ୍କ ରାସନ କାର୍ଡ କାଟି ଦିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।



**ଇ-କେୱାଇସି ବାହାନାରେ ଲୋକଙ୍କୁ ଠକୁଛନ୍ତି ମନ୍ତ୍ରୀ: ଶାରଦା**

**ସରକାର ଗରିବଙ୍କୁ ରାସନ ଦେବାକୁ ଚାହୁଁନାହାନ୍ତି: ସାଲୁଜା**

**ଆୟକର ଦେଉଥିବା ଲୋକ ରାସନ କାର୍ଡ ହାତେଇଛନ୍ତି: ମନ୍ତ୍ରୀ**

ମନ୍ତ୍ରୀଙ୍କ ବିବୃତ୍ତି ଉପରେ ବିଜେଡି ବିଧାୟକ ସାରଦା ଜେନା କଡ଼ା ଜବାବ ରଖି କହିଛନ୍ତି, ମନ୍ତ୍ରୀ ଭୂତ ରାସନ କାର୍ଡ କଥା କହି ଓଡ଼ିଶାବାସୀଙ୍କୁ ଭୁତାଉଛନ୍ତି। ପ୍ରତ୍ୟେକ ରାସନ କାର୍ଡ ଆଧାର ସଂଲଗ୍ନ ଅଟେ। ଆଧାର କାର୍ଡ ଅନୁସାରେ ରାସନ କାର୍ଡ ଦିଆଯାଇଛି। ଏହାକୁ ଭାରତ ସରକାର ସ୍ୱୀକୃତି ଦେଇଛନ୍ତି। ଯଦି ମନ୍ତ୍ରୀଙ୍କ କଥା ସତ; ତେବେ ଆଧାର କାର୍ଡ ମିଛ ହୋଇଥିବ। 'ଇ-କେୱାଇସି' ନାଁରେ ଗରିବ ଓ ଯୋଗ୍ୟ ହିତାଧିକାରୀଙ୍କୁ ସରକାରୀ ଯୋଜନାରୁ ବଞ୍ଚିତ କରୁଛନ୍ତି। ଇ-କେୱାଇସି ପାଇଁ କୌଣସି ନିର୍ଦ୍ଦିଷ୍ଟ ସଫ୍ଟୱେୟାର ବ୍ୟବସ୍ଥା କରିନାହାନ୍ତି। ଯେଉଁଥିରେ ରାଜ୍ୟ ବାହାରେ ଥିବା ଲୋକ ଉପକୃତ ହୋଇପାରିବେ। ବାହାରେ ଥିବା ଲୋକ ଇ-କେୱାଇସି ପାଇଁ ରାଜ୍ୟକୁ ଆସିବାକୁ ହେଲେ ଜଣକା ୫ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ବାରମ୍ବାର ଇ-କେୱାଇସି ଅପ୍‌ଡେଟ୍ ପାଇଁ ବାହାରୁ ଗାଁକୁ ଆସି ଲୋକମାନେ ଅଯଥାରେ ଖର୍ଚ୍ଚାନ୍ତ ହେଉଛନ୍ତି ବୋଲି ବିଧାୟକ ଶ୍ରୀ ଜେନା କହିଛନ୍ତି।

ସେହିପରି କଂଗ୍ରେସ ନେତା ସନ୍ତୋଷ ସିଂ ସାଲୁଜା କହିଛନ୍ତି, ଇ-କେୱାଇସି ନାଁରେ ରାଜ୍ୟ ସରକାର ଲୋକଙ୍କୁ ରାସନ ଦେବାକୁ ଚାହୁଁ ନାହାନ୍ତି। ବିଜେପି ସରକାର ସମୟରେ ଫୁଲବାଣୀରେ ଆମ୍ବ ଟାକୁଆ ଯାଉ ଖାଇ ଲୋକଙ୍କର ମୃତ୍ୟୁ ହେଲା। ୨ ମାସ ବିଳମ୍ବରେ ଚାଉଳ ଦେବାରୁ ଏଭଳି ହୋଇଥିବା ଜଣାପଡ଼ିଛି। ଇ-କେୱାଇସି ପାଇଁ ହଜାର ହଜାର ଲୋକ ରାସନ ପାଇବାରୁ ବଞ୍ଚିତ ହେଉଛନ୍ତି। ଏହି ଯୋଜନାରୁ ପଇସା ବଞ୍ଚାଇ ଅନ୍ୟ ଯୋଜନାରେ ଖର୍ଚ୍ଚ କରିବା ଲାଗି ରାଜ୍ୟ ସରକାର ଫନ୍ଦି କରୁଛନ୍ତି ବୋଲି ଶ୍ରୀ ସାଲୁଜା କହିଛନ୍ତି।

ଅନ୍ୟପକ୍ଷରେ ଇ-କେୱାଇସି ଅପ୍‌ଡେଟ୍‌କୁ ନେଇ ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି, ଆସନ୍ତା ୩୧ ତାରିଖ ସୁଦ୍ଧା ସମସ୍ତ ପ୍ରକ୍ରିୟା ଶେଷ କରିବାକୁ ଅଧିକାରୀଙ୍କୁ ଟାର୍ଗେଟ ଦେଇଛୁ। ଏହା ସରିଯିବା ପରେ ପ୍ରକୃତ ତଥ୍ୟ ଜଣାପଡ଼ିବ। ଯୋଗ୍ୟ ହିତାଧିକାରୀ କେବେ ବି ରାସନ କାର୍ଡରୁ କଟିବେନି। ଅଯୋଗ୍ୟ ହିତାଧିକାରୀଙ୍କ ପାଇଁ ଏହି ପ୍ରକ୍ରିୟା ଚାଲିଛି। ବର୍ତ୍ତମାନ ପର୍ଯ୍ୟନ୍ତ ଆହୁରି ୪୧ ଲକ୍ଷ ଲୋକଙ୍କ ଇ-କେୱାଇସି ହୋଇ ନାହିଁ। ଯାଞ୍ଚ ପ୍ରକ୍ରିୟା ସରିଗଲେ ପୋର୍ଟାଲ ଖୋଲି ଦିଆଯିବ। ଯେଉଁମାନେ ଆବେଦନ କରିବା କଥା କରିବେ। ଯେଉଁ ୬ ଲକ୍ଷ ଲୋକ ରାସନ କାଡର୍ ପାଇଁ ଆବେଦନ କରିଛନ୍ତି, ତାକୁ ଯାଞ୍ଚ କରାଯିବା ପରେ ନୂଆ କାର୍ଡ ପ୍ରଦାନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

# ସୋନପୁର-ସମ୍ବଲପୁର ରାସ୍ତା ମରଣଯନ୍ତା

ସୋନପୁର, ୧୮ ।୧୦ (ସମିସ):

ପଶ୍ଚିମ ଓଡ଼ିଶାର ବ୍ୟବସାୟିକ କେନ୍ଦ୍ର ହେଉଛି ସମ୍ବଲପୁର। ଉତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କ କାର୍ଯ୍ୟାଳୟ ତଥା ପୁଲିସ୍ ଆଇଜିଙ୍କ ଅଫିସ ସମ୍ବଲପୁରରେ ରହିଛି। ତେଣୁ ବିଭିନ୍ନ ବ୍ୟକ୍ତିଗତ ତଥା ସରକାରୀ କାମ ପାଇଁ ପ୍ରତ୍ୟହ ହଜାର ହଜାର ଲୋକ ସୋନପୁରରୁ ସମ୍ବଲପୁର ଯାଇଥାନ୍ତି। ପାର୍ବଣ ସମୟରେ ପଶ୍ଚିମ ଓଡ଼ିଶାରେ ଝିଅ, ଭଉଣୀମାନେ ନିଜ ବାପଘରକୁ ଯାଇଥାନ୍ତି । ତେଣୁ କାର୍, ବାଇକ୍ ଆଦିରେ ମହିଳାମାନଙ୍କୁ ନେଇ ସୋନପୁର-ସମ୍ବଲପୁର ଯାତାୟାତ କରୁଥିବା ଲୋକେ ବହୁ ହଇରାଣ ହେଉଛନ୍ତି। କାରଣ ସୋନପୁର-ସମ୍ବଲପୁର ରାସ୍ତା ବିପର୍ଯ୍ୟସ୍ତ ହୋଇପଡିଛି। ଖାଲଖମାରେ ଏହି ରାସ୍ତା ଭର୍ତ୍ତି ହୋଇ ରହିଛି । ମା' ମେଟାକାନୀ ମନ୍ଦିର ନିକଟରୁ ଏସ୍.ପତ୍ରାପାଲି ଯାଏଁ ଏହି ରାଜ୍ୟ ରାଜପଥ ମରଣଯନ୍ତା ସାଜିଛି। ରାସ୍ତାର ଏଭଳି ଅବସ୍ଥା ଯୋଗୁଁ ବିଭିନ୍ନ ସମୟରେ ଦୁର୍ଘଟଣାମାନ ହେଉଛି ।



ତେବେ ଗଛର ଛାଇ ଯୋଗୁଁ ଲୋକେ ଅଧିକ ସମସ୍ୟାରେ ପଡୁଛନ୍ତି । ଛାଇ ଯୋଗୁଁ ରାସ୍ତାର ଖାଲଖମା ଜଣାପଡୁନାହିଁ । ଗୁରୁତର ରୋଗୀଙ୍କୁ ନେଇ ବୁର୍ଲା ବଡ଼ ମେଡିକାଲ ଯାଉଥିବା ଲୋକେ ବହୁତ ହଇରାଣ ହେଉଛନ୍ତି। ରାସ୍ତାର ଏଭଳି ଅବସ୍ଥା ଯୋଗୁଁ ଏହି ରାସ୍ତାରେ ସମ୍ବଲପୁର ଯାଉଥିବା ଲୋକେ ଗୋଡ଼ଭଗା ଦେଇ ସୋନପୁର ଫେରୁଛନ୍ତି। ରାଜ୍ୟର ପ୍ରମୁଖ ରାସ୍ତା ଗୁଡିକ ମଧ୍ୟରେ ସୋନପୁର-ସମ୍ବଲପୁର ରାଜ୍ୟ ରାଜପଥ ଅନ୍ୟତମ ହୋଇଥିଲେ ମଧ୍ୟ ଏହି ରାସ୍ତାକୁ ଦୃଷ୍ଟି ଦିଆଯାଉନାହିଁ । ଏହି ରାସ୍ତାଦେଇ କନ୍ଧମାଳ, ବୌଦ୍ଧ, ବଲାଙ୍ଗିର, ଭବାନୀପାଟଣା ଆଦି ସହରରୁ ସମ୍ବଲପୁର, ସୁନ୍ଦରଗଡ଼ ଆଦି ଜିଲ୍ଲାକୁ ପ୍ରତ୍ୟେକ ଦିନ ହଜାର ହଜାର ଲୋକ ଯାତାୟାତ କରନ୍ତି। ସମ୍ବଲପୁର, ଝାରସୁଗୁଡ଼ା ଶିଳ୍ପାଞ୍ଚଳକୁ ବହୁ ଟ୍ରକ୍ ମଧ୍ୟ ଏହି ରାସ୍ତା ଦେଇ ଯାଇଥାଏ । ମେଟାକାନୀ, ହୁମା ବକ୍ର ମନ୍ଦିର ଏହି ରାସ୍ତାରେ ଥିବାରୁ ସୋନପୁର- ସମ୍ବଲପୁର ରାସ୍ତାରେ ପର୍ଯ୍ୟଟକଙ୍କ ଭିଡ଼ ଲାଗେ । ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ସଡ଼କର ମରାମତି ପ୍ରତି ପୂର୍ତ୍ତ ବିଭାଗ ଧ୍ୟାନ ଦେଉ ନଥିବା ଅଭିଯୋଗ ହେଉଛି। ରାସ୍ତାର ବିଭିନ୍ନ ସ୍ଥାନରେ ଏଭଳି ଖାଲଖମା ସୃଷ୍ଟି ହୋଇଛି ଯେ, ଯାତାୟାତ କଲାବେଳେ ଭୟ ଲାଗୁଛି। ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଅତିଶୀଘ୍ର ଏହି ସଡ଼କର ମରାମତି ପାଇଁ ଦାବି ହେଉଛି।

## ନୂତନ ହନୁମାନ ବିଗ୍ରହ ପ୍ରତିଷ୍ଠା ପାଇଁ କଳସ ଶୋଭାଯାତ୍ରା

**ସୁବଳୟା,୧୮।୧ (ସମିସ ):** ସୁବର୍ଣ୍ଣପୁର ଜିଲ୍ଲା ବୀରାମହରାଜପୁର ବ୍ଲକ ଅଧୀନସ୍ଥ ହିଲୁଙ୍ଗ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଲୁଚାବନ୍ଧ ପଞ୍ଚଦୋଳ ହନୁମାନ ଆଶ୍ରମ ପରିସରରେ ନୂତନ ହନୁମାନ ବିଗ୍ରହ ପ୍ରତିଷ୍ଠା ଲାଗି ଶନିବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ହରିହର ଜୋର ଘାଟରେ ପୂଜାର୍ଚ୍ଚନା ପରେ ୧୦୮ ମହିଳାଙ୍କୁ ନେଇ ଜଳପୂର୍ଣ୍ଣ କଳସ ଧରି ନଗର ପରିକ୍ରମା ପରେ ଆଶ୍ରମରେ ପହଞ୍ଚି ପୂଜା ମଣ୍ଡପରେ କଳସ ସ୍ଥାପନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ପୂଜକ ବାଳକୃଷ୍ଣ ପୁରୋହିତ ,ଅର୍ଜୁନ ପଣ୍ଡା, କୁବେର ଶତପଥୀ ପ୍ରମୁଖ ପୂଜା କାର୍ଯ୍ୟ ତୁଲାଇଥିଲେ। ମଠାଧୀଶ ଗୋପାଳ ଚନ୍ଦ୍ର ଦାସଙ୍କ ତତ୍ତ୍ୱାବଧାନରେ ଶ୍ୱେତ କଳତା ଓ ଧର୍ମପତ୍ନୀ ଗୋପିକା ମହାକୁର କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ । ଏହି କାର୍ଯ୍ୟକ୍ରମରେ ବରାଝୁଲା, ଲୁଚାବନ୍ଧ, ପୁଳେଶ୍ୱର, ଜମ୍ବାଳିପାଲି, ମେଣ୍ଟାମାଳର ମହିଳାମାନେ କଳସ ଯାତ୍ରାରେ ସାମିଲ ହୋଇଥିବା ବେଳେ ଗ୍ରାମର ସମସ୍ତ ଭକ୍ତ ସହଯୋଗ କରିଥିଲେ।

## ବୀରମହାରାଜପୁରରେ ବର୍ଦ୍ଧିତ ଭତ୍ତା ବିତରଣ ଉତ୍ସବ

ସୁବଳୟା,୧୮।୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ପ୍ରଶାସନ ଓ ରାଜ୍ୟ ସାମାଜିକ ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ସଭାଗୃହ ଠାରେ ୮୦ ବର୍ଷରୁ ଉର୍ଦ୍ଧ୍ୱ ଏବଂ ୮୦ ପ୍ରତିଶତ ବା ତଦୁର୍ଦ୍ଧ୍ୱ ଭିନ୍ନକ୍ଷମ ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ଇଂ. ରଘୁନାଥ ଜଗଦଲା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦଘାଟିତ କରି ବର୍ଦ୍ଧିତ ଭତ୍ତା ବଣ୍ଟନ କରିଥିଲେ। ଜିଲ୍ଲାରେ ୪୨୭୯ ଜଣ ୮୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କର ଏବଂ ୧୭୭୧ ଜଣ ୮୦ ପ୍ରତିଶତ ବା ତଦୁର୍ଦ୍ଧ୍ୱ ଭିନ୍ନକ୍ଷମ ହିତାଧିକାରୀ ଏହି ଯୋଜନାରେ ସାମିଲ ହୋଇ ଏଣିକି ୧୨୦୦ /- ଟଙ୍କା ପରିବର୍ତ୍ତେ ବର୍ଦ୍ଧିତ ଭତ୍ତା ୩୫୦୦/- ଟଙ୍କା ପାଇବେ। ଆଜି ବିଧାୟକ ଇଂ ଜଗଦଲା ବୀରମହାରାଜପୁର ବ୍ଲକର ୩ ଜଣ ହିତାଧିକାରୀଙ୍କୁ ଏହି ବର୍ଦ୍ଧିତ ଭତ୍ତା (ନଗଦ ଓ ଚେକ୍ ) ବିତରଣ କରିଥିବା ବେଳେ ବ୍ଲକ ଅନ୍ତର୍ଗତ ସମୁଦାୟ ୮୮୧ ଜଣ ହିତାଧିକାରୀ ବର୍ଦ୍ଧିତ ଭତ୍ତା ପାଇବେ ବୋଲି ସୂଚନା ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମ ଅବସରରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ ମେହେର, ଲୋକସଭା ସାଂସଦ ବଲାଙ୍ଗିରଙ୍କ ବ୍ଲକ ପ୍ରତିନିଧି ନଳିନୀ ପଣ୍ଡା, ବୀରମହାରାଜପୁର ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବିଡିଓ ଉଲୁଣ୍ଡା କରିସ୍ମା ବେସ୍ରା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅଞ୍ଜୁଲତା ମିଶ୍ର ତଥା ବିଭିନ୍ନ ଜିଲ୍ଲାସ୍ତରୀୟ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ଲକ୍ସ୍ତରୀୟ ପରାମର୍ଶ ଶିବିର

ତରଭା,୧୮।୧(ସମିସ): ଜିଲ୍ଲା ପ୍ରଶାଶନ ଓ ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୋଜନ କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ପରିସରରେ ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୋଜନ ଅଧିକାରୀ ସଞ୍ଜୁ କୁମାରୀ ସାହୁଙ୍କ ଅଧକ୍ଷତାରେ ଯୁବକ ଓ ଯୁବତୀମାନଙ୍କୁ ସ୍ୱାବଲମ୍ବୀ କରିବା ନିମନ୍ତେ ତରଭା ବ୍ଲକସ୍ତରୀୟ ପରାମର୍ଶ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ତରଭା ବ୍ଲକ ଅଧକ୍ଷ ସରୋଜ କମ୍ପ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବା ବେଳେ ବଲାଙ୍ଗିର ସାଂସଦଙ୍କ ବ୍ଲକ ପ୍ରତିନିଧି ନରେଶ ଷଣ୍ଡ ଯୋଗଦାନ କରିଥିଲେ। କନିଷ୍ଠ ନିଯୋଜନ ଅଧିକାରୀ ସନ୍ତୋଷ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଶିବିରରେ ସେଫ ଏଜୁକେଟ ଲର୍ନ ପ୍ରାଇଭେଟ ଲିମିଟେଡ, ଆଭି ୱେଷ୍ଟ ସର୍ଭିସେସ ଲିମିଟେଡ, ବ୍ଲାକ ପାନ୍ଥର , ଏନସିଏଟି ସ୍କିଲ ଇଣ୍ଡିଆ, ଏସଆଇଏଚଏମ ବଲାଙ୍ଗିର , ଏସବିଆରଏସଇଟିଆଇ , ସରକାରୀ ଆଇଟିଆଇ ଏବଂ ସରକାରୀ ପଲିଟେକନିକ ସୁବର୍ଣ୍ଣପୁର, ସାହି ଏକ୍ସପୋର୍ଟ ପ୍ରା. ଲିମିଟେଡ, ଗୋକଲ ଦାସ ଏକ୍ସପୋର୍ଟ ଲିମିଟେଡ ପ୍ରଭୃତି ବିଭିନ୍ନ ତାଲିମ ପ୍ରଦାନକାରୀ ସଂସ୍ଥା ଯୋଗଦାନ କରି ଶିବିରରେ ଯୁବକ ଯୁବତୀଙ୍କୁ ପରାମର୍ଶ ପ୍ରଦାନ କରିଥିଲେ। ଏହି ଶିବିରରେ ତରଭା ବ୍ଲକର ୧୯୭ ଯୁବକ ଓ ଯୁବତୀ ଅଂଶଗ୍ରହଣ କରିଥିଲେ।

## ଏନ୍‌ଜିଟି ନିର୍ଦ୍ଦେଶରେ ରାଇସ୍ ମିଲ୍‌ରେ ତଦନ୍ତ

**ଶଗଡ଼ା, ୧୮ ।୧(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟୁରବନ୍ଧ ପଞ୍ଚାୟତ ପଦ୍ମପୁର ନିକଟରେ ଥିବା ନବକିରଣ ଏଣ୍ଟର ପ୍ରାଇଜେଶ ନାମକ ରାଇସ ମିଲ୍‌ରେ ଏକ ତିନି ଜଣିଆ ଟିମ ପହଞ୍ଚି ତଦନ୍ତ ଆରମ୍ଭ କରଛନ୍ତି। ଦୀର୍ଘ ସାଢେ ୩ ଘଣ୍ଟାର ପୁଙ୍ଖାନୁପୁଙ୍ଖ ତଦନ୍ତ ପରେ ଏହି ଟିମ ଗଣମାଧ୍ୟମ ପ୍ରତିନିଧିଙ୍କ ଉତ୍ତର ରଖିଥିଲେ। ଏହି ରାଇସ ମିଲ୍ ନିର୍ଦ୍ଧାରିତ ପରିମାଣରୁ ଅଧିକ ଭୂତଳ ଜଳ ବ୍ୟବହାର କରିବା, ପ୍ଲାଣ୍ଟ ଭିତରେ ଗୋଚର ଜମି, ପାଉଁଶ ଓ ନିର୍ଗତ ବର୍ଜ୍ୟ ଜଳର ଠିକ ପରିଚାଳନା ନ କରିବା ଆଦି ବିଷୟକୁ ନେଇ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ ନିକଟରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ଗତ ସପ୍ତାହରେ ଏନଜିଟିର ନିର୍ଦ୍ଦେଶ ଆଧାରରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ବିଦ୍ୟୁତ ବିଭାଗକୁ ନିର୍ଦ୍ଦେଶ ଦେବା ପରେ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରାଯାଇଥିଲା। ଶନିବାର ଫେକ୍ଟ ଫାଇଣ୍ଡିଙ୍ଗ ଟିମର କେନ୍ଦ୍ରୀୟ ଭୂତଳ ଜଳ ବୈଜ୍ଞାନିକ ସମ୍ବିତ ସାମନ୍ତରାୟ, ବଲାଙ୍ଗୀର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର କ୍ଷେତ୍ରୀୟ ଅଧିକାରିଣୀ ବବିତା ସିଂ, ବୌଦ୍ଧ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ବୌଦ୍ଧ ତହସିଲଦାର ଲଗ୍ନଜିତ ବେହେରା, ଦହ୍ୟା ରାଜସ୍ୱ ନିରୀକ୍ଷକ ହମିଦ ମଲ୍ଲିକ ପ୍ରମୁଖ ତଦନ୍ତକାରୀ ଟିମ୍‌ରେ ସାମିଲ ହୋଇ ଭୂତଳ ଜଳସ୍ତର ନିରୀକ୍ଷଣ ଯନ୍ତ୍ର, ପାଉଁଶ ପକା ଯାଇଥିବା ପଡ଼ିଆ, ନିର୍ଗତ ବର୍ଜ୍ୟ ଜଳ ଯାଇଥିବା ନାଳ ତଥା ମିଲକୁ ଆସୁଥିବା ଜଳ ଉତ୍ସ ନିକଟରୁ ଯାଇ ପରଖି ଥିଲେ। ବୌଦ୍ଧ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନଙ୍କୁ ପଚାରିବାରୁ ତଦନ୍ତ ଜାରି ରହିଛି। ତଦନ୍ତ ପରେ ସବିଶେଷ ତଥ୍ୟ ପ୍ରଦାନ କରାଯିବ ବୋଲି କହିଛନ୍ତି। ଅନ୍ୟପଟେ ସ୍ଥାନୀୟ ଚାଷୀ ଗଜ୍ର ପାତ୍ର ତଦନ୍ତକାରୀ ଟିମ୍ ନିକଟରେ ନିଜ ଅଭିଯୋଗ କରିଥିଲେ।

## ବ୍ଲକସ୍ତରୀୟ ହାଇସ୍କୁଲ ପ୍ରଧାନଶିକ୍ଷକଙ୍କ ବୈଠକ




**ସୁବଳୟା,୧୮।୧ (ସମିସ ):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କେନଝରିଆପାଲି ସ୍ଥିତ ଆଞ୍ଚଳିକ ଉଚ୍ଚ ବିଦ୍ୟାପୀଠ ଠାରେ ତ୍ରୟୋଦଶ ବ୍ଲକସ୍ତରୀୟ ମାଧ୍ୟମିକ ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କ ମାସିକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ହାଇସ୍କୁଲ ପ୍ରଧାନଶିକ୍ଷକ ବ୍ରଜମୋହନ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତାନୁ କୁମ୍ଭକାର, ଖଣ୍ଡହତା ଇନ୍ଦିରା ଗାନ୍ଧୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସନ୍ତୋଷ ରଥ, ମୁର୍ଷୁଣ୍ଡୀ ରଘୁନାଥ ହାଇସ୍କୁଲର ପ୍ରଧାନଶିକ୍ଷକ କାଳିଆ କର୍ମୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅତିଥିଙ୍କ ସମେତ ଉପସ୍ଥିତ ସମସ୍ତ ପ୍ରଧାନଶିକ୍ଷକଙ୍କୁ ଉତ୍ତରୀୟ ଓ ଫୁଲତୋଡ଼ା ଦେଇ ସ୍ୱାଗତ କରାଯାଇଥିଲା। ସହକାରୀ ଶିକ୍ଷକ ଦିନବନ୍ଧୁ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ସ୍କୁଲର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ଉନ୍ନୀତ ଉଚ୍ଚ ବିଦ୍ୟାଳୟ ସାଗଜୁରୀ ପ୍ରଧାନଶିକ୍ଷକ ସୁଧାଂଶୁ ମଲ୍ଲିକ ଗତ ମାସିକ ବୈଠକର ବିବରଣୀ ପ୍ରଦାନ କରିଥିଲେ। ବୈଠକରେ ପର୍ଯ୍ୟାୟକ୍ରମେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଶେଷରେ ସହକାରୀ ଶିକ୍ଷକ ପ୍ରମୋଦ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକରେ ଥିବା ୧୯ଗୋଟି ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଓ ଶିକ୍ଷକ ଯୋଗଦେଇଥିଲେ। ଆଞ୍ଚଳିକ ଉଚ୍ଚ ବିଦ୍ୟାପୀଠ କେନଝିରିଆପାଲିର ସହକାରୀ ଶିକ୍ଷକ ଗୌରୀଶଙ୍କର ପୂଜାହାରୀ, ମୀନକେତନ ରଣା, ଜୀବର୍ଦ୍ଧନ ରଣା, ଜଗଦୀଶ ପଧାନ, ଖେଳ ଶିକ୍ଷକ ସୁରେନ୍ଦ୍ର ପଧାନ ଓ କର୍ମଚାରୀ ସତ୍ୟନାରାୟଣ ରାଜହଂସ, ସିଦ୍ଧେଶ୍ୱର ମେଣ୍ଡିଲି, ଚିତ୍ତରଞ୍ଜନ ପଧାନ, ସରୋଜ କୁମାର ଭୁକ୍ତା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ରାଜ୍ୟସ୍ତରୀୟ ତିଳେଶ୍ୱର ଫୁଟବଲ ଟୁର୍ଣ୍ଣାମେଣ୍ଟ

## ସେମିଫାଇନାଲରେ ଫୁଲବାଣୀ



**ଚାରିଛକ, ୧୮ ।୧(ସମିସ):** ହରଭଙ୍ଗା ବ୍ଲକ ତିଳେଶ୍ୱର ହାଇସ୍କୁଲ ଖେଳପଡ଼ିଆରେ ବଜାର ଆସୋସିଏସନ ଆନୁକୂଲ୍ୟରେ ୨୧ତମ ତିଳେଶ୍ୱର କପ୍ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଚତୁର୍ଥ ଦିବସରେ ପହଞ୍ଚିଛି। ଶନିବାର ଫୁଲବାଣୀ ସୁରଜ ଫୁଟବଲ କ୍ଲବ ଓ ସମ୍ବଲପୁର ଫୁଟବଲ କ୍ଲବ ମଧ୍ୟରେ ରୋମାଞ୍ଚକ କ୍ୱାର୍ଟରଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏକପାଖିଆ ଏହି ମ୍ୟାଚ୍‌ରେ ଫୁଲବାଣୀ ୨-୦ ଗୋଲରେ ସମ୍ବଲପୁରକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମାର୍ଦ୍ଧରେ ଫୁଲବାଣୀ ୧-୦ ଗୋଲରେ ଅଗ୍ରଣୀ ରହିଥିଲା। ଏହାପରେ ଦ୍ୱିତୀୟାର୍ଦ୍ଧରେ ଆଉ ଏକ ଗୋଲ ଦେଇ ଫୁଲବାଣୀ ବାଜି ମାରିଥିଲା। ଅପରପକ୍ଷରେ ସମ୍ବଲପୁର ଫୁଲବାଣୀ ଡିଫେନ୍ସକୁ ଭେଦ କରିପାରି ନଥିଲା ଓ ଗୋଲ ଦେବାରେ ସଫଳ ହୋଇ ନଥିଲା।

ଏହି ମ୍ୟାଚ୍‌ରେ ମୁଖ୍ୟ ଅତିଥି ଭାବରେ ନିରାକାର ଭୋଇ, ସ୍ୱତନ୍ତ୍ର ଅତିଥି ଭାବେ ପୁରୁଣାକଟକ ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ଶୁସାନ୍ତ ପ୍ରଧାନ, ତିଳେଶ୍ୱର ନାଏବ ସରପଞ୍ଚ ରାଜେଶ୍ୱରୀ ପ୍ରଧାନ, ସମ୍ମାନିତ ଅତିଥି ଭାବରେ ଆସୋସିଏସନର ମୁଖ୍ୟ ଉପଦେଷ୍ଟା ପ୍ରଶାନ୍ତ ପ୍ରଧାନ, ସଭାପତି ଅର୍ଜୁନ ପ୍ରଧାନ ଓ ସମ୍ପାଦକ ମହେଶ୍ୱର ମହାପାତ୍ର ମଞ୍ଚାସୀନ ଥିଲେ। ଖେଳକୁ ମୁଖ୍ୟ ରେଫରି ଭାବରେ ଦିଲ୍ଲୀପ ରାଉତ ପରିଚାଳନା କରିଥିବା ବେଳେ ଲାଇନ୍ସରେ ଲକ୍ଷ୍ମଣ ସେଠ, ସଲୀଳ ବେହେରା ଓ ଚତୁର୍ଥ ରେଫରୀ ଭାବେ ପାପୁନ୍ ବେହେରା ଦାୟିତ୍ୱ ତୁଲାଇଥିଲେ। ସିମୁନ ନାଏକଙ୍କ ଦ୍ୱରା ଖେଳର ଧାରା ବିବରଣୀ ପ୍ରଦାନ କରାଯାଇଥିଲା। ନାରାୟଣ ମହାନ୍ତି, ବିକାଶ ମିଶ୍ର, ଅଜିତ ମହାନ୍ତି, ଶୁଭ୍ରଜିତ ପ୍ରଧାନ, ପ୍ରବୀଣ ବେହେରା, କିନୁ ବେହେରା, କାହ୍ନା ବାରିକ, ବୁଲୁନ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ୧୦ମ ଫଳାଫଳ ପାଇଁ ମାନସମନ୍ବନ



**ବୌଦ୍ଧ, ୧୮ ।୧(ସମିସ):** ବୌଦ୍ଧ ବ୍ଲକସ୍ତରୀୟ ହାଇସ୍କୁଲ ପ୍ରଧାନ ଶିକ୍ଷକଙ୍କ ତ୍ରୟୋଦଶ ମାସିକ ବୈଠକ ବୁରଗୋରା ଉନ୍ନିତ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ଉପେନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବୌଦ୍ଧ ବ୍ଲକ ଅଧୀନ ସମସ୍ତ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଯୋଗ ଦେଇଥିଲେ। ଭୁବନେଶ୍ୱର ଓସେପାରୁ ଆସିଥିବା ପ୍ରତିନିଧି ଗାୟତ୍ରୀ ପଟ୍ଟନାୟକ ଗଣିତରେ ଦୁର୍ବଳ ଥିବା ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ଅନଲାଇନ ପାଠ୍ୟ କ୍ରମରେ ସାମିଲ୍ ହେବା ପାଇଁ ଉପଦେଶ ଦେଇଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ଉପେନ୍ଦ୍ର ପ୍ରଧାନ ଦଶମ ଶ୍ରେଣୀ ପରୀକ୍ଷାରେ ଭଲ ଫଳାଫଳ ପାଇଁ ଅଭିଭାବକ କାଉନସେଲିଂ ଓ ଉତ୍ତମ ଛାତ୍ରଙ୍କୁ ଶିକ୍ଷକ ଶିକ୍ଷୟିତ୍ରୀ ପୋଷ୍ୟ ଛାତ୍ର ଭାବେ ଗ୍ରହଣ କରି ମାର୍ଗ ଦର୍ଶନ କରିବାକୁ ପରାମର୍ଶ ଦେଇଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କମଳାକାନ୍ତ ଦଳବେହେରା ଉତ୍କର୍ଷ ଓ ପଞ୍ଚସଖା ସେତୁ ପାଇଁ ଆବେଦନର ପ୍ରଣାଳୀ ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ପ୍ରଧାନ ଶିକ୍ଷକ ଝସକେତନ ପ୍ରଧାନ, କ୍ରୀଡା ଶିକ୍ଷକ କୃଷ୍ଣଚନ୍ଦ୍ର ସେଠୀ ପ୍ରମୁଖ ସହଯୋଗ କରିଥିଲେ।

## ଗଞ୍ଜେଇ ମାଫିଆ ଫେରାର

**ଶଗଡ଼ା, ୧୮ ।୧(ସମିସ):** ଶରଧାପାଲି ଗ୍ରାମ ନିକଟରେ ମନମୁଣ୍ଡା ପୁଲିସ ଚଢ଼ଉ କରି ୫୧ କେଜି ୪୩୦ ଗ୍ରାମ ଗଞ୍ଜେଇ ଜବତ କରିଛି। ମାଫିଆ କିନ୍ତୁ ଫେରାର ମାରିଛି। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ମନମୁଣ୍ଡା ପୁଲିସର ଏକ ଟିମ୍ ଚଢଉ କରିଥିଲା। ଏ ସଂକ୍ରାନ୍ତରେ ମନମୁଣ୍ଡା ଥାନାରେ ଏକ ମାମଲା ରୁଜୁ ହୋଇଛି।


एनटीपीसी NTPC

ଏନ ଟି ପି ସି ଲିମିଟେଡ

(ଭାରତ ସରକାରଙ୍କ ଉଦ୍ୟମ)

ନୋଟିସ୍

ପଞ୍ଜିକୃତ କାର୍ଯ୍ୟାଳୟ ଠିକଣା: ଏନଟିପିସି ଭବନ, କୋର-୭, ସ୍କୋପ କମ୍ପ୍ଲେକ୍ସ, ୭-ଇନ୍‌ଷ୍ଟିଚ୍ୟୁସନାଲ ଏରିଆ, ଲୋଧି ରୋଡ, ନୂଆ ଦିଲ୍ଲୀ - ୧୧୦୦୦୩
କରପୋରେଟ୍ ପରିଚୟ ନଂ- L40101DL1975GOI007966

ଉପରୋକ୍ତ ନାମିତ ଆବେଦନକାରୀ ତା.୦୧.୦୪.୨୦୨୪ରିଖରୁ ୩୧.୦୩.୨୦୨୯ ପର୍ଯ୍ୟନ୍ତ ଫରକ୍କା ସୁପର ଥର୍ମାଲ ପାୱାର ଷ୍ଟେସନ, ଷ୍ଟେଜ- ୩ (୫୦୦ ମେଗାୱାଟ)ର ଟାରିଫ ନିର୍ଦ୍ଧାରଣ ପାଇଁ କେନ୍ଦ୍ରୀୟ ବିଦ୍ୟୁତ ନିୟାମକ ଆୟୋଗ (ସିଇଆରସି), ନୂଆ ଦିଲ୍ଲୀଙ୍କ ସମ୍ମୁଖରେ ଆବେଦନ କରିଅଛନ୍ତି।

୧. ଉତ୍ପାଦକ ଷ୍ଟେସନର ଲାଭାର୍ଥୀ:
କ) ପଶ୍ଚିମବଙ୍ଗ ବିଦ୍ୟୁତ ବିତରଣ କମ୍ପାନୀ ଲିମିଟେଡ୍, ବିଦ୍ୟୁତ ଭବନ, ବ୍ଲକ-ଡିଜେ, ସେକ୍ଟର-II, ସଲ୍ଟ ଲେକ୍ ସିଟି, କୋଲକାତା - ୭୦୦୦୯୧
ଖ) ବିହାର ରାଜ୍ୟ ବିଦ୍ୟୁତ ଧାରଣ କମ୍ପାନୀ ଲିମିଟେଡ୍ (ପୂର୍ବରୁ ବିହାର ରାଜ୍ୟ ବିଦ୍ୟୁତ ବୋର୍ଡ଼), ବିଦ୍ୟୁତ ଭବନ,ବେଲୀ ରୋଡ୍,ପଟନା - ୮୦୦୦୦୧
ଗ) ଝାରଖଣ୍ଡ ବିଜୁଳି ବିତରଣ ନିଗମ୍ ଲିମିଟେଡ୍, ଇଞ୍ଜିନିୟରିଂ ଭବନ, HEC ଟାଉନସିପ୍, ଧୁର୍ଵା, ରାଞ୍ଚି - ୮୩୪୦୦୪
ଘ) ଗ୍ରିଡ୍ କର୍ପୋରେସନ୍ ଅଫ୍ ଓଡ଼ିଶା ଲିମିଟେଡ୍, ୨୪, ଜନପଥ, ଭୁବନେଶ୍ୱର - ୭୫୧୦୦୭
ଙ) ଗୁଜରାଟ ଉର୍ଜା ବିକାଶ ନିଗମ୍ ଲିମିଟେଡ୍, ସରଦାର ପଟେଲ ବିଦ୍ୟୁତ ଭବନ, ରେସ୍କୋର୍ସ, ବଡୋଦା, ଗୁଜରାଟ - ୩୯୦୦୦୭
୨. ଉତ୍ପାଦନ କେନ୍ଦ୍ରର କ୍ଷମତା: 500 ମେଗାୱାଟ୍
୩. ପ୍ରକଳ୍ପର ଅନୁମୋଦିତ ମୂଳଧନ ଖର୍ଚ୍ଚ: ₹2761.87 କୋଟି
୪. ମୂଳଧନ ଖର୍ଚ୍ଚ ଅନୁମୋଦନ କରିଥିବା କର୍ତ୍ତୃପକ୍ଷ: CERC
୫. ବାଣିଜ୍ୟିକ ସଞ୍ଚାଳନର ନିର୍ଦ୍ଧାରିତ ତାରିଖ: ଅପ୍ରସଙ୍ଗିକ
୬. କେନ୍ଦ୍ରର ବାଣିଜ୍ୟିକ ସଞ୍ଚାଳନର ପ୍ରକୃତ ତାରିଖ: 04.04.2012
୭. ବାଣିଜ୍ୟିକ ସଞ୍ଚାଳନର ତାରିଖରେ ମୂଳଧନ ଖର୍ଚ୍ଚ: ଅପ୍ରସଙ୍ଗିକ
୮. ଶୁଳ୍କ ବିବରଣୀ:

| ବିବରଣୀ | ପୂର୍ବ ବର୍ଷ ପାଇଁ ଟାରିଫ | ବର୍ଷ ଅନୁଯାୟୀ ଟାରିଫ ନିର୍ଦ୍ଧାରଣ କରାଯାଇଅଛି | | | | |
|---|---|---|---|---|---|---|
| | | 2024-25 | 2025-26 | 2026-27 | 2027-28 | 2028-29 |
| ୧. କ୍ଷମତା ପ୍ରଭାର (ଟ.ଲକ୍ଷ/ବର୍ଷ) | 67576.10 | 65325.71 | 57867.27 | 58624.96 | 57481.37 | 58535.61 |
| ୨. ଉର୍ଜା ପ୍ରଭାର (ଟ./ପ୍ରତି ୟୁନିଟ୍) | 3.987 | 3.234 | | | | |

ମାନନୀୟ ସିଇଆରସିଙ୍କ ସମ୍ମୁଖରେ ଦାଖଲ ଫରକ୍କା ସୁପର ଥର୍ମାଲ ପାୱାର ଷ୍ଟେସନ, ଷ୍ଟେଜ- ୨ (୧୮୫୦୦ ମେଗାୱାଟ) ପାଇଁ ୨୦୧୯-୨୪ ଅବଧି ହେତୁ ଟାରିଫର ଟ୍ରୁ-ଅପ ନିମନ୍ତେ ଦାୟର ଯାଚିକା ଅନୁଯାୟୀ।
୯. ଟାରିଫର ନିର୍ଦ୍ଧାରଣ ହେତୁ ଦାଖଲ ଆବେଦନର ଏକ କପି ଏନଟିପିସିର ୱେବସାଇଟ www.ntpc.co.in ରେ ଟ୍ୟାବ 'ନୋଟିସ୍'ର ଅନ୍ତର୍ଗତ ପ୍ରକାଶିତ ହୋଇଅଛି ।
୧୦. ପିଟିସନର ଅନ୍ତର୍ଗତ ଟାରିଫ ନିର୍ଦ୍ଧାରଣ ହେତୁ ପ୍ରସ୍ତାବରେ ଲାଭାର୍ଥୀ ସହିତ କୌଣସି ବ୍ୟକ୍ତି ଦ୍ୱାରା ପ୍ରସ୍ତାବ କିମ୍ବା ଅଭିଯୋଗ, ଯଦି ଥାଏ ତେବେ ସେହି ନୋଟିସ୍ ପ୍ରକାଶନର ୩୦ ଦିନ ଭିତରେ ଯାଚିକାକର୍ତ୍ତାଙ୍କୁ ଏହାର ଏକ ନକଲ ସହିତ ଆୟୋଗର ଇ-ଫାଇଲିଙ୍ଗ ପୋର୍ଟାଲ ମାଧ୍ୟମରେ ପ୍ରସ୍ତୁତ କରାଯାଇପାରିବ।

ସ୍ଥାନ: ନୋଏଡା (ଉ.ପ୍ର.) (ପ୍ରଣାବ ଚତୁର୍ବେଦୀ)
ତାରିଖ: ୦୩.୧୨.୨୦୨୪ ଅତିରିକ୍ତ ମହାପ୍ରବନ୍ଧକ (ବାଣିଜ୍ୟିକ)

ବିଦ୍ୟୁତ କ୍ଷେତ୍ରରେ ଅଗ୍ରଣୀ


### ତରଭା ନବୋଦୟ ପ୍ରବେଶିକା ପରୀକ୍ଷା

## ୮୦ ସିଟ୍ ପାଇଁ ପରୀକ୍ଷା ଦେଲେ ୨୭୩୯ ଛାତ୍ରଛାତ୍ରୀ

ତରଭା,୧୮।୧(ସମିସ):

ତରଭା ଜବାହର ନବୋଦୟ ବିଦ୍ୟାଳୟ ଷଷ୍ଠ ଶ୍ରେଣୀରେ ନାମ ଲେଖାଇବା ପାଇଁ ସୁବର୍ଣ୍ଣପୁର ଜିଲ୍ଲାର ୨୭୩୯ ଜଣ ଛାତ୍ରଛାତ୍ରୀ ଶନିବାର ଆୟୋଜିତ ପ୍ରବେଶିକା ପରୀକ୍ଷା ଦେଇଛନ୍ତି। ଏଥିରେ ଡୁଙ୍ଗୁରିପାଲି ବ୍ଲକରୁ ସର୍ବାଧିକ ୬୫୯ ଜଣ ପରୀକ୍ଷା ଦେଇଥିବା ବେଳେ ଉଲୁଣ୍ଡା ବ୍ଲକରୁ ୪୧୯,ତରଭା ବ୍ଲକରୁ ୩୯୫, ବିଏମପୁର ବ୍ଲକରୁ ୪୦୧, ବିନିକା ବ୍ଲକରୁ ୪୪୪ ଓ ସୁବର୍ଣ୍ଣପୁର ବ୍ଲକରୁ ୪୨୧ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। ପରୀକ୍ଷା ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ ହୋଇଥିବା ଜଣାଯାଇଛି । ତରଭା ବ୍ଲକର ଦୁଇଟି ପରୀକ୍ଷା କେନ୍ଦ୍ରରେ ଜବାହାର ନବୋଦୟ ପ୍ରବେଶିକା ପରୀକ୍ଷା ଆଜି ଅନୁଷ୍ଠିତ ହୋଇଥିଲା। ଏହି ପ୍ରବେଶିକା ପରୀକ୍ଷା ପାଇଁ ତରଭା ବ୍ଲକର ବିଭିନ୍ନ ବିଦ୍ୟାଳୟର ୫ମ ଶ୍ରେଣୀ ପାସକରି ଥିବା ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ତରଭା ବ୍ଲକରେ ଜବାହାର ନବୋଦୟ ପ୍ରବେଶିକା ପରୀକ୍ଷା ପାଇଁ ୪୨୫ଜଣ ଛାତ୍ରଛାତ୍ରୀ ପଞ୍ଜୀକରଣ କରିଥିବା ବେଳେ ୩୯୫ ଜଣ ଛାତ୍ରଛାତ୍ରୀ ପ୍ରବେଶିକା ପରୀକ୍ଷା ଦେଇଥିଲେ ଓ ୩୦ ଜଣ ଅନୁପସ୍ଥିତ ଥିଲେ। ପର୍ଯ୍ୟବେକ୍ଷକ ଭାବରେ ତରଭା ଗୋଷ୍ଠୀ ଶିକ୍ଷା ଅଧିକାରୀ ନାରାୟଣ ମିଶ୍ର ନିଯୁକ୍ତ ହୋଇଥିଲେ । ତରଭା ସରକାରୀ ବାଳକ ହାଇ ସ୍କୁଲରେ ୨୪୦ ଜଣ ଛାତ୍ରଛାତ୍ରୀ ନାମ ପଞ୍ଜୀକରଣ କରିଥିବା ବେଳେ ୨୧୮ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ ଓ ୨୨ ଜଣ ଅନୁପସ୍ଥିତ ରହିଥିଲେ। ସେହିପରି ତରଭା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୧୮୫ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୭୭ ଜଣ ପରୀକ୍ଷା ଦେଇଥିବା ବେଳେ ୮ ଜଣ ଅନୁପସ୍ଥିତ ଥିଲେ। ପରୀକ୍ଷ ତଦାରଖ କରିବା ପାଇଁ ତରଭା ନବୋଦୟ ବିଦ୍ୟାଳୟ ର ଶିକ୍ଷୟିତ୍ରୀ ଜ୍ୟୋତି ରୋଜା ସାହୁ ତରଭା ସରକାରୀ ବାଳକ ହାଇସ୍କୁଲ ଏବଂ ଶିକ୍ଷକ ସୂର୍ଯ୍ୟପ୍ରକାଶ ମହାନ୍ତି ତରଭା ବାଳିକା ହାଇସ୍କୁଲ ପ୍ରମୁଖ ସି ଏଲ ଓ ଭାବେ କାର୍ଯ୍ୟ ତୁଳାଇ ଥିଲେ। ପ୍ରତ୍ୟେକ ପରୀକ୍ଷା କେନ୍ଦ୍ରରେ ବାଳକ ହାଇସ୍କୁଲ ରେ ପ୍ରଧାନ ଶିକ୍ଷକ ସୂରଜ ସେଠୀ ଓ ବାଳିକା ହାଇସ୍କୁଲରେ ପ୍ରଧାନଶିକ୍ଷୟିତ୍ରୀ କବିତା ବରେଇ କେନ୍ଦ୍ର ଅଧିକ୍ଷକ ଦାୟିତ୍ୱ ନେଇଥିବା ବେଳେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପରୀକ୍ଷା ପରିଚାଳନାରେ ସହଯୋଗ କରିଥିଲେ।

## ଡିସିବିଏଲ୍‌ରେ ମର୍ମନ୍ତୁଦ ଦୁର୍ଘଟଣା ପ୍ରସଙ୍ଗ

# ଫାକ୍ଟ୍ରି ଅକ୍ୟୁପାୟରଙ୍କ ଗିରଫ ଓ ଦୁର୍ଘଟଣାର ତଦନ୍ତ ଦାବି

**ରାଉରକେଲା, ୧୮।୧(ସମିସ)**

ରାଜଗାଙ୍ଗପୁରସ୍ଥିତ ଡିସିବିଏଲରେ ମର୍ମନ୍ତୁଦ ଦୁର୍ଘଟଣାରେ ୩ ଶ୍ରମିକଙ୍କ ମୃତ୍ୟୁ ଘଟଣାରେ ଫାକ୍ଟ୍ରି ଅକ୍ୟୁପାୟରଙ୍କୁ ଗିରଫ ପାଇଁ ସିଆଇଟିୟୁ ପକ୍ଷରୁ ଦାବି ହୋଇଛି। ସୂଚନାଯୋଗ୍ୟ ଯେ ଡାଲମିଆ ସିମେଣ୍ଟ ଭାରତ ଲିମିଟେଡରେ କୋଇଲା ହପର ଓ କୋଇଲା ବଙ୍କର ଭୁଶୁଡ଼ି ପଡ଼ିବା ଯୋଗୁଁ ଶହଶହ ଟନ କୋଇଲା ସହିତ ଷ୍ଟ୍ରକଚର ଭାଙ୍ଗି ଧୂଳିସାତ ହୋଇଗଲା। ଏହା ସମ୍ପୂର୍ଣ୍ଣ ରୂପେ ଡାଲମିଆ ସିମେଣ୍ଟ ଭାରତ ଲିମିଟେଡର କର୍ତ୍ତୃପକ୍ଷଙ୍କ ତ୍ରୁଟିପୂର୍ଣ୍ଣ ନୀତି ଓ ସୁରକ୍ଷା ଆଇନ ପ୍ରତି ଉଦାସୀନ ମନୋଭାବ ଯୋଗୁଁ ଏଭଳି ଦୁର୍ଘଟଣା ଘଟିଛି। ଫାକ୍ଟ୍ରି ଆଇନ ଅନୁଯାୟୀ, ମ୍ୟାନେଜମେଣ୍ଟର ଚରମ ଅବହେଳା ଯୋଗୁଁ ଯଦି ଫାକ୍ଟ୍ରିରେ କୌଣସି ଦୁର୍ଘଟଣା ଘଟେ ଓ ଏକାଧିକ ଶ୍ରମିକ ମୃତ୍ୟୁବରଣ କରନ୍ତି, ତାହେଲେ ଅବିଳମ୍ବେ ଫାକ୍ଟ୍ରି ଅକ୍ୟୁପାୟର ଓ ଅନ୍ୟ ଦାୟିତ୍ୱବାନ କାରଖାନା ଡାଇରେକ୍ଟର ଓ ଉଚ୍ଚ କର୍ତ୍ତୃପକ୍ଷମାନଙ୍କୁ ପୁଲିସ ଗିରଫ କରିବା କଥା। ବାରମ୍ବାର ଆଇନ ଖିଲାପକାରୀ ଡାଲମିଆ ସିମେଣ୍ଟ ଭାରତ ଲିମିଟେଡର କର୍ତ୍ତୃପକ୍ଷମାନଙ୍କୁ କାହିଁକି ପୁଲିସ ଗିରଫ କରୁନାହିଁ ବୋଲି ଶ୍ରମିକ ମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ଉକ୍ତ ଦୁର୍ଘଟଣାରେ ୩ ଜଣ ବଏଲର ଅପରେଟର ସୁଶାନ୍ତ ରାଉତ, ରଞ୍ଜିତ ଭୋଳ, ଦାଶରଥୀ ପାତ୍ର ମୃତ୍ୟୁବରଣ କରିଛନ୍ତି। ମୃତକଙ୍କ ପରିବାର ବର୍ଗଙ୍କ ଉପରେ ମ୍ୟାନେଜମେଣ୍ଟ ଚାପ ସୃଷ୍ଟି କରି କ୍ଷତିପୂରଣ ଦେବା ପାଇଁ ରାଜି କରାଇଛି ବୋଲି ଅଭିଯୋଗ ହେଉଛି। ସମସ୍ତ ମୃତକଙ୍କୁ ଏକା ପ୍ରକାର କ୍ଷତିପୂରଣ ନଦେଇ ମ୍ୟାନେଜମେଣ୍ଟ ପାତରଅନ୍ତର ନୀତି ଗ୍ରହଣ କରିଛି ବୋଲି ଅଭିଯୋଗ ହେଉଛି। ଆଇନ ଅନୁଯାୟୀ ଡେପୁଟି ଡାଇରେକ୍ଟର କାରଖାନା ଓ ବାଷ୍ପିତ୍ର ବିଭାଗର ଦୁଇଟି ବଏଲର, ପାୱାର ପ୍ଲାଣ୍ଟ ଓ କ୍ଲିନର ପ୍ଲାଣ୍ଟକୁ ମଧ୍ୟ ବନ୍ଦ ରଖିବା ପାଇଁ ନିର୍ଦ୍ଦେଶ ଜାରି କରିଛନ୍ତି।

ତେବେ ସୁରକ୍ଷା ଅଡିଟ୍ ହେବ କି ନାହିଁ, ଷ୍ଟ୍ରକଚରାଲ ଟିମ ତଦନ୍ତ କରିବ କି ନାହିଁ, ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗଠନ କରିବ କି ନାହିଁ ସନ୍ଦେହ ସୃଷ୍ଟି ହୋଇଛି। କାରଖାନା ଓ ବାଷ୍ପିତ୍ର ବିଭାଗ ଏହାର ତଦନ୍ତ କରିବାର ଆବଶ୍ୟକତା ରହିଛି। ତା ସହିତ ଏହି ବିଭାଗଟି କାରଖାନା କର୍ତ୍ତୃପକ୍ଷ ଓ ଅନାନ୍ୟ ପଦାଧିକାରୀଙ୍କୁ ଗିରଫ କରିବା ପାଇଁ ମାମଲା ରୁଜୁ ପାଇଁ ଦାବି କରାଯାଇଛି। ଭବିଷ୍ୟତରେ ଏହି ପ୍ଲାଣ୍ଟର ଶ୍ରମିକମାନଙ୍କର ସୁରକ୍ଷା ଓ ନିରାପତ୍ତା ପାଇଁ ବିଧିବଦ୍ଧ ବ୍ୟବସ୍ଥା କରିବା ସହିତ ଆଇନ ଖିଲାପକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଦରକାର ବୋଲି କୁହାଯାଇଛି। ଶିଳ୍ପ ଶାନ୍ତି ଫେରାଇ ଆଣିବା ସହିତ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି ଲାଗୁ କରିବା ପାଇଁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସିଟୁ ସାଧାରଣ ସମ୍ପାଦକ ଜାହାଙ୍ଗୀର ଅଲ୍ଲୀ ଚେତାବନୀ ଦେଇଛନ୍ତି।

### ଦୃଢ଼ କାର୍ଯ୍ୟାନୁଷ୍ଠାନ ହେଉ: ହିନ୍ଦ୍ ମଜଦୁର ସଭା

**ରାଉରକେଲା:** ଡାଲମିଆ ସିମେଣ୍ଟ କାରଖାନାରେ ଯେଉଁ ଦୁର୍ଘଟଣାରେ ତିନୋଟି ଅମୂଲ୍ୟ ଜୀବନ ଯିବା ଘଟଣା ସମ୍ପର୍କରେ ତର୍ଜମା କଲେ ସୁରକ୍ଷା ବ୍ୟବସ୍ଥାରେ ତ୍ରୁଟି ରହିଥିବା ଜଣାପଡ଼ିଛି। ହପର ଠିକ୍ ଭାବେ ସଠିକ୍ ସମୟରେ ମରାମତି ଓ ପୁନଃନିର୍ମାଣର ଆବଶ୍ୟକତା ଥିଲେ ବି ସିମେଣ୍ଟ କାରଖାନା କର୍ତ୍ତୃପକ୍ଷ କେବଳ ଉତ୍ପାଦନ ବୃଦ୍ଧି ଲକ୍ଷ୍ୟ ନେଇ ନିୟମିତ ଭାବରେ ମରାମତି ଓ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପୁନଃନିର୍ମାଣ କାର୍ଯ୍ୟ କରିଥିଲେ ଏହି ଧରଣର ଦୁର୍ଘଟଣା ଘଟି ନ ଥାନ୍ତା ଏବଂ ଅମୂଲ୍ୟ ଜୀବନ ହାନି ହୋଇ ନ ଥାନ୍ତା। ଏଣୁ ଏହିପରି ମଣିଷକୃତ ଦୁର୍ଘଟଣାରେ ସମ୍ପୃକ୍ତି ଥିବା ସମସ୍ତ ଅଧିକାରୀ ଓ ଉଚ୍ଚ ପଦାଧିକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ହିନ୍ଦ ମଜଦୁର ସଭାର ରାଜ୍ୟ ସମ୍ପାଦକ ଦିଗମ୍ବର ମହାନ୍ତି ଏକ ପ୍ରେସ ବିବୃତ୍ତିରେ ଦାବି କରିଛନ୍ତି। ଆସନ୍ତା ୨୦ ତାରିଖ ଦିନ ହିନ୍ଦ ମଜଦୁର ସଭା ତରଫରୁ ରାଉରକେଲାସ୍ଥିତ କାରଖାନା ଓ ବାଷ୍ପିତ୍ର ବିଭାଗର ଉପନିର୍ଦ୍ଦେଶକଙ୍କୁ ଏକ ପ୍ରତିନିଧି ମଣ୍ଡଳୀ ଭେଟି ଏହି ଘଟଣାରେ ସ୍ୱତନ୍ତ୍ର କମିଟି ଗଠନ କରି କମିଟିର ଅଧ୍ୟକ୍ଷ ନିଜେ ଉପନିର୍ଦ୍ଦେଶକ ରହି ଉଚିତ ଭାବେ ଅନୁସନ୍ଧାନ କରି ଦୋଷୀ ଅଧିକାରୀଙ୍କ ବିରୋଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ହିନ୍ଦ ମଜଦୁର ସଭାର ଦାବି ରହିବ ବୋଲି ଶ୍ରୀ ମହାନ୍ତି ପ୍ରକାଶ କରିଛନ୍ତି।

# ୩.୮୬ ଲକ୍ଷର ଗଞ୍ଜେଇ ସହ କାର୍ ଜବତ; ୨ ଗିରଫ



**ରାଉରକେଲା, ୧୮।୧(ସମିସ):** ବେଆଇନ୍ ଗଞ୍ଜେଇ କାରବାରର ପେଣ୍ଠସ୍ଥଳୀ ପାଲଟିଛି ସ୍ମାର୍ଟସିଟି ରାଉରକେଲା। ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଗଞ୍ଜେଇ ରାଉରକେଲାକୁ ଅଣାଯାଇ ରାଜ୍ୟ ବାହାରକୁ ଚାଲାଣ କରାଯାଉଥିବା ଜଣାପଡ଼ିଛି। ପୁଲିସ ଓ ଅବକାରୀ ବିଭାଗର ଜ୍ଞାତସାରରେ ଏପରି ବେଆଇନ କାରବାର ହେଉଥିବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ତେବେ ପୁଲିସ ଓ ଅବକାରୀ ବିଭାଗ ପକ୍ଷରୁ ମଝିରେ ମଝିରେ ହେଉଥିବା ଚଢ଼ଉ ଧର୍ମକୁ ଆଖିଠାର ବୋଲି ଚର୍ଚ୍ଚା ହେଉଛି। କିଛିଦିନ ପରେ ପୁଣି ଶନିବାର ପଶ୍ଚିମବଙ୍ଗକୁ ୩.୮୬ ଲକ୍ଷର ଗଞ୍ଜେଇ ଚାଲାଣ ହେଉଥିବା ବେଳେ ଅବକାରୀ ବିଭାଗ ଧରିବାରେ ସକ୍ଷମ ହୋଇଛି। ସ୍ଥାନୀୟ ସେକ୍ଟର -୧୪ ଅଞ୍ଚଳର ପ୍ରଫୁଲ୍ଲ କୁମାର ନାଏକ (୩୮) ଓ ସେକ୍ଟର -୧୬ ଅଞ୍ଚଳର ମମତା ସିଂ (୪୭)ଙ୍କୁ ଅବକାରୀ ବିଭାଗ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡ଼ିଛି। ସେମାନଙ୍କ ପାଖରୁ ଗୋଟିଏ କାର୍ ଓ ୩୮.୬୫୦ କେଜି ଓଜନର ଗଞ୍ଜେଇ ଜବତ ହୋଇଛି। ବିଭାଗର ସୂଚନା ମୁତାବକ, ସେକ୍ଟର -୧୬ରୁ କାର୍ ଯୋଗେ ଗଞ୍ଜେଇ ଚାଲାଣ ହେଉଥିବା ସୂଚନା ମିଳିଥିଲା। ଏହି ଆଧାରରେ ଏକ ଟିମ୍ ଚଢ଼ଉ କରିଥିଲା। ଗିରଫ ଅଭିଯୁକ୍ତ ଦ୍ୱୟ କାର୍ ଯୋଗେ ରେଲୱେ ଷ୍ଟେସନ ଦ୍ୱିତୀୟ ପ୍ରବେଶ ପଥ ଆଡ଼କୁ ଆସୁଥିବା ବେଳେ ପିଛା କରି ଧରାଯାଇଥିଲା। ଫୁଲବାଣୀରୁ ବସ୍ ଯୋଗେ ଗଞ୍ଜେଇ ଆଣି ସେମାନେ ଟ୍ରେନ ଯୋଗେ ପଶ୍ଚିମବଙ୍ଗକୁ ଚାଲାଣ କରୁଥିଲେ ବୋଲି ତଦନ୍ତରୁ ଜଣାପଡ଼ିଛି।

**ଫୁଲବାଣୀରୁ ଆଣି ପଶ୍ଚିମବଙ୍ଗକୁ ଚାଲାଣ ହେଉଥିଲା**

ଏହାପୂର୍ବରୁ ଦୁହେଁ ୫ ଥର ଗଞ୍ଜେଇ ଚାଲାଣ କରିଥିବା ପ୍ରାଥମିକ ତଦନ୍ତରୁ ବିଭାଗ ଜାଣିପାରିଛି। ଜବତ ଗଞ୍ଜେଇର ମୂଲ୍ୟ ୩ ଲକ୍ଷ ୮୬ ହଜାର ୫୦୦ ଟଙ୍କା ହେବ। ବିଭାଗର ଏସଆଇ ଶେଖ୍ ଅସଫ ଅଲ୍ଲୀଙ୍କ ନିର୍ଦ୍ଦେଶରେ ଡିଏସଇ ଅର୍ଚ୍ଚନା ବାରିକଙ୍କ ତତ୍ତ୍ୱାବଧାନରେ ଚଢ଼ଉ ହୋଇଥିବା ଜଣାପଡ଼ିଛି। ଇନ୍ସପେକ୍ଟର ମୋହନ ପ୍ରଧାନ, ଦିଲ୍ଲୀପ କୁମାର ନାୟକ, ଏସଆଇ ମନୁ ଆୟଲ, ଅଜୟ ପ୍ରଧାନ, ଏଏସ୍ଆଇ ଜେମାମଣି କିଶାନ, ସୂର୍ଯ୍ୟକାନ୍ତ ସ୍ୱାଇଁ, ନବୀନ ଭୂୟାଁ ଓ ସପନ କୁମାର ସାହୁଙ୍କ ସମେତ ଅନ୍ୟ କର୍ମଚାରୀମାନେ ଚଢ଼ଉରେ ସାମିଲ ଥିଲେ।

## ପାଣିରେ ବୁଡ଼ି ଶିଶୁ କନ୍ୟା ମୃତ

**ବଣାଇ, ୧୮।୧(ସମିସ):** ବଣାଇଁ ଉପଖଣ୍ଡ ଗୁରୁଣ୍ଡିଆ ଥାନା ଅଧୀନ ପଙ୍କଡିହି ପଞ୍ଚାୟତର ଜଡ଼ା ଗ୍ରାମରେ ପାଣିରେ ବୁଡ଼ି ଜଣେ ଶିଶୁ କନ୍ୟାର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ ଜଡା ଗ୍ରାମର ରାଜୁ ମୁଣ୍ଡାଙ୍କ ୪ ବର୍ଷର ଝିଅ ଦୀପାଳି ମୁଣ୍ଡା ଗୁରୁବାର ଅପରାହ୍ଣରେ ଖେଳିବା ପାଇଁ ଘରୁ ବାହାରକୁ ଯାଇ ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ଫେରି ନଥିଲା। ଫଳରେ ଘର ଲୋକ ପାଖ ପଡ଼ୋଶୀ ସବୁଆଡେ ଅନେକ ଖୋଜାଖୋଜି କରିଥିଲେ ମଧ୍ୟ ସେ ଦିନ ସନ୍ଧ୍ୟାରେ ଆଉ ପାଇନଥିଲେ। ପରଦିନ ମଧ୍ୟ ଅନେକ ଖୋଜାଖୋଜି ପରେ ସନ୍ଧ୍ୟାରେ ଘର ଠାରୁ କିଛି ଦୂର ଚାଷ ଜମିରେ ଥିବା ଗାଡ଼ରେ ଶିଶୁ କନ୍ୟାର ଶବ ଭାସୁଥିବା ଦେଖିବାକୁ ପାଇଥିଲେ। ପରେ ଏନେଇ ଗୁରୁଣ୍ଡିଆ ପୁଲିସକୁ ଖବର ଦେବାପରେ ପୁଲିସ ଆଜି ସକାଳୁ ଶବ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ବଣାଇଁ ସରକାରୀ ଡାକ୍ତରଖାନାକୁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି।

# ଆର୍‌ଏସ୍‌ପିର ବାର୍ଷିକ ଉଦ୍ୟାନକୃଷି ପ୍ରଦର୍ଶନୀ

**ରାଉରକେଲା, ୧୮।୧(ସମିସ):** ରାଉରକେଲା ଇସ୍ପାତ କାରଖାନାର ଉଦ୍ୟାନକୃଷି ବିଭାଗ ଆନୁକୂଲ୍ୟରେ ଜୁବୁଲି ପାର୍କରେ ଆୟୋଜିତ ୫୭ତମ ବାର୍ଷିକ ଉଦ୍ୟାନକୃଷି ପ୍ରଦର୍ଶନୀକୁ ଭାରପ୍ରାପ୍ତ ନିର୍ଦ୍ଦେଶକ (ଡିଆଇସି) ଆଲୋକ ବର୍ମା ଉଦ୍‌ଘାଟନ କରିଛନ୍ତି। ଅବସରରେ ଦୀପିକା ମହିଳା ସଂଘତିର ଅଧ୍ୟକ୍ଷା ନମ୍ରତା ବର୍ମା, ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲଚୌଧୁରୀ, ସିଆଇଏସଏଫ ଡିଆଇଜି ରତନ କୁମାର, ଦୀପିକା ମହିଳା ସଂଘତିର ଉପାଧ୍ୟକ୍ଷା ପ୍ରଭାତୀ

**ପୁଷ୍ପ, ଫଳ, ପନିପରିବା ଓ ବୃକ୍ଷର ବିଭିନ୍ନ ବର୍ଗରେ ୭୭୧ଟି ଏଣ୍ଟ୍ରି**



ମିଶ୍ର, ଏବଂ ନବନୀତା ଚୌଧୁରୀ, ସହର ପ୍ରଶାସନ ଓ ସିଏସଆର ବିଭାଗର ସିଜିଏମ ଇନଚାର୍ଜ ପି କେ ସ୍ୱାଇଁ, ସହର ଇଞ୍ଜିନିୟରିଂ ଓ ଉଦ୍ୟାନକୃଷି ବିଭାଗର ସିଜିଏମ ବି କେ ଯୋଜୋ, ଉଦ୍ୟାନ କୃଷି ବିଭାଗର ଡିଜିଏମ ତଥା ଜେଡ଼ିପି ଇନଚାର୍ଜ ଡ. ଅଭିଜିତ ବିଶ୍ୱାସ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଡିଆଇସି ଶ୍ରୀ ବର୍ମା ଅନ୍ୟ ମାନ୍ୟଗଣ୍ୟ ଅତିଥିଙ୍କ ଗହଣରେ ପ୍ରଦର୍ଶନୀ ବୁଲି ଦେଖିଥିଲେ ଏବଂ ପ୍ରଦର୍ଶିତ ପ୍ରବେଶିକାଗୁଡ଼ିକୁ ନେଇ ଆଗ୍ରହ ପ୍ରକାଶ କରିଥିଲେ। ସେ ବିଗତ ୫୭ ବର୍ଷ ଧରି ଏଭଳି ଏକ ବିଶାଳ ଆୟୋଜନ ନିମନ୍ତେ ଉଦ୍ୟାନକୃଷି ବିଭାଗର ଉଚ୍ଚ ପ୍ରଶଂସା କରିଥିଲେ। ଯାହା ଏହି ସମଗ୍ର ଅଞ୍ଚଳରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବା ସହିତ ବିଭିନ୍ନ ସ୍ଥାନରୁ ଉଦ୍ୟାନପ୍ରେମୀଙ୍କୁ ଆକୃଷ୍ଟ କରୁଛି। ପ୍ରଦର୍ଶନୀରେ ବିଭିନ୍ନ ବର୍ଗରେ ୭୭୧ଟି ଏଣ୍ଟ୍ରି ସ୍ଥାନ ପାଇଥିଲା। ଏଗୁଡିକେ ମଧ୍ୟରେ କଟାଯାଇଥିବା ଫୁଲ, ପଟପ୍ଲାଣ୍ଟ, ଫଳ, ପନିପରିବା, ବନସାଇ, ଡିନର୍ ବୋଲ୍ ଆରେଞ୍ଜମେଣ୍ଟ, ବେଷ୍ଟ ଆରେଞ୍ଜଡ୍ ଫୁଲ, ବଟନ୍ ହୋଲ୍, ଫୁଲତୋଡ଼ା, ଫୁଲମାଳା ଏବଂ ଫୁଲ ଓ ପତ୍ରରେ ତିଆରି ମଡେଲ ସାମିଲ ରହିଛି। ବହୁ ସଂଖ୍ୟାରେ ଦର୍ଶକ ଜୁବୁଲି ପାର୍କ ପରିଦର୍ଶନରେ ଆସି ବିଭିନ୍ନ ପ୍ରକାରର ଫୁଲ, ପନିପରିବା ଏବଂ ଫଳ, ବିଭିନ୍ନ ଗୋଲାପ, ସେବତୀ, ଡାଲିଆ, ଡାଏନ୍ଥସ, ସ୍ୱିଟ ପିଜ, ଆଣ୍ଟିରିୟମ, କାର୍ନେସନ, କ୍ୟାଲେଣ୍ଡୁଲା, ଫ୍ଲକ୍ସ, ପେନ୍ସି, ଜରବେରା, ଲ୍ୟୁପୀନ, ମେରିଗୋଲ୍ଡ, ଆଷ୍ଟର, ସାଲଭିଆ, ଗ୍ଲାଡିଓଲି, କ୍ୟାଣ୍ଡିଟୁଫ୍ଟ ଆଦିର ପ୍ରଦର୍ଶନ ଉପଭୋଗ କରିବା ସହ ସେଗୁଡ଼ିକର ଉଚ୍ଚ ପ୍ରଶଂସା କରିଥିଲେ। ଉତ୍ସବରେ ପାୟଲ ନୃତ୍ୟ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସୂଚନାଯୋଗ୍ୟ ଯେ, ପୁରସ୍କାର ବିତରଣ ଉତ୍ସବ ସହ ଏହି ପ୍ରଦର୍ଶନୀ ରବିବାର ଶେଷ ହେବ।

# ଏସ୍ଆର୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର




**ରାଉରକେଲା, ୧୮।୧(ସମିସ):** ସ୍ଥାନୀୟ ବିଶ୍ରାସ୍ଥିତ ସୁବୋଧ ରାଉତରାୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରଥମ ବର୍ଷ ଯୁକ୍ତଦୁଇ ଛାତ୍ରୀମାନଙ୍କ ପାଇଁ ଆୟୋଜିତ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର କ୍ଷୀରୋଦ ଚନ୍ଦ୍ର ବରାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଶ୍ରା ଥାନା ସହକାରୀ ସବ୍‌ଇନ୍ସପେକ୍ଟର ପ୍ରବୀଣ କୁମାର ରାଉତ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସମାଜସେବୀ ପ୍ରଦିପ ରାଉତରାୟ ଓ ହରପାଲ ସିଂହ ଯୋଗଦେଇ ଶିବିରର ଆବଶ୍ୟକତା ଉପରେ ଆଲୋକପାତ କରିବା ସହ ସୁସ୍ଥ ସମାଜ ଗଠନ କ୍ଷେତ୍ରରେ ନାରୀମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତ ଦେଇଥିଲେ। ଅଧ୍ୟାପକ ଡକ୍ଟର ନଗେନ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଧ୍ୟାପିକା ଭି. ଲାବଣ୍ୟା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ମାଷ୍ଟର ଟ୍ରେନର ମୋନାଲିସା ମିଶ୍ର ଓ ଲିପ୍ସା ମିଶ୍ର ଉପସ୍ଥିତ ଥିବାବେଳେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## ବଣାଇଁ ବନଖଣ୍ଡରେ ପକ୍ଷୀ ଗଣନା



**ବଣାଇଁ, ୧୮।୧(ସମିସ):** ସାରା ରାଜ୍ୟରେ ଥିବା ସମସ୍ତ ବନଖଣ୍ଡରେ ଆଜି ପକ୍ଷୀ ଗଣନା ଜାରି ହୋଇଛି। ସକାଳ ୬ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଚାଲିବ ଏହି ପକ୍ଷୀ ଗଣନା। ତେବେ ପକ୍ଷୀ ଗଣନା ପାଇଁ ବଣାଇଁ ବନଖଣ୍ଡରେ ୨୬ଟି ଟିମ୍ ନିୟୋଜିତ ହୋଇଛନ୍ତି। ପ୍ରତିବର୍ଷ ଭଳି ଚଳିତବର୍ଷ ଗଣନା କାର୍ଯ୍ୟରେ ଜିପିଏସ, ବାଇନା କୁଲାର, ୱାକିଟକି ଓ କ୍ୟାମେରା ବ୍ୟବହାର କରାଯିବ। ସୂଚନା ଅନୁଯାୟୀ, ବଣାଇଁ ବନଖଣ୍ଡ ଅଧିନସ୍ଥ ସୋଲ, ଜର୍ଡା, ତାମଡା, ବଣାଇଁ, କୁଲିପୋଷ, ବରସୁଆଁ, କୋଇଡା ଇତ୍ୟାଦି ୭ଟି ରେଞ୍ଜରେ ପକ୍ଷୀ ଗଣନା ଚାଲିଛି। ଏହି ପକ୍ଷୀ ଗଣନାରେ ୧୨୦ ଜଣ କର୍ମଚାରୀ ସାମିଲ ଅଛନ୍ତି। ଏନେଇ ବଣାଇଁ ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ର ସୂଚନା ଦେଇଛନ୍ତି। ତେବେ ଟିମରେ ବନ୍ୟପ୍ରାଣୀ ବିଭାଗ କର୍ମଚାରୀ, ଜଙ୍ଗଲ ବିଭାଗ କର୍ମଚାରୀ, ଓୟୁଏଟିର ଛାତ୍ରଛାତ୍ରୀ, ୱାଇଲ୍ଡ ଓଡ଼ିଶାର କାର୍ଯ୍ୟକର୍ତ୍ତା, ବିଭିନ୍ନ ରେଞ୍ଜ ଅନ୍ତର୍ଗତ ବନ ସୁରକ୍ଷା ସମିତିର ସଦସ୍ୟ ସାମିଲ ହୋଇଛନ୍ତି। ଗତବର୍ଷ ବଣାଇଁ ବନଖଣ୍ଡରେ ୪୭ପ୍ରକାରର ୪୧୦୫ପକ୍ଷୀ ଚିହ୍ନଟ କରାଯାଇଥିବା ବେଳେ ସେଥିମଧ୍ୟରୁ ୧୩୦୮ଟି ବିଦେଶାଗତ ପକ୍ଷୀ ରହିଥିଲେ। ପୂର୍ବ ବର୍ଷ ତୁଳନାରେ ଜଳାଶୟ ଗୁଡିକରେ ଭଲ ପାଣି ରହିଥିବାରୁ ଚଳିତ ବର୍ଷ ପକ୍ଷୀ ସଂଖ୍ୟା ବୃଦ୍ଧି ପାଇବ ବୋଲି ବିଭାଗ ଆଶା ରଖିଛି। ଏଥର ବିଦେଶାଗତ କେତେ ନୂଆ ଅତିଥି ପକ୍ଷୀ ଆସିଛନ୍ତି ତାହା ଉପରେ ମଧ୍ୟ ବିଭାଗ ନଜର ରଖିଛି। ତେବେ ଆସନ୍ତାକାଲି ସମସ୍ତ ରେଞ୍ଜରୁ ତଥ୍ୟ ଆସିବା ପରେ ପକ୍ଷୀଙ୍କ ସଂଖ୍ୟା ଜଣାପଡ଼ିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ

# ଆର୍‌ଏସ୍‌ପିରେ ସୁରକ୍ଷା ରଥର ଶୁଭାରମ୍ଭ

**ରାଉରକେଲା, ୧୮।୧(ସମିସ):** ବିଭିନ୍ନ ସଡ଼କ ସୁରକ୍ଷା ଦିଗ ଉପରେ ଜନସଚେତନତା ସୃଷ୍ଟି କରିବା ପାଇଁ ଜାନୁଆରୀ ୧୭ ତାରିଖରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ ଇଡି (ୱାର୍କସ) ବିଲ୍ଡିଂ ନିକଟରେ ଦୁଇଟି ସୁରକ୍ଷା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଅବସରରେ କାରଖାନାର ବହୁ ସିଜିଏମ, ବିଭାଗ ମୁଖ୍ୟ ଏବଂ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଇଡି (ୱାର୍କସ) ଶ୍ରୀ ପଲାଇ ସଡ଼କ ଦୁର୍ଘଟଣା ପରିପ୍ରେକ୍ଷୀରେ ମାନବ ଜୀବନର ଗୁରୁତ୍ୱକୁ ଆଲୋକପାତ କରିଥିଲେ। ନିଜର, ପରିବାର, ବନ୍ଧୁ, ସହକର୍ମୀ ଏବଂ ସମୁଦାୟ ସମାଜର ଉନ୍ନତି ପାଇଁ ନିଜେ ସୁରକ୍ଷା ନିୟମ ଅନୁପାଳନ କରିବା ସହିତ ଅନ୍ୟମାନଙ୍କୁ ମଧ୍ୟ କାରଖାନା ତଥା ବାହାରେ ଅନୁରୂପ କାର୍ଯ୍ୟ କରିବାକୁ ପ୍ରୋତ୍ସାହିତ କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଟ୍ରାଫିକ ଓ କଞ୍ଚାମାଲ ବିଭାଗର ସିନିୟର ଟେକ୍ନିସିଆନ ଆର୍ ମହାନ୍ତି ଏବଂ ବିଭାଗୀୟ ଦଳ ଦ୍ୱାରା ଏକ ସୁରକ୍ଷା ନାଟକ ମଞ୍ଚସ୍ଥ ହୋଇଥିଲା। ସୁରକ୍ଷା ଦାୟିତ୍ୱ ସନ୍ଦର୍ଭରେ ଏକ ସ୍ୱାକ୍ଷର ଅଭିଯାନ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ସିଜିଏମ ଇଲେକ୍ଟ୍ରିକଲ ଆର୍ କେ ମୁଦୁଲି, ଏସ୍ଏମଏସ-୧ ବିଭାଗର ସିଜିଏମ ଏସ କାର୍ଥା ଏବଂ ଏନପିଏମ ଓ ଏସପିପି ବିଭାଗର ସିଜିଏମ ଆର୍ କେ ବିଷାରେ ଯଥାକ୍ରମେ ଓଡ଼ିଆ, ଇଂରାଜୀ ଓ ହିନ୍ଦୀରେ ସୁରକ୍ଷା ସଂକଳ୍ପ ପାଠ କରାଇଥିଲେ। ଦୁଇଟି ସୁରକ୍ଷା ରଥ ରଙ୍ଗୀନ ପୋଷ୍ଟର ସହିତ ସଜାଯାଇଛି ଯେଉଁଥିରେ ସୁରକ୍ଷା ଓ ସଡ଼କ ସୁରକ୍ଷା ସମ୍ବନ୍ଧୀୟ କଣ କରିବା ଓ ନକରିବା ଉଚିତ ବାର୍ତ୍ତା ସମ୍ବଳିତ ବ୍ୟାନର ଓ ଚିତ୍ର ରହିଛି। ସଡ଼କ ସୁରକ୍ଷା ଉପରେ ସର୍ବସାଧାରଣ ଘୋଷଣା ପ୍ରଣାଳୀ ସହିତ ଗୋଟିଏ ସୁରକ୍ଷା ରଥ କାରଖାନାର ବିଭିନ୍ନ ୟୁନିଟ୍ ଦେଇ ଯାତ୍ରା କରିବ ଏବଂ ଅନ୍ୟଟି ସହରାଞ୍ଚଳରେ ସୁରକ୍ଷା ବାର୍ତ୍ତା ପ୍ରସାର କରିବ। ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ଏଜିଏମ ଶ୍ରୀ ବିକ୍ରମ ପାଢ଼ୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ସୁରକ୍ଷା ଇଞ୍ଜିନିୟରିଂ ବିଭାଗ ସହ ମିଳିତ ଭାବରେ ବିଭିନ୍ନ ବିଭାଗ ଦ୍ୱାରା ରଣନୀତିକ ସ୍ଥାନରେ ସଡ଼କ ସୁରକ୍ଷା ମାନବ ଶୃଙ୍ଖଳ ଆୟୋଜିତ ହେଉଛି। ବିଭିନ୍ନ ବିଭାଗର କର୍ମଚାରୀ ଏବଂ ଠିକା ଶ୍ରମିକଙ୍କ ପାଇଁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ, ପ୍ରତିଯୋଗିତା ଏବଂ ସୁରକ୍ଷା ତାଲିମ କାର୍ଯ୍ୟକ୍ରମ ପର୍ଯ୍ୟାୟଭୁକ୍ତ ରହିଛି। ଅଗ୍ନିଶମ ଓ ସୁରକ୍ଷା ବିଭାଗର ସିଜିଏମ ଆଶା କାର୍ଥା, ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ଜିଏମ ଅବକାଶ ବେହେରାଙ୍କ ମାର୍ଗଦର୍ଶନରେ ସୁରକ୍ଷା ଇଞ୍ଜିନିୟରିଂ ବିଭାଗ ଦ୍ୱାରା ଏହି ବିବିଧ ପଦକ୍ଷେପ ଆୟୋଜନ କରାଯାଉଛି।




## ନାବାଳିକାଙ୍କୁ ଗଣଦୁଷ୍କର୍ମ ଘଟଣା | ୬ ଦୁଷ୍କର୍ମକାରୀଙ୍କୁ ଜେଲ୍

**ରାଉରକେଲା, ୧୮।୧(ସମିସ):** ବିଶ୍ରା ଥାନା ଅଧୀନ ତେତରକେଲାରେ ଚାଲିଥିବା ଟୁସୁ ମେଳାରୁ ଜଣେ ନାବାଳିକାଙ୍କୁ ଟେକି ନେଇ ଅନ୍ୟତ୍ର ଗଣଦୁଷ୍କର୍ମ କରିବା ଘଟଣାରେ ଆଜି ୬ ଜଣ ଦୁଷ୍କର୍ମକାରୀଙ୍କୁ ଗିରଫ କରି ବିଶ୍ରା ପୁଲିସ ସୁନ୍ଦରଗଡ଼ ପୋକ୍ସୋ କୋର୍ଟକୁ ଚାଲାଣ କରିଥିବା ଜଣାପଡ଼ିଛି। ଗିରଫ ଅଭିଯୁକ୍ତମାନେ ହେଲେ ବିଶ୍ରା ଥାନା ଅଧୀନ ବାଙ୍କୋଚୋଲି ଗାଁର ହୁଲ୍ଲାସ ମୁଣ୍ଡାରୀ (୪୩), ଜମ୍ବରନା ଗାଁର ବୁଦା ଓରାମ (୩୦), ଆନନ୍ଦ ଓରାମ (୨୩), ଅଭିଷେକ ମାହାତୋ (୨୬), ମଙ୍ଗଳନାଥ ଓରାମ୍ (୨୭) ଏବଂ ସଞ୍ଜୟ ଓରାମ୍(୨୮)। ସେମାନଙ୍କୁ ଆଜି ସୁନ୍ଦରଗଡ଼ସ୍ଥିତ ପୋକ୍ସୋ କୋର୍ଟକୁ ଚାଲାଣ କରାଯାଇଥିବା ନେଇ ଜୋନାଲ ଡିଏସପି ନିର୍ମଳ କୁମାର ମହାପାତ୍ର ସୂଚନା ଦେଇଛନ୍ତି।

## ତୃତୀୟ ଦିନରେ ଆନ୍ତଃଜିଲ୍ଲା ଫୁଟବଲ ଟୁର୍ଣ୍ଣାମେଣ୍ଟ | ଗାଙ୍ଗପୁର ଓ ଦୁର୍ଗା କ୍ଲବ୍ ଟିମ୍ ବିଜୟୀ



**ରାଉରକେଲା, ୧୮।୧(ସମିସ)**

ଜିଲ୍ଲା ଖେଳକୁଦ ସଂଘ ପକ୍ଷରୁ ବିର୍ସାମୁଣ୍ଡା ଆଥଲେଟିକ ଷ୍ଟାଡିୟମ୍‌ରେ ଶନିବାର ଆନ୍ତଃଜିଲ୍ଲା ଫୁଟବଲ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିନର ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚ୍ କଳିଙ୍ଗ ସ୍ପୋର୍ଟିଂ ଫେଡରେସନ୍ ଓ ଗାଙ୍ଗପୁର ସ୍ପୋର୍ଟସ ଏକାଡେମୀ ହମୀରପୁର ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଗାଙ୍ଗପୁର ୩ ଗୋଲରେ ବିଜୟ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍ ୱେଲଫେୟାର ୟୁଥ୍ କ୍ଲବ୍ ଲାଇଙ୍ଗ ଓ ଦୁର୍ଗା କ୍ଲବ୍ କୋଇରମୁଣ୍ଡ ନୂଆଗାଁ ମଧ୍ୟରେ ହୋଇଥିବା ବେଳେ ଦୁର୍ଗା ୨ ଗୋଲରେ ବିଜୟ ହାସଲ କରିଥିଲା। ରେଫରୀ ଭାବେ ରାଜକୁମାର ପାଣିଗ୍ରାହୀ, ସନିକା ତିର୍କି, ରାଜେଶ ତିର୍କି ଓ ହେମନ୍ତ ହାଁସଦା ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିବା ବେଳେ ମ୍ୟାଚ୍ କମିଶନର ଭାବେ ରୋସନ ଖାନ ଯୋଗଦେଇଥିଲେ। ସେହିପରି ଆନ୍ତଃଜିଲ୍ଲା ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିନର ମ୍ୟାଚ୍‌ରେ ଅତିଥି ଭାବେ ସଂଘର ଉପସଭାପତି ରାଧାମୋହନ ନାୟକ ଓ ୱେଟ୍ ଲିଫ୍ଟିଂ ସମ୍ପାଦକ ବାସୁଦେବ ବାନାର୍ଜୀ ଯୋଗଦେଇଥିଲେ। ପ୍ରଥମ ମ୍ୟାଚ ଆଇକନିକ ଟର୍ଫ କ୍ଲବ୍ ଓ ରାଉରକେଲା ସ୍ପୋର୍ଟସ ଆସୋସିଏସନ୍ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଆଇକନିକ ୮ ଗୋଲରେ ବିଜୟ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍ ନିଲକମଲ ଏଫସି ଲାଠିକଟା ଓ ଆଦିବାସୀ କ୍ଲବ୍ ବନ୍ଧମୁଣ୍ଡା ମଧ୍ୟରେ ହୋଇଥିବା ବେଳେ ଆଦିବାସୀ ୧୨ ଗୋଲରେ ବିଜୟ ହାସଲ କରିଥିଲା। ଆଇକନିକ ଦଳର କାହ୍ନୁ ମାହାତୋ ହାଟ୍ରିକ ଗୋଲ ଓ ଆଦିବାସୀ ଦଳର ସୁମିତ ଏକ୍କା ୬ ଗୋଲ କରିଥିଲେ। ରେଫରୀ ଭାବେ ରାଜକୁମାର ପାଣିଗ୍ରାହୀ, ସନିକା ତିର୍କି, ରାଜେଶ ତିର୍କି, ହେମନ୍ତ ହାଁସଦା ଓ ଅନିଲ ମହତୋ ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିବା ବେଳେ ମ୍ୟାଚ୍ କମିଶନର ଭାବେ ରୋସନ ଖାନ ଯୋଗଦେଇଥିଲେ।

# ମହିମା ବାବାଙ୍କ ପକ୍ଷରୁ ଭୀମଭୋଇ ମହୋତ୍ସବ

**ବଣାଇ, ୧୮।୧(ସମିସ):** ଖଣ୍ଡାଧାର ଜଳପ୍ରପାତ ପାଦଦେଶରେ ବିଗତ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଅଲେଖ ମହିମା ଧର୍ମାବଲମ୍ବୀ ମାନଙ୍କ ପକ୍ଷରୁ ମକର ସଂକ୍ରାନ୍ତି ଉପଲକ୍ଷେ ସନ୍ଥକବି ଭୀମଭୋଇ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସୋମବାର ସାଧୁ ଭକ୍ତ ମାନଙ୍କର ଆଗମନ ହୋଇଥିଲା ଏବଂ ମଙ୍ଗଳବାର ବିଶ୍ୱଜନ ପ୍ରାଣୀମାନଙ୍କର କଲ୍ୟାଣ ପାଇଁ ଅଖଣ୍ଡ ଧ୍ୱନି ଓ ଅଖଣ୍ଡବତୀ ପ୍ରଜ୍ୱଳନ କରି ସମବେତ ପ୍ରଭୁ ପ୍ରାର୍ଥନା କରାଯାଇଥିଲା। ଅଖଣ୍ଡ ମେଳାରେ ଯୋରନ୍ଦା ମହିମାଗାଦି ପକ୍ଷରୁ ବଣେଇ ବାମଣ୍ଡା ପରିବ୍ରାଜକ ମହିମା ସନ୍ୟାସୀ ଶେଷଦେବ ବାବା ପୌରୋହିତ୍ୟ କରିଥିବା ବେଳେ ମୁଖ୍ୟଅତିଥି ଭାବେ ବଣେଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ଅଭିମନ୍ୟୁ ସାହୁ, ସମୀର ନାୟକ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ଯୋରନ୍ଦା ଗାଦିର ନିୟମ ଅନୁଯାୟୀ ସନ୍ଧ୍ୟା ଜଣାଣ, ବେଢ଼ା ପରିକ୍ରମା, ଆଠ ଭଜନ ଗାନ କରିବା ସହିତ ଭଜନ କୀର୍ତ୍ତନ କରାଯାଇଥିଲା। ଭବ୍ୟ ସାମଗ୍ରୀ ଦ୍ୱାରା ହବ୍ୟାହୁତି ପ୍ରଦାନ କରାଯାଇଥିଲା। ବ୍ରହ୍ମ ମୁହୂର୍ତ୍ତରେ ନୂତନ ମାଟି ହାଣ୍ଡିରେ ଚୁଡା, ଗୁଡ଼, କଦଳୀ, ଦହି, ଛେନା, କ୍ଷୀର ଓ କର୍ପୂର ଦେଇ ଶୂନ୍ୟ ପ୍ରଭୁଙ୍କ ନିକଟରେ ଅର୍ପଣ କରି ଶ୍ରଦ୍ଧାଳୁ ମାନେ ପ୍ରସାଦ ଭାବରେ ସେବନ କରିଥିଲେ। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ତିନିଦିନ ଧରି ପାଳନ ହୋଇଥିବାରୁ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।



ଶୁକଦେବ ଦାସ, ରାଜ କୁମାର ଜୟସ୍ୱାଲ ଓ ଯୁଧିଷ୍ଠିର ପାତ୍ର ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ ବଣେଇ, ଲହୁଣୀପଡ଼ା, ଖୁଣ୍ଟଗାଁ, କୁଲିପୋଷ, ତାଳବାହାଳି, ମହୁଲତା, କୁର୍ଡା, ବୁଢାଭୂଇଁ ଓ ଲୋଡ଼ାପାଣି ପ୍ରମୁଖ ଅଞ୍ଚଳରୁ ବହୁ ସଂଖ୍ୟାରେ ଅଲେଖ ମହିମା ଶ୍ରଦ୍ଧାଳୁମାନେ ଉପସ୍ଥିତ ରହିଥିଲେ।

# ଭାଲେଗାଁ ପଞ୍ଚାୟତରେ ଭତ୍ତା ଟଙ୍କା ହଡ଼ପ ଅଭିଯୋଗ

**ବଲାଙ୍ଗିର/ଟିଟିଲାଗଡ଼, ୧୮ ।୧(ସମିସ)**

ଭିନ୍ନକ୍ଷମ ଓ ଅସହାୟ ବୃଦ୍ଧବୃଦ୍ଧାଙ୍କୁ ସରକାରୀ ସହାୟତା ଉଦ୍ଦେଶ୍ୟରେ ସରକାର ଭତ୍ତା ବଣ୍ଟନ କରୁଛନ୍ତି। ଏହି ଭତ୍ତା ସମୁଦ୍ରକୁ ଶଙ୍ଖେ ପାଣି ହେଲେ ମଧ୍ୟ ଅନେକଲୋକ ଏହା ଉପରେ ନିର୍ଭର କରିଥାନ୍ତି। ହେଲେ ପଞ୍ଚାୟତ ଅଧିକାରୀ ଏହି ଭତ୍ତା ଟଙ୍କା ହଡ଼ପ କରୁଥିବା ଭଳି ଅଭିଯୋଗ ଆସିଛି ଭାଲେଗାଁ ପଞ୍ଚାୟତରୁ। ଭାଲେଗାଁ ପଞ୍ଚାୟତର ଗୁରୁଜିଭଟା ଗାଁ ର ପୁଷ୍ପଲତା ବାରିକ, ଜନ୍ମରୁ ମୁକ ଓ ବଧିର। ସରକାରୀ ସାର୍ଟିଫିକେଟ ଅନୁସାରେ ୧୦୦ ପ୍ରତିଶତ ଭିନ୍ନକ୍ଷମ। ସରକାରୀ ସାହାଯ୍ୟ କହିଲେ ମାସକୁ ମିଳୁଥିବା ଭତ୍ତା ଟିକକ। ସରକାରଙ୍କ ଘୋଷଣା ଅନୁସାରେ ପୁଷ୍ପଲତା ଚଳିତ ମାସ ୩୫୦୦ ଟଙ୍କା ଭତ୍ତା ପାଇବା ଉଚିତ୍, ହେଲେ ପଞ୍ଚାୟତରେ ପୁଷ୍ପଲତାକୁ ମାତ୍ର ୧୦୦୦/- ଟଙ୍କା ଦେଇ ପଞ୍ଚାୟତ ଅଧିକାରୀ



ବିଦା କରିଦେଇ ଥିଲେ। ପୁଷ୍ପଲତା ଘରେ ପହଞ୍ଚିବା ପରେ ଭାଇ ଭଗବାନ ବାରିକ ଦେଖିଥିଲେ ପଞ୍ଚାୟତ ଅଧିକାରୀ ପୁଷ୍ପଲତାଙ୍କୁ ମାତ୍ର ୧୦୦୦ ଟଙ୍କା ଦେଇ ୧୨୦୦ ଟଙ୍କା ଖାତାରେ ଚଢ଼ାଇ ଦେଇଛନ୍ତି। ଏ ସମ୍ପର୍କରେ ଭଗବାନ ପଞ୍ଚାୟତ ଅଧିକାରୀଙ୍କୁ ପଚାରିବାରୁ ଭୁଲ ହୋଇଯାଇଥିବା ସ୍ୱୀକାର କରିବା ସହିତ ବଳକା ୨୦୦ ଟଙ୍କା ନେଇଯିବାକୁ କହିଥିଲେ। ଚଳିତ ମାସ ୩୫୦୦/ ଟଙ୍କା ମିଳିବ ଉଚିତ ବୋଲି ପ୍ରଶ୍ନ କରିବାରୁ ଆସନ୍ତା ମାସ ବଳକା ଟଙ୍କା ଦିଆଯିବ ବୋଲି କହିଥିଲେ। ସେହିଭଳି ଜୟଦେବ ଭୋଇଙ୍କୁ ସରକାରଙ୍କ ତରଫରୁ ମିଳିଥିବା ସାର୍ଟିଫିକେଟ ଅନୁଶାରେ ଜୟଦେବ ମଧ୍ୟ ୧୦୦ଧ ପ୍ରତିଶତ ଭିନ୍ନକ୍ଷମ। ସରକାରଙ୍କ ଘୋଷଣା ଅନୁସାରେ ୩୫୦୦ ଟଙ୍କା ଭତ୍ତା ପାଇବା ଉଚିତ। ହେଲେ ପୁରୁଣା ହିସାବ ରେ ମାତ୍ର ୧୨୦୦ ଟଙ୍କା ଭତ୍ତା ମିଳିଛି। ଜୟଦେବ ଜନ୍ମରୁ ଭିନ୍ନକ୍ଷମ ଥିବାରୁ ମନ ଓ ବାପା ଉପରେ ସମ୍ପୂର୍ଣ୍ଣ ନିର୍ଭର କରନ୍ତି। ଭତ୍ତା ବୃଦ୍ଧି ନେଇ ସରକାର ଡିଣ୍ଡିମ ପିଟୁଥିବା ବେଳେ ବର୍ତ୍ତମାନ ସୁଦ୍ଧା ହିତାଧିକାରୀଙ୍କ ପାଖକୁ ବୃଦ୍ଧି ହୋଇଥିବା ଭତ୍ତା ପହଞ୍ଚି ପାରିନାହିଁ। ଅନ୍ୟପଟେ ଯେଉଁ ଭତ୍ତା ମଧ୍ୟ ମିଳୁଛି ପଞ୍ଚାୟତ ଅଧିକାରୀ ତଞ୍ଚକତା କରି କମ ଟଙ୍କା ଦେଇ ଲୋକଙ୍କୁ ଠକୁଥିବା ସ୍ଥାନିୟ ଲୋକେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଭାଲେଗାଁ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ପଚାରିବାରୁ ସେ କହିଥିଲେ ଆଜି ସେ ପଞ୍ଚାୟତ କୁ ଆସି ନ ଥିଲେ ଓ ଭତ୍ତା ଏକ ଏନଜିଓ ର କର୍ମଚାରୀ ବଣ୍ଟନ କରୁଛନ୍ତି। ତେଣୁ ଏଭଳି ଭୁଲ ହୋଇଥାଇ ପରେ ଓ ଏହାର ଅନୁସନ୍ଧାନ କରି ସମାଧାନ କରିବେ ବୋଲି କହିଥିଲେ।

# ବନବିଭାଗ ତରଫରୁ ପକ୍ଷୀ ଗଣନା



**ବଲାଙ୍ଗିର, ୧୮ ।୧(ସମିସ):** ବଲାଙ୍ଗିର ସହର ଉପକଣ୍ଠସ୍ଥ ଲର୍କିପାଲି ଡ୍ୟାମ୍‌ରେ ବନବିଭାଗ ତରଫରୁ ପକ୍ଷୀ ଗଣନା କାର୍ଯ୍ୟକ୍ରମ କରାଯାଇଛି। ବଲାଙ୍ଗିର ବନଖଣ୍ଡ ଅଧିକାରୀଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ କରାଯାଇଥିବାବେଳେ ଜିଲ୍ଲାର ସମସ୍ତ ରେଞ୍ଜ ଅଧୀନରେ ଥିବା ଜଳାଶୟମାନଙ୍କରେ ପକ୍ଷୀ ଗଣନା କାର୍ଯ୍ୟକ୍ରମ କରାଯାଉଛି। ଶନିବାର ଭୋର ବଲାଙ୍ଗିର ବନଖଣ୍ଡ ଅଧିକାରୀ ଓ କର୍ମଚାରୀ ଲର୍କିପାଲି ଡ୍ୟାମ୍‌ରେ ପହଞ୍ଚିଥିଲେ। ବାହାରୁ ଆସିଥିବା ପକ୍ଷୀଙ୍କୁ ଚିହ୍ନଟ କରି ସେମାନଙ୍କ ତଥ୍ୟ ରଖିଥିଲେ। ପ୍ରତିବର୍ଷ ବଲାଙ୍ଗିର ଜିଲ୍ଲାକୁ ବିଦେଶାଗତ ପକ୍ଷୀଙ୍କ ଆଗମନ ହୁଏ। ତେବେ ଚଳିତ ବର୍ଷ ବିଦେଶାଗତ ପକ୍ଷୀଙ୍କ ଆଗମନ ସଂଖ୍ୟା ବଢ଼ିଥିବା ଆଶା କରାଯାଉଛି। ସମସ୍ତ ରେଞ୍ଜର ରିପୋର୍ଟ ମିଶାଇବା ପରେ ତଥ୍ୟ ଜଣାପଡ଼ିବ ବୋଲି ବନଖଣ୍ଡ ଅଧିକାରୀ ସୂଚନା ଦେଇଛନ୍ତି।

# ଆଖି ଛଳଛଳ କରିଦେଲେ ଜିଲ୍ଲା ସଂସ୍କୃତି ଅଧିକାରୀ



**ଭବାନୀପାଟଣା, ୧୮ ।୧(ସମିସ):** ୨୭ତମ କଳାହାଣ୍ଡି ଉତ୍ସବ 'ଘୁମୁରା-୨୦୨୫' ସଫଳ ଆୟୋଜନ ନେଇ ସବୁଥର ମଧ୍ୟ ଏଥର ଜିଲ୍ଲା ପ୍ରଶାସନ ଅଧିକ ତତ୍ପର ହୋଇ ଉଠିଥିଲା। ଏଥିପାଇଁ ଦାୟିତ୍ୱରେ ଥିବା ଅଧିକାରେମାନେ ଖୁବ୍ ସତର୍କ ଆଉ ସଚେତନ ଥିଲେ। ସେତିକି ମାତ୍ରାରେ କର୍ତ୍ତବ୍ୟନିଷ୍ଠ ମଧ୍ୟ ଥିଲେ। କେତେକ ଅଧିକାରୀ ନିଜକୁ କଳାକାର ସଜେଇ ଦେଇଥିଲେ। ମୋଟାମୋଟି ସମଗ୍ର ଜିଲ୍ଲାବାସୀଙ୍କ ସହ ସରକାରୀ ବାବୁମାନଙ୍କ ମଧ୍ୟରେ ବି ଉତ୍ସାହ ଆଉ ଉଦ୍ଦୀପନା ଭରି ରହିଥିଲା। ୪ ଦିନ ଧରି ସମସ୍ତେ ନିଜକୁ ଉତ୍ସବରେ ହଜେଇ ଦେଇଥିଲେ। ସମସ୍ତଙ୍କ ଭିତରେ ଉତ୍ସବକୁ ନେଇ ଉତ୍କଣ୍ଠା ଆଉ ଆବେଗ ବାରି ହୋଇ ପଡୁଥିଲା। ଉତ୍ସବକୁ ସଫଳ କରିବାକୁ ଦୀର୍ଘ ଦିନ ଧରି ଅଣ୍ଟା ଭିଡ଼ିଥିବା ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ ଶେଷ ଦିନରେ ସମସ୍ତଙ୍କୁ ଭାବନା ରାଇଜ ଭିତରକୁ ଟାଣି ନେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ସତେ ଯେମିତି ସେ 'ଘୁମୁରା'କୁ ବିଦାୟ ଦେବାକୁ ପ୍ରସ୍ତୁତ ହୋଇ ପାରୁ ନ ଥିଲେ। ଧନ୍ୟବାଦ ଦେବାବେଳେ ତାଙ୍କ ଆଖି ଛଳଛଳ ହୋଇ ପଡ଼ିଥିଲା। ତାଙ୍କ ଭାବାବେଗକୁ ନେଇ ଯେତିକି ଦର୍ଶକ ଉତ୍ସବ ପଡ଼ିଆରେ କରତାଳି ଦେଉଥିଲେ ସେତିକି ଦର୍ଶକଙ୍କ ଆଖି ଅଧିରୁ ଅଧିକ ଓଦା ହୋଇ ଯାଉଥିଲା। ଲାଇଟ୍ ବନ୍ଦ ହୋଇଥିଲା ଆଉ ସେ ମଞ୍ଚରୁ ଓହ୍ଲାଇଥିଲେ। ଏହାପରେ କେତେକ ଦର୍ଶକ ନିଜକୁ ଆୟତ୍ତରେ ରଖି ନ ପାରି ତାଙ୍କ ପାଖରୁ ଯାଇଥିଲେ। ଧନ୍ୟବାଦ ଜଣାଇବା ସହ ଏହି ଉତ୍ସବ ପ୍ରତି ତାଙ୍କ ଆନ୍ତରିକତାକୁ ନେଇ କୃତଜ୍ଞତା ଜଣାଇଥିଲେ। କେତେକଙ୍କ ମୁହଁରେ ଗୋଟିଏ କଥା ଶୁଣିବାକୁ ମିଳିଥିଲା ସତରେ ଆଜି ବି କ'ଣ ଏମିତି ସରକାରୀ ଅଧିକାରୀ ଅଛନ୍ତି?

# ଉତ୍କଳ ଆଲୁମିନା ଦ୍ୱାରା 'ପ୍ରୋଜେକ୍ଟ ହରିୟାଲୀ'

**ଭବାନୀପାଟଣା, ୧୮।୧(ସମିସ):** ଆଜି ସାରା ଦେଶ ତଥା ବିଦେଶରେ ମିଲେଟ ଜାତୀୟ ଖାଦ୍ୟଶସ୍ୟ ଉପରେ ଗୁରୁତ୍ୱ ଦିଆଯାଉଛି। ଏଥିପାଇଁ ମିଲେଟ ମିଶନ ଆରମ୍ଭ ହୋଇଛି। କଳାହାଣ୍ଡି-ରାୟଗଡ଼ା ଆଦିବାସୀ ଓ ଅନୁସୂଚିତ ଜାତିର ଲୋକଙ୍କ ପାରମ୍ପରିକ ଖାଦ୍ୟ ମାଣ୍ଡିଆ, ଗୁର୍ଜି, କୋଦୋ, କାଙ୍ଗୁ, କୋଶଲା ଆଦିକୁ ବିଭିନ୍ନ ସୁସ୍ୱାଦୁ ଖାଦ୍ୟଦ୍ରବ୍ୟରେ ପରିଣତ କରି ଗରିବଙ୍କ ଥାଳିରୁ ଧନୀଙ୍କ ଡାଇନିଂ ଟେବୁଲ ଯାଏଁ ପହଞ୍ଚାଇବା ପାଇଁ ଅନେକ ସ୍ୱେଚ୍ଛାସେବୀ ଓ ସାମାଜିକ ସଂଗଠନ କାର୍ଯ୍ୟ କରୁଛନ୍ତି। ଏ ଦିଗରେ ରାୟଗଡ଼ା ଜିଲ୍ଲା ଟିକିରିସ୍ଥିତ ଉତ୍କଳ ଆଲୁମିନା ଇଣ୍ଟର ନ୍ୟାସନାଲ ଲିମିଟେଡ ସିଏସଆର ବିଭାଗ ଆନୁକୂଲ୍ୟରେ ପ୍ରୋଜେକ୍ଟ ହରିୟାଲି କାର୍ଯ୍ୟକାରୀ ସଂସ୍ଥା ଆଞ୍ଚଳିକ ସମୃଦ୍ଧି ସାଧନ ଅନୁଷ୍ଠାନ ଦ୍ୱାରା ପରିଚାଳିତ ବିଲାମାଲର ଅଜିତାଇ ଫାର୍ମର ପ୍ରଡ୍ୟୁସର କମ୍ପାନୀ ଲିମିଟେଡ଼ ଦ୍ୱାରା ଏସବୁର ପ୍ରସ୍ତୁତି ଓ ବିକ୍ରିବଟା ଦାୟିତ୍ୱ ହାତକୁ ନିଆଯାଇଛି। ୪ ଦିନ ଧରି ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ଚାଲିଥିବା ୨୭ତମ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୫ ଅବସରରେ ଉଭୟ ସଂସ୍ଥା ଦ୍ୱାରା ନିର୍ମିତ ଷ୍ଟଲରେ ମିଲେଟ ପ୍ରସ୍ତୁତ ସାମଗ୍ରୀ କିଣିବାକୁ ବିଳମ୍ବିତ ରାତିଯାଏଁ ଭିଡ଼ ପରିଲକ୍ଷିତ ହୋଇଥିଲା। ଅନୁଷ୍ଠାନର ସମ୍ପାଦକ ସଞ୍ଜୀବ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ପ୍ରକଳ୍ପ ପରିଦର୍ଶକ ସମୀର ପଟ୍ଟନାୟକ, ପ୍ରକାଶ ଉପାଧ୍ୟାୟ ଓ ଯୁଗେଶ୍ୱର ଧରୁଆ ଷ୍ଟଲ ପରିଚାଳନା ଦାୟିତ୍ୱରେ ନିୟୋଜିତ ଥିଲେ।

# ଆଇନ ଛାତ୍ରଛାତ୍ରୀଙ୍କ ଦାବି ଶୁଣିଲେ ଉଚ୍ଚ ଶିକ୍ଷାମନ୍ତ୍ରୀ



**ଭବାନୀପାଟଣା, ୧୮ ।୧ (ସମିସ):** କଳାହାଣ୍ଡି ଆଇନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ଏହି ମହାବିଦ୍ୟାଳୟରେ ଇଣ୍ଟିଗ୍ରେଟେଡ ଆଇନ ଶିକ୍ଷା, ସ୍ନାତକୋତର ଆଇନ ଶିକ୍ଷା ପାଇଁ ଅନୁମତି ଓ ଭିତ୍ତିଭୂମି ନିର୍ମାଣ, ଏକ ଇ-ଲାଇବ୍ରେରୀ ସ୍ଥାପନ, ମହାବିଦ୍ୟାଳୟର ଚାରିକଡେ ପାଚେରୀ ନିର୍ମାଣ ସହିତ ମହାବିଦ୍ୟାଳୟ ପରିସରରେ ସୌନ୍ଦର୍ଯ୍ୟକରଣ ପାଇଁ ଦାବି କରାଯାଇଛି। ମନ୍ତ୍ରୀ ଛାତ୍ରଛାତ୍ରୀଙ୍କ ଦାବି ଧ୍ୟାନର ସହ ଶୁଣିବା ସହ ମହାବିଦ୍ୟାଳୟର ଉନ୍ନତି ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସବୁ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ରାଜ୍ୟସଭା ସାଂସଦ ସୁଜିତ କୁମାର, ଲୋକସଭା ସାଂସଦ ମାଳବିକା ଦେବୀ ମଧ୍ୟ ମହାବିଦ୍ୟାଳୟର ଉନ୍ନତି ଦିଗରେ ସହାୟତାର ହାତ ବଢ଼ାଇବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ମନ୍ତ୍ରୀଙ୍କ ସହିତ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ ଓ ଅନ୍ୟମାନେ ସାମିଲ ଥିଲେ। ଛାତ୍ରଛାତ୍ରୀଙ୍କ ତରଫରୁ ଶେଷବର୍ଷର ଆଇନ ଛାତ୍ର ରାଜୀବ ଲୋଚନ ଶତପଥୀ, ସୁଶୀଲ ବାଗଙ୍କ ନେତୃତ୍ୱରେ ରାଜେଶ ପାଣିଗ୍ରାହୀ, ପ୍ରବୀଣ, ଚନ୍ଦ୍ରାଂଶୁ ମିଶ୍ର, ଶିବାଶିଷ ପଟେଲ, ଆଶିଷରଞ୍ଜନ ମୁଣ୍ଡ, ସ୍ୱପ୍ନିଳା ମହାପାତ୍ର, ବରଖା ଅଗ୍ରୱାଲ, କିରଣ ମଙ୍ଗରାଜ, ଦୀନେଶ ନାଗ, ସନ୍ତୋଷ କୁମାର, ସୁନୀଲ ନାଏକଙ୍କ ସମେତ ୫୦ରୁ ଅଧିକ ଛାତ୍ରଛାତ୍ରୀ ମନ୍ତ୍ରୀଙ୍କୁ ସାକ୍ଷାତ କରି ଦାବିପତ୍ର ଦେବା ସହିତ ଆଲୋଚନା କରିଥିଲେ।

## ପୁଲିସ ଓ ଅବକାରୀ ବିଭାଗ ପକ୍ଷରୁ ଗଞ୍ଜେଇ ଚାଷ ନଷ୍ଟ

**ଶଗଡ଼ା, ୧୮ ।୧ (ସମିସ):** କଣ୍ଟାମାଳ ଥାନା ଲମ୍ବ୍ରିସରୀ ପଞ୍ଚାୟତର ଲାଖପର୍ବତ ନିକଟ ଜଙ୍ଗଲରେ ବେଆଇନ ଭାବେ ଚାଷ ହୋଇଥିବା ୪୧ ଏକର ଜଙ୍ଗଲ ଜମିରୁ ୬୧ ହଜାର ୫ଶହ ଗଞ୍ଜେଇ ଗଛ କାଟି ପୋଡି ନଷ୍ଟ କରାଯାଇଛି। କୌଣସି ସୂତ୍ରରୁ ଖବର ପାଇ କଣ୍ଟାମାଳ ଅବକାରୀ, କଣ୍ଟାମାଳ ପୁଲିସ, ମନମୁଣ୍ଡା ଅବକାରୀ ଓ ବନ ବିଭାଗର ଏକ ଟିମ୍ ମିଳିତ ଭାବେ ଚଢ଼ଉ କରିଥିଲା।

# ତାମିଲନାଡୁରେ ପୁଅର ଶବ, ଏସ୍‌ପିଙ୍କୁ ଗୁହାରି କଲେ ମା'

**ବଲାଙ୍ଗିର, ୧୮।୧(ସମିସ):** ବଲାଙ୍ଗିର ସହର ଉପକଣ୍ଠସ୍ଥ ବିଜାଖମନର ୨୧ ବର୍ଷିୟ ଯୁବକ ଝସକେତନ ମାଝୀ ତାମିଲନାଡୁକୁ ଦାଦନ ଖଟିବାକୁ ଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଦାଦନର ପୁଅର ଶବ ଆଣିବାକୁ ପରିବାର ଲୋକଙ୍କ ପାଖରେ ଆବଶ୍ୟକ ସମ୍ବଳ ନାହିଁ। ତେଣୁକରି ମୃତ ଝସକେତନ ମାଝୀଙ୍କ ମା' ଶନିବାର ଏସପିଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ। ଏସପିଙ୍କୁ ଭେଟି ପୁଅର ଶବକୁ ଫେରାଇ ଆଣିବାକୁ ନିବେଦନ କରିବେ ବୋଲି କହିଥିଲେ।

## ଶେଷହେଲା ନବୋଦୟ ପ୍ରବେଶିକା ପରୀକ୍ଷା

# ୩ କେନ୍ଦ୍ରରେ ପରୀକ୍ଷା ଦେଲେ ୪୮୧ ଛାତ୍ରଛାତ୍ରୀ

**ଶଗଡ଼ା, ୧୮ ।୧(ସମିସ):** କଣ୍ଟାମାଳ ବ୍ଲକର ଘଣ୍ଟାପଡ଼ା, କଣ୍ଟାମାଳ ଓ ପଲସାଗୋରା ପ୍ରମୁଖ ତିନୋଟି ବିଦ୍ୟାଳୟରେ ନବୋଦୟ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଛି। ଏହି ପରୀକ୍ଷାରେ ସ୍ୱଚ୍ଛତା ଆଣିବାକୁ ପରୀକ୍ଷା କେନ୍ଦ୍ରଗୁଡ଼ିକରେ ସିସିଟିଭି କ୍ୟାମେରା ସହ ସ୍ଥାନୀୟ ପୁଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରା ଯାଇଥିଲା। କଣ୍ଟାମାଳ କେନ୍ଦ୍ରରେ ୧୧୪ଜଣ ପରୀକ୍ଷାର୍ଥୀ ମଧ୍ୟରୁ ୧୦୭ ଜଣ, ଘଣ୍ଟାପଡ଼ା କେନ୍ଦ୍ରରେ ୧୪୪ ଜଣ ପରୀକ୍ଷାର୍ଥୀ ମଧ୍ୟରୁ ୧୩୬ ଜଣ ଓ ପଲସା ଗୋରା କେନ୍ଦ୍ରରେ ୨୬୪ ଜଣ ପରୀକ୍ଷାର୍ଥୀ ମଧ୍ୟରୁ ୨୩୮ ଜଣ ପରୀକ୍ଷା ଦେଇଥିଲେ। ସମୁଦାୟ ୫୨୨ ଜଣ ପରୀକ୍ଷାର୍ଥୀ ଫର୍ମ ପୂରଣ କରିଥିଲେ। ୩ଟି କେନ୍ଦ୍ରରେ ୪୮୧ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ୪୧ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ। ପରୀକ୍ଷା ନିୟନ୍ତ୍ରଣ କରିବାକୁ ମୋବାଇଲ ସ୍କ୍ୱାଡ୍ ଟିମ ନିୟୋଜିତ ଥିଲେ। କଣ୍ଟାମାଳ ବ୍ଲକର ୩ଟି ପରୀକ୍ଷା କେନ୍ଦ୍ରରେ ଜିଲ୍ଲାସ୍ତରୀୟ ୩ ପ୍ରଧାନ ଶିକ୍ଷକଙ୍କୁ କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ଭାବରେ ନିଯୁକ୍ତି ଦିଆ ଯାଇଥିଲା। ନବୋଦୟ ବିଦ୍ୟାଳୟର ୩ ଜଣ ଶିକ୍ଷକଙ୍କୁ ପର୍ଯ୍ୟବେକ୍ଷକ ଭାବରେ ନିଯୁକ୍ତି ଦିଆ ଯାଇଥିଲା। ନବୋଦୟ ବିଦ୍ୟାଳୟର ପ୍ରିନ୍ସିପାଲ ଜିଲ୍ଲାର ସମସ୍ତ କେନ୍ଦ୍ର ପରିଦର୍ଶନ କରିଥିଲେ।

# ଉପଖଣ୍ଡସ୍ତରୀୟ ମା' ଘଣ୍ଟାଶୁଣି ଲୋକ ଉତ୍ସବ



**ଟିଟିଲାଗଡ଼, ୧୮ ।୧(ସମିସ):** ବଲାଙ୍ଗିର ଜିଲ୍ଲା ଅଧୀନ ଟିଟିଲାଗଡ଼ ଉପଖଣ୍ଡସ୍ତରୀୟ ମା' ଘଣ୍ଟାସୁଣି ଲୋକଉତ୍ସବ ସ୍ଥାନୀୟ ଟିଟିଲାଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଅନୁଷ୍ଠିତ ହୋଇଛି। ଏହି ଲୋକଉତ୍ସବ ପାଞ୍ଚଟି ବ୍ଲକକୁ ନେଇ ଅୟୋଜିତ କରାଯାଇଥିବାବେଳେ ବ୍ଲକସ୍ତରୀୟ ସବୁ ଶ୍ରେଣୀର କଳାକାରମାନେ ଅଂଶ ଗ୍ରହଣ କରିଥିଲେ। ସେହି କଳାକାର ମାନେ ଉପଖଣ୍ଡସ୍ତରୀୟ ମାଁ ଘଣ୍ଟାସୁଣି ଲୋକଉତ୍ସବରେ ତାଙ୍କର କଳା ପ୍ରଦର୍ଶନ କରିଥିଲେ। ଲୋକଗୀତ, ନୃତ୍ୟ, ଆଦିବାସୀ ବାଦ୍ୟ, ଆଦିବାସୀ ନୃତ୍ୟ, ନାଟକ, ଘୁମୁରା, ଖଞ୍ଜଣି ଓ ଅନ୍ୟାନ୍ୟ ବିଭିନ୍ନ କଳା ପ୍ରଦର୍ଶନ କରାଯାଇଥିଲା। ଏଥିରେ ଯେଉଁ କଳାକାର ମାନେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିଲେ ସେହି କଳାକାରମାନଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇ ଥିଲା। ଉପଖଣ୍ଡସ୍ତରୀୟ ଲୋକଉତ୍ସବରେ ପ୍ରଥମ ସ୍ଥାନ ଅଧିକାର କରିଥିବା କଳାକାରମାନେ ଜିଲ୍ଲାସ୍ତରୀୟ ଲୋକଉତ୍ସବରେରେ ଭାଗନେଇ ପାରିବେ। ଏହି ଉପଖଣ୍ଡସ୍ତରୀୟ ମାଁ ଘଣ୍ଟାସୁଣି ଲୋକଉତ୍ସବରେ ମୁଖ୍ୟ ଅତିଥି ଲକ୍ଷ୍ମଣ ବାଗ, ସମ୍ମାନିତ ଅତିଥି ନବୀନ କୁମାର ଜୈନ, ମୁଖ୍ୟବକ୍ତା ଶିବ ପ୍ରସାଦ ବେହେରା, ରେହାନ ଖତ୍ରି, ସନଦୀପ କୁମାର ଚନ୍ଦ୍ରକାର, ରାଜେନ୍ଦ୍ର ମାଝୀ, ଚନ୍ଦ୍ରମଣୀ ନାଗ, ମମତା ଦେବୀ ଜୈନ, ସଂଯୁକ୍ତା ନାଏକ, ଗୀତା ବିଷି, ସଞ୍ଜୟ ବେହେରା ମଞ୍ଚାସିନ ଥିଲେ। ମଞ୍ଚ ପରିଚାଳନା କରିଥିଲେ କବି ଟିକେଲାଲ ବେହେରା ଓ ଶୁନିଲ କୁମାର ପୋଡ଼।

# ଗୀତ ଗାଇଲେ ଅତିରିକ୍ତ ଏସ୍‌ପି

**ଭବାନୀପାଟଣା, ୧୮ ।୧(ସମିସ):** ୨୭ତମ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୫ ଶେଷ ହୋଇଛି। ତେବେ ଏଥର ସରକାରୀ ଅଧିକାରୀମାନେ ଲୋକଙ୍କ ମନ ଜିଣିଛନ୍ତି।



ଭବାନୀପାଟଣା ଉପ ଜିଲ୍ଲାପାଳ ସୁଶ୍ରୀ ମମତା ଦାସ ଢେମସା ନାଚି ଲୋକଙ୍କ ମନ ଜିଣଇଛନ୍ତି। ସେହିଭଳି ତହସିଲଦାର ଶୁଭସ୍ମିତା ମିଶ୍ର ଓଡ଼ିଶୀ ନାଚିଥିଲେ। ଅନ୍ୟପକ୍ଷେ ଆଉଜଣେ ଅଧିକାରୀ ହେଲେ ଅତିରିକ୍ତ ଏସ୍‌ପି ଆନନ୍ଦ ବର୍ଦ୍ଧନ ଗୁରୁ। ସେ ମଧ୍ୟ ଏତର ମଞ୍ଚରେ ଗୀତ ଗାଇ ଦର୍ଶକଙ୍କ ମନ ଛୁଇଁଥିଲେ। ପୁଲିସ ଚାକିରି ଭଳି ଏକ କଠିନ ସେବା ଭିତରେ ରହି ମଧ୍ୟ ସେ ଗୀତ ପ୍ରତି ଆସକ୍ତ ଥିବା ଉତ୍ସବ ସ୍ଥଳରେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା।

# ମୁରିବାହାଲ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ମୁରିବାହାଲ, ୧୮ ।୧(ସମିସ):** ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ସିରୋଲଠାରେ ବାର୍ଷିକଉତ୍ସବ ପାଳିତ ହୋଇଛି। ପ୍ରଧାନଶିକ୍ଷକ ବିଜୟ କୁମାର ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଖୋଲାନ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ପ୍ରଭାତରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ବରିଷ୍ଠ ଶିକ୍ଷକ ଶ୍ୟାମ ସୁନ୍ଦର ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ। ଦଶମଶ୍ରେଣୀ ଛାତ୍ର ରାକେଶ ନାଗକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଲିଲୁ ମୋହନ ପ୍ରଧାନ ସଂଯୋଜନା କରିଥିବା ବେଳେ ଭରତ ଭୂଷଣ ମାଝୀ, ମୋହନ ପ୍ରଧାନୀ, ରୋହିତ ନାଗ, ମୋତିରାମ ମାଝୀ, ବିନୋଦ କୁମାର ବାରିକ, ଶୁଭ୍ରାଂଶୁ ତାଣ୍ଡି, ଜଗଦୀଶ ସୁନା, ଆଶିଷ କୁମାର ତ୍ରିପାଠୀ, ସୋମେଶ ବହିଦାର, ଉତ୍ତମ ରଣା, ଆନନ୍ଦିନୀ ଥନାପତି, ଅନୁପ୍ରିୟା ତାଣ୍ଡି, ସରସ୍ୱତୀ ହୋତା, ଅର୍ପିତା ପ୍ରିୟଦର୍ଶିନୀ ମିଶ୍ର, ଭୁଜମତି ଶବର, ଝୁନୁରାଣୀ ନନ୍ଦ, ଗାୟତ୍ରୀ ତାଣ୍ଡି, ଶୁଭଶ୍ରୀ ପ୍ରିୟଦର୍ଶିନୀ, କୁସୁମ ନାଏକ, ସୁଶାନ୍ତ ନାଏକ ପ୍ରମୁଖ ସହଯୋଗ କରିଥିଲେ।

# କର୍କଟ ରୋଗ ନିରୂପଣ ଶିବିର



**ଟିଟିଲାଗଡ଼, ୧୮ ।୧(ସମିସ):** କେନ୍ଦ୍ର ସରକାରଙ୍କ ଯୋଜନାରେ ରାଜ୍ୟ ସରକାର ଏବଂ ରାଜସ୍ଥାନୀ ଫାଉଣ୍ଡେସନ ପକ୍ଷରୁ ପରିଚାଳିତ ସହରାଞ୍ଚଳ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରଠାରେ ରାମକୃଷ୍ଣ କେୟାର ହସପିଟାଲ ରାୟପୁର ପକ୍ଷରୁ ଦୁଇ ଦିନିଆ କର୍କଟ ରୋଗ ନିରୂପଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଟିଟିଲାଗଡ଼ ବିଧାୟକ ନବୀନ ଜୈନ ମୁଖ୍ୟଅତିଥି ତଥା ପୌରାଧ୍ୟକ୍ଷା ମମତା ଜୈନ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ କେୟାର ହସପିଟାଲ ଅଧିକାରୀ ସୁକୁମାର ଦାଶ, ରାଜସ୍ଥାନୀ ଫାଉଣ୍ଡେସନର ଅଧ୍ୟକ୍ଷ ଜଗଦିଶ ଶର୍ମା, ଉପଦେଷ୍ଟା ବିନୋଦ ମରୋଡିଆ, ରୋଟାରି କ୍ଲବ୍ ସଦସ୍ୟ ସିଏ ଆନନ୍ଦ ଜୈନ, ସତ୍ୟନାରାୟଣ ଗୁପ୍ତା, ବିଜେପି ନେତା ବିଜୟ ମେହେର, ସଞ୍ଜୟ ବେହେରା, ନରେଶ ରାଜପାଲିଆ, ଆରୋଗ୍ୟ କେନ୍ଦ୍ରର ସ୍ୱାସ୍ଥ୍ୟ ଅଧିକାରୀ ଡା. ବରିନ ମଣ୍ଡଳ, ମାଁ ମାଟି ମହିଳା ସେବା ସମିତି ଅଧ୍ୟକ୍ଷା ଲକ୍ଷ୍ମୀ ବଗର୍ତ୍ତୀ, ସମ୍ପାଦିକା ଜୟନ୍ତୀ ପ୍ରଧାନ, ରୋସନି ମେହେର ପ୍ରମୁଖ ସାମିଲ ହୋଇଥିଲେ। ଏହି ଅବସରରେ ବିଧାୟକ ଶ୍ରୀ ଜୈନ ଅସହାୟ ରୋଗୀଙ୍କୁ ଶୀତବସ୍ତ୍ର ବଣ୍ଟନ କରିଥିଲେ।

## କଳାହାଣ୍ଡି ଆଇନ ମହାବିଦ୍ୟାଳୟରେ ଆଇନ ସଚେତନତା ଶିବିର

# 'କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କ ସୁରକ୍ଷା ବଡ଼ ଆହ୍ୱାନ'

**ଭବାନୀପାଟଣା, ୧୮ ।୧ (ସମିସ)**

କଳାହାଣ୍ଡି ଆଇନ ମହାବିଦ୍ୟାଳୟରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଆଜି ଆଧୁନିକ ସମାଜ ସହ ତାଳଦେଇ ବିଭିନ୍ନ ସରକାରୀ, ବେସରକାରୀ ଓ କର୍ପୋରେଟ୍ ହାଉସ୍‌ରେ ପୁରୁଷଙ୍କ ଭଳି ମହିଳାଙ୍କ ନିଯୁକ୍ତି

> **ଆଇନ ସମ୍ପର୍କିତ ସଚେତନତା ଆଣିବ ବୈପ୍ଳବିକ ପରିବର୍ତ୍ତନ**

ସୁଯୋଗ ବୃଦ୍ଧି ପାଉଛି। ତେବେ ଅନେକ ସମୟରେ କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କ ଉପରେ ଅପରାଧ ଓ ହିଂସା ବଢ଼ୁଛି। ଏଥିପାଇଁ ଦେଶର ନ୍ୟାୟ ବ୍ୟବସ୍ଥା ଦ୍ୱାରା କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କୁ ଯୌନ ଉତ୍ପୀଡନରୁ ସୁରକ୍ଷା ଲାଗି ଆଇନ୍ କାର୍ଯ୍ୟକାରୀ ହେଉଛି। ତେବେ ସାଧାରଣତଃ ସଚେତନତାର



ଅଭାବ ଯୋଗୁଁ ମହିଳାମାନେ ଅଭିଯୋଗ କରୁ ନାହାନ୍ତି। ଏଥିପାଇଁ ବ୍ୟାପକ ସଚେତନତାର ଆବଶ୍ୟକତା ରହିଛି। ଆଇନ ବିଭାଗର ଛାତ୍ରଛାତ୍ରୀ ଏ ସମ୍ପର୍କରେ ନିଜେ ସଚେତନ ହେବା ସହିତ ନିଜ ଆଖପାଖର ଅନ୍ୟମାନଙ୍କୁ ସଚେତନ କରିବା ଆବଶ୍ୟକ। କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କ ସୁରକ୍ଷା ଆଜି ଗୁରୁତ୍ୱପୂର୍ଣ୍ଣ। ଏ ନେଇ ଥିବା ଆଇନ ସମ୍ପର୍କରେ ବ୍ୟାପକ ସଚେତନତା ଆବଶ୍ୟକ ବୋଲି ଏଥିରେ କୁହାଯାଇଛି। ଜିଲ୍ଲା ଦୌରାଜଜ ଅନୁପରଞ୍ଜନ ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ଭିଜିଲାନ୍ସ ବିଚାରପତି ବଦ୍ରି ନାରାୟଣ ନନ୍ଦ, ଅତିରିକ୍ତ ଦୌରା ଜଜ (ପକ୍‌ସୋ) ସ୍ମୃତିଲେଖା ବାରିକ, ଅତିରିକ୍ତ ଜିଲ୍ଲା ଜଜ୍ ରାଜୀବ ଲୋଚନ ସାହୁ, ବିଚାରପତି ରଶ୍ମୀରେଖା ପାତ୍ର, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୁମିତ୍ରା ବିଶ୍ୱାଳ, ଅତିରିକ୍ତ ଦେୱାନୀ ଜଜ୍ (କନିଷ୍ଠ ଶାଖା) ଅର୍ଚ୍ଚନା ମଲ୍ଲିକ, ମହାବିଦ୍ୟାଳୟର ଅଧ୍ୟକ୍ଷ ସୁନୀଲ ମୁଣ୍ଡ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ ଶୁଭଗୌତମ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ। ଆଇନ ମହାବିଦ୍ୟାଳୟର ବିଶ୍ୱଜିତ କର, ସତ୍ୟେନ ଚୌଧୁରୀ, ଦୀପ୍ତିରାଣୀ ପଟ୍ଟନାୟକ, ହରିଶ ବେହେରା, ଅବିନାଶ ପୁରୋହିତ, ନରେନ୍ଦ୍ର ମାହାରଙ୍କ ସମେତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

**एनटीपीसी NTPC ଏନ ଟି ପି ସି ଲିମିଟେଡ**
(ଭାରତ ସରକାରଙ୍କ ଉଦ୍ୟମ)

**ନୋଟିସ୍**

ପଞ୍ଜିକୃତ କାର୍ଯ୍ୟାଳୟ ଠିକଣା: ଏନଟିପିସି ଭବନ, କୋର-୭, ସ୍କୋପ କମ୍ପ୍ଲେକ୍ସ, ୭-ଇନଷ୍ଟିଚ୍ୟୁସନାଲ ଏରିଆ, ଲୋଧି ରୋଡ, ନୂଆ ଦିଲ୍ଲୀ - ୧୧୦୦୦୩
କରପୋରେଟ୍ ପରିଚୟ ନଂ- L40101DL1975GOI007966

ଉପରୋକ୍ତ ନାମିତ ଆବେଦନକାରୀ ତା.୦୧.୦୪.୨୦୨୪ରିଖରୁ ୩୧.୦୩.୨୦୨୯ ପର୍ଯ୍ୟନ୍ତ ମୁଜାଫରପୁର ଥର୍ମାଲ ପାୱାର ଷ୍ଟେସନ, ଷ୍ଟେଜ-୨ (୨X୧୯୫ ମେଗାୱାଟ)ର ଟାରିଫ ନିର୍ଦ୍ଧାରଣ ପାଇଁ କେନ୍ଦ୍ରୀୟ ବିଦ୍ୟୁତ ନିୟାମକ ଆୟୋଗ (ସିଇଆରସି), ନୂଆ ଦିଲ୍ଲୀଙ୍କ ସମ୍ମୁଖରେ ଆବେଦନ କରିଅଛନ୍ତି।

୧) ଉତ୍ପାଦକ ଷ୍ଟେସନର ଲାଭାର୍ଥୀ:
କ) ବିହାର ରାଜ୍ୟ ପାୱାର ହୋଲ୍ଡିଂ କମ୍ପାନୀ ଲିମିଟେଡ୍ (ବିଏସପିଏଚସିଏଲ), ବିଦ୍ୟୁତ ଭବନ, ବେଲି ରୋଡ୍, ପାଟନା- ୮୦୦୦୨୧
ଖ) ନର୍ଥ ବିହାର ପାୱାର ଡିଷ୍ଟ୍ରିବ୍ୟୁସନ କମ୍ପାନୀ ଲିମିଟେଡ, ପ୍ରଥମ ତଳ, ବିଦ୍ୟୁତ ଭବନ, ବେଲି ରୋଡ୍, ପାଟନା-୮୦୦୦୨୧
ଗ) ସାଉଥ୍ ବିହାର ପାୱାର ଡିଷ୍ଟ୍ରିବ୍ୟୁସନ କମ୍ପାନୀ ଲିମିଟେଡ, ପ୍ରଥମ ତଳ, ବିଦ୍ୟୁତ ଭବନ, ବେଲି ରୋଡ୍, ପାଟନା-୮୦୦୦୨୧
ଘ) ଝାଡ଼ଖଣ୍ଡ ବିଜୁଳୀ ବିତରଣ ନିଗମ ଲିମିଟେଡ, ଇଞ୍ଜିନିୟରିଂ ବିଲ୍ଡିଂ, ଏଚଇସି ଟାଉନସିପ, ଧୁର୍ଵା, ରାଞ୍ଚି - ୮୩୪୦୦୪
ଙ) ଗ୍ରିଡକୋ ଲିମିଟେଡ, ଜନପଥ, ଭୁବନେଶ୍ୱର - ୭୫୧୦୨୨
ଚ) ପଶ୍ଚିମବଙ୍ଗ ରାଜ୍ୟ ବିଦ୍ୟୁତ ବିତରଣ କମ୍ପାନୀ ଲିମିଟେଡ, ବିଦ୍ୟୁତ ଭବନ, ବିଧାନ ନଗର, ସଲ୍ଟ ଲେକ୍ ସିଟି, କୋଲକାତା - ୭୦୦୦୯୧
ଛ) ବିଜୁଳୀ ବିଭାଗ, ସିକ୍କିମ ସରକାର, କାଜି ରୋଡ, ଗାଙ୍ଗଟକ, ସିକିମ-୭୩୭୧୦୧
ଜ) ଦାମୋଦର ଭ୍ୟାଲି କର୍ପୋରେସନ (ଡିଭିସି), ଡିଭିସି ଟାୱାର୍ସ, କୋଲକାତା, ପଶ୍ଚିମବଙ୍ଗ- ୭୦୦୦୫୪
୨. ଷ୍ଟେସନର ଉତ୍ପାଦନ କ୍ଷମତା : ୩୯୦ ମେଗାୱାଟ
୩. ପରିଯୋଜନାର ଅନୁମୋଦିତ ପୁଞ୍ଜି ମୂଲ୍ୟ: ଟ.୩୮୦୩.୨୨ କୋଟି
୪. ପ୍ରାଧିକରଣ ଯାହାର ପୁଞ୍ଜି ମୂଲ୍ୟକୁ ଅନୁମୋଦିତ କରନ୍ତି : ସିଇଆରସି
୫. ବାଣିଜ୍ୟିକ ପ୍ରଚାଳନର ନିର୍ଦ୍ଧାରିତ ତିଥି: ପ୍ରଯୁଜ୍ୟ ନୁହେଁ
୬. ଷ୍ଟେସନର ବାଣିଜ୍ୟିକ ପ୍ରଚାଳନର ବାସ୍ତବିକ ତିଥି: ୦୧.୦୭.୨୦୧୭
୭. ଷ୍ଟେସନର ବାଣିଜ୍ୟିକ ପ୍ରଚାଳନର ତିଥିର ପୁଞ୍ଜି ମୂଲ୍ୟ: ପ୍ରଯୁଜ୍ୟ ନୁହେଁ
୮. ଟାରିଫର ବିବରଣୀ:

| ବିବରଣୀ | ପୂର୍ବ ବର୍ଷ ପାଇଁ ଟାରିଫ | ବର୍ଷ ଅନୁଯାୟୀ ଟାରିଫ ନିର୍ଦ୍ଧାରଣ କରାଯାଇଅଛି | | | | |
|---|---|---|---|---|---|---|
| | | 2024-25 | 2025-26 | 2026-27 | 2027-28 | 2028-29 |
| ୧. କ୍ଷମତା ପ୍ରଭାର (ଟ.ଲକ୍ଷ/ବର୍ଷ) | 72758.24 | 72435.16 | 73748.57 | 75948.20 | 78159.62 | 80910.38 |
| ୨. ଉର୍ଜା ପ୍ରଭାର (ଟ./ ପ୍ରତି ୟୁନିଟ୍) | 2.948 | 3.001 | | | | |

ମାନନୀୟ ସିଇଆରସିଙ୍କ ସମ୍ମୁଖରେ ଦାଖଲ ମୁଜାଫରପୁର ଥର୍ମାଲ ପାୱାର ଷ୍ଟେସନ, ଷ୍ଟେଜ-୨ (୨X୧୯୫ ମେଗାୱାଟ) ପାଇଁ ୨୦୧୯-୨୪ ଅବଧି ହେତୁ ଟାରିଫର ଟ୍ରୁ-ଅପ ନିମନ୍ତେ ଦାୟର ଯାଚିକା ଅନୁଯାୟୀ।
୯. ଟାରିଫର ନିର୍ଦ୍ଧାରଣ ହେତୁ ଦାଖଲ ଆବେଦନ ର ଏକ କପି ଏନଟିପିସିର ୱେବସାଇଟ www.ntpc.co.in ରେ ଟ୍ୟାବ 'ନୋଟିସ୍'ର ଅନ୍ତର୍ଗତ ପ୍ରକାଶିତ ହୋଇଅଛି।
୧୦. ପିଟିସନର ଅନ୍ତର୍ଗତ ଟାରିଫ ନିର୍ଦ୍ଧାରଣ ହେତୁ ପ୍ରସ୍ତାବରେ ଲାଭାର୍ଥୀ ସହିତ କୌଣସି ବ୍ୟକ୍ତି ଦ୍ୱାରା ପ୍ରସ୍ତାବ କିମ୍ବା ଅଭିଯୋଗ, ଯଦି ଥାଏ ତେବେ ସେହି ନୋଟିସ୍ ପ୍ରକାଶନର ୩୦ ଦିନ ଭିତରେ ଯାଚିକାକର୍ତ୍ତାଙ୍କୁ ଏହାର ଏକ ନକଲ ସହିତ ଆୟୋଗର ଇ-ଫାଇଲିଂ ପୋର୍ଟାଲ ମାଧ୍ୟମରେ ପ୍ରସ୍ତୁତ କରାଯାଇପାରିବ।

ସ୍ଥାନ: ନୋଏଡା (ଉ.ପ୍ର.) (ପ୍ରଶାନ୍ତ ଚତୁର୍ବେଦୀ)
ତାରିଖ: ୦୩.୧୨.୨୦୨୪ ଅତିରିକ୍ତ ମହାପ୍ରବନ୍ଧକ (ବାଣିଜ୍ୟିକ)

ବିଦ୍ୟୁତ କ୍ଷେତ୍ରରେ ଅଗ୍ରଣୀ





ଡକ୍ଟର ଦ୍ୱିତୀ ଚନ୍ଦ୍ର ସାହୁ

# ପାଣ୍ଡୁଗୁର ଖୁସି

"କିସରେ ଲାକିଆ ପାଣ୍ଡୁଗୁ (ସଂକ୍ରାନ୍ତି) ପାଇଁ ସଜବାଜ କେମିତି ! ଏଥର ଟିକେ ପାଗ ଭଲ ଅଛି । ଏ ବର୍ଷ ସଂକ୍ରାନ୍ତିଟା ସଂକ୍ରାନ୍ତି ଭଳି ଲାଗିବ ।"

"କାରାକ୍ଟ କଥା ମାତ୍ର ବୋଇଲୁ । ଦି ବର୍ଷ ଯୋଉ ବାଧା । ମାଫୁ ଦୟାରୁ ଏ ବର୍ଷ ସିନ୍ତି ନାହିଁ ମାତ୍ର ।" ଧାନ ବସ୍ତା ସିଲାଉ ସିଲାଉ ଉତ୍ତର ଫେରେଇଲା ଲାକିଆ ।

ଲାକିଆ, ଟିବ୍ରୁ, ସନିଆ, ଜୁର ଓ ସାତି ପାଞ୍ଚଜଣ କୁଲି କାମ କରନ୍ତି । ଚାଷ ଦିନରେ ହଳ ଲଙ୍ଗଳ, କତି କାମ, ହିଡ଼ ଛଂଛା । ପଛକୁ ପଛ ତଳି ଝିଙ୍କିବା । ଚାଷବାସ ସରିଲେ କୁଲି କାମକୁ ପ୍ରସ୍ତୁତ । ପୁଣି ଧାନ ପାଚି ଆସିଲେ ଧାନ କଟା ଓ ବୁହା ଦଳରେ ସାମିଲ ହୋଇଯିବେ । ତେଣିକି ଅମଳ ବେଳେ ସ୍ଥାନୀୟ ଧାନ ମିଲ୍ ମାଲିକର କାମରେ ଜୁଟିଯିବେ । ମାଲିକ ଯେଉଁ ଚାଷୀର ଧାନ କିଣିବ, ସେଠି ଗାଡ଼ି ସହ ଯିବେ । ଧାନକୁ ଓଜନ କରିବେ । ସିଲେଇ କରି ଗାଡ଼ିରେ ଭରିବେ । ପୁଣି ମିଲ୍‌ରେ ଖାଲି କରି ଆଉ ଏକ ଚାଷୀ ନିକଟକୁ ଯିବେ । ଭାରି କଷ୍ଟ କାମ । କିନ୍ତୁ ଏସବୁ ଦେହସୁହା ହୋଇଯାଇଥିବାରୁ କଷ୍ଟ ଲାଗୁନି । ଦେହ ବି ବୋଲ ମାନି ନେଇଛି । ସଂକ୍ରାନ୍ତି ପୂର୍ବରୁ ଭାରି କାମ । ଶୀତ କାକରରେ ଟିକେ ଅଧିକ ପରିଶ୍ରମ କରିବାକୁ ପଡ଼େ । ସଂକ୍ରାନ୍ତି ଆସିଲେ ଛୁଟି । ମଉଜ ମସ୍ତି । ନୂଆ ଲୁଗାପଟା କିଣା ହେବ । କୁଣିଆମୈତ୍ର ଘରକୁ ଆସିବେ । ପୂର୍ବପୁରୁଷଙ୍କୁ ଶ୍ରାଦ୍ଧ ପିଣ୍ଡ ସରିଲା ପରେ ଖାଲି ମଜା ମଜଲିସ୍‌ରେ କଟିବ ସମୟ । ତେଣୁ ଗୋଟେ ମଜାରେ ସନିଆ ପଚାରି ଦେଲା ଏମିତି ପ୍ରଶ୍ନ ।

ଅସଲରେ ସଂକ୍ରାନ୍ତି ବୋଇଲେ ବେଶୀ ଖର୍ଚ୍ଚର ଦିନ । ଘରର ସମସ୍ତଙ୍କ ପାଇଁ ଲୁଗାପଟା କିଣିବାକୁ ହେବ । ଘରେ ଚୂନ ଧଉଳା । ଘର ଭର୍ତ୍ତି କୁଣିଆମୈତ୍ରଙ୍କୁ ଚର୍ଚ୍ଚା ଖର୍ଚ୍ଚ । ଦି ବର୍ଷ ପରେ ଟିକେ ଜାକଜମକରେ ପାଳିବା ଲାଗି ସଜବାଜ ପାଞ୍ଚ ବନ୍ଧୁଙ୍କର । ଦି ବର୍ଷ ପରର ପାଣ୍ଡୁଗୁରେ ଡବଲ ଦାଣ୍ଡୁଗୁ (ଅଯଥା ଖର୍ଚ୍ଚ) ହେବ ଏଥର । ସେଥିପାଇଁ ରାତିଦିନ ଏକ୍ କରି ଖଟୁଛନ୍ତି ସମସ୍ତେ । ହାତକୁ ଅଧିକା ଅର୍ଥ ଆସିଲେ ଖର୍ଚ୍ଚ କରିପାରିବେ ।

"ସଂକ୍ରାନ୍ତି ପାଇଁ ଦିଟା ଗଞ୍ଜା କିଣି ଦେଇଛି । ହେଲେ ଗୁଟେ ଜାଟି ହୋଇ ଯାଇଛି ।" ଲାକିଆ କହିଲା ।

"କିସ ହେଲା କି ?" ସନିଆ ପ୍ରଶ୍ନ ପଚାରିଲା ।

"ଆମର ପୁଅ ଗୁଟେ ଗଞ୍ଜାକୁ ବାଆଣଉଛି । କୁକୁଡ଼ା ଲଢ଼େଇରେ ଲଗେଇବ । ପାଠଶାଠ ପଢ଼ି ବି କେତେ ବୁଝେଇଲେ ମିଶା ବୁଝିବାର ନାହିଁ ସେ । କୋଉଠି ଗୁଟେ ଚାକିରି ମିଳିଲେ ଭଲ ହୋଇଥାନ୍ତା । ଏ ବେକାର କାମରେ ମୁଣ୍ଡ ଖଟେଇ ନଥାନ୍ତା । ଗଞ୍ଜା ଲଢ଼େଇ ଭଲ କାମ କି । ପାନୁ ଲଗେଇବେ । କୁକୁଡ଼ା ଲଢ଼େଇବେ । ଝଗଡ଼ାଝାଟି ହେବ । ଥାନା କଚେରୀ ହେଲେ ତା'ର ଜୀବନ କିସ ହେବ କହ? ମୁଁ ଜଣେ ଖଟିଖଟି ମରୁଛି । ସେ ସେମିତି ହେଉଛି ।"

"ହଉରେ ପାଠ ପଢ଼ିଛି । ତା'ର ଜ୍ଞାନ ନାହିଁ କି ! ତା'ର ଗୁଟେ ଶ୍ରଦ୍ଧା ବୋଲି କିଛି ନାଇଁ କି । କିସ ହୋଇଗଲା ଯେ ଏତେ ଟେନ୍‌ସନ୍ ହୋଇ ଯାଉଛୁ । କିଛି ହେବନି ସେମିତି । ସେ ଭଲ ପିଲା ।" ବୁଝାଇଲା ଭଳି କହିଲା ସନିଆ ।

ମଝିରେ ପଶି ଆସି ଟିବ୍ରୁ କହିଲା – "ଏ ଯୁଗ ଅଲଗାରେ ବାବୁ । ଆମର ବେଳେ ସଂକ୍ରାନ୍ତି ଆଗରୁ ଭୋଗି ହେଉଥିଲା କିମିତି ଯେ ! କୁଆଡୁ କୁଆଡୁ କାଠ ଆଣି ଭୋଗି ନିଆଁରେ ପୋଡୁଥିଲୁ । ବାସୁଆ ବଳଦ ଆସୁଥିଲା । ବେକରେ ଘଣ୍ଟି ଥିବ । ଦେହରେ ବଢ଼ିଆ ଡ୍ରେସ୍ ଲାଗିଥିବ । ଗୀତ ଗାଇ ଗାଇ ଘର ଘର ବୁଲୁଥିଲେ ଦଳ ଦଳ ହୋଇ । ଆଉ ସମସ୍ତେ ଶଗଡ଼ ସବୁ ସଜେଇ ରଙ୍ଗ ଦେଇ ବୁଲଉଥିଲେ । ତାସ୍ ଖେଳ ହେଉଥିଲା । ଗଞ୍ଜା ଲଢ଼େଇ ବଢ଼ିଆ ହେଉଥିଲା । ଏବେ ଖାଲି ତୁଚ୍ଛା ମଦପାଣିରେ ସବୁ ଯାଉଛି ।"

"ଯୁଗରେ ବାବୁ ! ସମୟ ବଦଳୁଛି । ଏବେ ପିଲାମାନେ ମୋବାଇଲ ପିଟା । କାହାର କଥା ଶୁଣିବାର ନାହିଁ ।"

ଏତିକି କହି ରଡ଼ି ଛାଡ଼ିଲା ବସ୍ତା ସବୁ ଗାଡ଼ିରେ ଲୋଡ୍ କରିବାକୁ । ସମସ୍ତେ ଲାଗି ପଡ଼ିଲେ ଟ୍ରାକ୍ଟର ଟ୍ରଲିରେ ବସ୍ତା ଲୋଡ୍ କରିବାରେ । ନିମିଷକରେ ଗାଡ଼ିରେ ଭର୍ତ୍ତି ହୋଇଗଲା ଧାନ । ଟ୍ରାକ୍ଟର ଡାଲାରେ ସବା ଉପରେ ବସିଗଲେ ପାଞ୍ଚଜଣ । ଚାଲିଲା ଗାଡ଼ି । ବିଲ ରାସ୍ତାରେ ଦୋହଲି ଦୋହଲି ଗାଡ଼ି ଆଗେଇଲା । ସଂକ୍ରାନ୍ତିର ପାରିବାରିକ ଖର୍ଚ୍ଚ ହିସାବରେ ଲାଗି ପଡ଼ିଥିଲେ ପରସ୍ପର । ଖର୍ଚ୍ଚ ହେଲେ ବି ସମସ୍ତଙ୍କ ମନରେ ତଥାପି ପୁଲା ପୁଲା ଖୁସି । ଦି' ବର୍ଷ ପରେ ଭଲରେ ହେବ ସଂକ୍ରାନ୍ତି ପାଳନ ।

ହ୍ୟାପ୍ ପେଣ୍ଟରୁ ବିଡ଼ି କାଢ଼ି ନିଆଁ ଲଗେଇଲା ଲାକିଆ । ପୁଳେ ଧୂଆଁକୁ ନେଇ ଭକଭକ କରି ଛାଡ଼ିଲା । ଏତିକିବେଳେ ମୋବାଇଲ୍ ଫୋନ୍ ବାଜି ଉଠିଲା ।

ସେପଟୁ ପୁଅ କହିଲା – "ବାପା ! କୋଉଠି ଅଛ । ଶୁଣ ! ମୋର ପୋଲିସ ଚାକିରି ହୋଇ ଯାଇଛି । ଘରକୁ ଜଲ୍‌ଦି ଆସ । ଆଉ ଏମିତି ତୁମେ ଖଟିବା ଲୁଡାନି ବାପା ! ଏଣିକି ମୁଁ ଅର୍ଜିବି । ତୁମେ ବସିବ ।"

ଲାକିଆ ବିଡ଼ି ଫିଙ୍ଗି ଦେଲା । କିଛି କହି ପାରିଲାନି । ଭୋ ଭୋ ହୋଇ ପିଲା ପରି କାନ୍ଦିବାକୁ ଲାଗିଲା । ବାକି ସମସ୍ତେ ଛାନିଆ ହୋଇଗଲେ । ଲାକିଆ ଘରେ କିସ ଅସୁବିଧା ହୋଇଗଲା କି ?

ହାତରୁ ଫୋନ୍ ଛଡ଼େଇ ନେଇ ସନିଆ ପଚାରିଲା । ସେପଟୁ ପୁଅ କହିଲା ତା' ଚାକିରି ଖବର । ଖୁସିରେ ଫାଟି ପଡ଼ିଲା ସନିଆ । ଲାକିଆକୁ କୋଳେଇ ଦେଇ ଖୁବ୍ ଜୋର୍‌ରେ ଅନ୍ୟମାନଙ୍କ ଉଦ୍ଦେଶ୍ୟରେ କହିଲା : "ଲାକିଆର ଦୁଃଖ ପଳେଇଲା । ତା'ର ପୁଅକୁ ପୋଲିସ ଚାକିରି ମିଳିଗଲା ।"

ସମସ୍ତେ ହୋ ହୋ ହୋଇ ରଡ଼ି ଛାଡ଼ିଲେ । ସଂକ୍ରାନ୍ତି ଅସରାଏ ଖୁସି ଆଣି ଦେଇଛି ଲାକିଆ ଘରକୁ । ତଥାପି ଲାକିଆ ହସି ପାରୁ ନଥିଲା । ଜୀବନ ତମାମ ଖଟି ଆସିଥିବା ମଣିଷ ପାଇଁ ଖୁସିର ଆବେଗ କିଛି ଅଲଗା ଥିଲା । ସାଙ୍ଗମାନେ ଟାପରା ଆରମ୍ଭ କରିବାକୁ ଲାଗିଲେ ଖୁସିରେ । ମୁଣ୍ଡ ଉପର ଆକାଶ ଓ ଚାରିପଟର ପୃଥିବୀ ଏବେଠୁ ସଂକ୍ରାନ୍ତିମୟ ଲାଗୁଥିଲା ଲାକିଆ ପାଇଁ ଯେମିତି । ସତରେ ଏଥର ପାଣ୍ଡୁଗୁ ମୋଟେ ଦାଣ୍ଡୁଗୁ ହେବନି ନିଶ୍ଚିତ ।

ଇନ୍ଦିରା ନଗର, ଚତୁର୍ଥ ଗଳି
ରାୟଗଡ଼ା -୭୬୫୦୦୧
ମୋ: ୯୪୩୭ ୯୦୯ ୬୭୧

# ନିଜ ଭିତରେ ପୋତି ହୋଇଯାଉଥିବା ସମୟ

ଡ. ପ୍ରହ୍ଲାଦ ଶତପଥୀ



ଠିକ୍ ଏଇମିତି ଆସିଥିଲା
କୋଳାହଳର ପସରା ମେଲେଇ
ଗଲାବେଳେ ନୀରବରେ ଚାଲିଗଲା ।

ସେମାନେ ସଭିଏଁ ପହଞ୍ଚି ଯିବେଣି
ମୁଁ ମୋ ଭିତରେ ପୋତି ହୋଇଯିବି ।
ମୋ କଫିନ୍ ଚାରିପଟେ ମୁଠାଏ ମୁଠାଏ ମାଟି ଦେଇ
ସଭିଏଁ ଫେରିଯିବେ,
ଯିଏ ଯେଉଁମିତି ଆସିଥିଲା ଠିକ୍ ସେଇମିତି ।

ନିଜକୁ ନିଜେ ଚାରିଚଉତା କରି, ନିଜ ବୋଝକୁ ନିଜେ ହିଁ
ବୋହି ଚାଲିବାକୁ ହୁଏ,
ନିଜ ଭିତରେ ନିଜେ ପୋତି ହୋଇଯାଉଥିବା ସମୟ
କେଉଁ ପ୍ରତ୍ନତତ୍ତ୍ୱବିତ୍‌ର ପ୍ରତୀକ୍ଷାରେ,
ଯିଏ ଆସି କହିଦେବ ଇଏ ତମ ମହେଞ୍ଜୋଦାରୋ,
ଇଏ ହରପ୍ପା ।

ଏଯାଏଁ ଫୁଲ ଝରିନି, ଡେଙ୍ଗରେ କିନ୍ତୁ କଢ଼ର ଭିଡ଼
କ'ଣଟା ଉଣା ହୋଇଯିବ ଯେ ଗଛର
ଫୁଲଟିଏ ଝରିଗଲେ, ବର୍ଷଟିଏ ଗଡ଼ିଗଲେ?

କ'ଣଟା ବଦଳି ଯିବ ଯେ,
ଥୁର୍ ଥୁରିଆ ଶୀତରେ ଶୋଇ ପଡୁଥିବା ଫୁଟ୍‌ପାଥର,
ବଢ଼ିପାଣିରେ ଭାସିଯାଇ ବିଲବାଡ଼ିରେ ପଡ଼ିରହିଥିବା
ପଟୁମାଟିର
କେରୋସିନ୍‌ର ଦର ବଢ଼ିଗଲେ ଅନ୍ୟ ପନ୍ଥା ଧରିନେବ
ଶାଶୁର ଗଞ୍ଜଣା ସହି ପାରୁନଥିବା ମଖମଲି ପାଟର
ସାଧବ ବୋହୂ,
ସମୟ ଠିକ୍ ଆଗ ଭଳି ଦସ୍ତକ ଦେଇ ଚାଲିଥିବ
ମଲା ଆଗରୁ ଖୋଜିନେବ ଭୂତାଣୁ ଆଉ ଏକ ଜୀଅନ୍ତା ମଣିଷ
ସଂଗରୋଧ ଥିଲା, ଅଛି, ରହିବ
ମୁଖାପିନ୍ଧା ମଣିଷମାନେ ଥିଲେ, ଅଛନ୍ତି, ରହିବେ ।

ଦିନ ସବୁରେ କେବଳ ଯାହା କିଛିଟା ଅଦଳ ବଦଳ
ନୂଆଁବର୍ଷରେ,
ବେଶ୍ କିଛିଟା ତତ୍ପରତା ସମୟର ମେଟରନିଟି ୱାର୍ଡରେ
ଶ୍ମଶାନରୁ ଏଯାଏଁ ସେମାନେ ଫେରି ନାହାନ୍ତି
ସେପଟେ ଘରେ କୁଆଁକୁଆଁ ରାବ!
କିଛି ବି ନୂତନତ୍ୱ ନଥାଏ ପୁରୁଣା ପୃଥିବୀର ଏଇ
ନୂତନ ବର୍ଷରେ ।

ଟିକ୍ରାପଡା, ବଲାଙ୍ଗୀର
ପିନ୍: ୭୬୭୦୦୧
ମୋ: ୯୪୩୭୧୫୦୯୫୧

# ପ୍ରେମକୁ ବୁଝି ହେଲାନି

ସେନାପତି ପ୍ରଦ୍ୟୁମ୍ନ କେଶରୀ





ସେଦିନ ସଞ୍ଜବେଳେ ଯାହା
ମୋ ଛାତି ଭିତରୁ ଖସି ପଡ଼ିଲା
ତାହା କ'ଣ ଥିଲା ?

କଲିଜାର ଟୁକୁଡ଼ା
ନା ଚାପା କାନ୍ଦର ମଉଳା ପାଖୁଡ଼ା?

ଛେଉଣ୍ଡ ମନର ଛିଣ୍ଡା ଚେହେରାସବୁ
କେବେହେଲେ କାହାର ଆଖିରେ ପଡ଼େନା
କୋଉ ନଡ଼ିଆ ରସୁଆଳ
କୋଉଟା ଭୂତଖିଆ
ବାହାରୁ ଦେଖିଲେ ଜାଣି ହୁଏନି
ଦି'ଫାଳ କଲେ ଦିଶେ ପୋଡ଼ା ଅଙ୍ଗାର !

ସମସ୍ତେ ଭାବନ୍ତି, କାନ୍ଦ ଗୋଟେ ଡିଆଁ ରୋଗ
ଆଖିରୁ ଆଖିକୁ ଡେଇଁ
କେତେ କେତେ କଲିଜାରେ ଲଗାଏ ଅକାରଣ ଦାଗ ।

ଥରକୁ ଥର ନାରଖାର ହେଲେ ବି
କେଡ଼େ ସୁନ୍ଦର ବାଗରେ ପୁଣି
ସୁନ୍ଦର ସବୁଜିମାରେ
ନିଜକୁ ସଜେଇ ଦିଏ ବଗିଚାଟି
ଥୁଣ୍ଟା ଡାଳସବୁ
ନୂଆ ଭାବର ଉଦ୍‌ବେଳନରେ ଉଚ୍ଛୁଳି ଉଠନ୍ତି
କେବେ କେବେ ଶ୍ରାବଣ କି ଫଗୁଣ
ଯେତେ ଆଉଁଶିଲେ ବି
ଜମା ଆଖି ଖୋଲେନି ଥୁଣ୍ଟା ମାଟି ।

ସତ କଥା ହେଲା
ପ୍ରେମକୁ କେବେ ଠିକ୍‌ରେ ବୁଝି ହେଲାନି ।

ଯାବତୀୟ ଆକ୍ରମଣର କବଳରୁ
କୁନି କୁନି ତାରାମାନଙ୍କୁ ଉଦ୍ଧାର କରି ହେଲାନି ।

'ସାଇ ସର୍ଜନା' ଜଗନ୍ନାଥ କଲୋନୀ
ବାଲିକୁଦା, କଟକ -୭୫୩୦୧୧
ମୋ: ୬୩୭୧୫୨୩୫୯୮

# ସତ୍ୟବାଦୀ ସାହିତ୍ୟର ବୈଶିଷ୍ଟ୍ୟ

ଡକ୍ଟର ହେମନ୍ତ କୁମାର ଛୋଟରାୟ



ଓଡ଼ିଆ ସାହିତ୍ୟରେ ୧୯୦୯ଠାରୁ ୧୯୨୧ ମସିହା ପର୍ଯ୍ୟନ୍ତ ଲିଖିତ ସାହିତ୍ୟକୁ ସମାଲୋଚକମାନେ ସତ୍ୟବାଦୀ ଯୁଗ ନାମରେ ନାମିତ କରିଛନ୍ତି । 'ସତ୍ୟବାଦୀ ବନବିଦ୍ୟାଳୟ', 'ସତ୍ୟବାଦୀ' ସାହିତ୍ୟ ପତ୍ରିକା ପ୍ରକାଶନ ଓ ସତ୍ୟବାଦୀର ଆରାଧନା ଯୋଗୁଁ ଏହି ଯୁଗର ସାଧକମାନେ ଯେଉଁ ଚେତନାର ବିକାଶ ଘଟାଇଛନ୍ତି, ତାହା ସତ୍ୟବାଦୀ ଚେତନା ରୂପେ ଗୃହୀତ । ଆଧୁନିକ ଓଡ଼ିଆ ସାହିତ୍ୟରେ ଏକ ସ୍ୱତନ୍ତ୍ର ଅଧ୍ୟାୟ ସୃଷ୍ଟି କରିବା ଦିଗରେ ଏହି ମନସ୍ୱୀ ସ୍ରଷ୍ଟାମାନଙ୍କ ସାମୂହିକ ପ୍ରଚେଷ୍ଟା ଆଜି ଅବିସ୍ମରଣୀୟ ଇତିହାସ । ଏହି ସାଧକମାନଙ୍କ ମଧ୍ୟରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଅଗ୍ରଭାଗରେ ରହିଥିଲେ ହେଁ ପଣ୍ଡିତ ନୀଳକଣ୍ଠ, ପଣ୍ଡିତ ଗୋଦାବରୀଶ, ଐତିହାସିକ କୃପାସିନ୍ଧୁ ଓ ଆଚାର୍ଯ୍ୟ ହରିହରଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ । ଏହି ଯୁଗର ବିଦ୍ଧାଣିମାନଙ୍କ ସର୍ଜନାରେ ମୁଖ୍ୟତଃ ଜାତୀୟବାଦ, ଆଧ୍ୟାତ୍ମିକତା, ଐତିହାସିକ ଅନୁଶୀଳନ, ମୁକ୍ତିଗାଥା, ମାନବପ୍ରେମ ଓ ସାମାଜିକ ଚିତ୍ର ପ୍ରତିଫଳିତ ହୋଇଛି ।

ଜାତୀୟତାର ଚେତନା ସର୍ବାଧିକ ପ୍ରତିଫଳିତ ହୋଇଛି ଗୋପବନ୍ଧୁଙ୍କ ରଚନାରେ । ଜାତୀୟ ଜୀବନର ବିକାଶ ପାଇଁ ସେ ନିଜକୁ ତିଳତିଳ ଦଗ୍ଧ କରିଛନ୍ତି । ଜାତି ପାଇଁ ଭଲ ମଣିଷମାନଙ୍କ ଆବଶ୍ୟକତାକୁ ଉପଲବ୍ଧି କରି ସେ ଆରମ୍ଭ କରିଥିଲେ, ମଣିଷଗଢ଼ା କାରଖାନା ଇତିହାସ ପ୍ରସିଦ୍ଧ 'ବନବିଦ୍ୟାଳୟ' । ଭାରତର ମୁକ୍ତି ସଂଗ୍ରାମ ପାଇଁ ବନବିଦ୍ୟାଳୟର ଶିକ୍ଷକ ଗୋଷ୍ଠୀ ପ୍ରାଣପଣେ ଉଦ୍ୟମ କରିଥିଲେ । ଏହି ସମସ୍ତ ପ୍ରଜ୍ଞାପୁରୁଷଙ୍କ ତ୍ୟାଗ ଅତୁଳନୀୟ ଥିଲା । କେବଳ ଗୋପବନ୍ଧୁ ନୁହଁନ୍ତି, ନୀଳକଣ୍ଠ, କୃପାସିନ୍ଧୁ, ଗୋଦାବରୀଶ ମଧ୍ୟ ନିଜ ରଚନାରେ ଜାତୀୟତାକୁ ପ୍ରାଧାନ୍ୟ ଦେବାରେ ଅବହେଳା କରିନାହାନ୍ତି । ଅନ୍ୟ ସହକର୍ମୀଙ୍କ ସହିତ ନିଜେ ଗୋପବନ୍ଧୁଙ୍କ ଦୃଷ୍ଟିକୋଣ ହେଉଛି -

"ଜାତୀୟ ମମତା ବିଶ୍ୱଜନ ପ୍ରୀତି,
ଉତ୍କଳବାସୀର ହେଉ ଏହା ନୀତି ।"

ଗୋପବନ୍ଧୁଙ୍କ ରଚନା ମଧ୍ୟରେ 'ଅବକାଶ ଚିନ୍ତା', 'କାରାକବିତା', 'ବନ୍ଦୀର ଆତ୍ମକଥା', 'ଧର୍ମପଦ'; ନୀଳକଣ୍ଠଙ୍କ 'କୋଣାର୍କେ', 'ଖାରବେଳ', 'ଆର୍ଯ୍ୟଜୀବନ'; ଗୋଦାବରୀଶଙ୍କ 'କଳିକା', 'ଆଲେଖିକା', 'କିଶଳୟ', 'ପୁରୁଷୋ ମଦେବ', 'ମୁକୁନ୍ଦଦେବ', 'ଅଭାଗିନୀ', 'ଗଳ୍ପମାଳା', 'ପୁଅାଣିଘର' ଓ କୃପାସିନ୍ଧୁଙ୍କ 'ବାରବାଟୀ', 'କୋଣାର୍କ' ଆଦି ପୁସ୍ତକ ଜାତୀୟ ଚେତନାରେ ସମୃଦ୍ଧ ଗୋଟିଏ ଗୋଟିଏ ଅମୂଲ୍ୟ ଦସ୍ତାବିଜ୍ । ଏପରିକି ବହୁବର୍ଷ ଧରି ଉଚ୍ଚଶିକ୍ଷା ପାଠ୍ୟକ୍ରମରେ ରହିଆସିଥିବା କୃପାସିନ୍ଧୁଙ୍କ 'କା' ପ୍ରବନ୍ଧ ମଧ୍ୟ ଜାତୀୟ ଚେତନାର ଏକ ମହତ୍ତ୍ୱପୂର୍ଣ୍ଣ ବିଚାର କହିଲେ ଅତ୍ୟୁକ୍ତି ହେବନାହିଁ । ଭାରତବର୍ଷ ଭଳି ସମୃଦ୍ଧିଶାଳୀ ଦେଶର ସୌଧ ଦଣ୍ଡାୟମାନ ହୋଇଛି ଆଧ୍ୟାତ୍ମିକତାର ଭିତ୍ତି ପ୍ରସ୍ତର ଉପରେ । ଏ ଦେଶର ପ୍ରାଚୀନ ସାହିତ୍ୟରୁ ଆଧୁନିକ ସାହିତ୍ୟ ଯାଏଁ ସବୁ ସାହିତ୍ୟରେ ଆଧ୍ୟାତ୍ମିକତାର ବାର୍ତ୍ତା ଭରପୂର ରହିଛି । ଓଡ଼ିଆ ସାହିତ୍ୟରେ ମଧ୍ୟ ସାରଳା ଦାସଙ୍କଠାରୁ ଆରମ୍ଭ କରି ବଳରାମ, ଜଗନ୍ନାଥ, ଯଶୋବନ୍ତ, ଅନନ୍ତ ଆଦି ସିଦ୍ଧସାଧକମାନେ ଯେଉଁ ସନ୍ଥସାହିତ୍ୟର ଅପୂର୍ବଧାରା ସୃଷ୍ଟି କଲେ, ତାହା ଓଡ଼ିଆ ସାହିତ୍ୟକୁ ମର୍ଯ୍ୟାଦାବନ୍ତ କରିବାରେ ସହାୟକ ହୋଇଆସିଛି । ସତ୍ୟବାଦୀ ସାହିତ୍ୟ ସ୍ରଷ୍ଟାମାନେ ମଧ୍ୟ ତାଙ୍କ ଅମୂଲ୍ୟ ସୃଷ୍ଟିରେ ଧର୍ମ, ଆଧ୍ୟାତ୍ମିକ ଚେତନା ଓ ଈଶ୍ୱରଭକ୍ତିକୁ ପ୍ରାଧାନ୍ୟ ଦେଇଛନ୍ତି । ଗୋପବନ୍ଧୁଙ୍କ 'ଗୋମାହାତ୍ମ୍ୟ', 'ନଚିକେତା ଉପାଖ୍ୟାନ'; ନୀଳକଣ୍ଠଙ୍କ 'ଭକ୍ତିଗାଥା', 'ଆର୍ଯ୍ୟଜୀବନ'; ଗୋଦାବରୀଶଙ୍କ 'କଳିକା', 'କୁସୁମ', 'କବିତା ଚୟନ', 'ଗୀତିଗୁଚ୍ଛ; କୃପାସିନ୍ଧୁଙ୍କ 'ଲୀଳା' ପ୍ରବନ୍ଧ ଆଦିରେ ଆଧ୍ୟାତ୍ମିକତାର ଜ୍ୱଳନ୍ତ ଛବି ପ୍ରକଟିତ ହୋଇଛି । ନୀଳକଣ୍ଠଙ୍କ ଭକ୍ତିଗାଥାର -

"ଜୀବନ ମରଣ ସମ, ସବୁ ଯେ ତୁମ୍ଭରି
ବିଳାସ ବ୍ୟସନ ପାପ ପୁଣ୍ୟ ଅନୁଷ୍ଠାନ
ନିରାଶ ଅନ୍ତରେ ଯାଏ ତବ ଆଶା ଧରି
ଦୁର୍ବଳ ମୁଁ ତବ ବଳେ ମହାବଳୀୟାନ ।
ସ୍ମରି ତବ ସେ ବିଭୂତି ଦେବାର୍ଚ୍ଚନ କରେ ନିତି
ନ ଗଣି ସେ ଅର୍ଚ୍ଚନାରେ ଫଳର ଭିଆଣ । ।"

ପଙ୍‌କ୍ତିରେ ରହିଛି ଧର୍ମ ଦର୍ଶନ, ଭକ୍ତି ପୁଷ୍ପାଞ୍ଜଳି ଓ ଆଧ୍ୟାତ୍ମିକତାର ସମଧୁର ବାର୍ତ୍ତା, ଯାହା ସତ୍ୟବାଦୀ ସାହିତ୍ୟଯୁଗର ଅନ୍ୟତମ ବୈଶିଷ୍ଟ୍ୟ । ଇତିହାସର ଅନୁଶୀଳନ ଗୋଟିଏ ଜାତିର ଭବିଷ୍ୟତକୁ ସୁଦୃଢ଼ କରିଥାଏ । ଓଡ଼ିଶାର ଇତିହାସ ସେତେବେଳେ ଅଣଓଡ଼ିଆ ପ୍ରଶାସକମାନେ ଲେଖୁଥିଲେ । ତହିଁରେ ଅନେକ ଭୁଲ୍ ତଥ୍ୟ ପରିବେଷିତ ହେଉଥିଲା, କିନ୍ତୁ ଏଥିରେ ସଂସ୍କାର ଆଣି ଆମ ଓଡ଼ିଆ ଜାତିର ବୀରତ୍ୱଗାଥାକୁ ଅନୁଶୀଳନ କରିଥିଲେ ସତ୍ୟବାଦୀ ସ୍ରଷ୍ଟାଗଣ । ଆମମାନଙ୍କ ଶୌର୍ଯ୍ୟ-ବୀର୍ଯ୍ୟର ପ୍ରତୀକ ହେଉଛି କୃପାସିନ୍ଧୁଙ୍କ 'ବାରବାଟୀ ଦୁର୍ଗ' ପୁସ୍ତକ, ଯାହା ପ୍ରତ୍ୟେକଙ୍କ ମନରେ ନବଜାଗରଣ ସୃଷ୍ଟି କରିଥିଲା । ସେହିପରି ଗୋପବନ୍ଧୁଙ୍କ 'ଧର୍ମପଦ', ନୀଳକଣ୍ଠଙ୍କ 'କୋଣାର୍କେ', 'ଖାରବେଳ'; ଗୋଦାବରୀଶଙ୍କ 'ପୁରୁଷୋ ମଦେବ', 'ମୁକୁନ୍ଦଦେବ' ନାଟକ ଓ କୃପାସିନ୍ଧୁଙ୍କ 'କୋଣାର୍କ', 'ଉତ୍କଳର ଇତିହାସ' କେବଳ ଐତିହାସିକ ଘଟଣାବଳୀକୁ ନେଇ ରଚିତ ହୋଇନାହିଁ ବରଂ ଏଥିରେ ଓଡ଼ିଆ ଜାତିର ଦେଶପ୍ରେମ ଓ ଗୌରବଗାଥାର ମାର୍ମିକ ଅନୁଶୀଳନ ପରିସ୍ଫୁଟ । ଅନୁବାଦ ହିଁ ଭାଷାଗତ ବିବିଧତାକୁ ଦୂର କରି ସାର୍ବଜନୀନ ପାଠକୀୟତା ସୃଷ୍ଟି କରିବାକୁ ସକ୍ଷମ ହୋଇଥାଏ । ସାହିତ୍ୟକ୍ଷେତ୍ରରେ ଅନ୍ୟର ଅନୁଭୂତିକୁ ଅନୁଭବ କରିବା ପାଇଁ ଅନୁବାଦ ଏକ ମିଳନ ମଞ୍ଚ । ସତ୍ୟବାଦୀ ସୃଜନସ୍ରଷ୍ଟାମାନେ ଏ ଦିଗରେ ଯତ୍ନବାନ ହୋଇ ନିଜର ଲେଖନୀ ଚଳାଇ ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିବାକୁ ଆଗେଇ ଆସିଛନ୍ତି । ଏହା ପୂର୍ବରୁ ଫକୀରମୋହନ, ରାଧାନାଥ ପ୍ରମୁଖ ଲେଖକ ଅନୁବାଦ କ୍ଷେତ୍ରରେ ନିଜର ପରାକାଷ୍ଠା ପ୍ରଦର୍ଶନ କରିଥିଲେ ହେଁ ଗୋପବନ୍ଧୁ ସଂସ୍କୃତ ମହାଭାରତରୁ 'ଗୋ-ମାହାତ୍ମ୍ୟ', 'ବ୍ରହ୍ମତତ୍ତ୍ୱ ବା ନଚିକେତା ଉପାଖ୍ୟାନ', ନୀଳକଣ୍ଠ ଟେନସନ୍‌ଙ୍କ 'ଦି ପ୍ରିନ୍‌ସେସ୍'ରୁ 'ପ୍ରଣୟିନୀ', ଟେନସନ୍‌ଙ୍କ 'ଏନୋକ ଆର୍ଡେନ୍'ରୁ 'ଦାସନାଏକ'; ଗୋଦାବରୀଶ ଟେନିସନ୍, ୱାର୍ଡସ୍‌ୱାର୍ଥ, ୱାଲ୍‌ଟର୍ ସ୍କଟ୍ ପ୍ରମୁଖଙ୍କ କବିତାରୁ 'ଚୟନିକା', ଷ୍ଟିଭେନ୍‌ସନ୍‌ଙ୍କ ଉପନ୍ୟାସ 'ଡ.ଜେକ୍‌ଲି ଆଣ୍ଡ ମି.ହାଇଡ୍'ରୁ 'ଘଟାନ୍ତର', ଡିକେନ୍‌ସନ୍‌ଙ୍କ ଉପନ୍ୟାସ 'ଏ ଟେଲ୍ ଅଫ୍ ଟୁ ସିଟିଜ୍'ରୁ 'ଅଠରଶହ ସତର'; ଆଚାର୍ଯ୍ୟ ହରିହର ସଂସ୍କୃତ ଗୀତା ଓ ଉପନିଷଦରୁ 'ଶ୍ରୀମଦ୍‌ଭଗବଦ୍‌ଗୀତା', 'ଉପନିଷଦ' ଆଦି ଅନୁଦିତ ପୁସ୍ତକ ରଚନା କରି ନିଜସ୍ୱ ଜ୍ଞାନ ଓ କଳା-କୌଶଳର ଚମତ୍କାରିତା ଛାଡ଼ିଦେଇ ଯାଇଛନ୍ତି, ଯାହାର ପାଠକୀୟତା ଯୁଗେ ଯୁଗେ ଅମଳିନ ହୋଇ ରହିବ ।

ଓଡ଼ିଆ ଜାତି କେବେ ଭୀରୁ କାପୁରୁଷ ପରି ନ ବଞ୍ଚୁ - ଏହା ଥିଲା ସତ୍ୟବାଦୀ ସାହିତ୍ୟିକମାନଙ୍କ ପ୍ରଧାନ ଆଭିମୁଖ୍ୟ । ସେଥିପାଇଁ ଗୋପବନ୍ଧୁଙ୍କ ଆହ୍ୱାନ - "ପଛଘୁଞ୍ଚା ନାହିଁ ବୀରର ଜାତକେ । ନ ମରୁ ସେ କେବେ ପରାଣ ଆତଙ୍କେ । ।"କୁ ଉଦାହରଣ ରୂପେ ନିଆଯାଇପାରେ । ଜାତିଭେଦ ଗୋଟିଏ ଜାତିର ପ୍ରଗତି ପାଇଁ ପାହାଡ଼ ଭଳି ପ୍ରତିବନ୍ଧକ । ଜାତିଭେଦ ବିରୁଦ୍ଧରେ ସ୍ୱର ମଧ୍ୟ ଦେଖିବାକୁ ମିଳେ ଏହି ଯୁଗର ସାରସ୍ୱତ ସ୍ରଷ୍ଟାମାନଙ୍କ ବକ୍ତବ୍ୟରେ । ଆଚାର୍ଯ୍ୟ ହରିହର ନିଜର ପଇତା କାଢ଼ିଦେଇ ମନ୍ତବ୍ୟ ଦେଇଥିଲେ ଯେ "ମୁଁ ଅନୁଭବ କରୁଛି ମୋ ଭିତରେ ସବୁ ଜାତି ଅଛନ୍ତି । ମୁଁ ଗୋଟିଏ ଜାତି ଭିତରେ ବାନ୍ଧି ହେବାଟା କ'ଣ ଠିକ୍ ହେବ?... ।" ସମାଜ ସଂସ୍କାର ପାଇଁ ନୀଳକଣ୍ଠଙ୍କ 'ଅଛୁ ଓ ହେବୁ' ଓ 'ମୋ ନିଶ' ଆଦି ସେହି ଶ୍ରେଣୀର ସୃଷ୍ଟି ।

ବାସ୍ତବ ପକ୍ଷେ ସତ୍ୟବାଦୀ ଯୁଗର ସମଗ୍ର ସାହିତ୍ୟକୁ ଅନୁଶୀଳନ କଲେ ଜଣାଯାଏ, ଏଥିରେ ଦୟା, ପ୍ରେମ, କରୁଣା, ତ୍ୟାଗ, ସାଧୁତା, ବିଶ୍ୱାସ ଓ ସତ୍ୟ ପ୍ରତି ନିଷ୍ଠାର ମାନବବାଦୀ ଚେତନା ବହୁଳ ଭାବେ ଅନୁରଣିତ । ସରଳ ବୋଧଗମ୍ୟ ଭାଷା ଓ ସୁଚିନ୍ତିତ ଶୈଳୀରେ ପାଠକପ୍ରାଣକୁ ଆହ୍ଲାଦିତ କରିବାକୁ ସକ୍ଷମ ଏହି ଯୁଗର ସାହିତ୍ୟ - ଏଥିରେ ସନ୍ଦେହ ନାହିଁ । ସ୍ରଷ୍ଟାମାନଙ୍କ ଅମ୍ଳାନ ରଚନା ଉଚ୍ଚକୋଟୀର କୃତି ଓ ମର୍ଯ୍ୟାଦାସମ୍ପନ୍ନ ହୋଇଥିବାରୁ ଏହି ସମୟର ମନସ୍ୱୀ ଲେଖକମାନେ ଯୁଗଯୁଗ ପାଇଁ ଅମର ହୋଇ ରହିବେ ।

ନାଗାବଗିଚା, ମଧୁବନ ପ୍ରଥମଗଳି, ପୁରୀ-୨
ମୋ: ୯୮୬୧୪୭୨୪୫୭

## ପୁସ୍ତକ ପରିଚୟ

### ଭାବ ବିଭାବନା

ଦୁର୍ଗାପ୍ରସାଦ ଆଚାର୍ଯ୍ୟ



ପଶ୍ଚିମା ପବ୍ଲିକେଶନ୍‌ସ
୧୮୮୨, ନୟାପଲ୍ଲୀ,
ଭୁବନେଶ୍ୱର
ପ୍ରଥମ ପ୍ରକାଶ: ୨୦୨୪
ମୂଲ୍ୟ: ୨୨୯ ଟଙ୍କା

ଦୁର୍ଗାପ୍ରସାଦ ଆଚାର୍ଯ୍ୟଙ୍କ ଲଳିତ ନିବନ୍ଧ ସଂକଳନ 'ଭାବ ବିଭାବନା' ପ୍ରକାଶ ପାଇଛି । ଏହି ପୁସ୍ତକରେ ସଂକଳିତ ପ୍ରବନ୍ଧଗୁଡ଼ିକ ସଂକ୍ଷିପ୍ତ ଅଥଚ ଭାବଗର୍ଭକ । ପ୍ରତିଟି ପ୍ରବନ୍ଧରେ ନାନ୍ଦନିକ ଅନୁଭୂତି ଓ ଅଭିଜ୍ଞତାର ପରିପ୍ରକାଶ ଘଟିଛି । 'ଜଣେ ପଦାର୍ଥ ବିଜ୍ଞାନୀଙ୍କ ଦୃଷ୍ଟିରେ ଈଶ୍ୱର- ପ୍ରତ୍ୟୟ', 'ଜୀବନ କବିତା', 'କୃତ୍ରିମ ବୁଦ୍ଧିମତ୍ତା ଓ ମାନବୀୟ ସୃଜନଶୀଳତା', 'ଅଲୌକିକ ଭାବ ବିଶ୍ୱାସ ଓ ବିଜ୍ଞାନ', 'ଡକ୍ଟର ଆମ୍ବେଦକର ଓ ବୌଦ୍ଧଧର୍ମର ବିଚାରଧାରା', 'ଈଶ୍ୱରବାଦୀ ଭାବବିଚାର ଓ ହେତୁବାଦ', 'ଓଡ଼ିଆ ଭାଷାକୋଷର ଉଚ୍ଚାଙ୍ଗ ଶବ୍ଦ ସମ୍ଭାର', 'ଫ୍ରାନ୍‌ଜ କାଫ୍‌କା ଏବେ ବି ପ୍ରାସଙ୍ଗିକ କାହିଁକି', 'ରବୀନ୍ଦ୍ର ନାଥ ଓ ଆଇନଷ୍ଟାଇନ୍', 'ଓଡ଼ିଆ ଭାଷାର ଜାହ୍ନବୀ' ଆଦି ପ୍ରବନ୍ଧଗୁଡ଼ିକ ଉଚ୍ଚକୋଟୀର ଓ ଚିନ୍ତନଶୀଳ ହୋଇଛି । ଏହି ପୁସ୍ତକର ପ୍ରତ୍ୟେକ ପ୍ରବନ୍ଧ ତଥ୍ୟଭିତ୍ତିକ ଓ ଯୁକ୍ତିସଂଗତ । 'ବିଡ଼ମ୍ବିତ ଦାମ୍ପତ୍ୟ', 'ରୋବଟ୍‌ର ଆତ୍ମହତ୍ୟା', 'ବନ୍ଦୀ ମାନବିକ ମୂଲ୍ୟବୋଧ ଓ ଜଣେ ନିର୍ଭୟା ଶିକ୍ଷାଦାତ୍ରୀ' ଆଦି ଲଳିତ ନିବନ୍ଧରେ ସାଂପ୍ରତିକ ସମାଜର କେତେକ ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ଆଲୋକପାତ କରାଯାଇଛି । ବିଜ୍ଞାନ, ଧର୍ମ, ଦର୍ଶନ, ରାଜନୀତି, ଭାଷା, ସାହିତ୍ୟ ଆଦି ବିଭିନ୍ନ ପ୍ରସଙ୍ଗକୁ ଆଧାର କରି ଏହି ପୁସ୍ତକରେ ସନ୍ନିବେଶିତ ପ୍ରବନ୍ଧଗୁଡ଼ିକ ଋଦ୍ଧିମନ୍ତ ହୋଇଛି । ପୁସ୍ତକରେ ସଂକଳିତ ପ୍ରତିଟି ଲେଖାର ସ୍ୱର ଓ ଭାବ ନିଆରା । 'ଭାବ ବିଭାବନା'ର ଲେଖାଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ ।

### ଭାବରୂପ

ପବିତ୍ର ମୋହନ ଦାଶ



ଅଦିତି
କଟକ
ପ୍ରଥମ ପ୍ରକାଶ: ୨୦୨୩
ମୂଲ୍ୟ: ୯୦ ଟଙ୍କା

କବିତାରେ ଭାବର କୋଣାର୍କ ନିର୍ମାଣ କରୁଥିବା କବି ପବିତ୍ର ମୋହନ ଦାଶଙ୍କ ନିବନ୍ଧ ପୁସ୍ତକ 'ଭାବରୂପ' ପ୍ରକାଶ ପାଇଛି । ଏହି ପୁସ୍ତକରେ ମୋଟ ୨୧ଟି ନିବନ୍ଧ ସଂକଳିତ ହୋଇଛି । 'ପଠିତ କବିତ୍ୱ ବନାମ ପରିବେଷିତ କବିତ୍ୱ', 'ନେପଥ୍ୟ ସଙ୍ଗୀତ ଓ ନାଟକୀୟତା', 'ଚିରନ୍ତନତା ଓ ମୁହୂର୍ତ୍ତର ସୀମାନ୍ତ', 'ହାଟ, ବାଟ ଓ ଭାଷା ଚହଟ', 'କାବ୍ୟ ନାୟକର ରୂପାନ୍ତର', 'ଶବ୍ଦଙ୍କ ଜୀବନ୍ୟାସ', 'ଦୁଃଖବୋଧ ଓ କବିତ୍ୱ', 'ଦୁଃଖ ସହ ବାସ', ' ଅନ୍ଧାରର ଆଲୁଅରେ କବିପଣ', 'ଅଜ୍ଞାତର ରୂପକ', 'କଳ୍ପଲୋକ ବନାମ ବାଞ୍ଛିତ ପୃଥିବୀ', 'ଅନାତ୍ମାର କବିତା', 'ଅସ୍ତିତ୍ୱର କୁହୁକ ଓ ଆନନ୍ଦବୋଧ', 'ବିସ୍ମୟବୋଧ ଓ ସର୍ଜନା', 'କଳ୍ପନାର ଚଳନ' ଆଦି ପ୍ରବନ୍ଧଗୁଡ଼ିକ ଉଚ୍ଚାଙ୍ଗ ଓ ମନଛୁଆଁ ହୋଇଛି । 'ପଠିତ କବିତ୍ୱ ବନାମ ପରିବେଷିତ କବିତ୍ୱ' ନିବନ୍ଧଟି ଚମତ୍କାର ହୋଇଛି । ଲୋକକବିଙ୍କ କବିତା କିଭଳି ଆଜି ମଧ୍ୟ ସାଧାରଣ ଲୋକଙ୍କୁ ଆକୃଷ୍ଟ କରିପାରିଛି, ତାହା ବର୍ଣ୍ଣନା କରାଯାଇଛି ଏହି ପ୍ରବନ୍ଧରେ । ଏହି ପୁସ୍ତକର ଅନେକ ପ୍ରବନ୍ଧରେ କବିତାର ଭାବ ଓ ଜୀବନବୋଧର କଥା ଉତ୍କୀର୍ଣ୍ଣ ହୋଇଛି । କଳା, କବିତା, ସଙ୍ଗୀତ, ନାଟକ ଭିତରେ ଥିବା ଆନନ୍ଦବୋଧ ଓ ଜୀବନମୟତାକୁ ଅତି ସୂକ୍ଷ୍ମ ଭାବରେ ବିଭିନ୍ନ ପ୍ରବନ୍ଧରେ ପ୍ରାବନ୍ଧିକ ଆଲୋକପାତ କରିଛନ୍ତି । ଗଦ୍ୟ ରଚନା ଭିତରେ କବିତାର ଭାବକୁ ପାଠକମାନେ ଏହି ପୁସ୍ତକରେ ଅନୁଭବ କରିବେ ବୋଲି ଆଶା କରାଯାଏ ।

### ଲମ୍ବା ରାତି

ମମତା ସାହୁ



ଟାଇମ୍ ପାସ୍
ନୀଳକଣ୍ଠେଶ୍ୱର ମାର୍ଗ, ବରମୁଣ୍ଡା
ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୪
ମୂଲ୍ୟ: ୧୯୫ ଟଙ୍କା

"ଏବେ ରାତିରେ ରତି ନାହିଁ କି/ ରତିରେ ରାତି/ ଝରକା ଫାଙ୍କରେ/ ଦରମଲା ଜହ୍ନ ମାଗୁଛି ସୁରତି/ ପଦିଆନା ସିଲଟରେ ଶୂନ ଲେଖି/ ଜୀବନକୁ ମୁଣ୍ଡୁଳି ଭାବୁଛି ।" ରାତି ବେଶ୍ ରହସ୍ୟମୟ । କିନ୍ତୁ ଏହି ରହସ୍ୟ ଭିତରେ ମଧ୍ୟ ଛପି ରହିଛି ଜୀବନର ସ୍ୱାଦ । ଏଭଳି ସ୍ୱପ୍ନମୟ ରାତିର ଗହନ କଥା ମାର୍ମିକ ଭାବେ ପ୍ରତିଫଳିତ ହୋଇଛି ମମତା ସାହୁଙ୍କ 'ଲମ୍ବା ରାତି' କବିତା ପୁସ୍ତକରେ । ଏହି ପୁସ୍ତକରେ ସଂକଳିତ 'ଚିତ୍ର ପ୍ରତିମା', 'ଡାହାଣୀ', 'ବିସ୍ଥାପିତ', 'ଦେଶ', 'ସ୍ତ୍ରୀ ଲୋକ', 'ଦେହଦାହ', 'କାଳିଝିଅର ମାଆ', 'ବର୍ଷାବରଣ', 'ଝିଅ ଓ ବର୍ଷା', 'ଦଗାବାଜ୍ ପ୍ରେମିକା', 'ସଞ୍ଜ ନଇଁଗଲେ', 'ଲହୁ', 'ଦୋଚାରୁଣୀ' ଆଦି କବିତା ହୃଦୟସ୍ପର୍ଶୀ ହୋଇଛି । ମାନବୀୟ ଆବେଗ, ଜୀବନର ଦ୍ୱନ୍ଦ୍ୱ, ସଂଘର୍ଷ, ସାମାଜିକ ବାସ୍ତବତାର ଚିତ୍ର ମର୍ମସ୍ପର୍ଶୀ ଭାବେ ଅନେକ କବିତାରେ ପ୍ରସ୍ଫୁଟିତ ହୋଇଉଠିଛି । ସେହିପରି 'ରାତି ସାଢ଼େବାର', 'ଖରାବେଳେ ନାରୀ ନଦୀ ରାତି ହେଲେ ସମୁଦ୍ର', 'ରାତିଟା ଭାରି ସନ୍ଦେହୀ', 'ଲମ୍ବା ରାତି', 'ଶୀତରାତି ଓ ରାଜକୁମାରମାନେ', 'ଜହ୍ନ ରାତିରେ ବର୍ଷା' ଆଦି କବିତାରେ ରାତିର ଚିତ୍ର, ଚରିତ୍ରର କଥା ବର୍ଣ୍ଣିତ ହୋଇଛି । କବି କେତେବେଳେ ପ୍ରେମର ଉଚ୍ଛ୍ୱାସ ତ ପୁଣି କେତେବେଳେ ବିଦ୍ରୋହର ସ୍ୱର ଉତ୍ତୋଳନ କରିଛନ୍ତି କବିତା ମାଧ୍ୟମରେ । 'ଲମ୍ବା ରାତି'ର କବିତାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ ।

## ନିଯୁକ୍ତି ନାଁରେ ଲକ୍ଷାଧିକ ଠକେଇ; ୨ ଗିରଫ

ବଲାଙ୍ଗିର, ୧୮।୧(ସମିସ): ନିଯୁକ୍ତି ଦେବାକୁ କହି ଲୋକଙ୍କଠାରୁ ଲକ୍ଷାଧିକ ଟଙ୍କା ଠକି ନେଇଥିବା ଏକ ବଡ଼ଧରଣର ରାକେଟର ପର୍ଦ୍ଦାଫାସ୍ କରିଛି ବଲାଙ୍ଗିର ପୁଲିସ୍। ଏହି ଘଟଣାରେ ପୁଲିସ୍ ଦୁଇଜଣଙ୍କୁ ଗିରଫ କରିଛି। ସେମାନେ ହେଲେ, ଢେଙ୍କାନାଳ ଜିଲ୍ଲା କଣ୍ଟାବଣିଆ ଥାନା ଅଧୀନ ମଙ୍ଗଳାପୁର ଗ୍ରାମର ମାତୃପ୍ରସାଦ ସେଠୀ(୫୪) ଏବଂ କୋଲକାତା ରବୀନ୍ଦ୍ର ନଗରର ଗୋପାଳ କୁମାର (୩୫)। ସେମାନଙ୍କଠାରୁ ୨ ଲକ୍ଷ ୭ ହଜାର ଟଙ୍କା, ୨୫ଟି କମ୍ପ୍ୟୁଟର ଏବଂ ପ୍ରିଣ୍ଟର, ୧୨ଟି ମୋବାଇଲ ଫୋନ, ୮ଟି ସିମ୍‌କାର୍ଡ, ୧ଟି କାଉଣ୍ଟର ସିଲ, ୨୪ଟି ବ୍ୟାଙ୍କ ପାସବୁକ୍ ଏବଂ ଏଟିଏମ କାର୍ଡ, ୧୫ ଟି ନକଲି ପରିଚୟପତ୍ର ସହ ଅନ୍ୟାନ୍ୟ ପ୍ରମାଣପତ୍ର ସହ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ରିଜର୍ଭ ପୁଲିସ୍ କାର୍ଯ୍ୟାଳୟଠାରେ ଆଜି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବଲାଙ୍ଗିର ଏସ୍‌ପି ଋଷିକେଶ ଖିଲାରୀ ଏହି ସୂଚନା ଦେଇଛନ୍ତି। ଏସ୍‌ପି କହିଥିଲେ ଯେ ମୁଖ୍ୟ ଅଭିଯୁକ୍ତ ମାତୃପ୍ରସାଦ ସେଠୀ ଓ ସହଯୋଗୀ ଗୋପାଳ କୁମାର ବିଭିନ୍ନ ନାମରେ ସଂସ୍ଥା ଖୋଲି ସେଥିରେ ନିବେଶ କରିବାକୁ ଲୋକଙ୍କୁ ପ୍ରବର୍ତ୍ତାଉଥିଲେ। ଏହି ସଂସ୍ଥାକୁ ବିଦେଶରୁ ଟଙ୍କା ଆସିବ କହି ସାଧାରଣଙ୍କୁ ଭୁଆଁ ବୁଲାଉଥିଲେ।

### ମୁମୂର୍ଷୁ ଅବସ୍ଥାରେ ଜଙ୍ଗଲରୁ ଯୁବତୀ ଉଦ୍ଧାର ହେବା ଘଟଣା

## ପୀଡ଼ିତାଙ୍କ ଘରେ ବିଜେଡି ଟିମ୍

ବରଗଡ଼, ୧୮।୧(ସମିସ): ଧନୁଯାତ୍ରାରୁ ନିଖୋଜ ଜଣେ ଯୁବତୀ ୪୮ ଘଣ୍ଟା ପରେ ଜଙ୍ଗଲରୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର ହେବା ଘଟଣାରେ ଆଜି ବିଜେଡିର ଏକ ପ୍ରତିନିଧିଦଳ ବରଗଡ଼ସ୍ଥିତ ପୀଡ଼ିତାଙ୍କ ପରିବାରକୁ ଭେଟି ସମବେଦନା ଜ୍ଞାପନ କରିବା ସହ ତଥ୍ୟ ଅନୁସନ୍ଧାନ କରିଛନ୍ତି। ଏଭଳି ଏକ ସ୍ପର୍ଶକାତର ଘଟଣାରେ ପୁଲିସ୍‌ର ନିଷ୍କ୍ରିୟତାକୁ ନେଇ ପ୍ରତିନିଧିଦଳ ଆଶ୍ଚର୍ଯ୍ୟ ପ୍ରକଟ କରିବା

### ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଓ ପୀଡ଼ିତାଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ ଦାବି

### ୧୨ଘଣ୍ଟିଆ ବନ୍ଦ ଡାକରା ଦେଲା ଯୁବକ ସଂଘ

ସହ ସରକାରଙ୍କ ବିରୋଧରେ ବିଷୋଦ୍‌ଗାର କରିଛନ୍ତି। ରାଜନୈତିକ ଚାପର ବଶବର୍ତ୍ତୀ ହୋଇ ପୁଲିସ୍ ଦୋଷୀଙ୍କୁ ଘଣ୍ଟ ଘୋଡ଼ାଇବାକୁ ଉଦ୍ୟମ କରୁଛି ବୋଲି ବିଜେଡି ଅଭିଯୋଗ କରିଛି। ଏହାସହ, ରାଜ୍ୟରେ ଆଇନଶୃଙ୍ଖଳା ପୂରା ବିପର୍ଯ୍ୟସ୍ତ ହୋଇପଡ଼ିଥିବାରୁ ନୈତିକତା ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦିଅନ୍ତୁ ବୋଲି ଦଳ ପକ୍ଷରୁ ଦାବି କରାଯାଇଥିଲା। ପରେ ପ୍ରତିନିଧିଦଳ ବରଗଡ଼ ଏସ୍‌ପିଙ୍କୁ ସାକ୍ଷାତ କରି ତୁରନ୍ତ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ଦାବି କରିଛନ୍ତି। ତୁରନ୍ତ ନ୍ୟାୟ ନ ମିଳିଲେ, ଆଗାମୀ ଦିନରେ ବିଜେଡି ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଛି। ତେବେ ଏହି ଅବସରରେ ବରଗଡ଼ ଏସ୍‌ପି ପ୍ରହଲ୍ଲାଦ ମୀନା କହିଥିଲେ ଯେ



ଜିଲ୍ଲା ତଥା ଜିଲ୍ଲା ବାହାରକୁ ପୁଲିସ୍‌ର କିଛି ଟିମ୍ ଯାଇଛନ୍ତି। ସମସ୍ତ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଧରାଯିବ।

ସୂଚନାଯୋଗ୍ୟ, ଏହି ପ୍ରତିନିଧିଦଳରେ ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ବିଜେଡି ଜିଲ୍ଲା କାର୍ଯ୍ୟକାରୀ ସଭାପତି ସୁଶାନ୍ତ ମହାପାତ୍ର, ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ବରଗଡ଼ ପୌରାଧ୍ୟକ୍ଷା କଳ୍ପନା ମାଝୀ, ଆଇନଜୀବୀ ଅନୁପ ଶତପଥୀ ଓ ଜିଲ୍ଲା ପରିଷଦ ସଭ୍ୟାବୃନ୍ଦଙ୍କ ସମେତ ବହୁ ସ୍ଥାନୀୟ ବିଜେଡି ନେତା ସାମିଲ ଥିଲେ। ଅପରପକ୍ଷେ ଏହି ଘଟଣାରେ ଆଜି ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ପକ୍ଷରୁ ମଙ୍ଗଳବାର ଦିନ ୧୨ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଛି। ସଂଘ କାର୍ଯ୍ୟାଳୟରେ ଆୟୋଜିତ ଏକ ସର୍ବଦଳୀୟ ବୈଠକରେ ଆଜି ଏହି ନିଷ୍ପତ୍ତି ନିଆଯାଇଛି। ବୈଠକରେ ବରଗଡ଼ ବାର୍ ଆସୋସିଏସନ୍ ସହ ବିଜୁ ଜନତା ଦଳ, ବରଗଡ଼ ଜିଲ୍ଲା କଂଗ୍ରେସ, ଆପ୍, ସଂଯୁକ୍ତ କୃଷକ ସଂଗଠନ, ଆମ୍ବେଦକର ଯୁବକ ସଙ୍ଘ, ଭୀମ ଆର୍ମି, ବରଗଡ଼ ନାଗରିକ କମିଟି, ସମ୍ବିଧାନ ସୁରକ୍ଷା ମଞ୍ଚ ଓ ବିଭିନ୍ନ ସାମାଜିକ ସଂଗଠନ, ବୁଦ୍ଧିଜୀବୀ ସାମିଲ ହୋଇଥିଲେ। ବୈଠକରେ ପୁଲିସ୍‌ର ନିଷ୍କ୍ରିୟତାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ଆଲୋଚନାରେ ଭୀଷ୍ମଦେବ ସରାଫ, ଦ୍ୱିତୀଶ ଆଚାର୍ଯ୍ୟ, ଜାପାନ ମହାପାତ୍ର, ହରଦୀପ ସିଂ, ଭବାନୀ ସାହୁ, ସ୍ନେହାଙ୍ଗିନୀ ଛୁରିଆ, ଦେବେଶ ଆଚାର୍ଯ୍ୟ, ନିପନ ଦାସ, ବର୍ମା ମହାକୁର, କଳ୍ପନା ମାଝୀ, ରମେଶ ମହାପାତ୍ର ପ୍ରମୁଖଙ୍କ ସହିତ ଶତାଧିକ ସଚେତନ ନାଗରିକ ଅଂଶଗ୍ରହଣ କରିଥିଲେ।

## ଟୋଲ୍‌ଗେଟ୍ ଧରିବ ବୀମାବିହୀନ ଗାଡ଼ି

କଟକ, ୧୮।୧ (ସମିସ): ବର୍ଷବର୍ଷ ଧରି ବୀମା ନଥାଇ ଗାଡ଼ି ଚଳାଇ ଆସୁଥିବା ଚାଳକ ସାବଧାନ। ଏଥର ସେମାନଙ୍କୁ ଟୋଲଗେଟ୍ ଧରିବ ଏବଂ ସେମାନେ ଆଉ ଜରିମାନାରୁ ବର୍ତ୍ତିପାରିବେ ନାହିଁ। ପରିବହନ ପ୍ରାଧିକରଣ ପକ୍ଷରୁ ଏଭଳି ନିୟମ ଉଲ୍ଲଙ୍ଘନକାରୀଙ୍କୁ ସ୍ୱୟଂକ୍ରିୟ ପ୍ରଣାଳୀରେ ଧରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଇ-ଚିହ୍ନଟ ପ୍ରକ୍ରିୟାରେ ଏଭଳି ବୀମା ନଥିବା ଗାଡିଗୁଡ଼ିକ ପାଇଁ ଜାରି ହେବ ଇ-ଚାଲାଣ। ଆସନ୍ତା ଫେବ୍ରୁଆରୀ ପହିଲାରୁ ରାଜ୍ୟର ଜାତୀୟ ରାଜପଥଗୁଡ଼ିକରେ ଥିବା ସମସ୍ତ ୨୨ଟି ଟୋଲଗେଟ୍‌ରେ ଏହା କାର୍ଯ୍ୟକାରୀ ହେବାକୁ ଯାଉଛି। ଅନେକ ଘରୋଇ ଓ ବ୍ୟବସାୟିକ ଗାଡ଼ି ନିୟମ ଉଲ୍ଲଙ୍ଘନ କରି ବୀମା କରୁନାହାନ୍ତି। ଫଳରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁରେ ମୃତକଙ୍କ ପରିବାର ଅନୁକମ୍ପାମୂଳକ ବୀମା ରାଶି ପାଇବାରୁ ବଞ୍ଚିତ ହେଉଛନ୍ତି। ଏନେଇ ସରକାର ଉଦ୍‌ବେଗ ପ୍ରକାଶ କରିବା ସହ ଏପରି ଏକ ନୂଆ ବ୍ୟବସ୍ଥା ଲାଗୁ କରିବାକୁ ଯାଉଛନ୍ତି। ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପରିବହନ ଆୟୁକ୍ତ ଅମିତାଭ ଠାକୁର କହିଛନ୍ତି।

ମୋଟର ଯାନ ଆଇନ ଅନୁଯାୟୀ, ବୈଧ ବୀମା ନଥାଇ ଗାଡ଼ି ଚଳାଚଳ କରୁଥିବା ନିୟମ ଉଲ୍ଲଙ୍ଘନକାରୀଙ୍କୁ ଚିହ୍ନଟ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମୋଟର ଯାନ ଆଇନର ଧାରା ୧୪୬ ଅନୁଯାୟୀ ପ୍ରତ୍ୟେକ ମୋଟର ଯାନ ବୈଧ ବୀମାଭୁକ୍ତ ହେବା ବାଧ୍ୟତାମୂଳକ। ଏହାର ଉଲ୍ଲଙ୍ଘନ କଲେ ଧାରା ୧୯୬ ଅନୁଯାୟୀ ୨ ହଜାର ଟଙ୍କା ଜରିମାନା କିମ୍ବା ୩ ମାସ ପର୍ଯ୍ୟନ୍ତ ଜେଲ୍ କିମ୍ବା ଉଭୟ ଦଣ୍ଡ

### ସ୍ୱୟଂକ୍ରିୟ ପଦ୍ଧତିରେ ଜାରି ହେବ ଇ-ଚାଲାଣ

### ଫେବ୍ରୁଆରୀ ପହିଲାରୁ ୨୨ଟି ଟୋଲଗେଟ୍‌ରେ ଲାଗୁ

ଭୋଗିବାକୁ ପଡ଼ିବ। ସେହିଭଳି ପୁନର୍ବାର ନିୟମ ଉଲ୍ଲଂଘନ କଲେ ଜରିମାନା ରାଶି ୪ହଜାର ଟଙ୍କା କିମ୍ବା ୩ ମାସ ପର୍ଯ୍ୟନ୍ତ ଜେଲ କିମ୍ବା ଉଭୟ ଦଣ୍ଡରେ ଦଣ୍ଡିତ କରାଯିବାର ପ୍ରାବଧାନ ରହିଛି। ପୂର୍ବରୁ ଇ-ଚିହ୍ନଟ ପ୍ରକ୍ରିୟାରେ ପରମିଟ୍, ଫିଟନେସ୍, ଟିକସ ନିୟମ ଉଲ୍ଲଂଘନକାରୀ ଟୋଲଗେଟ୍‌ରେ ଧରାପଡୁଥିଲେ। ଏବେ ବୀମା ନିୟମ ଉଲ୍ଲଂଘନକାରୀଙ୍କୁ ମଧ୍ୟ ଏହି ପ୍ରକ୍ରିୟାରେ ଚିହ୍ନଟ କରାଯିବ। ଏନ୍‌ଫୋର୍ସମେଣ୍ଟରେ ଆଧୁନିକ ଜ୍ଞାନକୌଶଳକୁ ଅଧିକ ବ୍ୟବହାର କରାଯିବାକୁ ନିଷ୍ପତ୍ତି ହୋଇଛି। ତେଣୁ ଗାଡ଼ିର ବୀମା ନଥିଲେ, ତୁରନ୍ତ ବୀମା କରାଇନେବାକୁ ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ଅନୁରୋଧ କରାଯାଇଛି।

### ଡିଜି-ଗଭ୍ ପୋର୍ଟାଲ ଅଚଳ

## ୪୬୦୦୦ ଶିକ୍ଷକ ଦରମାରୁ ବଞ୍ଚିତ

ଭୁବନେଶ୍ୱର, ୧୭।୧ (ସମିସ): ଅଚଳ ହୋଇପଡ଼ିଛି ଡିଜି-ଗଭ୍ ପୋର୍ଟାଲ। ଫଳରେ ବିଦ୍ୟାଳୟକୁ ମିଳୁଥିବା ବିଭିନ୍ନ ଅନୁଦାନ ଠପ୍ ହୋଇଯାଇଛି। ବିଦ୍ୟାଳୟ ଉନ୍ନତୀକରଣ ଓ ରକ୍ଷଣାବେକ୍ଷଣ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ବିଭିନ୍ନ ଅତ୍ୟାବଶ୍ୟକ କାର୍ଯ୍ୟ ବାକିରେ ଚାଲୁଛି। ଏପରିକି, ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ମଧ୍ୟ ଦରମା ମିଳୁନି। ପ୍ରାୟ ୨୦ଦିନ ହେବ ପୋର୍ଟାଲ୍‌ର ଅଚଳାବସ୍ଥା ଲାଗି ରହିଥିବାରୁ ପ୍ରାୟ ୪୬ ହଜାର ଶିକ୍ଷକ ଦରମା ପାଇବାରୁ ବଞ୍ଚିତ ହୋଇଛନ୍ତି। ଗୋଟିଏପଟେ ସରକାର କନିଷ୍ଠ ଶିକ୍ଷକ ସ୍କିମାଟିକ୍‌ଙ୍କ ଦରମା ପ୍ରାୟ ୫ ହଜାର ବଢ଼ାଇଥିବା ବେଳେ ଅଧାରୁ ଅଧିକ ଜିଲ୍ଲାର ସ୍କିମାଟିକ୍ ଶିକ୍ଷକମାନେ ଚାକିରି କରିବା ଦିନଠାରୁ ଆଦୌ ଦରମା ପାଇନାହାନ୍ତି।

ଡିଜି-ଗଭ୍ ପୋର୍ଟାଲ ଜରିଆରେ ସ୍କୁଲଗୁଡ଼ିକୁ ସମସ୍ତ ଅନୁଦାନ ପ୍ରଦାନ କରାଯାଇଥାଏ। କିନ୍ତୁ ଏହା ଅଚଳ ହୋଇପଡ଼ିଥିବାରୁ କମ୍ପୋଜିଟ୍ ଓ ଖେଳ ଅନୁଦାନ, ବିଦ୍ୟାଳୟର ନିରାପତ୍ତା ଓ ସୁରକ୍ଷା, ଏଫ୍‌ଏଲ୍‌ଏନ୍, ଇକୋ ଆଣ୍ଡ ୟୁଥ୍ କ୍ଲବ୍, ଛାତ୍ରଛାତ୍ରୀଙ୍କ ପୋଷାକ ପରି ବିଭିନ୍ନ ଅନୁଦାନ ମିଳିପାରୁନି। ସମସ୍ୟା ଏମିତି ଯେ ବିଦ୍ୟାଳୟରେ ବଲ୍‌ବ, ପଙ୍ଖା ଖରାପ ହେଲେ ମଧ୍ୟ ସଜାଡ଼ିବାକୁ ଅନୁଦାନ ନାହିଁ। ଅନୁରୂପ ଭାବେ ଏହି ପୋର୍ଟାଲ ମାଧ୍ୟମରେ କନିଷ୍ଠ ଶିକ୍ଷକ, ଖେଳ ଶିକ୍ଷକ ଓ ଏକ୍ସ କ୍ୟାଡର ଶିକ୍ଷକ, ଖେଳ ଶିକ୍ଷକ ଓ କନିଷ୍ଠ ଶିକ୍ଷକ (ସ୍କିମାଟିକ୍) ମାନେ ଦରମା ପାଇଥା'ନ୍ତି। ଏହି ସମସ୍ତ ବର୍ଗର ଶିକ୍ଷକଙ୍କ ସଂଖ୍ୟା ପ୍ରାୟ ୪୬ ହଜାରରୁ ଅଧିକ। ସେମାନେ ସମସ୍ତେ ଡିସେମ୍ବର ମାସର ଦରମା ପାଇପାରୁନାହାନ୍ତି। ସେହିପରି କାର୍ଯ୍ୟରତ ଥିବା ୧୩,୭୪୦କନିଷ୍ଠ ଶିକ୍ଷକ (ସ୍କିମାଟିକ୍)ଙ୍କ ମଧ୍ୟରୁ ଅଧାରୁ ଅଧିକ ଜିଲ୍ଲାରେ ମୂଳରୁ ଦରମା ପାଇନାହାନ୍ତି। ଅର୍ଥାତ ଅକ୍ଟୋବର ୫ ତାରିଖରେ ନିଯୁକ୍ତି ପାଇବାଠାରୁ

### ପୋର୍ଟାଲ୍ ପରିଚାଳନା କରିପାରୁନି ଓସେପା

ତିନି ମାସ ବିତିଥିଲେ ମଧ୍ୟ ଅଧାରୁ ଅଧିକ ଜିଲ୍ଲାରେ ଆଦୌ ଦରମା ପାଇନାହାନ୍ତି। ଫଳରେ ସେମାନେ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ସଜବାଜ ହେଉଛନ୍ତି। ବହୁ ଜିଲ୍ଲାରେ କନିଷ୍ଠ ଶିକ୍ଷକମାନେ ନିୟମିତ ହୋଇଥିଲେ ମଧ୍ୟ ବର୍ଦ୍ଧିତ ଦରମା ପାଇପାରୁନାହାନ୍ତି। ଏହାର ପରିଚାଳନା ଦାୟିତ୍ୱ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା)ର ହୋଇଥିବା ବେଳେ ଏଯାଏ ଠିକ୍ କରାଯାଇ ନଥିବାରୁ ଶିକ୍ଷକ ଓ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି।

ଗତ ଶିକ୍ଷାବର୍ଷ ଆରମ୍ଭରୁ ଡିଜି-ଗଭ୍ ପୋର୍ଟାଲ୍ ଆରମ୍ଭ ହୋଇଛି। ଏହା ପୂର୍ବରୁ ପିଏଫ୍‌ଏମ୍‌ଏସ୍ ପୋର୍ଟାଲ ମାଧ୍ୟମରେ ଏହି ସମସ୍ତ କାର୍ଯ୍ୟ ହେଉଥିଲା। ପିଏଫ୍‌ଏମ୍‌ଏସ୍ ପୋର୍ଟାଲ ବାରମ୍ବାର ଅଚଳ ହେବାରୁ ଡିଜି-ଗଭ୍ ପୋର୍ଟାଲ୍‌କୁ ଆପଣାଇଥିଲା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ।

■ ସ୍ୱାମୀକୁ ଖୋଜିଖୋଜି ପାଇଲେନି

## ଥାନାରେ ଫିନାଇଲ୍ ପିଇ ପତ୍ନୀଙ୍କ ଆତ୍ମହତ୍ୟା ଉଦ୍ୟମ

ବନ୍ତ/ଆଗରପଡ଼ା, ୧୮।୧(ସମିସ): ଅହମଦାବାଦରୁ ଆସି ଭଦ୍ରକ ଜିଲ୍ଲା ବନ୍ତରେ ଦୀର୍ଘ ଦିନ ହେବ ସ୍ୱାମୀଙ୍କୁ ଖୋଜୁଥିଲେ ପ୍ରତାରିତା ପତ୍ନୀ। ସ୍ୱାମୀଙ୍କୁ ଖୋଜିଖୋଜି ନୟାନ୍ତ ହେଲେ; କିନ୍ତୁ ପତ୍ତା ମିଳିବା ସମ୍ଭବ ହେଲାନି। ଶେଷରେ ବାଧ୍ୟ ହୋଇ ଥାନାରେ ଆତ୍ମହତ୍ୟା ଉଦ୍ୟମ କଲେ ପତ୍ନୀ।

ସୂଚନା ମୁତାବକ, ଗୁଜରାଟ ଅହମଦାବାଦ ନିଉରୁମିପର ଅଞ୍ଚଳର ହିରଲ ମୋଦୀଙ୍କୁ ବନ୍ତ ଥାନା ଅଧୀନ ନରସିଂହପୁର ଗାଁର ମନୋଜ ନାୟକ ପ୍ରେମ ବିବାହ କରିଥିଲେ। ମନୋଜ ଓ ହୀରଲ ଦୁହେଁ ଏକ ଆଇଟି କମ୍ପାନୀରେ କାମ କରୁଥିବା ବେଳେ ଉଭୟଙ୍କ ମଧ୍ୟରେ ପ୍ରେମ ହେବା ପରେ ପରସ୍ପର ବିବାହ କରିଥିଲେ। ମନୋଜ ଓ ହୀରଲଙ୍କର ଗୋଟିଏ ଦୁଇ ବର୍ଷର ପୁତ୍ର ସନ୍ତାନ ମଧ୍ୟ ଅଛି। ହୀରଲଙ୍କ ରଙ୍କୱେ ପ୍ରାଇଭେଟ୍ ଲିମିଟେଡ୍ ନାମକ ଆଇଟି କମ୍ପାନୀ ଥିଲା। ମନୋଜ ତାକୁ ବ୍ୟାଙ୍କରେ ବନ୍ଧକ ରଖି ଲୋନ ଆଣିଥିଲେ; କିନ୍ତୁ କମ୍ପାନୀ ଏବେ ବନ୍ଦ ହେଇଗଲାଣି। ରହୁଥିବା ଘରକୁ ବନ୍ଧା ରଖି ଟଙ୍କା ଆଣିବାରୁ ବ୍ୟାଙ୍କ ଏବେ ଘର ନିଲାମ କରିବାକୁ ବସିଲାଣି। ମନୋଜ ଗାଁରେ ବ୍ୟବସାୟ କରୁଥିବା କହି ନିଜେ ସ୍ୱାବଲମ୍ବୀ ହେବା ପାଇଁ ପତ୍ନୀ ଓ ତାଙ୍କ ପରିବାର ଲୋକଙ୍କ ଘରକୁ ବନ୍ଧକ ରଖି ପର୍ଯ୍ୟାୟକ୍ରମେ ପ୍ରାୟ ୫ କୋଟି ଟଙ୍କା ଆଣିଲେ। ଶେଷରେ ସ୍ତ୍ରୀ ଓ ପୁଅକୁ ଛାଡ଼ି ଫେରାର ହୋଇଗଲେ ସ୍ୱାମୀ। ଛୋଟ ପୁଅକୁ ଧରି ଅହମଦାବାଦରୁ ଆସି ସ୍ୱାମୀଙ୍କୁ ଭଦ୍ରକ ଜିଲ୍ଲା ବନ୍ତରେ ଖୋଜୁଥିଲେ ହିରଲ। ବନ୍ତ ପୁଲିସଠାରୁ ପୁଲିସ ଡିଜି, ପୁଣି ଗାଁରୁ ମୁଖ୍ୟମନ୍ତ୍ରୀଙ୍କ ପାଖରେ ପହଞ୍ଚିଥିଲେ ସେ। ଛୁଆକୁ ଧରି ଗଳିକନ୍ଦିରେ ଖୋଜିଥିଲେ ସ୍ୱାମୀକୁ। କିନ୍ତୁ ସ୍ୱାମୀଙ୍କର କେୟଣସି ଟେର୍ ପାଇନଥିଲେ। କିନ୍ତୁ ପୁଲିସ ଦୀର୍ଘ ଦିନ ହେବ କୌଣସି ଅଭିଯୋଗ ଶୁଣୁ ନଥିବାରୁ ଶନିବାର ଥାନା ଭିତରେ ଫିନାଇଲ୍ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି ମହିଳାଜଣଙ୍କ। ତାଙ୍କୁ ଗୁରୁତର ଅବସ୍ଥାରେ ବନ୍ତ ପୁଲିସ୍ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ଜଣାପଡ଼ିଛି।

## ୨ ବାଇକ୍ ମୁହାଁମୁହିଁ ଧକ୍କା; ପ୍ରଧାନଶିକ୍ଷକଙ୍କ ସମେତ ୨ ମୃତ

ଫିରିଙ୍ଗିଆ, ୧୮।୧ (ସମିସ): କନ୍ଧମାଳ ଜିଲ୍ଲା ଗୋଛାପଡ଼ା ଥାନା ଡେରାକୁମ୍ପା ଆଗ୍ରଗାମୀ କାର୍ଯ୍ୟାଳୟ ନିକଟରେ ଶନିବାର ୨ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଜଣେ ପ୍ରଧାନ ଶିକ୍ଷକଙ୍କ ସମେତ ଦୁଇଜଣଙ୍କ ମୃତ୍ୟୁ ଘଟିଛି। ମୃତ ଶିକ୍ଷକଜଣଙ୍କ ହେଲେ, କନ୍ଧମାଳ ଜିଲ୍ଲା ଚକାପାଦ ଥାନା ଘାଟିଗୁଡ଼ା ଗାଁର ରବିଚନ୍ଦ୍ର ଦାଶ। ପରିବାର ସହ ସେ ଫୁଲବାଣୀରେ ରହନ୍ତି। ସେ ଫିରିଙ୍ଗିଆ ବ୍ଲକ ନୂଆପଦରରେ ଥିବା ବନବାସୀ ଉଚ୍ଚବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟରତ। ସେହିପରି ଅନ୍ୟ ଜଣେ ମୃତକ ହେଲେ, ଗୋଛାପଡ଼ା ଥାନା ଅନ୍ତର୍ଗତ ସଲାଗୁଡ଼ା ଗାଁର ବିଶ୍ୱମ୍ବର କହଁର। ପୁଲିସ୍ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ସୂଚନାନୁସାରେ, ରବିଚନ୍ଦ୍ର ଆଜି ସକାଳୁ ଫିରିଙ୍ଗିଆ ବ୍ଲକ୍‌ର ଲୋଇସିଂ ହାଇସ୍କୁଲରେ ଥିବା ଶିକ୍ଷକ ତାଲିମ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ବାଇକ୍‌ରେ ଯାଉଥିବା ବେଳେ ଏହି ଅଘଟଣ ଘଟିଥିଲା। ଫୁଲବାଣୀ-ଗୋଛାପଡ଼ା ମୁଖ୍ୟରାସ୍ତାର ଡେରାକୁମ୍ପାରେ ଥିବା ଅଗ୍ରଗାମୀ କାର୍ଯ୍ୟାଳୟ ନିକଟରେ ଗୋଛାପଡ଼ା ପଟୁ ଦ୍ରୁତ ଗତିରେ ଆସୁଥିବା ଏକ ବାଇକ୍ ସହ ତାଙ୍କର ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସେହିପରି ଅନ୍ୟ ବାଇକ୍‌ର ଚାଳକ ବିଶ୍ୱମ୍ବର ଓ ପଛରେ ବସିଥିବା ଜଣେ ଯୁବକ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଚିକିତ୍ସା ପାଇଁ ପ୍ରଥମେ ଗୋଛାପଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ବିଶ୍ୱମ୍ବରଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଘଟଣାସ୍ଥଳରେ ଗୋଛାପଡ଼ା ଥାନା ଅଧିକାରୀ ଚିରଞ୍ଜୀବ ବେହେରା ପହଞ୍ଚି ମୃତଦେହ ଜବତ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଦୋଛକିରେ ରାଜ୍ୟ...

ସୃଷ୍ଟି କରିଛି। ପୂର୍ବ ସରକାରଙ୍କ ୨୪ଟି ଯୋଜନାର ନାମ ପରିବର୍ତ୍ତନ କରାଯାଇଥିଲେ ହେଁ ଅଧିକାଂଶ ଯୋଜନା ପାଇଁ ପାଣ୍ଠି ବ୍ୟୟରେ ଶିଥିଳତା ଦେଖାଦେଇଛି। ଯାହା ଏବେ ଚିନ୍ତାର କାରଣ ପାଲଟିଛି। ଆଗାମୀ ବଜେଟ୍ ଆଗତ ପାଇଁ ମାତ୍ର ଏକମାସରୁ କମ୍ ସମୟ ଥିବାବେଳେ ପ୍ରାକ୍ ବଜେଟ୍ ପ୍ରସ୍ତୁତି ପାଇଁ ଅର୍ଥ ବିଭାଗ ପକ୍ଷରୁ କସରତ ଆରମ୍ଭ ହୋଇଛି। କିନ୍ତୁ ବିଭାଗୱାରୀ ତଥ୍ୟ ସମ୍ବଳିତ ପ୍ରସ୍ତାବ ଉପସ୍ଥାପନରେ ସମସ୍ୟା ବିଭାଗ ପାଇଁ ଆହ୍ୱାନ ପାଲଟିଛି।

ଯଦିଓ ପୂର୍ବାପେକ୍ଷା ୨୦୨୪-୨୫ ବଜେଟରେ ଅଧିକ ବ୍ୟୟବରାଦ ହୋଇଛି ତଥାପି ପାଣ୍ଠି ବ୍ୟୟରେ ସରକାର ବହୁ ପଛରେ ରହିଥିବାରୁ ବିଧାନସଭାରେ ବିରୋଧୀ ତୀବ୍ର ସମାଲୋଚନା କରିଛନ୍ତି। ଆମ ହସ୍ପିଟାଲ, ମିଶନ୍ ଶକ୍ତି ଭିତ୍ତିଭୂମି, ମୋ ସ୍କୁଲ ଅଭିଯାନ, ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା, ମୋ ବସ୍‌ଷ୍ଟାଣ୍ଡ, ମୁଖ୍ୟମନ୍ତ୍ରୀ କର୍ମତତ୍ପର ଯୋଜନା, ଆମ ବ୍ୟାଙ୍କ, କ୍ରୀଡ଼ା ଭିତ୍ତିଭୂମି, ମୁଖ୍ୟମନ୍ତ୍ରୀ ସେତୁ ଯୋଜନା, ବିପର୍ଯ୍ୟୟ ପରିଚାଳନା, ମହାନଦୀ ରିଭର ଫ୍ରଣ୍ଟ ଉନ୍ନୟନ ପ୍ରକଳ୍ପ, ଲାଭ ଯୋଜନା, ବସୁଧା, ମହିଳା ଏସ୍‌ଏଚ୍‌ଜିଙ୍କ ମଧ୍ୟରେ ଉଦ୍ୟୋଗୀ ସୃଷ୍ଟି ପାଇଁ ପ୍ରୋତ୍ସାହନ, ଦୁଗ୍ଧ ବନ୍ୟା ମିଶନ ଭଳି ଯୋଜନାରେ ଅର୍ଥ ବ୍ୟୟ ଉତ୍ସାହଜନକ ନଥିବା ଜଣାପଡିଛି। ଗତ ବଜେଟରେ ସରକାର ଆୟୁଷମାନ ଭାରତ ପାଇଁ ୫୦୦ କୋଟି ଏବଂ ଆୟୁଷମାନ ଭାରତ ସ୍ୱାସ୍ଥ୍ୟ ସେବା ଭିତ୍ତିଭୂମି ପାଇଁ ୩୮୮ କୋଟି ଦେଇଥିଲେ ସେଥିରେ ହାତ ବାଜି ନାହିଁ। ନୂଆ ସରକାରଙ୍କର ଅନେକ ନିଜସ୍ୱ ଯୋଜନାରେ ମଧ୍ୟ ଚଳିତ ବର୍ଷ କାମ ନୈରାଶ୍ୟଜନକ ରହିଥିବା ଅଭିଯୋଗ ହୋଇଛି। ଅନେକ ପ୍ରକଳ୍ପ କାର୍ଯ୍ୟାଦେଶରେ ପରିବର୍ତ୍ତନ ହେବ ବୋଲି ସରକାର କହିଥିବାରୁ ପାଣ୍ଠି ବ୍ୟୟ ପ୍ରଭାବିତ ହୋଇଛି। ଜାରି ରହିଥିବା ପୁରୁଣା କାମରେ ମଧ୍ୟ ମନ୍ଥରତା ଆସିଥିବା କୁହାଯାଇଛି। ସାଧାରଣତଃ ଗୋଟିଏ ଆର୍ଥିକ ବର୍ଷର ବଜେଟ ବ୍ୟୟ ଉପରେ ଆଗାମୀ ବର୍ଷର ବଜେଟ ପ୍ରସ୍ତୁତି ନିର୍ଭର କରେ। କିନ୍ତୁ ଚଳିତ ବଜେଟରେ ପ୍ରାୟ ୫୦% ପାଣ୍ଠି ଖର୍ଚ୍ଚ ହୋଇନପାରିବା ନୂଆ ବଜେଟକୁ ପ୍ରଭାବିତ କରିବା ଆଶଙ୍କା ରହିଛି। ତେବେ ଧାନ କିଣାରେ ବର୍ଦ୍ଧିତ ସବ୍‌ସିଡି, ସୁଭଦ୍ରା ଯୋଜନା, ବର୍ଦ୍ଧିତ ସାମାଜିକ ସୁରକ୍ଷା ଭତ୍ତା, ମାଧୋ ସିଂ ହାତଖର୍ଚ୍ଚ ଭଳି ଟଙ୍କା ବଣ୍ଟା ଯୋଜନା ଆଗାମୀ ବଜେଟରେ ଗୁରୁତ୍ୱବହନ କରିବ ବୋଲି ଅର୍ଥନୀତିଜ୍ଞ ମତ ପ୍ରକାଶ କରିଛନ୍ତି।

### 'ଡାଲମିଆ ସିମେଣ୍ଟ'...

ଅପରପକ୍ଷେ, ମୃତକଙ୍କ ପରିବାରବର୍ଗଙ୍କୁ ୨୫ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ଦେଇଛନ୍ତି କାରଖାନା କର୍ତ୍ତୃପକ୍ଷ। ଏତଦ୍‌ବ୍ୟତୀତ ମୃତକଙ୍କ ପରିବାରର ଜଣଙ୍କୁ ନିଯୁକ୍ତି ପ୍ରଦାନ, ସେମାନଙ୍କୁ ଘର ଯୋଗାଇବା ସହ ଦୁଇପିଲାଙ୍କ ପାଠପଢ଼ା ଖର୍ଚ୍ଚ ବହନ କରିବା ପାଇଁ କମ୍ପାନୀ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି। ପ୍ରତିଶ୍ରୁତି ମିଳିବା ପରେ ଶବଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ରାଉରକେଲା ପଠାଯାଇଥିଲା।

ସୂଚନାଯୋଗ୍ୟ, ଦୁର୍ଘଟଣାରେ ପ୍ରାଣ ହରାଇଥିବା ଶ୍ରମିକଙ୍କ ପରିବାର ସଦସ୍ୟଙ୍କୁ ୫୦ ଲକ୍ଷ ଟଙ୍କା ଆର୍ଥିକ ସହାୟତା ସହ ବିଭିନ୍ନ ସହାୟତା ପ୍ରଦାନ କରିବା ଦାବିରେ ଆଜି କାରଖାନା ଫାଟକ ସମ୍ମୁଖରେ ଆନ୍ଦୋଳନ ହୋଇଥିଲା। କାରଖାନାରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଉନଥିବାରୁ ବାରମ୍ବାର ଦୁର୍ଘଟଣା ଘଟୁଥିବା ଅଭିଯୋଗ କରି ଆନ୍ଦୋଳନକାରୀମାନେ ହୋହଲ୍ଲା କରିଥିଲେ।

ପରେ ଏନେଇ ରାଜଗାଙ୍ଗପୁର ଥାନାରେ ପୃଥକ୍ ପୃଥକ୍ ୩ଟି ଏତଲା ଦିଆଯାଇଥିଲା। ମୃତ ଦଶରଥଙ୍କ ଭାଇ ତୁମ୍ବେଶ୍ୱରଙ୍କ ଏତଲାକୁ ଭିତ୍ତି କରି ରାଜଗାଙ୍ଗପୁର ଥାନା ଅଧିକାରୀ ମନୋରଞ୍ଜନ ପ୍ରଧାନ ମାମଲା ରୁଜୁ କରିଛନ୍ତି। କାରଖାନା କର୍ତ୍ତୃପକ୍ଷଙ୍କ ଅବହେଳା ତଥା ତ୍ରୁଟିପୂର୍ଣ୍ଣ ସୁରକ୍ଷା ବ୍ୟବସ୍ଥା ଯୋଗୁଁ ତାଙ୍କ ଭାଇଙ୍କ ଜୀବନ ଗଲା ବୋଲି ସେ ଅଭିଯୋଗ କରିଛନ୍ତି। ସେହିପରି ରାଜଗାଙ୍ଗପୁର ତହସିଲଦାର ଜଗବନ୍ଧୁ ମଲ୍ଲିକଙ୍କ ରିପୋର୍ଟକ୍ରମେ ରାଜଗାଙ୍ଗପୁର ପୁଲିସ୍ ମାମଲା ରୁଜୁ କରିଛି। କାରଖାନା ଓ ବାଷ୍ପିତ୍ର ନିର୍ଦ୍ଦେଶାଳୟ ପକ୍ଷରୁ ମଧ୍ୟ ରାଜଗାଙ୍ଗପୁର ଥାନାରେ ଡାଲମିଆ ସିମେଣ୍ଟ କାରଖାନାରେ ସୁରକ୍ଷା ବ୍ୟବସ୍ଥାରେ ତ୍ରୁଟି ନେଇ ଏତଲା ଦିଆଯିବା ପରେ ପୁଲିସ୍ ମକଦ୍ଦମା ରୁଜୁ କରି ତଦନ୍ତ ଆରମ୍ଭ କରିଛି। କାରଖାନାର ଫାକ୍ଟ୍ରି ଅକ୍ୟୁପାୟର ଭେଙ୍ଗଟେଶ ତ୍ୟାଗରାଜନ୍ ଏବଂ ମ୍ୟାନେଜର ସନ୍ଦୀପ ବର୍ମାଙ୍କ ନାମରେ ଥାନାରେ କାରଖାନା ଓ ବାଷ୍ପିତ୍ର ନିର୍ଦ୍ଦେଶାଳୟର ସହକାରୀ ନିର୍ଦ୍ଦେଶକ ଶୁଭେନ୍ଦୁ ଶେଖର ରାଉତ ଏତଲା ଦେଇଛନ୍ତି।

### ବିନାୟକପୁରରେ ଉତ୍ତେଜନା...

ଫିକର ସହିତ ଲଢ଼େଇ କରୁଛି। ଡେରିରେ ଖୋଲିଥିବା ମଣ୍ଡିରେ ଖୋଲାରେ ପଡ଼ିଛି ଚାଷୀର ଧାନ। ଗୋରୁଗାଈ ଛେଳି ଷଣ୍ଢକୁ ଭୟ। ସବୁ କାମ ଛାଡ଼ି ଦିନ ରାତି ଧାନକୁ ଜଗି ବସିଛି ଚାଷୀ। ସରକାର କହିଲେ କଟନୀ ଛଟନୀ ହେବନି। କିନ୍ତୁ ମିଲମାଲିକ ନଛୋଡ଼ବନ୍ଧା। ଫଳରେ ବାସୁଦେବପୁର ବ୍ଲକର ଧାନ କିଣାରେ ଆଠରୁ ଦଶ ପର୍ସେଣ୍ଟ ପର୍ଯ୍ୟନ୍ତ କଟନୀଛଟନୀ ଖୁଲମଖୋଲା ଚାଲିଛି। ଏହି କଟନୀ ଛଟନୀର ମାଷ୍ଟର ମାଇଣ୍ଡ ସାଜିଛନ୍ତି ପରଚେଜ୍ କମିଟିର ସଦସ୍ୟ। ରାତିଅଧିଆ ମିଲର ଓ ସୋସାଇଟି ମେମ୍ବରଙ୍କ ଅଘୋଷିତ ମେଳି ଯୋଗୁଁ ଚାଷୀଙ୍କ ପେଟକୁ ଲାତ ମରାଯାଉଛି। ବିନାୟକପୁର ସୋସାଇଟିର ମହାଦେବ ପଡ଼ିଆର ଧାନ ମଣ୍ଡିର ଧାନ କ୍ରୟ ହୋଇଥିଲା। ଚାଷୀ ଶ୍ରୀକାନ୍ତ ମଲିକଙ୍କ ଠାରୁ ୫୦ ବସ୍ତା ଧାନ ଓଜନ କରି ନେଇଥିଲେ। ଧାନ ବସ୍ତା ଓଜନ ବାବଦକୁ ୪ ଟଙ୍କା କରି ୨ଶହ ଟଙ୍କା ତାଙ୍କ ଠାରୁ ନେଇଥିଲେ। ସରକାର ମଣ୍ଡିର ପରିଚାଳନା କରିବାକୁ ୧୩ ଟଙ୍କା ୧୪ ପଇସା ଯୋଗାଇ ଦେଉଛନ୍ତି। ବିନାୟକପୁର ସୋସାଇଟି ମଣ୍ଡିର ଧାନ ବସ୍ତା ଓଜନ ପିଛା ୪ ଟଙ୍କା ନେଇଥିବାରୁ ଚାଷୀ ଶ୍ରୀକାନ୍ତ ମଲିକ ଅଭିଯୋଗ କରିଛନ୍ତି। ତେବେ ଧାନ କିଣାରେ ସାଢ଼େ ଆଠ ପର୍ସେଣ୍ଟ କଟନୀ ଛଟନୀକୁ ଚାଷୀ ବିରୋଧ କରିବାରୁ ସୋସାଇଟିର ସମ୍ପାଦକ ଧାନ କିଣା ବନ୍ଦ କରିଦେଇଥିଲେ। ଫଳରେ ଚାଷୀର ଧାନ କିଣା ନ ଯାଇ ପଡ଼ି ରହିଛି।

ବାସୁଦେବପୁର ବ୍ଲକର ୩୬ ଗୋଟି ପଞ୍ଚାୟତ ଓ ପୌରପାଳିକାର ୨୩ ଗୋଟି ୱାର୍ଡ଼ର ରହିଛି ୨୨ଟି ସେବା ସମବାୟ ସମିତି। ବାସୁଦେବପୁର ୭ଟି ମଣ୍ଡି ଦାୟିତ୍ୱ ସ୍ୱୟଂସହାୟକ ଗୋଷ୍ଠୀକୁ ପ୍ରଦାନ କରାଯାଇଛି। କେବଳ ବିନାୟକପୁର ନୁହେଁ, ସମସ୍ତ ମଣ୍ଡିର ଚାଷୀଙ୍କୁ ଲଣ୍ଡା କରି ପକେଟ ଗରମ କରିବାକୁ ପରଚେଜ୍ କମିଟିର ଓ ମିଲର୍ସଙ୍କ ମଧୁଚନ୍ଦ୍ରିକାରେ ଚାଲିଛି ଧାନ କିଣା। ବରଣ୍ଡୁଆ ସୋସାଇଟି, ବିଦେଇପୁର ସୋସାଇଟି, ବାଲିମେଦ ସୋସାଇଟି, ମାଟିପକା ସୋସାଇଟି, ମାଆ କାଳୀ ସୋସାଇଟି ଆଦି ସୋସାଇଟିର ମଧ୍ୟ ସାଢ଼େ ୮ରୁ୧୦ ପର୍ସେଣ୍ଟ ପର୍ଯ୍ୟନ୍ତ କଟନୀ ଛଟନୀ ହେଉଥିବା ଅଭିଯୋଗ ହେଉଛି। ସେହିପରି ଭଣ୍ଡାରୀପୋଖରୀ, ଧମାନଗର, ଦୋବଲ, ତିହିଡି, ଚାନ୍ଦବାଲି ଆଦି ବ୍ଲକର ବିଭିନ୍ନ ସ୍ଥାନରେ କଟନୀ ଛଟନୀ ଓ ମାନ ନିର୍ଦ୍ଧାରଣରେ ପାତରଅନ୍ତର କରାଯାଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଫଳରେ ଅନେକ ସ୍ଥାନରେ ଧାନ ବିକ୍ରି ନ ହୋଇ ମଣ୍ଡିରେ ପଡ଼ିରହିଛି। ଏହା ଏବେ ଚାଷୀଙ୍କ ଭିତରେ ଅସନ୍ତୋଷ ସୃଷ୍ଟି କରିଛି। ଆଗାମୀ ଦିନର ଚାଷୀ ରାଜରାସ୍ତାକୁ ଓହ୍ଲାଇ ଅବରୋଧ କରିବେ ବୋଲି କହିଛନ୍ତି।

### ସଞ୍ଜୟ ରୟ...

ପରେ ହତ୍ୟା କରାଯାଇଥିଲା। ଅଭିଯୁକ୍ତ ପ୍ରଥମେ ଦୁଷ୍କର୍ମ କରିବା ପରେ ଗଳା ଚିପି ହତ୍ୟା କରିଥିଲା ବୋଲି ପୋଷ୍ଟମର୍ଟମ ରିପୋର୍ଟରୁ ଜଣାପଡିଥିଲା।

ପ୍ରାରମ୍ଭରେ ଏହି ଘଟଣାକୁ ଆତ୍ମହତ୍ୟାର ରୂପ ଦିଆଯାଇଥିଲା।। କିନ୍ତୁ ଏହି ଘଟଣାକୁ ନେଇ ବିଭିନ୍ନ ମହଲରେ ଉଦବେଗ ପ୍ରକାଶ କରିବା ସହିତ ବିରୋଧ କରାଯିବା ପରେ ମାମଲାର ରହସ୍ୟ ଖୋଲିବା ଆରମ୍ଭ କରିଥିଲା। ପରବର୍ତ୍ତୀ ସମୟରେ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସିବିଆଇ ଘଟଣାର ଯାଞ୍ଚ ଆରମ୍ଭ କରିଥିଲା ଏବଂ ପରେ ପରେ ଯେଉଁସବୁ ତଥ୍ୟ ସାମ୍ନାକୁ ଆସିଥିଲା ତାହା ସମଗ୍ର ଦେଶକୁ ସ୍ତମ୍ଭୀଭୂତ କରିଦେଇଥିଲା। ଯାହାକୁ ନେଇ ସୁପ୍ରିମକୋର୍ଟ ମଧ୍ୟ ହତବାକ୍ ହୋଇପଡ଼ିଥିଲେ। ତେବେ ଏହି ମାମଲାର ଶୁଣାଣି ଶେଷ କରି ସିଆଲଦା କୋର୍ଟ ଶନିବାର ଘଟଣାର ମୁଖ୍ୟ ଅଭିଯୁକ୍ତ ସଞ୍ଜୟ ରୟକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। କୋର୍ଟ ରାୟ ଶୁଣିବା ପରେ ସଞ୍ଜୟ କୋର୍ଟ ପରିସରରେ ବଡ଼ ପାଟିରେ ଚିତ୍କାର କରିବା ସହିତ ତାକୁ ଫସାଇ ଦିଆଯାଇଛି ବୋଲି ଅଭିଯୋଗ କରିଛି। ଏହି ଘଟଣାରେ ଜଣେ ଆଇପିଏସ୍ ଅଫିସରଙ୍କ ହାତ ରହିଛି ଏବଂ ତାଙ୍କ ଯୋଗୁଁ ଡାକ୍ତରଙ୍କ ମୃତ୍ୟୁ ହୋଇଥିବା ସଞ୍ଜୟ କହିଛି। ସଞ୍ଜୟର ଏହି ବୟାନ ପରେ ପୁଣି ଡାକ୍ତର ମୃତ୍ୟୁଘଟଣାକୁ ନେଇ ସଂଶୟ ବଢିଥିଲା ବେଳେ ଏହି ଆଇପିଏସ୍ ଜଣକ କିଏ ତାହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଅନ୍ୟପକ୍ଷରେ କୋର୍ଟ ରାୟ ନେଇ ଜୁନିଅର ଡାକ୍ତର ଅସନ୍ତୋଷ ପ୍ରକାଶ କରିଛନ୍ତି। ସେମାନେ କହିଛନ୍ତି ଯେ ଏହି ଘଟଣା ପଛରେ ରହିଥିବା ଖଳନାୟକମାନଙ୍କୁ ଦଣ୍ଡିତ କରାନଯିବା ପର୍ଯ୍ୟନ୍ତ ସେମାନେ ଆନ୍ଦୋଳନ ଜାରି ରଖିବେ।

### ପୁଣି ୭କୋଟିର...

ଗେଟୱେ ପାଲଟିଥିବା ଚର୍ଚ୍ଚା ଜୋର ଧରିଛି। ସେପଟେ ଏସବୁର ମାଷ୍ଟରମାଇଣ୍ଡ ଓ ଇଣ୍ଟର ନ୍ୟାସନ୍ୟାଲ ଲିଙ୍କ ନେଇ ଖୋଳତାଡ଼ ଚଳାଇଛି କଷ୍ଟମ ବିଭାଗ। ଜର୍ମାନୀ ମାରିଜୁଆନା(ଗଞ୍ଜେଇ) କୁ ଓଡ଼ିଶା ଦେଇ ବିଦେଶକୁ ଚାଲାଣ କରାଯାଉଛି। ତେଣୁ ସୀମାଶୁଳ୍କ, ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ ଓ ଅନ୍ୟ ତଦନ୍ତକାରୀ ସଂସ୍ଥାଗୁଡିକ ସତର୍କ ହେବା ସହ ବିମାନବନ୍ଦରରେ ଯାଞ୍ଚ ପ୍ରକ୍ରିୟାକୁ କଡ଼ାକଡ଼ି କରିଛି। ଗତ ୧୪ ତାରିଖରେ ବିମାନ ବନ୍ଦରରୁ ମାରିଜୁଆନା ଜବତ ହୋଇଥିଲା। କେରଳର ଯୁବକ ନିକଟରେ ଥାଇଲାଣ୍ଡ ଯାଇଥିଲେ। ସେଠାରୁ ଜର୍ମାନୀରେ ପ୍ରସ୍ତୁତ ହୋଇଥିବା ମାରିଜୁଆନାକୁ ଓଡ଼ିଶା ଦେଇ କେରଳ ଚାଲାଣ କରିବାକୁ ଯୋଜନା କରିଥିଲେ। ବ୍ୟାଙ୍କକ୍- ଓଡ଼ିଶା ରୁଟ୍‌ରେ ଚଳାଚଳ କରୁଥିବା ବିମାନରେ ଏହି ନିଶାଦ୍ରବ୍ୟ ନେଇ ଭୁବନେଶ୍ୱର ବିମାନବନ୍ଦରରେ କେରଳୀ ଯୁବକ ପହଞ୍ଚିଥିଲେ। ତାଙ୍କ ଗତିବିଧି ସନ୍ଦେହ ଜନକ ହେବାରୁ ଯାଞ୍ଚ କରାଯାଇଥିଲା। ତାଙ୍କ ଠାରୁ ୩କିଲୋ ୯୯୦ ଗ୍ରାମର ମାରିଜୁଆନା ଜବତ କରାଯାଇଥିଲା। ସେହିପରି ଗତ ୪ ତାରିଖରେ ସମାନ ଭାବେ ମାରିଜୁଆନା ଚାଲାଣ ବେଳେ ଧରିଥିଲା କଷ୍ଟମ ବିଭାଗ। ଜର୍ମାନୀରୁ ମାଲେସିଆ ଭାୟା ଓଡ଼ିଶା ଦେଇ କୋଲକାତା ଚାଲାଣ କରୁଥିବା ବେଳେ ଦୁଇ ଜଣ ମହିଳାଙ୍କୁ ବିମାନ ବନ୍ଦରରେ ଧରିଥିଲା କଷ୍ଟମ ବିଭାଗ। ସେମାନଙ୍କୁ ଯାଞ୍ଚ ପରେ ୯କିଲୋ ୫୨୪ ଗ୍ରାମର ମାରିଜୁଆନା ଜବତ ହୋଇଥିଲା। ଜର୍ମାନୀରୁ ମାଲେସିଆ ଓ ଥାଇଲାଣ୍ଡ ଦେଇ ଭାରତକୁ ମାରିଜୁଆନା ଚାଲାଣ କରାଯାଉଛି। ୧କିଲୋ ମାରିଜୁଆନା ଚାଲାଣ ବାବଦରେ ଚାଲାଣକାରୀ ୧୦ ଲକ୍ଷ ଟଙ୍କା କମିସନ ନେଉଛନ୍ତି। ଧରା ନପଡିବା ପାଇଁ ଇଣ୍ଟରନ୍ୟାସନାଲ ନିଶା ମାଫିଆ ସୁନ୍ଦରୀ ଯୁବତୀ ମାନଙ୍କୁ ବ୍ୟବହାର କରୁଛନ୍ତି।

### ୪୮ ଲକ୍ଷ ହରାଇଲେ...

ମୋଟ ୬ଟି ପଲିସି କରିଥିଲେ। ଏହା ଜାଣିବା ପରେ ପୀଡ଼ିତ ଜନାର୍ଦ୍ଦନ ପଲିସିଗୁଡ଼ିକୁ ବନ୍ଦ କରିବାକୁ କହିଥିଲେ ମଧ୍ୟ ବ୍ୟାଙ୍କ କର୍ଣ୍ଣପାତ କରି ନଥିଲା। ତେବେ ଗତ ମଇ ୨୦୨୩ ରେ ଶ୍ରୀକାନ୍ତ ପଣ୍ଡା, ଆଶିଷ ଅଗ୍ରୱାଲ ଏବଂ ଦୀପକ ଭରଦ୍ୱାଜ ନାମକ ବ୍ୟକ୍ତି ଫୋନ ଯୋଗେ ଯୋଗାଯୋଗ କରି ତାଙ୍କ ପଲିସି ଟଙ୍କା ତାଙ୍କ ଆକାଉଣ୍ଟକୁ ଫେରି ପାଇବା ପାଇଁ ଆଶ୍ୱାସନା ଦେବା ସହ ବିଭିନ୍ନ ପ୍ରସେସିଂ ଫି ବାବଦକୁ ଏକାଧିକ ବାର ବହୁ ଟଙ୍କା ଜମା କରିବାକୁ କହିବାରୁ ପୀଡ଼ିତ ଜନାର୍ଦ୍ଦନ ବାରମ୍ବାର ଅର୍ଥ ଜମା କରିଥିଲେ ମଧ୍ୟ ନିଜ ଅର୍ଥ ଫେରି ନ ପାଇବାରୁ ଶେଷରେ ସେ ଦେବଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଦେବଗଡ଼ ଥାନା ପୁଲିସ ଆଇଟି ଆକ୍ଟ ସମେତ ବିଭିନ୍ନ ଦଫାରେ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ ପ୍ରାଥମିକ ତଦନ୍ତରେ ତତ୍କାଳୀନ ଆକ୍ସିସ ବ୍ୟାଙ୍କ ମ୍ୟାନେଜର ସୌମ୍ୟ ପାଣିଗ୍ରାହୀ, ଶ୍ରୀକାନ୍ତ ପଣ୍ଡା, ଆଶିଷ ଅଗ୍ରୱାଲ, ଦୀପକ ଭାରଦ୍ୱାଜ, ସିଦ୍ଧାର୍ଥ ବର୍ମା, ରାଜୀବ ଦୀକ୍ଷିତ, ନେହା ଗୁପ୍ତା, ଗଜେନ୍ଦ୍ର ନାଗପାଲ, ସଞ୍ଜୟ କୁମାର ଆମ୍ବସ୍ତା, ରାଘବେନ୍ଦ୍ର ପ୍ରତାପ ସିଂ, ସୁରେଶ ପାଞ୍ଚାଳ ଦେଶମୁଖ ଓ ମାନସ ରଞ୍ଜନ ଦାଶଙ୍କୁ ଏହି ଘଟଣାରେ ଅଭିଯୁକ୍ତ ଦର୍ଶାଇ ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି।

# ମହୁଲପାଲି-ତେଲିପାଲି ରାସ୍ତା ଶୋଚନୀୟ

ସୁନ୍ଦରଗଡ଼,୧୮।୧(ସମିସ): ମହୁଲପାଲି-ତେଲିପାଲି ଆର୍‌ଡି ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଥିବାରୁ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତଥାପି ପ୍ରଶାସନ ନୀରବଦ୍ରଷ୍ଟା ସାଜିଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏହି ରାସ୍ତାଟି ସର୍ଦ୍ଧାପାଲି ଠାରୁ ମହୁଲପାଲି ଦେଇ ଜିଲ୍ଲା ମହକୁମାକୁ ସିଧାସଳଖ ସଂଯୋଗ କରୁଛି।



ସର୍ଦ୍ଧାପାଲିରୁ ମହୁଲପାଲି ପର୍ଯ୍ୟନ୍ତ ଆଭ୍ୟନ୍ତରୀଣ ରାସ୍ତାଟି ଆର୍‌ଡି ବିଭାଗ ଏବଂ ମହୁଲପାଲିରୁ ସୁନ୍ଦରଗଡ଼ ଯାଏ ପୂର୍ତ୍ତ ବିଭାଗ ଅଧୀନରେ ରହିଛି। ଉକ୍ତ ଆଭ୍ୟନ୍ତରୀଣ ରାସ୍ତା ମଝିରେ ଥିବା ତମଗାଁ ଓ ଇଛା ନାଳାରେ ଅନେକ ଦିନ ତଳୁ ପୋଲ ନିର୍ମାଣ ହେବା ପରେ ଏହା ମୁଖ୍ୟରାସ୍ତା ଭାବେ ଉଭା ହୋଇଛି। ପ୍ରତ୍ୟହ ଶହ ଶହ ଲୋକେ ଉକ୍ତ ରାସ୍ତାରେ ଯିବାଆସିବା କରୁଛନ୍ତି। ମାତ୍ର ଉକ୍ତ ରାସ୍ତାର ବିକାଶ ପ୍ରତି ଆର୍‌ଡି ବିଭାଗ ଅଣଦେଖା କରିଆସୁଛି ବୋଲି ଅଭିଯୋଗ ହେଉଛି। ରାସ୍ତାର ବିଭିନ୍ନ ସ୍ଥାନରେ ଖାଲଖମା ସୃଷ୍ଟି ହୋଇଛି। ଏପରିକି ଏହି ରାସ୍ତାର ଝିମେରମହୁଲ ଠାରେ କିଛି ମିଟର ରାସ୍ତା ପିଚୁ ହୋଇନାହିଁ। ଜମି ବିବାଦ କାରଣରୁ ଏହା ପିଚୁ ନ ହୋଇ ପଡ଼ିରହିଥିଲେ ହେଁ ଏହାର ସମାଧାନ ଦିଗରେ ପ୍ରଶାସନ ମୁଣ୍ଡ ପୁରାଉନି ବୋଲି ଅଭିଯୋଗ ହେଉଛି। ନବେ ଦଶକରେ ନିର୍ମିତ ତମଗାଁ ନାଳା ପୋଲ ମଧ୍ୟ ବିପଦଶଙ୍କୁଳ ହୋଇପଡ଼ିଛି। ଏଣୁ ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ପ୍ରତିକାର ବ୍ୟବସ୍ଥା କରିବାକୁ ଦାବି ହେଉଛି।

## ସୁନ୍ଦରଗଡ଼ ଜିଲ୍ଲାରେ ଖରିଫ ଧାନ ସଂଗ୍ରହ

# ବେଧଡ଼କ ଚାଲିଛି କଟ୍‌ନି ଛଟ୍‌ନି, ମିଲର୍ସ ପାଖରେ ବନ୍ଧାପଡ଼ିଛି ପ୍ରଶାସନ

ସୁନ୍ଦରଗଡ଼, ୧୮।୧(ସମିସ)

ସମ୍ପ୍ରତି ସୁନ୍ଦରଗଡ଼ ଜିଲ୍ଲାରେ ଖରିଫ ଧାନ ସଂଗ୍ରହ ଜୋରସୋରରେ ଚାଲିଛି। ତେବେ ଜିଲ୍ଲାର ସମସ୍ତ ମଣ୍ଡିରେ ବେଧଡ଼କ କଟନି ଛଟନି କରାଯାଉଥିବାରୁ ଚାଷୀକୁଳ ଶୋଷଣର ଶିକାର ହେଉଛନ୍ତି। ତଥାପି ଜିଲ୍ଲା ପ୍ରଶାସନ ଏବଂ ରାଜ୍ୟ ସରକାର ନୀରବଦ୍ରଷ୍ଟା ସାଜିଛନ୍ତି। ଜିଲ୍ଲାରେ ଗତ ମାସ ୨୦ ତାରିଖରୁ ଖରିଫ ଧାନ ସଂଗ୍ରହ ଆରମ୍ଭ ହୋଇଥିଲା। ପର୍ଯ୍ୟାୟ କ୍ରମେ ୪୭ଟି ସମବାୟ ସଂସ୍ଥା ଓ ୭ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ୧୩୩ଟି ଧାନ ସଂଗ୍ରହ କେନ୍ଦ୍ର ଖୋଲାଯାଇଛି। ୫୪ ହଜାର ୪୪୧ ଜଣ ଚାଷୀଙ୍କଠାରୁ ମୋଟ୍ ୧୯୪୩୩୮.୨୩୫ ମେଟ୍ରିକ୍ ଟନ ଧାନ କିଣାଯିବାର ଲକ୍ଷ୍ୟ ରଖାଯାଇଛି। ଏହାର କଷ୍ଟମି ପାଇଁ ୩୩ଟି ମିଲର୍ସଙ୍କୁ ଟ୍ୟାଗ୍ କରାଯାଇଛି। ଧାନ ସଂଗ୍ରହ କେନ୍ଦ୍ରରେ ମିଲର୍ସଙ୍କ ପ୍ରତିନିଧିମାନେ ଉପସ୍ଥିତ ରହି ଧାନ ଉଠାଉଛନ୍ତି। ଏଫ୍‌ଏକ୍ୟୁ ମାନର ଧାନ ପାଇଁ ସର୍ବୋଚ୍ଚ ସୀମା ବାଲି, ମାଟି, ପଥର, ଧୂଳି ଆଦି ଅଜୈବିକ ପଦାର୍ଥ ପାଇଁ ୧.୦%, ଜୈବିକ ବାହ୍ୟ



ପଦାର୍ଥ (କାଠି, କୁଟା, ଧୂଷ, ଆଗାଡ଼ି ବା ପୋଲା ଆଦି) ପାଇଁ ୧.୦%, ଖରାପ, ବେରଙ୍ଗୀ, ପାଣିଫୁଲା ଓ ପୋକା (ଖରାପ, ପାଣିଫୁଲା ଓ ପୋକା ମିଶି ୪%ରୁ ଅଧିକ ହୋଇ ନଥିବା) ୫.୦%, ଅପରିପକ୍ୱ (କଞ୍ଚା, ଅଗାଡ଼ି ସବୁଜ) ବଙ୍କା ଓ ସଙ୍କୁଚିତ ଆଦି ପାଇଁ ୩.୦%, ସବୁଜ ଧାନରେ ମିଶ୍ରିତ ମୋଟା ଧାନ (କେବଳ ଗ୍ରେଡ -'ଏ' ଧାନ ନିମନ୍ତେ) ୬.୦% ତଥା ଅର୍ଦ୍ରତା ବା ଜଳୀୟ ଅଂଶ ୧୭.୦% କୋହଳ ରହିଥିଲେ ହେଁ ସମସ୍ତ ଚାଷୀଙ୍କଠାରୁ କ୍ୱିଣ୍ଟାଲ ପିଛା ସର୍ବନିମ୍ନ ୩ କିଲୋ ଧାନ କଟନି କରିବାର ଅଘୋଷିତ ନିୟମ କରାଯାଇଛି। ଫଳରେ କେବଳ କଟନି ବାବଦକୁ ଚାଷୀଙ୍କୁ କ୍ୱିଣ୍ଟାଲ ପିଛା ୯୩ ଟଙ୍କା ଶୋଷଣ କରାଯାଉଛି ବୋଲି ଅଭିଯୋଗ ହେଉଛି। ଧାନମଣ୍ଡିରେ ବସ୍ତା ଲୋଡ୍ ପାଇଁ ମଧ୍ୟ ଚାଷୀଙ୍କଠାରୁ ବେଆଇନ ଭାବେ ବସ୍ତା ପିଛା ନଗଦ ୨ ଟଙ୍କା ଲେଖାଏଁ ମଗାଯାଉଛି ବୋଲି ଅଭିଯୋଗ ହେଉଛି। ସେହିପରି ଚାଷୀ ଭର୍ତ୍ତିକରି ନେଉଥିବା ସୂତା ବସ୍ତା ବାବଦକୁ ମଧ୍ୟ ପ୍ରାୟ ୪ ଟଙ୍କାରୁ ୯ ଟଙ୍କା ଯାଏ କ୍ଷତି ସହିବାକୁ ପଡୁଛି। ସୂତା ବସ୍ତାର ଓଜନ କଟା ଯାଉନାହିଁ। ଏହାର ଓଜନ ପ୍ରାୟ ୭୦୦ ଗ୍ରାମ ରହୁଥିବାରୁ ଚାଷୀଙ୍କ ୨୧ ଟଙ୍କା ମିଳୁଛି। ମାତ୍ର ବଜାରରୁ ଚାଷୀଙ୍କୁ ଗୋଟିଏ ବସ୍ତାକୁ ୨୫ରୁ ୩୦ ଟଙ୍କାରେ କିଣିବାକୁ ପଡୁଛି। ଏକ କ୍ୱିଣ୍ଟାଲ ଧାନ ଭର୍ତ୍ତି ପାଇଁ ହାରାହାରି ୨ରୁ ଅଧିକ ବସ୍ତା ଲାଗୁଛି। ଏଣୁ କଟନି ଛଟନି, ଲୋଡ୍ ଏବଂ ବସ୍ତା ବାବଦକୁ ଚାଷୀ କ୍ୱିଣ୍ଟାଲ ପିଛା ପ୍ରାୟ ୧୦୫ରୁ ଅଧିକ ଟଙ୍କା କ୍ଷତି ସହୁଛନ୍ତି। କୋହଳ ମାନରୁ ଅଧିକ ମନେହେଲେ ଚାଷୀଙ୍କ ଠାରୁ ୧୦/୧୨ କିଲୋ ଯାଏ ମଧ୍ୟ କଟନି ପାଇଁ ମଣ୍ଡିରେ ମୂଲଚାଲ କରାଯାଉଛି ବୋଲି ଅଭିଯୋଗ ହେଉଛି। ନିଜ ଉତ୍ପାଦିତ ଧାନକୁ ମଣ୍ଡିରେ ବିକ୍ରି କରୁଥିବା ନେତା, ସାମ୍ବାଦିକ କେହି ଏଥିରୁ ବାଦ ପଡୁନାହାନ୍ତି। ଖୋଦ୍ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କଟନି ଛଟନିକୁ ସ୍ୱୀକାର କରି ଚୁପ୍ ରହିଛନ୍ତି। ଏସ୍ଥିତିରେ ମିଲର୍ସଙ୍କ ପାଖରେ ଜିଲ୍ଲା ପ୍ରଶାସନ ଏବଂ ରାଜ୍ୟ ସରକାର ବନ୍ଧା ପଡ଼ିଛନ୍ତି ବୋଲି ଲୋକଙ୍କ ଏକ ପ୍ରକାର ଧାରଣା ସୃଷ୍ଟି ହୋଇଛି।

## ● ସାବଡଗର ଗ୍ରାମରେ ୬ଜଣିଆ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

# ଉଦ୍‌ଘାଟନୀ ମ୍ୟାଚ୍‌ରେ କିଞ୍ଜିର୍ମା ଟିମ୍ ବିଜୟୀ



ବାଲିଶଙ୍କରା,୧୮।୧(ସମିସ): ସୁନ୍ଦରଗଡ଼ ଜିଲ୍ଲା ବାଲିଶଙ୍କରା ବ୍ଲକ ତୁମୁଲିଆ ପଞ୍ଚାୟତ ସାବଡଗର ସଂଘର୍ଷ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୭ତମ ୬ଜଣିଆ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ପୂର୍ବତନ ତଳସରା ନିର୍ବାଚନ ମଣ୍ଡଳୀର ବିଧାୟକ ଡ. ପ୍ରଫୁଲ୍ଲ ମାଝୀ ଓ ତାଙ୍କ ସହଧର୍ମିଣୀ ତଥା ପୂର୍ବତନ ବାଲିଶଙ୍କରା ବ୍ଲକ ଅଧକ୍ଷା ତ୍ରିବେଣୀ ମାଝୀଙ୍କ ପ୍ରତ୍ୟକ୍ଷ ସହଯୋଗରେ ଏହି ଟୁର୍ଣ୍ଣାମେଣ୍ଟ ଚାଲିଥିବାବେଳେ ଉଦ୍‌ଘାଟନୀ ଦିବସରେ ମୁଖ୍ୟଅତିଥି ରୂପେ ତୁମୁଲିଆ ସରପଞ୍ଚ ଦେବଲାଲ ଲାକଡା ଯୋଗଦେଇଥିଲେ। ସମ୍ମାନିତ ଅତିଥି ରୂପେ ତଳସରା ସରପଞ୍ଚ ତ୍ରିଲୋଚନ ପ୍ରଧାନ, ପୂର୍ବତନ ସରପଞ୍ଚ ଦୁତିଆ ମାଝୀ, ବରିଷ୍ଠ ନାଗରିକ ନରେଶ ଲାକଡା, ଦିଲୀପ ରାଉତ, ଜନ୍ମ କିସାନ, ସାବଡଗର ଗୌନ୍ତିଆ, ଦୀନେଶ କୁମାର ରାଏକଲିଆ, ପୂର୍ବତନ ରାମପୁର ସମିତିସଭ୍ୟ ରୋଶନ ଏକ୍କା ଓ ସାବଡଗର ବିଦ୍ୟାଳୟର ପ୍ରଧାନଶିକ୍ଷକ ଗଣସାଗର ସେଠ ପ୍ରମୁଖ ଯୋଗଦେଇ ଖେଳର ଉପକାରିତା ଉପରେ ଗୁରୁତ୍ୱାରୋପ କରିଥିଲେ। ସଂଘର୍ଷ କ୍ଲବ ସାଧାରଣ ସମ୍ପାଦକ ହେମନ୍ତ କୁମାର ଦାଶ ଓ ସଭାପତି ଗଙ୍ଗାଧର ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ ୬ ଜଣିଆ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଶିଶିର ମହାକୁଳ, ବ୍ରଜରାଜ ତନ୍ତୀ, ଜଗନ୍ନାଥ ପ୍ରଧାନ, ପ୍ରଶ୍ନ କାଲୋ, ଶକ୍ତି କିସାନ, ଶରତ କିସାନ, ପ୍ରଶାନ୍ତ ମାଝୀ, ସୁବ୍ରତ କିସାନ, ସୁଦାମା କିସାନ, ଜଗଦୀଶ ପ୍ରଧାନ ସମେତ କ୍ଲବର ସମସ୍ତ କର୍ମକର୍ତ୍ତା ସକ୍ରିୟଭାବେ କାର୍ଯ୍ୟ କରୁଛନ୍ତି। ଉଦ୍‌ଘାଟନ ମ୍ୟାଚରେ ତୁମୁଲିଆ ଓ କିଞ୍ଜିର୍ମା ଟିମ୍ ମଧ୍ୟରେ ହୋଇଥିବାବେଳେ ୫ ଗୋଲରେ କିଞ୍ଜିର୍ମା ଟିମ୍ ବିଜୟୀ ହୋଇଛି। ମ୍ୟାଚ୍‌କୁ ପାଣ୍ଡବ କୁମାର ଛତ୍ରିଆ, ଅଶୋକ ଓ ସୁଶାନ୍ତ ଷଣ୍ଢ ପ୍ରମୁଖ ଖେଳ ପରିଚାଳନା ଦାୟିତ୍ୱରେ ରହିଛନ୍ତି। ଆସନ୍ତା ୨୦ ତାରିଖ ଦିନ ଫାଇନାଲ ମ୍ୟାଚ୍ ହେବାର କାର୍ଯ୍ୟକ୍ରମ ରହିଛି।

# ୯ ମଣ୍ଡଳ ସଭାପତିଙ୍କ ନାମ ଘୋଷିତ

ସୁନ୍ଦରଗଡ଼,୧୮।୧(ସମିସ): ବିଜେପିର ସୁନ୍ଦରଗଡ଼ ସାଂଗଠନିକ ଜିଲ୍ଲା ନିର୍ବାଚନ ଅଧିକାରୀ ଦିନେଶ ଜୈନ୍ ଶନିବାର ୯ ମଣ୍ଡଳ ସଭାପତିଙ୍କ ନାମ ଘୋଷଣା କରିଛନ୍ତି। ଯୁବନେତା ସଂଗ୍ରାମ ଚୌଧୁରୀଙ୍କୁ କିରେଇ ମଣ୍ଡଳ ସଭାପତି ଭାବେ ନିଯୁକ୍ତ କରାଯାଇଛି।

ସେହିପରି ଚିନ୍ମୟ ବାରିକ ପାମରା, ଅକ୍ଷୟ କୁମାର ଦେଓ ବଡ଼ଗାଁ, ଲକ୍ଷ୍ମଣ ବୁଡା କରମଡିହି, ସୁମନ୍ତ ନାଏକ ଲେଫ୍ରିପଡ଼ା, ପ୍ରକାଶ ଚନ୍ଦ୍ର ପଟେଲ ହେମଗିରି, କରନ ସିଂ ଜାମପାଲି ମଣ୍ଡଳ ସଭାପତି ରହିଥିବା ବେଳେ ଦିଲୀପ ବଡାଇକଙ୍କୁ ନୂତନ ଭାବେ ଗଠିତ କଲୁଙ୍ଗା ଓ ନାଥଚରଣ ବେହେରାଙ୍କୁ ବିରକେରା ମଣ୍ଡଳ ସଭାପତି ଦାୟିତ୍ୱ ଦିଆଯାଇଛି।

# ୩ ଦିନ ହେଲା ମୁଖ୍ୟକିରାଣିଙ୍କ ଫେରୁନି ଚେତା

ସୁନ୍ଦରଗଡ଼,୧୮।୧(ସମିସ): ଭଷ୍ମା ଥାନା ପୁଲିସ ରେମଣ୍ଡାର ଏକ ବିଲରୁ ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର କରିଥିବା ହେମଗିରି ଆଇସିଏଡିଏସର ମୁଖ୍ୟକିରାଣୀ ସଞ୍ଜୟ ନାଏକ (୪୦)ଙ୍କୁ ବୁର୍ଲାରୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ତଥାପି ଘଟଣାର ତିନି ଦିନ ପରେ ବି ତାଙ୍କ ଚେତା ଫେରିନାହିଁ। ଗତ ୧୬ ତାରିଖ ପୂର୍ବାହ୍ନରେ ଭଷ୍ମା ଥାନା ପୁଲିସ ତାଙ୍କୁ କ୍ଷତାକ୍ତ ଓ ସଂଜ୍ଞାହୀନ ଅବସ୍ଥାରେ ରେମଣ୍ଡା ପିଡବୁଡ଼ି ରାସ୍ତାରୁ ପ୍ରାୟ ୫୦୦ ମିଟର ଦୂର ଏକ ବିଲ ମଧ୍ୟରୁ ଉଦ୍ଧାର କରିଥିଲା। ତାଙ୍କ ବାଇକର ସନ୍ଧାନ ମିଳି ନ ଥିବା ବେଳେ କେବଳ ନମ୍ବର ପ୍ଲେଟଟି ପଡି ରହିଥିଲା।

ସେହିପରି ତାଙ୍କ ମୋବାଇଲ ମଧ୍ୟ ନ ଥିଲା। ମୁହଁରେ କ୍ଷତଚିହ୍ନ ରହିଥିଲା। ସେ ହେମଗିରି ଆଇସିଡିଏସରେ କାମ କରି ନିଜ ଘର ଜାମତଳିଆକୁ ତାଙ୍କ ବାଇକରେ ଫେରିବା ବାଟରେ ଏପରି ଅଘଟଣ ଘଟିଥିଲା। ତାଙ୍କ କାକା ପୁଅ ଭାଇ ବୀର କିଶୋର ନାଏକଙ୍କ ଏତଲା କ୍ରମେ ଏନେଇ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲେ ହେଁ ରହସ୍ୟ ଉପରୁ ପରଦା ଉଠି ନାହିଁ। ତାଙ୍କ ବାଇକ ଓ ମୋବାଇଲ ମଧ୍ୟ ଠାବ କରିବାରେ ପୁଲିସ ସକ୍ଷମ ହୋଇନି।

# ସ୍କାଉଟଗାଇଡ୍ କବ୍ ଓ ବୁଲ୍‌ବୁଲ୍‌ର ରାଜ୍ୟ ପୁରସ୍କାର ପରୀକ୍ଷା ଶିବିର

ରାଉରକେଲା,୧୮।୧(ସମିସ): ସ୍କାଉଟଗାଇଡ କବ୍ ଓ ବୁଲବୁଲର ରାଜ୍ୟ ପୁରସ୍କାର ପରୀକ୍ଷା ଶିବିର ସେକ୍ଟର-୧ସ୍ଥିତ ସ୍କାଉଟ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ସ୍କାଉଟ ଗାଇଡ୍‌ର ଜିଲ୍ଲା କମିଶନର ବ୍ରଜେନ୍ଦ୍ର ଦାଶଙ୍କ ସଭାପତିତ୍ୱ ଓ ଜିଲ୍ଲା ସମ୍ପାଦକ ସନ୍ତୋଷ କୁମାର ନାୟକଙ୍କ ଆବାହକତ୍ୱରେ କାର୍ଯ୍ୟକ୍ରମରେ ଅତିଥି ଭାବେ ରାଉରକେଲା ବିଧାୟକ ତଥା ଅନୁଷ୍ଠାନର ରାଜ୍ୟ ଉପସଭାପତି ଶାରଦା ପ୍ରସାଦ ନାୟକ ଓ ଭୁବନେଶ୍ୱରର ସାଂଗଠନିକ କମିଶନର ସୌମ୍ୟ ପାଇକରାୟ ପ୍ରମୁଖ ଯୋଗଦେଇଥିଲେ। ଶିବିରରେ ଜିଲ୍ଲାର ୩୦ଟି ସ୍କୁଲର ୪୦୦ରୁ ଅଧିକ ସ୍କାଉଟଗାଇଡ୍, କବ୍ ଓ ବୁଲବୁଲମାନେ ଯୋଗଦେଇ ୩-ଫେଜ ବିଶିଷ୍ଟ ମ୍ୟାପିଂ, ଫାଷ୍ଟଏଡ୍, ଜାତୀୟ ପତାକାର ବିବରଣୀ, ସାମାଜିକ ସେବା ଶିବିର, କ୍ୟାମ୍ପ ଫାୟାର, (ନଟିଂ) ଗଣ୍ଠି ପକାଇବା ଓ ଖୋଲିବା ତଥା ଚରିତ୍ର ଗଠନ ସମ୍ପର୍କରେ ପରୀକ୍ଷା ଦେଇଥିଲେ। ଦୁଇଦିନ ଧରି ସ୍କାଉଟ ଭବନରେ ଚାଲିଥିବା ଏହି କାର୍ଯ୍ୟକ୍ରମରେ ଅତିଥିମାନେ ସେମାନଙ୍କ ବକ୍ତବ୍ୟରେ କାର୍ଯ୍ୟକ୍ରମର ଆବଶ୍ୟକତା ଓ ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରମାକାନ୍ତ ମଲ୍ଲିକ, ଅରୁଣ କୁମାର ସ୍ୱାଇଁ, ଅଭୟ ବିଶ୍ୱାଳ, ସୁଶାନ୍ତ ବିଶ୍ୱାଳ, ସୁଜିତ୍ ତନ୍ତୀ, ଶ୍ରୀବତ୍ସ ସାମଲ, ନିରଞ୍ଜନ ମଲ୍ଲିକ, ପ୍ରବୀର ମିଶ୍ର, ସୁରେଶ ପଣ୍ଡା, ବଳଦେବ ମିଶ୍ର, ଆଦିତ୍ୟ ନାୟକ, ବିଜୟ ଦାସ, ସୀମା ଚକ୍ରବର୍ତ୍ତୀ, ଲକ୍ଷ୍ମୀ ସାହୁ, ସରିତା ନାୟକ, କଳ୍ପନା ବେହେରା, ମେରୀ ସାହୁ, ସୁଜାତା ଦାସ, ସୁପ୍ରିୟା ସାମଲ ଓ ପ୍ରମୋଦିନୀ ମହାନ୍ତି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରାରମ୍ଭରେ କମିଶନର ଶ୍ରୀ ଦାଶ ଅତିଥି ପରିଚୟ ଓ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମ୍ପାଦକ ଶ୍ରୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ରାମମନ୍ଦିରରେ ଅଷ୍ଟପ୍ରହରୀ ଓ ବାର୍ଷିକ ଉତ୍ସବ

ବଡ଼ଗାଁ,୧୮।୧(ସମିସ): ବଡ଼ଗାଁ ନିକଟରେ ଥିବା ଶ୍ରୀରାମ ମନ୍ଦିରର ବାର୍ଷିକ ଉତ୍ସବ ସହିତ ମନ୍ଦିର ପରିସରରେ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଛି। ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ମନ୍ଦିର ଉତ୍ସବ ମୁଖର ହୋଇଥିଲା। ଲୋକେ ବାର୍ଷିକ ଉତ୍ସବରେ ଭଗବାନଙ୍କ ଆଶୀର୍ବାଦ ନେଇ ପ୍ରସାଦ ସେବନ କରିଥିଲେ। ମନ୍ଦିର ପ୍ରତିଷ୍ଠାତା ଶ୍ରୀକର ରକ୍ସା ଏହାର ପରିଚାଳନା କରିଥିଲେ।

## ବିଭିନ୍ନ ଶିକ୍ଷାନୁଷ୍ଠାନରେ ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

# ତାଲିମ କୌଶଳକୁ ଜୀବନର ଅସ୍ତ୍ର କରିବାକୁ ପରାମର୍ଶ





ସୁନ୍ଦରଗଡ଼,୧୮।୧(ସମିସ)

ଲେଫ୍ରିପଡ଼ା ବ୍ଲକ୍‌ର ସର୍ଗିପାଲିସ୍ଥିତ ଏସ୍‌ଆରଡିଏମ୍‌ଏନ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୮ ଦିନ ଧରି ଚାଲିଥିବା ଛାତ୍ରୀ ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ଦିଲୀପ କୁମାର ଦେଓଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ସର୍ଗିପାଲି ଫାଣ୍ଡି ଅଧିକାରୀ ଦିନେଶ କୁମାର ପଟ୍ଟା ଯୋଗଦେଇ ସାଂପ୍ରତିକ ପରିସ୍ଥିତିରେ ଅସୁବିଧାର ସମ୍ମୁଖୀନ ହେଲେ ଛାତ୍ରୀମାନେ ନିଜେ ନିଜର ସୁରକ୍ଷା କରିବା ସହ ଅନ୍ୟମାନଙ୍କ ସୁରକ୍ଷା କରି ପାରିଲେ ଜାତି ଓ ଦେଶର ଉନ୍ନତି ହୋଇପାରିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରତାପ ନାରାୟଣ ସିଂହ ନାରୀ ଶକ୍ତିର ଉନ୍ନତି ହେଲେ ଏ ଦେଶର ଉନ୍ନତି ହେବ ବୋଲି କହିଥିଲେ। ଅଧ୍ୟାପିକା ଶକୁନ୍ତଳା ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଦିଗଦର୍ଶନ ଦେଇଥିଲେ। ଅଧ୍ୟାପକ ସୂର୍ଯ୍ୟକାନ୍ତ ବେହେରା ଓ କର୍ମଚାରୀ ଉପସ୍ଥିତ ଥିଲେ। ତାଲିମଦାତ୍ରୀ ସୀମା କିଶାନଙ୍କ ଠାରୁ ତାଲିମ ଗ୍ରହଣ କରିଥିବା ଛାତ୍ରୀମାନେ ଅତିଥିଙ୍କ ଆଗରେ କିଛି କଳା କୌଶଳ ପ୍ରଦର୍ଶନ କରିଥିଲେ। ସଂଯୋଜକ କ୍ରୀଡ଼ା ଶିକ୍ଷକ ସନାତନ ଖୁଣ୍ଟିଆ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଇତିହାସ ଅଧ୍ୟାପିକା ସଙ୍ଗୀତୀ ମାଝୀ ଧନ୍ୟବାଦ ଦେଇଥିଲେ।

## ନିଉ ଓଡ଼ିଶା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

ସୁନ୍ଦରଗଡ଼: ସବଡେଗା ବ୍ଲକର ଗାଇଡେଗାସ୍ଥିତ ନିଉ ଓଡ଼ିଶା ଉଚ୍ଚ ମାଧ୍ୟମିକ

ବିଦ୍ୟାଳୟରେ ଛାତ୍ରୀ ଆତ୍ମ ସୁରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ହିନ୍ଦୀ ଅଧ୍ୟାପିକା ତଥା ସଂଯୋଜିକା ନେଲି ବାସନ୍ତି କୁଜୁରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ସଭାରେ ବାଳିକା ଛାତ୍ରୀ ନିବାସ ନିବାସ ପରିଚାଳନା ସିଷ୍ଟର ସୋନାଲ ସ୍ମିତା କିଣ୍ଡୋ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ଆତ୍ମରକ୍ଷା ପାଇଁ ନିଜ ଭିତରେ ଆତ୍ମ ବିଶ୍ୱାସ ରହିବା ଦରକାର ବୋଲି ମତବ୍ୟକ୍ତ କରିବା ସହ ଏହାର ଗୁରୁତ୍ୱ ବିଷୟରେ ପରାମର୍ଶ ଦେଇଥିଲେ।

ସମ୍ମାନିତ ଅତିଥି ଓଡ଼ିଆ ଅଧ୍ୟାପିକା ସରିତା ମିଞ୍ଜ ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳକୁ ନିଜ ଜୀବନରେ ଉପଯୋଗ କରିବାକୁ କହିଥିଲେ। ଅଧ୍ୟାପିକା ସୀତା ମୋନିକା ବେକ୍, ପ୍ରତିଭା ରାନୀ ସିଂ, ସୁଷମା କୁମାରୀ ଏକ୍କା ଓ ସୁଚିତା ବାରୁଆ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରୀମାନେ ଯାହା ଶିକ୍ଷାଲାଭ କରିଥିବା ଆତ୍ମସୁରକ୍ଷା କୌଶଳ ଦଳଗତ ପ୍ରଦର୍ଶନ କରିଥିଲେ।

## ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

ସୁନ୍ଦରଗଡ: ସୁନ୍ଦରଗଡ଼ ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗତ ୮ ତାରିଖରୁ ଆରମ୍ଭ ହୋଇଥିବା ଯୁକ୍ତଦୁଇ ପ୍ରଥମ ବର୍ଷ ଛାତ୍ରୀମାନଙ୍କ ପାଇଁ ଆତ୍ମସୁରକ୍ଷା ପ୍ରଶିକ୍ଷଣ ସମାପନ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନଶିକ୍ଷୟତ୍ରୀ ଓ ସମାଜସେବୀ ସୁଷମା ପଟେଲ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଆତ୍ମଶକ୍ତିକୁ ଜାଗ୍ରତ କରି ଆତ୍ମନିର୍ଭରଶୀଳ ହେବା ସହ ଆତ୍ମସୁରକ୍ଷା ବଜାୟ ରଖି ଅନ୍ୟକୁ ମଧ୍ୟ ସୁରକ୍ଷା ଦେବା ପାଇଁ ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଅଧକ୍ଷା ଇନ୍ଦିରା ଗଡନାୟକ ଆତ୍ମସୁରକ୍ଷା ତାଲିମକୁ ଭବିଷ୍ୟତରେ ଉଚିତ ସମୟରେ ପ୍ରୟୋଗ କରିବା ପାଇଁ କହିଥିଲେ। ଦୀର୍ଘ ୮ ଦିନ ଧରି ଆତ୍ମସୁରକ୍ଷା ତାଲିମ ଦେଉଥିବା ମାଷ୍ଟର ଟ୍ରେନର ରିଜର୍ଭ ପୁଲିସ ବିଭାଗର ସବିତା ସାହୁ ରହି କେବଳ ଝିଅ ହୋଇ କି ସୀମିତରେ ନ ରହି ଜୀବନରେ ସବୁକିଛି ହାସଲ କରିବା ଦିଗରେ ନିଜ ବକ୍ତବ୍ୟ ରଖିଥିଲେ। ମାଷ୍ଟର ଟ୍ରେନର ଅମିତା ସାହୁ ମଧ୍ୟ ଶିଖାଯାଇଥିବା ତାଲିମକୁ ଛାତ୍ରୀମାନଙ୍କ ଦ୍ୱାରା ମନେପକାଇଦେଇ ଏହାକୁ ଜୀବନର ଅସ୍ତ୍ର ଭାବେ ଉପଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ। ଛାତ୍ରୀମାନେ ଗ୍ରହଣ କରିଥିବା ତାଲିମକୁ ପ୍ରଦର୍ଶନ କରିଥିଲେ। ଗଣିତ ବିଭାଗର ଅଧ୍ୟାପକ ଡକ୍ଟର ସଞ୍ଜୟ କୁମାର ବେହେରା ସଭା ପରିଚାଳନା କରିଥିବା ବେଳେ ସଂଯୋଜକ ପଦାର୍ଥ ବିଜ୍ଞାନ ବିଭାଗର ଅଧ୍ୟାପକ ଜ୍ଞାନେନ୍ଦ୍ର ତ୍ରିପାଠୀ ଶେଷରେ ଧନ୍ୟବାଦ ଦେଇଥିଲେ।

# ଡିଏଭି ପବ୍ଲିକ୍ ସ୍କୁଲ୍‌ରେ ସ୍ୱତନ୍ତ୍ର କର୍ମଶାଳା

ସୁନ୍ଦରଗଡ: ଏମ୍‌ସିଏଲ୍‌ର ନିର୍ଦ୍ଦେଶକ୍ରମେ ଛଟେନପାଲିସ୍ଥିତ ଡି.ଏ.ଭି ପବ୍ଲିକ୍ ସ୍କୁଲ୍‌ରେ ଛାତ୍ରଛାତ୍ରୀଙ୍କୁ ନେଇ ଆତ୍ମରକ୍ଷା କୌଶଳ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ରଞ୍ଜନ କୁମାର ପଟେଲ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କର ଶୈକ୍ଷିକ ଅଭିବୃଦ୍ଧି ସହିତ ସେମାନଙ୍କର ସାମଗ୍ରିକ ବିକାଶ ଓ ଜୀବନ-ଦକ୍ଷତାର ବିକାଶ ମଧ୍ୟ ସର୍ବାଦୌ ଆବଶ୍ୟକ ବୋଲି କହିଥିଲେ। ସମସ୍ତ ଶିକ୍ଷାର୍ଥୀ ଆତ୍ମରକ୍ଷା କରିବାର କଳାରେ ଦକ୍ଷତା ଅର୍ଜନ କଲେ ସମ୍ପ୍ରତି ଘଟୁଥିବା ଅଭାବନୀୟ ବିପଦରୁ ନିଜକୁ ସୁରକ୍ଷା ପ୍ରଦାନ କରିବାରେ ସମର୍ଥ ହୋଇପାରିବେ ବୋଲି ମତବ୍ୟକ୍ତ କରିଥିଲେ। ତିନିଜଣ ଅଭିଜ୍ଞ ମାଷ୍ଟର ଟ୍ରେନର୍ ଛାତ୍ରଛାତ୍ରୀଙ୍କୁ ନିଜର ସୁରକ୍ଷା ସମ୍ବନ୍ଧରେ ଅବଗତ ହେବା, ବିଭିନ୍ନ ପ୍ରକାର ସଚେତନତା ସୃଷ୍ଟି କରିବା, ସମାଜରେ ଘଟୁଥିବା ବିଭିନ୍ନ ଅଭାବନୀୟ ଘଟଣା ସମ୍ପର୍କରେ ସଚେତନ ହେବା ଏବଂ ନିଜକୁ ସୁରକ୍ଷା ପ୍ରଦାନ କରିବା ନିମନ୍ତେ ଆବଶ୍ୟକ କୌଶଳ ସ୍ୱରୂପ ବେସିକ୍ ଷ୍ଟାଣ୍ଡ୍ସ, ହାତ ଓ ପାଦର ସଞ୍ଚାଳନ, ବିପଦମୂଳକ ସ୍ଥାନରୁ ପଳାୟନ କରିବାର କୌଶଳ, ନିଜକୁ ଆକ୍ରମଣକାରୀ କବଳରୁ ମୁକ୍ତି ପାଇବାର କୌଶଳ ଆଦି ସମ୍ପର୍କରେ ଶିକ୍ଷା ଦେଇଥିଲେ। ଏହାସହିତ ବିଦ୍ୟାଳୟରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ନେଇ ପ୍ରାର୍ଥନା ପ୍ରତିଯୋଗିତା, ତୃତୀୟରୁ



ପଞ୍ଚମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ତୁଳାରେ କଣ୍ଢେଇ ତିଆରି ପ୍ରତିଯୋଗିତା ମଧ୍ୟ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମଗୁଡ଼ିକ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅଦମ୍ୟ ଉତ୍ସାହ ସୃଷ୍ଟି କରିବା ସହ ମନୋବଳ ମଧ୍ୟ ବୃଦ୍ଧି କରିବାରେ ସହାୟକ ହୋଇଥିଲା।


## ଏନଟିପିସି NTPC
# ଏନ ଟି ପି ସି ଲିମିଟେଡ
(ଭାରତ ସରକାରଙ୍କ ଉଦ୍ୟମ)

**ନୋଟିସ୍**

ପଞ୍ଜିକୃତ କାର୍ଯ୍ୟାଳୟ ଠିକଣା: ଏନଟିପିସି ଭବନ, କୋର-୭, ସ୍କୋପ କମ୍ପ୍ଲେକ୍ସ, ୭-ଇନ୍‌ଷ୍ଟିଚ୍ୟୁସନାଲ ଏରିଆ, ଲୋଧି ରୋଡ, ନୂଆ ଦିଲ୍ଲୀ - ୧୧୦୦୦୩
କରପୋରେଟ୍ ପରିଚୟ ନଂ- L40101DL1975GOI007966

ଉପରୋକ୍ତ ନାମିତ ଆବେଦନକାରୀ ତା.୦୧.୦୪.୨୦୨୪ରିଖରୁ ୩୧.୦୩.୨୦୨୯ ପର୍ଯ୍ୟନ୍ତ କହଲଗାଁ ସୁପର ଥର୍ମାଲ ପାୱାର ଷ୍ଟେସନ, ଷ୍ଟେଜ- ୨ (୧୫୦୦ ମେଗାୱାଟ୍)ର ଟାରିଫ ନିର୍ଦ୍ଧାରଣ ପାଇଁ କେନ୍ଦ୍ରୀୟ ବିଦ୍ୟୁତ ନିୟାମକ ଆୟୋଗ (ସିଇଆରସି), ନୂଆ ଦିଲ୍ଲୀଙ୍କ ସମ୍ମୁଖରେ ଆବେଦନ କରିଅଛନ୍ତି।

୧. ଉତ୍ପାଦକ ଷ୍ଟେସନର ଲାଭାର୍ଥୀ:
କ) ଗ୍ରିଡ୍‌କୋ ଲିମିଟେଡ୍, ୨୪, ଜନପଥ, ଭୁବନେଶ୍ୱର - ୭୫୧୦୦୭
ଖ) ଗୁଜରାଟ ଉର୍ଜା ବିକାଶ ନିଗମ୍ ଲିମିଟେଡ୍, ସରଦାର ପଟେଲ୍ ବିଦ୍ୟୁତ ଭବନ, ରେସ୍ କୋର୍ସ, ବଡୋଦା - ୩୯୦୦୦୭
ଗ) ମଧ୍ୟପ୍ରଦେଶ ପାୱାର ମ୍ୟାନେଜମେଣ୍ଟ କମ୍ପାନୀ ଲିମିଟେଡ୍, ଶକ୍ତି ଭବନ, ବିଦ୍ୟୁତ ନଗର, ଜବଲପୁର - ୪୮୨୦୦୮
ଘ) ମହାରାଷ୍ଟ୍ର ରାଜ୍ୟ ବିଦ୍ୟୁତ ବିତରଣ କମ୍ପାନୀ ଲିମିଟେଡ୍, 'ପ୍ରକାଶଗଡ଼', ବାନ୍ଦ୍ରା (ପୂର୍ବ), ମୁମ୍ବାଇ - ୪୦୦୦୫୧
ଙ) ଛତିଶଗଡ଼ ରାଜ୍ୟ ବିଦ୍ୟୁତ ବ୍ୟବସାୟ କମ୍ପାନୀ ଲିମିଟେଡ୍, ପୋ. ସୁନ୍ଦରନଗର, ଡଙ୍ଗନିଆ, ରାଏପୁର - ୪୯୨୦୧୩
ଚ) ଦାଦରା ଏବଂ ନଗର ହାଭେଲି ଏବଂ ଦମନ୍ ଏବଂ ଦିଉ ପାୱାର ବିତରଣ ନିଗମ୍ ଲିମିଟେଡ୍, ୧ମ ଏବଂ ୨ୟ ତଳ, ବିଦ୍ୟୁତ ଭବନ, ସିଲ୍‌ଭାସା - ୩୯୬୨୩୦, ଡିଏନ୍‌ଏଚ୍, ଭାରତ
ଛ) ଉତ୍ତର ପ୍ରଦେଶ ପାୱାର କର୍ପୋରେସନ୍ ଲିମିଟେଡ୍, ଶକ୍ତି ଭବନ, ୧୪, ଅଶୋକ ମାର୍ଗ, ଲକ୍ଷ୍ନୌ - ୨୨୬୦୦୧
ଜ) ଉତ୍ତରାଖଣ୍ଡ ପାୱାର କର୍ପୋରେସନ୍ ଲିମିଟେଡ୍, ଉର୍ଜା ଭବନ, କାନ୍ୱାଲୀ ରୋଡ୍, ଦେହରାଦୁନ୍ - ୨୪୮୦୦୧
ଝ) ଜୟପୁର ବିଦ୍ୟୁତ ବିତରଣ ନିଗମ୍ ଲିମିଟେଡ୍, ବିଦ୍ୟୁତ ଭବନ, ଜନପଥ, ଜୟପୁର - ୩୦୨୦୦୫
ଞ) ଅଜମେର ବିଦ୍ୟୁତ ବିତରଣ ନିଗମ୍ ଲିମିଟେଡ୍, ପୁରୁଣା ପାୱାର ହାଉସ୍, ହାଥୀ ଭଟା, ଜୟପୁର ରୋଡ୍, ଅଜମେର
ଟ) ଯୋଧପୁର ବିଦ୍ୟୁତ ବିତରଣ ନିଗମ୍ ଲିମିଟେଡ୍, ନୂତନ ପାୱାର ହାଉସ୍ ରୋଡ୍, ଇଣ୍ଡଷ୍ଟ୍ରିଆଲ୍ ଏରିଆ, ଯୋଧପୁର
ଠ) ବିଦ୍ୟୁତ ଉନ୍ନତି ବିଭାଗ (ଜେଆଣ୍ଡକେ), ଜମ୍ମୁ ଏବଂ କାଶ୍ମୀର ସରକାର, ସଚିବାଳୟ, ଶ୍ରୀନଗର
ଡ) BSES ରାଜଧାନୀ ପାୱାର ଲିମିଟେଡ୍, BSES ଭବନ, ନେହରୁ ପ୍ଲେସ୍, ନୂଆଦିଲ୍ଲୀ - ୧୧୦୦୧୯
ଢ) BSES ଯମୁନା ପାୱାର ଲିମିଟେଡ୍, ଶକ୍ତି କିରଣ ଭବନ, କାର୍କରଡୁମା, ଦିଲ୍ଲୀ
ଣ) ଟାଟା ପାୱାର ଦିଲ୍ଲୀ ବିତରଣ ଲିମିଟେଡ୍, NDPL ହାଉସ୍, ହଡସନ୍ ଲେନ୍, କିଙ୍ଗସ୍ୱେ କ୍ୟାମ୍ପ, ନୂଆଦିଲ୍ଲୀ - ୧୧୦୦୦୯
ତ) ହରିୟାଣା ପାୱାର ପର୍ଚେଜ୍ ସେଣ୍ଟର୍ ଲିମିଟେଡ୍, ଶକ୍ତି ଭବନ, ସେକ୍ଟର-୬, ପଞ୍ଚକୁଲା, ହରିୟାଣା - ୧୩୪୧୦୯
ଥ) ପଞ୍ଜାବ ରାଜ୍ୟ ବିଦ୍ୟୁତ ବୋର୍ଡ, ଦି ମଲ୍, ପଟିଆଲା - ୧୪୭୦୦୧
ଦ) ହିମାଚଳ ପ୍ରଦେଶ ରାଜ୍ୟ ବିଦ୍ୟୁତ ବୋର୍ଡ, ବିଦ୍ୟୁତ ଭବନ, ଶିମଲା - ୧୭୧୦୦୪
ଧ) ବିଦ୍ୟୁତ ବିଭାଗ, କେନ୍ଦ୍ରଶାସିତ ଚଣ୍ଡିଗଡ଼, ଅତିରିକ୍ତ କାର୍ଯ୍ୟାଳୟ ଭବନ, ସେକ୍ଟର-୯ଡି, ଚଣ୍ଡିଗଡ଼

୨. ଉତ୍ପାଦନ କେନ୍ଦ୍ରର କ୍ଷମତା: 1500 ମେଗାୱାଟ୍
୩. ପ୍ରକଳ୍ପର ଅନୁମୋଦିତ ମୂଳଧନ ଖର୍ଚ୍ଚ: ₹5690.56 କୋଟି
୪. ମୂଳଧନ ଖର୍ଚ୍ଚ ଅନୁମୋଦନ କରିଥିବା କର୍ତ୍ତୃପକ୍ଷ: CERC
୫. ବାଣିଜ୍ୟିକ ସଞ୍ଚାଳନର ନିର୍ଦ୍ଧାରିତ ତାରିଖ: ଅପ୍ରାସଙ୍ଗିକ
୬. କେନ୍ଦ୍ରର ବାଣିଜ୍ୟିକ ସଞ୍ଚାଳନର ପ୍ରକୃତ ତାରିଖ: 20.03.2010
୭. ବାଣିଜ୍ୟିକ ସଞ୍ଚାଳନର ତାରିଖରେ ମୂଳଧନ ଖର୍ଚ୍ଚ: ଅପ୍ରାସଙ୍ଗିକ
୮. ଶୁଳ୍କ ବିବରଣୀ:

| ବିବରଣୀ | ପୂର୍ବ ବର୍ଷ ପାଇଁ ଟାରିଫ | ବର୍ଷ ଅନୁଯାୟୀ ଟାରିଫ ନିର୍ଦ୍ଧାରଣ କରାଯାଇଅଛି | | | | |
|---|---|---|---|---|---|---|
| | | 2024-25 | 2025-26 | 2026-27 | 2027-28 | 2028-29 |
| ୧. କ୍ଷମତା ପ୍ରଭାର (ଟ.ଲକ୍ଷ/ବର୍ଷ) | 121044.67 | 118927.30 | 121832.60 | 126102.67 | 134243.94 | 142463.25 |
| ୨. ଉର୍ଜା ପ୍ରଭାର (ଟ./ ପ୍ରତି ୟୁନିଟ୍) | 3.705 | 3.026 | | | | |

ମାନନୀୟ ସିଇଆରସିଙ୍କ ସମ୍ମୁଖରେ ଦାଖଲ କହଲଗାଁ ସୁପର ଥର୍ମାଲ ପାୱାର ଷ୍ଟେସନ, ଷ୍ଟେଜ- ୨ (୧୫୦୦ ମେଗାୱାଟ୍) ପାଇଁ ୨୦୧୯-୨୪ ଅବଧି ହେତୁ ଟାରିଫର ଟ୍ରୁ-ଅପ ନିମନ୍ତେ ଦାୟର ଯାଚିକା ଅନୁଯାୟୀ।

୯. ଟାରିଫର ନିର୍ଦ୍ଧାରଣ ହେତୁ ଦାଖଲ ଆବେଦନର ଏକ କପି ଏନଟିପିସିର ୱେବସାଇଟ www.ntpc.co.in ରେ ଟ୍ୟାବ 'ନୋଟିସ୍'ର ଅନ୍ତର୍ଗତ ପ୍ରକାଶିତ ହୋଇଅଛି।

୧୦. ଟିପ୍ପଣୀର ଅନ୍ତର୍ଗତ ଟାରିଫ ନିର୍ଦ୍ଧାରଣ ହେତୁ ପ୍ରସ୍ତାବରେ ଲାଭାର୍ଥୀ ସହିତ କୌଣସି ବ୍ୟକ୍ତି ଦ୍ୱାରା ପ୍ରସ୍ତାବ ଉପରେ ଅଭିଯୋଗ, ଯଦି ଥାଏ ତେବେ ସେହି ନୋଟିସ୍ ପ୍ରକାଶନର ୩୦ ଦିନ ଭିତରେ ଯାଚିକାକର୍ତ୍ତାଙ୍କୁ ଏହାର ଏକ ନକଲ ସହିତ ଆୟୋଗର ଇ-ଫାଇଲିଙ୍ଗ ପୋର୍ଟାଲ ମାଧ୍ୟମରେ ପ୍ରସ୍ତୁତ କରାଯାଇପାରିବ।

ସ୍ଥାନ: ନୋଏଡା (ଉ.ପ୍ର.)
ତାରିଖ: ୦୩.୧୧.୨୦୨୪

(ପ୍ରଶାନ୍ତ ଚତୁର୍ବେଦୀ)
ଅତିରିକ୍ତ ମହାପ୍ରବନ୍ଧକ (ବାଣିଜ୍ୟିକ)

ବିଦ୍ୟୁତ କ୍ଷେତ୍ରରେ ଅଗ୍ରଣୀ

## ୪ ସନ୍ତାନ ପାଇଁ ପଦ ହରାଇଲେ ୱାର୍ଡସଭ୍ୟ

କେସିଙ୍ଗା, ୧୮ ।୧(ସମିସ): କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ କଣ୍ଟପଡ଼ା ପଞ୍ଚାୟତର ୭ ନମ୍ବର ୱାର୍ଡ ବିନେକେଲା ଗ୍ରାମର ୱାର୍ଡସଭ୍ୟା ନିରୁ ଛତ୍ରିଆଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅଯୋଗ୍ୟ ଘୋଷଣା କରାଯାଇଛି । ପୂର୍ବତନ ସରପଞ୍ଚ ମାଳତୀ ଭୋଇଙ୍କ ଅଭିଯୋଗ ଆଧାରରେ ବ୍ଲକ ପ୍ରଶାସନ ଜିଲ୍ଲା ପ୍ରଶାସନକୁ ଅବଗତ କରିଥିଲା । ଏହାପରେ କେସିଙ୍ଗାର ପୂର୍ବତନ ବିଡିଓ ପଦ୍ମନାଭ ପୁରୋହିତଙ୍କୁ ତଦନ୍ତ ସହ ଶୀଘ୍ର ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ତଦନ୍ତ ପରେ ୱାର୍ଡସଭ୍ୟାଙ୍କ ଚାରୋଟି ସନ୍ତାନ ଥିବା ଜଣାପଡ଼ିଥିଲା । ଏହା ପରେ ଓଡ଼ିଶା ଗ୍ରାମ ପଞ୍ଚାୟତ ଆଇନ-୧୯୬୪ ଅନୁସାରେ ସମ୍ପୃକ୍ତ ୱାର୍ଡସଭ୍ୟାଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅଯୋଗ୍ୟ ଘୋଷଣା କରାଯାଇଛି ।

## ୧ରୁ ସର୍ବଭାରତୀୟ ନକ୍‌ଆଉଟ୍ ଫୁଟବଲ ପ୍ରତିଯୋଗିତା

କେସିଙ୍ଗା, ୧୮ ।୧(ସମିସ): କଳାହାଣ୍ଡି ଜିଲ୍ଲା କେସିଙ୍ଗାରେ ଫେବୃଆରୀ ୧ ତାରିଖରୁ ସର୍ବଭାରତୀୟ ନକ୍‌ଆଉଟ୍ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହେବ । ସ୍ଥାନୀୟ ତହସିଲ ଅଫିସ ପାଖରେ ଥିବା ମିନି ଷ୍ଟାଡିୟମରେ କେସିଙ୍ଗା ଆଥ୍‌ଲାଟିକ ଓ କଲଚରାଲ ଆସୋସିଏସନ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଆରମ୍ଭ ହେବ । ଏକ ପ୍ରସ୍ତୁତି ବୈଠକରେ ଏହ ସୂଚନା ଦିଆଯାଇଛି । ବିଜେତା ଦଳକୁ ବିରାଟ ଟ୍ରଫି ସହ ନଗଦ ୫୧ ହଜାର ଟଙ୍କା ଓ ଉପ ବିଜେତା ଦଳକୁ ବିରାଟ ଟ୍ରଫି ସହ ନଗଦ ୩୧ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି ।

# 'ପ୍ରତ୍ୟେକ ନାରୀ ଆତ୍ମସୁରକ୍ଷା କୌଶଳ ଶିଖିବା ଜରୁରି'








ନୂଆପଡ଼ା, ୧୭ ।୧(ସମିସ): ସ୍ଥାନୀୟ ନ୍ୟାସନାଲ କଲେଜରେ ବାଳିକାମାନଙ୍କ ପାଇଁ ଚାଲିଥିବା ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି । ପ୍ରତ୍ୟେକ ନାରୀ ଆତ୍ମସୁରକ୍ଷା କୌଶଳ ଶିଖିବା ଜରୁରି ବୋଲି ଏଥିରେ ମତ ପ୍ରକାଶ ପାଇଛି । କାର୍ଯ୍ୟକ୍ରମରେ କଲେଜର ଅଧ୍ୟକ୍ଷ ହିତେଶ ସାହୁ ମୁଖ୍ୟ ଅତିଥି ଓ ଗଣିତବିଭାଗର ମୁଖ୍ୟ ନନ୍ଦିନୀ ମଞ୍ଜରୀ ହୋତା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରକାଶ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ମାଷ୍ଟର ଟ୍ରେନର ଫୁଲେଶ୍ୱରୀ ସାହୁ ତାଲିମ ଦେଇଥିଲେ ।

**କୋକସରା:** କୋକସରା ବ୍ଲକ ଲଡୁଗାଁ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ୮ ଦିନ ଧରି ଚାଲିଥିବା ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଛି । କଲେଜ ଅଧ୍ୟକ୍ଷ ଡ ନିହାରକାନ୍ତ ପାଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କୋକସରା ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ରଶ୍ମିତା ନେଟାମ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତୋଫାନ ମାଝି, ପୂର୍ବତନ ବ୍ଲକ ଉପାଧ୍ୟକ୍ଷା ଧୀରାମଣି ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅଧ୍ୟାପକ ସଞ୍ଜୟ ପୁରୋହିତ କାର୍ଯ୍ୟକ୍ରମର ସଞ୍ଚାଳନ ସହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଅଧ୍ୟାପିକା କଲ୍ୟାଣୀ ମହାନ୍ତି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଏବଂ ଶିବିର ରିପୋର୍ଟ ଦେଇଥିଲେ । ସୁମିତ୍ରା ଧଙ୍ଗଡ଼ମାଝି ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଅଧ୍ୟାପିକା ଅଙ୍କିତା ଖୁରା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ପ୍ରଶାନ୍ତ ଯୋଷୀ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରେମାନନ୍ଦ ସାହା, ବିରେନ୍ଦ୍ର ନାରାୟଣ ଦାସ, ଭାରତ ଭୂଷଣ ଠାକୁର, ଶଙ୍କର ସତନାମୀ, ଭାଗବତ କଟା, ତୁଳସୀ ବାଗ, ବିଭୁଜନ ସାହୁ, ଭାନୁମତୀ ମାଝି, ସପ୍ନା ନାଏକ, ଦିବାକର ଦୁର୍ଗା ପ୍ରମୁଖ ସହଯୋଗ କରିଥିଲେ ।

**କୋମନା :** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ବୁଢ଼ିକୋମନା ସ୍ଥିତ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀମାନଙ୍କ ଆତ୍ମସୁରକ୍ଷା ତାଲିମ ଶିବିର ଉଦଯାପିତ ହୋଇଛି । ଉଦଯାପନୀ ସମାରୋହରେ ଅଧ୍ୟକ୍ଷ ଶିତିକଣ୍ଠ ପଣ୍ଡା ସଭାପତିତ୍ୱ କରିଥିବା ବେଳେ ଅଧ୍ୟାପିକା ସଂଘମିତ୍ରା ନାୟକ, ଅଧ୍ୟାପକ ପରିତୋଷ ସାହୁ, ଅଭିମନ୍ୟୁ ମୁଣ୍ଡ, ରାଜକୁମାର ସୁନାନୀ, ଅଧ୍ୟାପିକା ଲତା ବାଗ, ଦୁର୍ଯ୍ୟୋଧନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଶିବିରରେ ଏକାଦଶ ଶ୍ରେଣୀର ଛାତ୍ରୀମାନେ ଅଂଶଗ୍ରହଣ କରି ତାଲିମ ଗ୍ରହଣ କରିଥିବା ବେଳେ ଖେଳ ଶିକ୍ଷକ ପ୍ରକାଶ ଚନ୍ଦ୍ର ହୋତା ଏବଂ ଜ୍ୟୋତିରାଜ ସିଂ ଦେଓ ପ୍ରମୁଖ ବିଶେଷ ସହଯୋଗ କରିଥିଲେ । ମାଷ୍ଟର ଟ୍ରେନର ଧନେସ୍ୱରୀ କେଉଁଟ ଓ ସୁରେଖା ବାଗ ତାଲିମ ପ୍ରଦାନ କରିଥିଲେ । ପରିଶେଷରେ ସମସ୍ତ ଛାତ୍ରୀମାନଙ୍କୁ ପ୍ରମାଣପତ୍ର ଦେଇ ପୁରସ୍କୃତ କରାଯାଇଥିଲା ।

ସେହିଭଳି କୋମନାସ୍ଥିତ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମସୁରକ୍ଷା ତାଲିମ ଶିବିର ଅଧ୍ୟକ୍ଷ ଲାଲ୍ ଆଶୁତୋଷ ଦାଶଙ୍କ ସଭାପତିତ୍ୱରେ ଉଦ୍‌ଯାପିତ ହୋଇଯାଇଛି । ସାମ୍ବାଦିକ ମାୟାଧର ସରାଫ୍, ଅଧ୍ୟାପକ ଡ. ଦୀପକ ଦାଶ, ଅଧ୍ୟାପକ ବଚନ ଭୋଇ, ପ୍ରଶାନ୍ତ ପଣ୍ଡା, ଡ. ବିନୋଦ ବିହାରୀ ରଥ, ଅଧ୍ୟାପିକା ପ୍ରଜ୍ଞା ପରିମିତା ବାରିକ, ଜୟଶ୍ରୀ ଦଣ୍ଡସେନା, ବନ୍ଦନା ଚଳାନ ପ୍ରମୁଖ ଉପସ୍ଥିତ ଥିଲେ । ସରସ୍ୱତୀ ଶବର ଓ ଧନେଶ୍ୱରୀ କେଉଟ ୧୮୩ ଜଣ ଏକାଦଶ ଶ୍ରେଣୀର ଛାତ୍ରୀଙ୍କୁ ତାଲିମ ପ୍ରଦାନ କରିଥିଲେ । ଖେଳ ଶିକ୍ଷକ ଶଙ୍କର ବୈଠାରୁ ସଂଯୋଜନା କରିଥିଲେ ।

**ମ.ରାମପୁର:** କଳାହାଣ୍ଡି ଜିଲ୍ଲା କୁଶୁରଲାସ୍ଥିତ ହର ଗୌରୀ ମହା ବିଦ୍ୟାଳୟରେ ୮ ଦିନ ଧରି ଛାତ୍ରୀମାନଙ୍କୁ ନେଇ ଆତ୍ମସୁରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁବୋଧ ଶତପଥୀ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ ଯୋଗ ଦେଇ ଆଜିର ଯୁଗରେ ନାରୀମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ । ଅଧ୍ୟାପକ ଗଗନ ବିହାରୀ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ । ଏହି ତାଲିମ ଶିବିରରେ ୧୭୩ଜଣ ଛାତ୍ରୀ ଯୋଗ ଦେଇଥିଲେ । ବର୍ଷା ପ୍ରିୟଦର୍ଶିନୀ, କ୍ଷୀରାବ୍ଧି ବେହେରା ତାଲିମ ପ୍ରଦାନ କରିଥିଲେ । ଏହି ଶିବିରକୁ ଅଧ୍ୟାପକ ଲମ୍ବୋଦର ସାହୁକାର, ପିତାମ୍ବର ସାହୁ, ଶିବାଜୀ ବାରିକଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥଲେ । ଖେଳ ଶିକ୍ଷକ ରାଜ କିଶୋର ରଣା ପରିଚାଳନା କରିଥିଲେ । ଶେଷରେ ମହାବିଦ୍ୟାଳୟର କିରାଣୀ ଚୂଡ଼ାମଣି ସାହୁ ଉପସ୍ଥିତ ଧନ୍ୟବାଦ ଅର୍ପଣ କରିଥିଲେ ।

**କଳମପୁର:** କଳାହାଣ୍ଡି ଜିଲ୍ଲା କଳମପୁର ବ୍ଲକ ଅମୋହମଣୀ ଯୁକ୍ତ ଦୁଇ ମହାବିଦ୍ୟାଳୟରେ ଅନୁଷ୍ଠିତ ଛାତ୍ରୀଙ୍କ ଆତ୍ମ ସୁରକ୍ଷା ତାଲିମ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି । କଲେଜର ସଂଯୋଜକ ବରିଷ୍ଠ ଅଧ୍ୟାପକ ବିଭୁତି ଭୂଷଣ ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ଅମୋହମଣୀ ଯୁକ୍ତ ଦୁଇ ମହାବିଦ୍ୟାଳୟର ଓ ଧନ୍ଦାମୂଳକ ଉଚ୍ଚ ବିଦ୍ୟାଳୟର ସମସ୍ତ ଛାତ୍ରୀ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମ ୮ ଦିନ ଧରି ଚାଲିଥିଲା । ଉଦ୍‌ଯାପନୀ ଉତ୍ସବରେ ଅର୍ଥନୀତି ଅଧ୍ୟାପକ ମଳୟ ମହାକୁଡ଼ ମଞ୍ଚ ପରିଚାଳନା କରିଥିଲେ । ଅଧ୍ୟାପିକା ଯଶୋଦା ପୁଝାରୀ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଜୀବନଜ୍ୟୋତି ପ୍ରଧାନ ଓ ସୁଚିସ୍ମିତା ବେହେରା ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ ।

**● ରଦ୍ଧି ତାଣ୍ଡି ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଫାଇନାଲ**

## ମଣ୍ଡଳକୁ ହରାଇ ପାଣିଗାଁ ଚାମ୍ପିଅନ



କୋକସରା/ଜୟପାଟଣା, ୧୮ ।୧(ସମିସ): ଜୟପାଟଣା ବ୍ଲକ ଗୋଡଭଞ୍ଜା ବାପୁଜୀ ଯୁବକ ସଂଘ ଆନୁକୂଲ୍ୟରେ ଚାଲିଥିବା ରଦ୍ଧି ତାଣ୍ଡି ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳ ଅନୁଷ୍ଠିତ ହୋଇଛି । ଏଥିରେ ମଣ୍ଡଳକୁ ହରାଇ ପାଣିଗାଁ ଦଳ ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ ହୋଇଛି । ଖେଳକୁ ପର୍ଶୁରାମ ବାଣୁଆ ପରିଚାଳନା କରିଥିବାବେଳେ ଯୁଗଳ କିଶୋର ଶବର, ଜୟକର ଶବର, ତପନ ପୁଝାରୀ ଓ ମାଧବ ପୁଝାରୀ ସହଯୋଗ କରିଥିଲେ । ବୈକୁଣ୍ଠ ଜାଲ ଓ ଧନିଷ୍ଠ କଣ୍ଟା ଖେଳର ଧାରାବିବରଣୀ ପ୍ରଦାନ କରିଥିଲେ । ଫାଇନାଲ ଖେଳର ପୁରସ୍କାର ବିତରଣ ଉତ୍ସବରେ ଜୟପାଟଣା ବ୍ଲକ ଅଧ୍ୟକ୍ଷ ଥବିର ବାଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରକାଶ ଦୁରିଆ, ଦିପଚନ ସାହୁ, ଅନ୍ତରାମ ବାଣୁଆ, ଧ୍ରୁବ ଚରଣ ସାହୁ, ଅନ୍ତରାମ ଜାଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସ୍ୱର୍ଗତ ରଦ୍ଧି ତାଣ୍ଡିଙ୍କ ପରିବାରରୁ କୁଶ ତାଣ୍ଡି, ସିନ୍ଧୁସୁତା ଦେଇ, ଜାହ୍ନବି ତାଣ୍ଡି, ମଇନା ବେଣୁପାଣି ପ୍ରମୁଖ ଉପସ୍ଥିତ ଥିଲେ । ମନଧର ତାଣ୍ଡି ପୁରସ୍କାର ବିତରଣ କାର୍ଯ୍ୟ ସମ୍ପାଦନ କରିଥିଲେ । ପ୍ରତାପ ବାଣୁଆ, ଯୁଗେଶ୍ୱର ରାଉତ, ଦେବେନ୍ଦ୍ର ବାଣୁଆ, ପ୍ରତାପ ବାଣୁଆ, ତୋଫାନ ବାଣୁଆ, ମାଧବ ମାଝୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

**କୋକସରା ପଞ୍ଚାୟତ ପକ୍ଷରୁ ବୈଠକ**

## ଲୋକଙ୍କ ସହ ଉତ୍ତମ ସମ୍ପର୍କ ପାଇଁ ଅଧିକାରୀଙ୍କୁ ପରାମର୍ଶ




କୋକସରା, ୧୮ ।୧(ସମିସ): କୋକସରା ପଞ୍ଚାୟତ ସମିତି ସଭାଗୃହରେ ଶନିବାର ସଦର ମହକୁମା ପଞ୍ଚାୟତ ପକ୍ଷରୁ ପଞ୍ଚାୟତସ୍ତରରେ ଶାସନ କର୍ଯ୍ୟକ୍ରମ ଶକ୍ତିସମ୍ପନ୍ନ କରିବା ନିମନ୍ତେ ସାମୂହିକ ଅଂଶଗ୍ରହଣ ଓ ଏକାଭିମୁଖି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସରକାରଙ୍କ ବିଭିନ୍ନ ଯୋଜନା କିଭଳି ପଞ୍ଚାୟତସ୍ତରରୁ ଲୋକଙ୍କ ପାଖକୁ ପହଞ୍ଚି ପାରିବ ସେନେଇ ଆଲୋଚନା ହୋଇଥିଲା । ଅଧିକାରୀମାନେ ସାଧାରଣ ଲୋକଙ୍କ ସହିତ ଉତ୍ତମ ସମ୍ପର୍କ ରଖି ଲୋକଙ୍କୁ ବିଭିନ୍ନ ଯୋଜନା ବିଷୟରେ ଅବଗତ କରିବା, ଅଙ୍ଗନବାଡ଼ି, ସ୍କୁଲ, ମେଡିକାଲ, ପାନୀୟ ଜଳ ସହିତ ବିଭିନ୍ନ ସମସ୍ୟାକୁ ସମସ୍ତଙ୍କ ମିଳିତରେ କିଭଳି ସମାଧାନ କରାଯାଇପାରିବ ସେନେଇ ବିଶେଷ ଆଲୋଚନା ହୋଇଥିଲା । ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଡ଼ିଓ ଡ. ହିମାଞ୍ଚଳ ମାଝୀ, ତହସିଲଦାର ନବୀନ କିଶୋର ପାଢ଼ୀ, ମେଡିକାଲ ଇନଚାର୍ଜ ଡାକ୍ତର ତତ୍ତ୍ୱଦର୍ଶୀ ଦାଶ, ଗୋଷ୍ଠୀ କୃଷି ଅଧିକାରୀ ରାକେଶ ମାଝି, ଏଏଚ୍‌ଓ ସୌରଭ ପାଣିଗ୍ରାହୀ, କୋକସରା ଜିଲ୍ଲା ପରିଷଦ ସଦସ୍ୟ ତ୍ରିନାଥ ବାଗ, ଜିପିଡିଓ ରାଜେନ୍ଦ୍ର ପାତ୍ର, ବିଇଓ ରଶ୍ମିତା ନେତମ ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ କୋକସରା ସଦର ମହକୁମା ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭବିଷ୍ୟତ ପଟେଲ ପରିଚାଳନା କରିଥିଲେ । ବୈଠକରେ ମେଡିକାଲ, ଶିକ୍ଷା, କୃଷି, ବିଦ୍ୟୁତ୍, ପାନୀୟ ଜଳ, କ୍ଷୁଦ୍ର ଜଳ ସେଚନ, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ, ବନ ବିଭାଗ ଅଧିକାରୀଙ୍କ ସମେତ ସରପଞ୍ଚ, ସମିତି ଏବଂ ୱାର୍ଡସଭ୍ୟ ଯୋଗ ଦେଇଥିଲେ ।

## ଷ୍ଟାର୍ଟଅପ୍ ଇକୋସିଷ୍ଟମ୍ସ, ସାମାଜିକ ଉଦ୍ୟୋଗୀକରଣ ସମ୍ମିଳନୀ

ଭବାନୀପାଟଣା, ୧୮ ।୧ (ସମିସ): ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଅନ୍ୱେଷା ନାମକ ଏକ ସାପ୍ତାହିକ (ପ୍ରତ୍ୟକ ଶନିବାର) ଶିକ୍ଷାଭିତ୍ତିକ କାର୍ଯ୍ୟକ୍ରମର ଦ୍ୱିତୀୟ ସଂସ୍କରଣରେ ବିବିଏ ବିଭାଗ ତରଫରୁ ୱେବିନାର ଷ୍ଟାର୍ଟଅପ୍ ଇକୋସିଷ୍ଟମ୍ ଆଣ୍ଡ ସୋସିଆଲ ଏଣ୍ଟରପ୍ରିନେୟର୍ସ: ପିଓନିରିଙ୍ଗ ଏ ସଷ୍ଟାନେବୁଲ ସର୍କୁଲାର ଇକୋନୋମୀ ଅନୁଷ୍ଠିତ ହୋଇଥିଲା । ବିବିଏ ବିଭାଗର ସଂଯୋଜକ ଦାୟିତ୍ୱରେ ଥିବା ତଥା ଏହି ୱେବିନାରର ଆବାହକ ଡ. ଚିତ୍ତରଞ୍ଜନ ଖୁଣ୍ଟିଆ ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ । ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥ ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ମୁଖ୍ୟବକ୍ତା ଭାବେ ମଧ୍ୟପ୍ରଦେଶ ଇନ୍ଦିରା ଗାନ୍ଧୀ ଜାତୀୟ ଆଦିବାସୀ ବିଶ୍ୱବିଦ୍ୟାଳୟର ପ୍ରଫେସର ଏସ୍‌କେ ବରାଳ ଷ୍ଟାଟ୍‌ଅପ୍ ଇକୋସିଷ୍ଟମ୍ସ ଏବଂ ସାମାଜିକ ଉଦ୍ୟୋଗୀକରଣ ଉପରେ ବିଷଦ ଭାବରେ ଆଲୋଚନା କରିଥିଲେ । କୁଳସଚିବ ପିତାମ୍ବର ଭୋଇ, ଉପ କୁଳସଚିବ ଡ ଜୟଦେବ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଅଧ୍ୟାପକ ଶୁଭାଶିଷ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ସୁଶ୍ରୀ ଶ୍ରାବଣୀ ପ୍ରିୟଦର୍ଶିନୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

**● ଅବ୍ୟବସ୍ଥାରୁ ଆରମ୍ଭ; ଅବ୍ୟବସ୍ଥାରେ ଶେଷ**

## କାନ୍ଦି କାନ୍ଦି ଫେରିଗଲେ କଳାକାର

ଧର୍ମଗଡ଼, ୧୮ ।୧(ସମିସ): ଧର୍ମଗଡ଼ରେ ଆୟୋଜିତ କଳାହାଣ୍ଡି ଉତ୍ସବ ଘୁମୁରା -୨୦୨୫ ଆରମ୍ଭରୁ ହିଁ ଅବ୍ୟବସ୍ଥା ଦେଖିବାକୁ ମିଳିଥିଲା । ଉଦ୍‌ଯାପନୀ ଦିବସ ବେଳକୁ ଅନ୍ତତଃ ଏଥିରେ ସୁଧାର ଆସିବ ବୋଲି ଆଶା କରାଯାଉଥିଲା; ହେଲେ ଶେଷ ଦିବସରେ ମଧ୍ୟ ଅବ୍ୟବସ୍ଥା ଦେଖିବାକୁ ମିଳିଥିଲା । ଯେକୌଣସି ଲୋକ ଉତ୍ସବ ଆୟୋଜନର ମୂଳ ଲକ୍ଷ୍ୟ ହେଲା ହଜି ଯାଉଥିବା ଲୋକ ସଂସ୍କୃତି, ପରମ୍ପରା ଏବଂ ଲୋକ କଳାକୁ ବଞ୍ଚାଇବାର ଏକ ପ୍ରୟାସ । କଳାହାଣ୍ଡି ଉତ୍ସବର ଆୟୋଜନ ମଧ୍ୟ ଏହି ଉଦ୍ଦେଶ୍ୟରେ ଆୟୋଜିତ ହୋଇଥିଲା । ସମୟକ୍ରମେ ସାଂସ୍କୃତିକ ଭାବ ବିନିମୟର ଏକ ମାଧ୍ୟମ ସାଜିଲା । ରାଜ୍ୟ ଏବଂ ରାଜ୍ୟ ବାହାରୁ କଳାକାର ଆସିଲେ । କଳା ପରିବେଷଣ କଲେ । ଏଠାକାର କଳା ଦେଖୁଥିଲେ । ଏବେ କିନ୍ତୁ ଏହି ଉତ୍ସବରେ କଳା ଓ କଳାକାରଙ୍କୁ ଅପମାନିତ ହେବାକୁ ପଡୁଛି । ଉଦଯାପନୀ ଦିବସରେ ନିଜ କଳା ପ୍ରଦର୍ଶନ କରିବାକୁ ଆସିଥିବା ଏକ ସାଂସ୍କୃତିକ ଦଳକୁ କାନ୍ଦି କାନ୍ଦି ଫେରିଯିବାକୁ ପଡ଼ିଛି । ଜିଲ୍ଲା ସଂସ୍କୃତି ବିଭାଗ ତରଫରୁ ସେମାନେ ଧର୍ମଗଡ଼ ଉତ୍ସବରେ ପରିବେଷଣ କରିବାକୁ ଆସିଥିଲେ । ସନ୍ଧ୍ୟା ୬ଟାରେ ପହଞ୍ଚି ସେମାନେ ପ୍ରସ୍ତୁତ ହେଲେ । ୧୦ଟାରେ ସେମାନଙ୍କୁ ପରିବେଷଣ କରିବାକୁ ନିର୍ଦ୍ଦେଶ ଥିଲା; କିନ୍ତୁ ପରବର୍ତ୍ତୀ ସମୟରେ ଅର୍କେଷ୍ଟା ଶେଷ ହେବା ପରେ ତାଙ୍କୁ ପରିବେଷଣ ପାଇଁ କୁହାଗଲା । ସେମାନେ ନିରାଶ ହୋଇ କାନ୍ଦି କାନ୍ଦି ଫେରିଗଲେ । ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଥିଲା । ପୂର୍ବ ବର୍ଷରେ କଳାହାଣ୍ଡି ଉତ୍ସବ ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଉତ୍ସବ ମଞ୍ଚରେ ସାର୍ଟିଫିକେଟ ପ୍ରଦାନ ସହ ସମ୍ମାନିତ କରାଯାଉଥିଲା । ଉଦ୍‌ଯାପନୀ ଦିବସରେ ପୁରସ୍କୃତ ହେବାକୁ ଥିବା କୃତୀ ପ୍ରତିଯୋଗୀଙ୍କୁ କିନ୍ତୁ ସେଭଳି କରାଯାଇ ନ ଥିଲା । କଳାହାଣ୍ଡି ଉତ୍ସବ ଭଳି ଏକ ଜିଲ୍ଲାସ୍ତରୀୟ ମଞ୍ଚରେ ଜଣେ ସମ୍ମାନିତ ହେବେ ବୋଲି ତାଙ୍କ ବାପା ମାଁ ଦୀର୍ଘ ସମୟ ଧରି ଅପେକ୍ଷା କରି ଶେଷରେ ନିରାଶ ହୋଇଥିଲେ । ଏହାକୁ ନେଇ ଅନେକ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଥିଲା । ସେହିଭଳି ମୁଖ୍ୟ ଫାଟକ ଭିତରକୁ ଗାଡି ନେଇ କେବେ କୌଣସି ଭିଆଇପି କିମ୍ବା ଭିଭିଆଇପି ଯିବା ନଜିର ନାହିଁ । ଏପରିକି ଉଦ୍‌ଯାପନୀ ଦିବସରେ ଅତିଥି ହୋଇ ଆସିଥିବା ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ ମଧ୍ୟ ଗେଟ୍ ସାମ୍ନାରେ ଗାଡି ରଖି ଉତ୍ସବ ସ୍ଥଳକୁ ଚାଲିଚାଲି ଗଲେ; କିନ୍ତୁ କଣ୍ଠଶିଳ୍ପୀ ଅସୀମା ପଣ୍ଡାଙ୍କ ଗାଡ଼ି ପ୍ରବେଶ ପାଇଁ ଗେଟ୍ ଖୋଲା ହେଲା ଏବଂ ସେ ଗାଡ଼ିରେ ହିଁ ଷ୍ଟେଜ ପାଖକୁ ଯାଇଥିଲେ । ଏହାକୁ ନେଇ ଅନେକ ଲୋକଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି ।

**ଶିକ୍ଷକଙ୍କ ଦାୟିତ୍ୱହୀନତାର ପରିଣାମ**

## ନବୋଦୟ ପ୍ରବେଶିକା ପରୀକ୍ଷାରୁ ବଞ୍ଚିତ ହେଲେ ଛାତ୍ର



ଥୁଆମୂଳ ରାମପୁର, ୧୮ ।୧(ସମିସ): ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁଁ ଜଣେ ଛାତ୍ର ପରୀକ୍ଷା ଦେବାରୁ ବଞ୍ଚିତ ହୋଇଥିବା ଭଳି ଅଭିଯୋଗ ସାମ୍ନାକୁ ଆସିଛି । ଶନିବାର ନବୋଦୟରେ ନାମ ଲେଖା ପାଇଁ ପ୍ରବେଶିକା ପରୀକ୍ଷାରେ ଏଭଳି ଏକ ଦାୟିତ୍ୱହୀନତାର ପ୍ରମାଣ ଦେଖିବାକୁ ମିଳିଛି । କ୍ରିଷ୍ଣା ମାଝୀ ନାମକ ଜଣେ ପଞ୍ଚମ ଶ୍ରେଣୀର ଛାତ୍ର ଏହାର ଶିକାର ହୋଇଛନ୍ତି ।

ଏହି ପରୀକ୍ଷା ପାଇଁ ଥୁଆମୂଳ ରାମପୁର ସ୍କୁଲରେ ନବୋଦୟ ପରୀକ୍ଷା ପାଇଁ କେନ୍ଦ୍ର କରାଯାଇଥିଲା । ଗୋପାଳପୁର ବିଦ୍ୟାଳୟରେ ପଞ୍ଚମ ଶ୍ରେଣୀ ପଢୁଥିବା ଛାତ୍ର କ୍ରିଷ୍ଣା ମାଝୀ ନବୋଦୟ ପରୀକ୍ଷା ଦେବା ପାଇଁ କେନ୍ଦ୍ରକୁ ଆସିଥିଲେ । ଶୁକ୍ରବାର ଗୋପାଳପୁର ସ୍କୁଲ ଶିକ୍ଷକ ଭୁଲ୍ ବଶତଃ ଗ୍ରାମବିକାଶ ବିଦ୍ୟାଳୟର କ୍ରୀଷ୍ଣା ମାଝୀଙ୍କ ଆଡ଼ମିଟ କାର୍ଡକୁ ଗୋପାଳପୁର ସ୍କୁଲର କ୍ରିଷ୍ଣା ମାଝୀଙ୍କୁ ଦେଇଥିଲେ; ହେଲେ ପରୀକ୍ଷା କେନ୍ଦ୍ରରେ ଆଡ଼ମିଟ କାର୍ଡ ଯାଞ୍ଚ ପରେ ଗୋପାଳପୁର ସ୍କୁଲର କ୍ରିଷ୍ଣାଙ୍କୁ ପରୀକ୍ଷା ଦେବା ପାଇଁ ବାରଣ କରିଥିଲେ । ଅନ୍ୟ ପକ୍ଷରେ ଏହି କଥା ଜଣାପଡ଼ିବା ପରେ ବିଦ୍ୟାଳୟ କର୍ତ୍ତୃପକ୍ଷ ତରତର ହୋଇ ଆଉ ଥରେ ଆଡ଼ମିଟ କାର୍ଡ ଅନ୍ୟ ଜଣଙ୍କ ହାତରେ ପଠାଇ ଦେଇଥିଲେ । ଆଡ଼ମିଟ କାର୍ଡ ଆଣିବା ସମୟରେ ପରୀକ୍ଷା ସରିବା ପାଇଁ ମାତ୍ର ଅଧଘଣ୍ଟା ବାକି ରହିଥିଲା । ଏହାଫଳରେ ଆଉ କ୍ରିଷ୍ଣା ମାଝୀ ପରୀକ୍ଷାରୁ ବଞ୍ଚିତ ହୋଇଥିଲେ । ପରୀକ୍ଷା ଦେବାରୁ ବଞ୍ଚିତ ହେବା ଯୋଗୁଁ ଛାତ୍ର ଜଣକ କାନ୍ଦି କାନ୍ଦି ଠିଆ ହୋଇଥିଲେ ।

ଏଠାରେ ସୂଚନାଯୋଗ୍ୟ ଯେ, ଗୋପାଳପୁର ସ୍କୁଲରେ ପଢୁଥିବା କ୍ରିଷ୍ଣା ମାଝୀ ଓ ଗ୍ରାମ ବିକାଶ ସ୍କୁଲରେ ପଢୁଥିବା କ୍ରିଷ୍ଣା ମାଝୀଙ୍କ ନାମ, ବାପା ନାମ ଓ ମାଁଙ୍କ ନାମ ସମାନ ରହିଛି; ହେଲେ ଶିକ୍ଷକମାନେ ଭୁଲରେ ବିଇଓ ଅଫିସରୁ ଗ୍ରାମ ବିକାଶ ସ୍କୁଲର ଆଡ଼ମିଟ କାର୍ଡକୁ ନେଇ ଗୋପାଳପୁର ସ୍କୁଲର ଛତ୍ରଙ୍କୁ ଦେଇଥିଲେ । ଏହାଫଳରେ ଶିକ୍ଷକଙ୍କ ଏଭଳି ଅସାବଧାନତା ଯୋଗୁଁ ଛାତ୍ର ଜଣକ ପରୀକ୍ଷାରୁ ବଞ୍ଚିତ ହୋଇଛନ୍ତି । ଏନେଇ ଗୋପାଳପୁର ସ୍କୁଲର ପ୍ରଧାନ ଶିକ୍ଷକ ଭରତ ନାଏକଙ୍କୁ ପଚାରିବାରୁ ସେ ଏ ବିଷୟରେ ଜାଣି ନାହାନ୍ତି ବୋଲି ଖାମଖିଆଲି ଭାବେ କହିଥିଲେ ।

## ଶାସ୍ତ୍ରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

ନୂଆପଡ଼ା, ୧୮ ।୧(ସମିସ): ସ୍ଥାନୀୟ ସାଇପଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ପ୍ରଧାନଶିକ୍ଷକ ହେମଦାସ ମାନିକପୁରୀ ସଭାପତିତ୍ୱ କରିଥିଲେ । ନୂଆପଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦ, ସାଇପଲା ସରପଞ୍ଚ ପ୍ରିୟଙ୍କା ସାହୁ, ସମିତି ସଭ୍ୟା ପ୍ରମିଳା ଧରୁଆ, ଏସଏମସି ସଭାପତି ରାକେଶ ସାହୁ, ଅଁଳାଯୁବା ସିଆରସିସି ଶରତ ପଣ୍ଡା, ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘର ସହ ସମ୍ପାଦକ ସଞ୍ଜୟ ପାଢୀ, ତୁରନ ଲାଲ ସାହୁ, ଶଙ୍କର୍ଷଣ ପୁରୋହିତ, ବିନୋଦ ସିଂ ଠାକୁର, ପ୍ରମୋଦ ମିଶ୍ର, ଶାନ୍ତନୁ ସାହୁ, ଶ୍ୟାମଚରଣ ଦଣ୍ଡସେନା ପ୍ରମୁଖ ଯୋଗ ଦେଇଥିଲେ । ସରୋଜ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ । ଶିକ୍ଷୟିତ୍ରୀ ରଞ୍ଜିତା ଶେଠୀ, ଇନ୍ଦିରା ଗିରି, ଲିଙ୍କେଶ୍ୱରୀ ମାଝୀ, ରବୀନ୍ଦ୍ର ମେହେର, ଅନ୍ତର୍ଯ୍ୟାମି ଥପା, ଗଦାଧର ମାଝି, ସୁବାସ ରଣା, ଥବୀର ଭୋଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ସରୋଜ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ରକ୍ତବୀର କିଶୋର ପରିଡ଼ାଙ୍କୁ ସମ୍ବର୍ଦ୍ଧନା



ନୂଆପଡ଼ା, ୧୮ ।୧(ସମିସ): ନୂଆପଡ଼ା ସଦର କ୍ଲଷ୍ଟରରେ ପ୍ରଧାନଶିକ୍ଷକ ଓ ଏଫଏଲ୍‌ଏନ ଶିକ୍ଷକଙ୍କ କ୍ଲଷ୍ଟରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଗଡ଼ତୋର୍ ଉପ୍ରା ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ କବିତା ନାଏକଙ୍କ ସଭାପତିତ୍ୱରେ ଓ ସଦର ସିଆରସିସି ଜିତେନ୍ଦ୍ର ଖମାରୀଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ ସ୍ୱାଗତ ଓ ଉଦ୍ଦେଶ୍ୟ ଜ୍ଞାପନ ପରେ ବିଦ୍ୟାଳୟ ପରିଦର୍ଶନ ଓ ଆଲୋଚନା, ପୂର୍ବ ବୈଠକ ବିଷୟବସ୍ତୁର ପୁନରାଲୋଚନା, ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ସମ୍ପର୍କିତ ବିଷୟ ବସ୍ତୁ - ଜାନୁୟାରୀ ମାସର ଶୈକ୍ଷିକ କ୍ୟାଲେଣ୍ଡର, ନମୁନା ପାଠ ଯୋଜନା, ଶ୍ରେଣୀ ପରିଚାଳନା ସମୟର ସୁବିଧା ଓ ଅସୁବିଧା, ମାନ ନିର୍ଦ୍ଧାରଣ ଟ୍ରାକର୍ ରେଜିଷ୍ଟର, ଦଶମିକ ଆଧାରିତ ଶିକ୍ଷଣ କାର୍ଯ୍ୟ ଉପରେ ପ୍ରଧାନଶିକ୍ଷକ ବିଶ୍ୱରଞ୍ଜନ ମିଶ୍ର, ସରୋଜ ଅଗସ୍ତି, ଶିକ୍ଷକ ଦୋଳ ଗୋବିନ୍ଦ ସାହୁ ସମସ୍ତଙ୍କ ସହିତ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା ପାଣିଗ୍ରାହୀ ଓ ମମତା ସ୍ୱାଇଁ ନମୁନା ପାଠ ଯୋଜନା ଉପସ୍ଥାପନ କରିଥିଲେ । ଉକ୍ତ ବୈଠକରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ନରୋତ୍ତମ ଭୋଇ ଓ ସମ୍ମାନିତ ଅତିଥି ଭାବରେ ପିରାମଲ୍ ଫାଉଣ୍ଡେସନ ଜିଲ୍ଲା ପ୍ରଭାରୀ ସୁଶ୍ରୀ ସାଲିନି ଝା ଯୋଗଦାନ କରି ବିଶେଷ ମାର୍ଗ ଦର୍ଶନ କରିଥିଲେ । ଉକ୍ତ ବିଶେଷ ମୁହୂର୍ତ୍ତରେ ବିଶିଷ୍ଟ ଶିକ୍ଷକ ତଥା ରକ୍ତବୀର ଓ ରକ୍ତଦାତା କିଶୋର ପରିଡ଼ାଙ୍କୁ ୯୮ଥର ରକ୍ତଦାନ ଓ ଜୀବନ ରକ୍ଷା ଉଦ୍ଦେଶ୍ୟରେ ତାଙ୍କର ମହନୀୟ କାର୍ଯ୍ୟ ପାଇଁ ନୂଆପଡ଼ା କ୍ଲଷ୍ଟର ତରଫରୁ ସମ୍ବର୍ଦ୍ଧନା ପୂର୍ବକ ସମସ୍ତ ଶିକ୍ଷକ ସାଧୁବାଦ୍ ଜ୍ଞାପନ କରିଥିଲେ । ପରିଶେଷରେ ପ୍ରଧାନଶିକ୍ଷକ ସାନ ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ୧୦ ବର୍ଷ ପରେ ରଣ୍‌ଜୀ ଖେଳିବେ ରୋହିତ୍

ମୁମ୍ବଇ, ୧୮ ।୧ (ଏଜେନ୍ସି): ପାଖାପାଖି ୧୦ ବର୍ଷର ବ୍ୟବଧାନ ପରେ ଭାରତୀୟ କ୍ରିକେଟ୍ ଦଳର ଅଧିନାୟକ ରୋହିତ୍ ଶର୍ମା ଘରୋଇ କ୍ରିକେଟ୍‌ର ଶ୍ରେଷ୍ଠ ଟୁର୍ଣ୍ଣାମେଣ୍ଟ ରଣଜୀ ଟ୍ରଫି ଖେଳିବାକୁ ନିଷ୍ପତ୍ତି ନେଇଛନ୍ତି । ସ୍ଥଗିତ ରହିଥିବା ଚଳିତ ରଣଜୀ ଟ୍ରଫିର ଦ୍ୱିତୀୟ ପର୍ଯ୍ୟାୟ ମ୍ୟାଚ୍ ଜାନୁଆରୀ ୨୩ରୁ ଆରମ୍ଭ ହେବ । ଏଥିରେ ମୁମ୍ବାଇ ଦଳ ୱାଙ୍ଖେଡେ ଷ୍ଟାଡିୟମରେ ଜମ୍ମୁ କଶ୍ମୀର ସହ ଖେଳିବାର କାର୍ଯ୍ୟସୂଚୀ ରହିଛି । ଏହି ମ୍ୟାଚ୍ ଲାଗି ଉପଲବ୍ଧ ରହିବେ ଅର୍ଥାତ୍ ଖେଳିବେ ବୋଲି ରୋହିତ୍ ଶନିବାର ଘୋଷଣା କରିଛନ୍ତି । ୧୦ ବର୍ଷ ତଳେ ୨୦୧୫ରେ ଏହି ସମାନ ଭେନ୍ୟୁରେ ରୋହିତ୍ ତାଙ୍କ ଶେଷ ରଣଜୀ ଟ୍ରଫି ମ୍ୟାଚ୍ ଉତ୍ତର ପ୍ରଦେଶ ବିପକ୍ଷରେ ଖେଳିଥିଲେ ।

ଜମ୍ମୁ କଶ୍ମୀର ବିପକ୍ଷ ମ୍ୟାଚ୍ ଲାଗି ରୋହିତ୍ କିଛିଦିନ ହେବ ମୁମ୍ବାଇ ଦଳ ସହ ପ୍ରସ୍ତୁତି କରୁଛନ୍ତି । ଏହି ମ୍ୟାଚ୍ ଲାଗି ରବିବାର ମୁମ୍ବାଇ ଦଳ ଘୋଷଣା ହେବ । ଏଠାରେ ଉଲ୍ଲେଖଯୋଗ୍ୟ, ବର୍ଡର-ଗାଭାସ୍କର ଟ୍ରଫିରେ ୩-୧ରେ ଭାରତୀୟ ଦଳ ଶୋଚନୀୟ ଭାବେ ପରାସ୍ତ ହେବା ପରେ ବିସିସିଆଇ କଡ଼ା ପଦକ୍ଷେପମୂଳକ ଅନ୍ତର୍ଜାତୀୟ ଖେଳାଳିଙ୍କୁ ଘରୋଇ କ୍ରିକେଟ୍ ଖେଳିବା ବାଧ୍ୟତାମୂଳକ କରିଛି । ଫଳରେ ଋଷଭ ପନ୍ତ, ଶୁବମାନ ଗିଲ୍, ଯଶସ୍ୱୀ ଜୟସ୍ୱାଲ ପ୍ରମୁଖ ପୂର୍ବରୁ ନିଜ ନିଜ ରାଜ୍ୟ ତରଫରୁ ଆଗାମୀ ରଣଜୀ ଟ୍ରଫି ମ୍ୟାଚ୍ ଖେଳିବା ନେଇ ଘୋଷଣା କରିସାରିଥିଲେ । ଅପରପକ୍ଷରେ ଦୀର୍ଘ ୧୩ ବର୍ଷ ପରେ ବିରାଟ କୋହଲି ଦିଲ୍ଲୀ ପାଇଁ ରଣଜୀ ଟ୍ରଫି ଖେଳିବେ ବୋଲି ଯେଉଁ ଆଲୋଚନା ହେଉଥିଲା ସେଥିରେ ବିରାମ ଲାଗିଛି । ସୌରାଷ୍ଟ୍ର ବିପକ୍ଷ ମ୍ୟାଚ୍‌ରେ ସେ ଖେଳିବେ ନାହିଁ ବୋଲି କୋହଲି ଶନିବାର ସ୍ପଷ୍ଟ କରିଛନ୍ତି ।

### ଚାମ୍ପିଅନ୍ସ ଟ୍ରଫି ଓ ଇଂଲଣ୍ଡ ସିରିଜ୍ ଲାଗି ଭାରତୀୟ ଦଳ ଘୋଷଣା

# ସାମି, ବୁମ୍‌ରା ସାମିଲ; ଗିଲ୍ ଉପଅଧିନାୟକ

ନୂଆଦିଲ୍ଲୀ, ୧୮ ।୧(ଏଜେନ୍ସି): ଇଂଲଣ୍ଡ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଓ ପାକିସ୍ତାନ-ଦୁବାଇରେ ଖେଳାଯିବାକୁ ଥିବା ଚାମ୍ପିଅନ୍ସ ଟ୍ରଫି କ୍ରିକେଟ ପ୍ରତିଯୋଗିତା ଲାଗି ଜାତୀୟ ଚୟନ କମିଟି ଅଧ୍ୟକ୍ଷ ଅଜିତ ଅଗରକର ଓ ଅଧିନାୟକ ରୋହିତ ଶର୍ମା ଆଜି ଭାରତୀୟ ଦଳ ଘୋଷଣା କରିଛନ୍ତି । ଏହି ଦଳରେ ଦୁଇ ଫାଷ୍ଟ ବୋଲର ମହମ୍ମଦ୍ ସାମି ଓ ଯଶପ୍ରୀତ୍ ବୁମ୍‌ରାଙ୍କୁ ସାମିଲ କରାଯାଇଛି । କିନ୍ତୁ ଇଂଲଣ୍ଡ ବିପକ୍ଷ ସିରିଜ୍ ଲାଗି ବୁମ୍‌ରାଙ୍କ ପରିବର୍ତ୍ତେ ଯୁବ ଫାଷ୍ଟ ବୋଲର ହର୍ଷିତ ରାଣାଙ୍କୁ ନିଆଯାଇଛି । ରୋହିତ ଶର୍ମାଙ୍କ ନେତୃତ୍ୱରେ ଗଠିତ ଭାରତୀୟ ଦଳ ଇଂଲଣ୍ଡ ସହ ଦିନିକିଆ ସିରିଜ୍ ଯଥାକ୍ରମେ ନାଗପୁରରେ ଫେବୃଆରୀ ୬, କଟକରେ ୯ ଓ ଅହମ୍ମଦାବାଦରେ ୧୨ରେ ଖେଳିବ । ସେହିପରି ଚାମ୍ପିଅନ୍ସ ଟ୍ରଫି ଲାଗି ଗ୍ରୁପ୍-ଏ'ରେ ସ୍ଥାନ ପାଇଥିବା ଭାରତ ସମସ୍ତ ମ୍ୟାଚ୍ ଦୁବାଇରେ ଖେଳିବ । ଏହା ମଧ୍ୟରେ ବାଂଲାଦେଶ ସହ ପ୍ରଥମ ଲିଗ୍ ମ୍ୟାଚ୍ ଫେବୃଆରୀ ୨୦ରେ, ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ସହ ଫେବୃଆରୀ ୨୩ରେ ଓ ନ୍ୟୁଜିଲାଣ୍ଡ ସହ ମାର୍ଚ୍ଚ ୨ରେ ଖେଳିବ । ନକ୍‌ଆଉଟ୍‌କୁ ଉନ୍ନିତ ହେଲେ ଭାରତ ଅନ୍ୟ ମ୍ୟାଚ୍ ଗୁଡ଼ିକ ଦୁବାଇରେ ଖେଳିବାର କାର୍ଯ୍ୟକ୍ରମ ରହିଛି । ଚାମ୍ପିଅନ୍ସ ଟ୍ରଫିରେ ଭାରତ ଦୁଇଥର ଚାମ୍ପିଅନ ହୋଇଛି । ୨୦୧୭ରେ ଶେଷଥର ଖେଳାଯାଇଥିବା ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଥିଲା ।

### ସ୍ପିନର, ଯୁବ ଖେଳାଳିଙ୍କୁ ଗୁରୁତ୍ୱ

ଘୋଷଣା କରାଯାଇଥିବା ୧୫ ଜଣିଆ ଭାରତୀୟ ଦଳରେ ସ୍ପିନର ଓ ଯୁବ ଖେଳାଳିଙ୍କୁ ଗୁରୁତ୍ୱ ଦିଆଯାଇଛି । ଏହି ଦଳରେ ୪ଜଣ ସ୍ପିନର ଯଥା ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର ଓ କୁଳଦୀପ ଯାଦବଙ୍କୁ ନିଆଯାଇଛି । ଏମାନଙ୍କ ମଧ୍ୟରୁ ପ୍ରଥମ ୩ଜଣ ବ୍ୟାଟିଂରେ ଦଳ ଲାଗି ବୋନସ ସାବ୍ୟସ୍ତ ହୋଇଆସିଛନ୍ତି । ସେହିପରି ଭବିଷ୍ୟତର ଅଧିନାୟକ ଭାବେ ଶୁବମାନ ଗିଲ୍‌ଙ୍କୁ ଏହି ଦୁଇଟି ସିରିଜ୍‌ରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ସେହିପରି ଅନ୍ୟତମ ଯୁବ ଖେଳାଳି ତଥା ଓପନର ଯଶସ୍ୱୀ ଜୟସ୍ୱାଲଙ୍କୁ ମଧ୍ୟ ପ୍ରଥମଥର ଦଳରେ ସାମିଲ କରାଯାଇଛି । ଏହାର ଅର୍ଥ ଯେଉଁ ଯୁବ ଖେଳାଳିମାନେ ଭଲ ପ୍ରଦର୍ଶନ କରୁଛନ୍ତି ତାଙ୍କୁ ସମସ୍ତ ଫର୍ମାଟରେ ଗୁରୁଦାୟିତ୍ୱ ଦେବାକୁ ମନୋନୟନ କମିଟି ଯୋଜନା କରୁଛି ।



ଦଳ ଘୋଷଣା ଅବସରରେ ଚୟନ କମିଟି ଅଧ୍ୟକ୍ଷ ଅଜିତ୍ ଅଗରକର ଓ ଅଧିନାୟକ ରୋହିତ ଶର୍ମା

### ବୁମ୍‌ରାଙ୍କ ଖେଳିବା ନେଇ ସନ୍ଦେହ

ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜର ୫ମ ମ୍ୟାଚ୍‌ରେ ଦଳର ନେତୃତ୍ୱ ନେଇ ଖେଳୁଥିବା ଯଶପ୍ରୀତ ବୁମ୍‌ରା ପିଠିରେ ଆଘାତ ଲାଗିବାରୁ ଖେଳି ପାରି ନ ଥିଲେ । ଏହା ପରଠାରୁ ସେ ବିସିସିଆଇ ମେଡିକାଲ ଟିମ୍ ଦ୍ୱାରା ଚିକିତ୍ସିତ ହେଉଛନ୍ତି । କିନ୍ତୁ ଫିଟ୍‌ନେସ୍ ସାର୍ଟିଫିକେଟ ନ ଥାଇ ମଧ୍ୟ ତାଙ୍କୁ ଦଳରେ ସାମିଲ କରାଯାଇଛି । ଚୟନ କମିଟି ଅଧ୍ୟକ୍ଷ ଅଗରକରଙ୍କ କହିବା ଅନୁଯାୟୀ ଫେବୃଆରୀ ୨ରେ ତାଙ୍କର ପୁନର୍ବାର ସ୍କାନ କରାଯିବ । ଏହା ପରେ ତାଙ୍କ ଖେଳିବା ନେଇ ସ୍ପଷ୍ଟ ହେବ । ଏଣୁ ଇଂଲଣ୍ଡ ସିରିଜ୍‌ରେ ତାଙ୍କୁ ସାମିଲ କରାଯାଇନାହିଁ । ଚାମ୍ପିଅନ୍ସ ଟ୍ରଫିରେ ଖେଳିବା ନେଇ ସନ୍ଦେହ ରହିଛି । ପୂର୍ବାନୁମାନ ଅନୁଯାୟୀ ମହମ୍ମଦ୍ ସାମିଙ୍କୁ ଦିନିକିଆ ଦଳରେ ସାମିଲ କରାଯାଇଛି ।

ପୂର୍ବରୁ ତାଙ୍କୁ ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଲାଗି ମଧ୍ୟ ଦଳରେ ସାମିଲ କରାଯାଇଥିଲା । ଅନ୍ୟ ପେସ୍ ବୋଲର ଭାବେ ଅର୍ଶଦୀପ ସିଂଙ୍କୁ ପ୍ରଥମଥର ନିଆଯାଇଛି । ଡେଥ୍ ଓଭରରେ ଅର୍ଶଦୀପଙ୍କ ପ୍ରଦର୍ଶନ ଉନ୍ନତ ରହିଛି । ଏଣୁ ମହମ୍ମଦ୍ ସିରାଜଙ୍କୁ ବାଦ୍ ଦିଆଯାଇ ଅର୍ଶଦୀପଙ୍କୁ ଦଳରେ ସାମିଲ କରାଯାଇଛି । ଯୁବ ଖେଳାଳି ହର୍ଷିତ ରାଣାଙ୍କୁ ବୁମ୍‌ରାଙ୍କ ସ୍ଥାନରେ ଆସିଛନ୍ତି । ବୁମ୍‌ରା ଯଦି ଅନ୍‌ଫିଟ ଘୋଷିତ ହୁଅନ୍ତି ତେବେ ହର୍ଷିତ ଚାମ୍ପିଅନ୍ସ ଟ୍ରଫି ଦଳରେ ସାମିଲ ହେଲେ ।

### ଭାରତୀୟ ଦଳ

ରୋହିତ ଶର୍ମା (ଅଧିନାୟକ), ଶୁବମାନ ଗିଲ (ଉପଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, ବିରାଟ କୋହଲି, ଶ୍ରେୟସ ଆୟର, ଲୋକେଶ ରାହୁଲ, ଋଷଭ ପନ୍ତ (ୱିକେଟରକ୍ଷକ), ହାର୍ଦ୍ଦିକ ପାଣ୍ଡ୍ୟା, ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, କୁଳଦୀପ ଯାଦବ, ଯଶପ୍ରୀତ ବୁମ୍‌ରା, ମହମ୍ମଦ୍ ସାମି, ଅର୍ଶଦୀପ ସିଂ ।

■ ଇଂଲଣ୍ଡ ସିରିଜ୍ ଲାଗି ବୁମ୍‌ରାଙ୍କ ସ୍ଥାନରେ ହର୍ଷିତ ରାଣାଙ୍କୁ ସାମିଲ କରାଯାଇଛି ।

### ଭାରତର ଖେଳସୂଚୀ

**ଇଂଲଣ୍ଡ ବିପକ୍ଷ ସିରିଜ୍**

୬।୨: ପ୍ରଥମ ଦିନିକିଆ, ନାଗପୁର, ୯।୨: ଦ୍ୱିତୀୟ ଦିନିକିଆ, କଟକ, ୧୨।୨: ତୃତୀୟ ଦିନିକିଆ, ଅହମ୍ମଦାବାଦ୍ ।

**ଚାମ୍ପିଅନ୍ସ ଟ୍ରଫି**

୨୦।୨: ବନାମ ବାଂଲାଦେଶ, ଦୁବାଇ, ୨୩।୨: ବନାମ ପାକିସ୍ତାନ, ଦୁବାଇ, ୨।୩: ବନାମ ନ୍ୟୁଜିଲାଣ୍ଡ, ଦୁବାଇ ।

### 'ଦଳରେ ସମସ୍ତଙ୍କୁ ନିଆଯାଇ ପାରିବ ନାହିଁ'

ରୋହିତ ଶର୍ମା ଓ ଶୁବମାନ ଗିଲ ଓପନର ଭାବେ ଖେଳିବେ । ତୃତୀୟ ଓପନର ଭାବେ ଜୟସ୍ୱାଲଙ୍କୁ ନିଆଯାଇଛି । ବିରାଟ କୋହଲି, ଶ୍ରେୟସ ଆୟର, ଲୋକେଶ ରାହୁଲ ଓ ୱିକେଟ ରକ୍ଷକ ଋଷଭ ପନ୍ତଙ୍କ ଉପରେ ବ୍ୟାଟିଂ ଭାର ରହିବ । ହାର୍ଦ୍ଦିକ ପାଣ୍ଡ୍ୟା ମଧ୍ୟ ବ୍ୟାଟିଂରେ ପ୍ରମୁଖ ଭୂମିକା ନେବେ । କିନ୍ତୁ ଘରୋଇ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ୭୫୨ ହାରରେ ରନ୍ ସଂଗ୍ରହ କରିଥିବା କରୁଣ ନାୟାରଙ୍କୁ ଦଳରେ ସ୍ଥାନ ମିଳିନାହିଁ । ଆମେ ସମସ୍ତଙ୍କୁ ଦଳରେ ସ୍ଥାନ ଦେଇପାରିବୁ ନାହିଁ ବୋଲି ଏ ସମ୍ପର୍କିତ ପ୍ରଶ୍ନର ଉତ୍ତରରେ କହିଛନ୍ତି ଅଗରକର । ମହମ୍ମଦ୍ ସିରାଜଙ୍କୁ ମଧ୍ୟ ସମାନ ଭାବେ ଦଳରୁ ବାଦ୍ ଦିଆଯାଇଛି । ଘରୋଇ କ୍ରିକେଟ ଖେଳିବାକୁ ବାଧ୍ୟ କରୁଥିବା ବିସିସିଆଇ ସଫଳତା ପାଉଥିବା ଖେଳାଳିଙ୍କୁ ଅଣଦେଖା କଲେ ଏହି ବାଧ୍ୟବାଧକତାର ଗୁରୁତ୍ୱ କ'ଣ ବୋଲି ପୂର୍ବତନ ଖେଳାଳିମାନେ ପ୍ରଶ୍ନ କରିଛନ୍ତି । ବିଶେଷ କରି ଇଂଲଣ୍ଡ ବିପକ୍ଷ ସିରିଜ୍ ଓ ଚାମ୍ପିଅନ୍ସ ଟ୍ରଫି ଯେଉଁଭଳି ପିଚ୍‌ରେ ଖେଳାଯିବ, ସେହିଭଳି ପିଚ୍‌ରେ କରୁଣ ସଫଳତା ପାଉଥିବାରୁ ତାଙ୍କୁ ଅଣଦେଖା କରିବା ଅନୁଚିତ ବୋଲି ଏହି ଖେଳାଳିମାନେ କହିଛନ୍ତି ।

## ପ୍ରଥମ ଟେଷ୍ଟ: ପାକିସ୍ତାନ ସ୍ଥିତି ଦୃଢ଼

ମୁଲତାନ, ୧୮ ।୧(ଏଜେନ୍ସି): ଏଠାରେ ଚାଲିଥିବା ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଘରୋଇ ପାକିସ୍ତାନ ତା'ର ସ୍ଥିତି ଦୃଢ଼ କରିଛି । ଟସ୍ ଜିତି ପାକିସ୍ତାନ ପ୍ରଥମେ ବ୍ୟାଟିଂକରି ୬୮.୫ ଓଭରରେ ୨୩୦ ରନକରି ଅଲଆଉଟ ହୋଇଥିଲା । ଜବାବରେ ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସ ଆରମ୍ଭ



କରି ୨୫.୨ ଓଭରରେ ୧୩୭ ରନକରି ଅଲଆଉଟ ହୋଇଥିଲା । ଫଳରେ ପାକିସ୍ତାନ ୯୩ ରନର ଅଗ୍ରଣୀ ହାସଲ କରିଥିଲା । ଏହାପରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ପାକିସ୍ତାନ ଶନିବାର ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୩୧ ଓଭରରେ ୩ ୱିକେଟ ହରାଇ ୧୦୯ ରନ ସଂଗ୍ରହ କରିଛି । ଫଳରେ ୭ ୱିକେଟ ବାକିଥାଇ ପାକିସ୍ତାନ ଏବେ ୨୦୨ ରନର ଅଗ୍ରଣୀ ହାସଲ କରି ସ୍ଥିତି ଦୃଢ଼ କରିଛି । ଷ୍ଟମ୍ପ ଅପସାରଣ ବେଳକୁ କାମରନ ଗୁଲାମ ୯ ଓ ସାଉଦ୍ ସକିଲ ୨ ରନକରି ଅପରାଜିତ ରହିଛନ୍ତି । ଅଧିନାୟକ ଶାନ ମାସୁଦ୍ ୫୨, ମୁହମ୍ମଦ ହୁରାଇରା ୨୯ ଓ ବାବର ଆଜମ ୫ ରନକରି ଆଉଟ ହୋଇଥିଲେ । ୱେଷ୍ଟଇଣ୍ଡିଜର ଜୋମେଲ ୱାରିକାନ ୨ ୱିକେଟ ନେଇଛନ୍ତି ।

### ନୋମାନଙ୍କୁ ୫, ସାଜିଦଙ୍କୁ ୪ ୱିକେଟ

ପ୍ରଥମ ଦିବସର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୧୪୩/୪ରୁ ଖେଳ ଆରମ୍ଭ କରି ଅଲଆଉଟ ହୋଇଥିଲା । ଦଳ ତରଫରୁ ସାଉଦ ସକିଲ ୮୪ ଓ ମହମ୍ମଦ ରିଜୱାନ ୭୧ ରନ କରିଥିବା ବେଳେ ଅନ୍ୟମାନେ ବିଫଳ ହୋଇଥିଲେ । ବୋଲିଂରେ ୱେଷ୍ଟଇଣ୍ଡିଜ ତରଫରୁ ଜେଡେନ ସିଲ୍ସ ଓ ଜୋମେଲ ୱାରିକାନ ୩ଟି ଲେଖାଏ, କେଭିନ ସିନକ୍ଲେୟାର ୨ ୱିକେଟ ନେଇଥିଲେ । ୱେଷ୍ଟଇଣ୍ଡିଜ ପ୍ରଥମ ପାଳିରେ ଟପ୍ ଅର୍ଡର ଓ ମିଡଲ ଅର୍ଡର ବ୍ୟାଟର ବିଫଳ ହୋଇଥିଲେ । ୱାରିକାନ ସର୍ବାଧିକ ଅପରାଜିତ ୩୧, ଜେଡେନ ସିଲ୍ସ ୨୨ ରନ ସଂଗ୍ରହ କରିଥିବା ବେଳେ ଅନ୍ୟମାନେ ବିଫଳ ହୋଇଥିଲେ । ପାକିସ୍ତାନ ତରଫରୁ ବୋଲିଂରେ ନୋମାନ ଅଲି ୫, ସାଜିଦ ଖାନ୍ ୪ ୱିକେଟ ନେଇଥିଲେ ।

■ ଚିଫ୍ ମିନିଷ୍ଟର କପ୍

## କିଟ୍‌ର ବୃହତ୍ ବିଜୟ

ଭୁବନେଶ୍ୱର, ୧୮ ।୧ (ସମିସ): ଫୁଟ୍‌ବଲ ଆସୋସିଏସନ୍ ଅଫ୍ ଓଡ଼ିଶା (ଫାଓ) ଓ ରାଜ୍ୟ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ଚାଲିଥିବା ଚିଫ୍ ମିନିଷ୍ଟର୍ କପ୍ ୧୫ ବର୍ଷରୁ କମ୍ ଆନ୍ତଃକ୍ଲବ ଜିଲ୍ଲାସ୍ତରୀୟ ଫୁଟ୍‌ବଲରେ ଶନିବାର କିଟ୍-କିସ୍ ଦଳ ବୃହତ୍ ବିଜୟ ହାସଲ କରିଛି । ଏଠାରେ ଅନୁଷ୍ଠିତ ଏକ ମ୍ୟାଚରେ କିଟ୍-କିସ୍ ଦଳ ୨୫-୦ ଗୋଲରେ ସିଟି କ୍ଲବ (ନୟାପଲ୍ଲୀ)କୁ ପରାସ୍ତ କରିଛି । ସେହିଭଳି ଅନ୍ୟ ଏକ ମ୍ୟାଚରେ କଳିଙ୍ଗ ୟୁଥ୍ ସ୍ପୋର୍ଟିଂ କ୍ଲବ (ଭୁବନେଶ୍ୱର) ୧୩-୧ ଗୋଲରେ କ୍ୟାପିଟାଲ୍ ଷ୍ଟାର୍ କ୍ଲବ (ଭୁବନେଶ୍ୱର)କୁ ହରାଇଦେଇଛି । ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ମା ହିଙ୍ଗୁଳା କ୍ଲବ (ଅନୁଗୁଳ), ଭାଲେର୍ ଏଫ୍‌ସି (ବଲାଙ୍ଗିର), ରୋଭର୍ସ କ୍ଲବ (ଭଦ୍ରକ), ନୀତା ଫୁଟ୍‌ବଲ ଏକାଡେମୀ, କଳିଙ୍ଗ ନଗର ସ୍ପୋର୍ଟ୍ସ ଏକାଡେମୀ, ଫୁଲବାଣୀ ଫୁଟ୍‌ବଲ ଆସୋସିଏସନ ପ୍ରମୁଖ ବିଜୟ ଲାଭ କରିଛନ୍ତି ।



## ଫୁଟବଲ କିମ୍ବଦନ୍ତୀ ଡେନିସ୍ ଲ'ଙ୍କ ପରଲୋକ

ଏଡିନବର୍ଗ, ୧୮ ।୧(ଏଜେନ୍ସି): ସ୍କଟଲାଣ୍ଡ ତଥା ମାଞ୍ଚେଷ୍ଟର ୟୁନାଇଟେଡ୍ ଫୁଟବଲର ଡେନିସ ଲ ୮୪ ବର୍ଷ ବୟସରେ ପରଲୋକ ଗମନ କରିଛନ୍ତି ।



ନିଜ ସମୟରେ ସେ ଜଣେ ଉଚ୍ଚକୋଟୀର ଫରୱାର୍ଡ ଭାବେ ଜଣାଶୁଣା ଥିଲେ । ଦୀର୍ଘଦିନ ଧରି ଅସୁସ୍ଥ ରହିବା ପରେ ତାଙ୍କର ଦେହାନ୍ତ ହୋଇଛି । ସ୍କଟଲାଣ୍ଡର ଆବେରଡିନ୍‌ରେ ଜନ୍ମିତ ଡେନିସ୍ ସ୍କଟଲାଣ୍ଡ ତରଫରୁ ୫୫ଟି ମ୍ୟାଚ୍ ଖେଳି ୩୦ଟି ଗୋଲ ସ୍କୋର କରିଥିଲେ । ସେହିପରି ସେ ୨୩ ବର୍ଷରୁ କମ୍ ସ୍କଟଲାଣ୍ଡ ଦଳ ପାଇଁ ୩ଟି ମ୍ୟାଚ୍ ଖେଳି ଗୋଟିଏ ଗୋଲ ସ୍କୋର କରିଥିଲେ । ସେହିପରି ମାଞ୍ଚେଷ୍ଟର ୟୁନାଇଟେଡ ତରଫରୁ ସେ ୪୦୪ଟି ମ୍ୟାଚ୍ ଖେଳି ୨୩୭ଟି ଗୋଲ ସ୍କୋର କରିଥିଲେ । କ୍ଲବ ତରଫରୁ ସେ ତୃତୀୟ ସର୍ବାଧିକ ଗୋଲ ସ୍କୋର କରିଛନ୍ତି । ତାଙ୍କ ଦେହାନ୍ତରେ ୟୁନାଇଟେଡ ତରଫରୁ ଶୋକ ପ୍ରକାଶ କରାଯାଇଛି । ଏଥିସହ ବିଶ୍ୱ ଫୁଟବଲର ଅନ୍ୟ ତାରକାମାନେ ମଧ୍ୟ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି ।

## ୧୯ ବର୍ଷରୁ କମ୍ ମହିଳା ଟି-୨୦ ବିଶ୍ୱକପ ଆରମ୍ଭ

### ୱେଷ୍ଟଇଣ୍ଡିଜ ବିପକ୍ଷରୁ ଭାରତର ଅଭିଯାନ ଆଜି

କ୍ୱାଲାଲମ୍ପୁର, ୧୮ ।୧(ଏଜେନ୍ସି): ମାଲେସିଆରେ ଶନିବାରଠାରୁ ୧୯ ବର୍ଷରୁ କମ୍ ମହିଳା ଟି-୨୦ ବିଶ୍ୱକପ୍ ଆରମ୍ଭ ହୋଇଛି । ବିଶ୍ୱକପ୍‌ର ଏହି ଦ୍ୱିତୀୟ ସଂସ୍କରଣରେ ମୋଟ୍ ୧୬ଟି ଦେଶ ଅଂଶଗ୍ରହଣ କରିଛନ୍ତି । ଫେବୃଆରୀ ୨ ପର୍ଯ୍ୟନ୍ତ ଅର୍ଥାତ ୧୬ ଦିନଧରି ଚାଲିବାକୁ ଥିବା ଏହି ବିଶ୍ୱକପ୍‌ରେ ମୋଟ୍ ୪୧ଟି ମ୍ୟାଚ୍ ଖେଳାଯିବ । ଆୟୋଜକ ମାଲେସିଆ, ଶ୍ରୀଲଙ୍କା ଓ ୱେଷ୍ଟଇଣ୍ଡିଜ ସମେତ ଭାରତ ଗ୍ରୁପ୍-ଏ'ରେ ସାମିଲ ହୋଇଛି । ଭାରତ ରବିବାର ତା'ର ପ୍ରଥମ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜକୁ ଭେଟି ଅଭିଯାନ ଆରମ୍ଭ କରିବ । ୨୦୨୩ରେ ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ବିଶ୍ୱକପ୍‌ର ପ୍ରଥମ ସଂସ୍କରଣରେ ଭାରତ ୭ ୱିକେଟରେ ଇଂଲଣ୍ଡକୁ ପରାସ୍ତ କରି ଚାମ୍ପିଅନ ହୋଇଥିଲା । ମାଲେସିଆର ୪ଟି ଭେନ୍ୟୁ ଯଥା ପାଣ୍ଡମାରାନ, ଜୋହର, ବାଙ୍ଗି ଓ ସାରାୱାକରେ ବିଶ୍ୱକପ୍‌ର ମ୍ୟାଚ୍ ଗୁଡ଼ିକ ଖେଳାଯିବ । କ୍ୱାଲାଲମ୍ପୁରରେ



ଭାରତ ୨୧ ତାରିଖ ଭାରତ ତା'ର ଦ୍ୱିତୀୟ ମ୍ୟାଚ୍‌ରେ ମାଲେସିଆକୁ ଓ ୨୩ରେ ଶ୍ରୀଲଙ୍କାକୁ ଭେଟିବ । ୩ଟି ଯାକ ମ୍ୟାଚ୍ କ୍ୱାଲାଲମ୍ପୁରରେ ଖେଳାଯିବ । ଶନିବାର ଖେଳାଯାଇଥିବା ଉଦ୍‌ଘାଟନୀ ମ୍ୟାଚରେ ଅଷ୍ଟ୍ରେଲିଆ ୮୦ଟି ବଲ୍ ବାକିଥାଇ ୯ ୱିକେଟରେ ସ୍କଟଲାଣ୍ଡକୁ ପରାସ୍ତ କରି ଅଭିଯାନ ଆରମ୍ଭ କରିଛି ।

■ ଏଆଇଏଫ୍‌ଏଫ୍ ଏଲିଟ୍ ୟୁଥ୍ ଲିଗ୍

## ଇଣ୍ଟର କାଶୀକୁ ହରାଇଲା ଓଡ଼ିଶା ଏଫ୍‌ସି

ଭୁବନେଶ୍ୱର, ୧୮ ।୧ (ସମିସ): ଏଆଇଏଫ୍‌ଏଫ୍ ଏଲିଟ୍ ୟୁଥ୍ ଲିଗ୍ (୧୭ ବର୍ଷରୁ କମ୍)ରେ ଶନିବାର ଖେଳାଯାଇଥିବା ଏକ ମ୍ୟାଚରେ ଓଡ଼ିଶା ଫୁଟ୍‌ବଲ କ୍ଲବ (ଓଏଫ୍‌ସି) ୫-୩ ଗୋଲରେ ଇଣ୍ଟର କାଶି କ୍ଲବକୁ ପରାସ୍ତ କରିଛି । କଟକସ୍ଥିତ ସାଇ ଇଣ୍ଟରନ୍ୟାସନରଣ ରେସିଡେଣ୍ଟିଆଲ୍ ସ୍କୁଲ ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ମ୍ୟାଚରେ ଘରୋଇ ଓଡ଼ିଶା ଏଫ୍‌ସି ପାଇଁ ରାଜଦେବ ମହତୋ ହ୍ୟାଟ୍ରିକ ଗୋଲ୍ ସ୍କୋର କରି ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ସେହିଭଳି ରାଇସ ଅହମ୍ମଦ ଖାନ ଅନ୍ୟ ଦୁଇଟି ଗୋଲ୍ ଦେଇଥିଲେ । ପ୍ରତିପକ୍ଷ ଇଣ୍ଟର କାଶୀ ପାଇଁ ଗୌରବ ଚୌହାନ ହ୍ୟାଟ୍ରିକ ଗୋଲସ୍କୋର କରିଥିଲେ ମଧ୍ୟ ଦଳକୁ



ପରାଜୟରୁ ରକ୍ଷା କରିପାରି ନ ଥିଲେ । ଓଡ଼ିଶା ଏଫ୍‌ସି ପରବର୍ତ୍ତୀ ମ୍ୟାଚରେ ମଙ୍ଗଳବାର ଏସ୍‌କେଏମ୍‌ଏସ୍‌ଏଫ୍ ଦଳକୁ ଭେଟିବ ।

### ଅଷ୍ଟ୍ରେଲିଆନ୍ ଓପନ୍ ଟେନିସ୍

# ଚତୁର୍ଥ ରାଉଣ୍ଡରେ ସିନର, ରୁନ୍, ମିନାଉର

ମେଲବୋର୍ଣ୍ଣ, ୧୮ ।୧(ଏଜେନ୍ସି): ଚଳିତ ଅଷ୍ଟ୍ରେଲିଆନ ଓପନ ଟେନିସ ଟୁର୍ଣ୍ଣାମେଣ୍ଟର ପୁରୁଷ ଏକକ ପ୍ରତିଯୋଗିତାରେ ଟପ୍ ସିଡ୍ ଇଟାଲୀର ଜାନିକ ସିନର, ୮ମ ସିଡ୍ ଅଷ୍ଟ୍ରେଲିଆର ଆଲେକ୍ସ ଡି ମିନାଉର, ୧୩ତମ ସିଡ ଡେନମାର୍କର ହୋଲଗାର ରୁନ୍‌ଙ୍କ ଭଳି ଖେଳାଳି ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି । ତେବେ ଚତୁର୍ଥ ସିଡ ଆମେରିକାର ଟେଲର ଫ୍ରିଜ୍ ଶନିବାର ଖେଳାଯାଇଥିବା ତୃତୀୟ ରାଉଣ୍ଡ ମ୍ୟାଚ୍‌ରେ ୬-୩, ୫-୭, ୬-୭, ୪-୬ ସେଟ୍‌ରେ ଫ୍ରାନ୍ସର ଗାଏଲ ମନଫିଲ୍ସଙ୍କଠାରୁ ପରାସ୍ତ ହୋଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛନ୍ତି । ସିନର ୬-୩, ୬-୪, ୬-୨ ସେଟ୍‌ରେ ମାର୍କସ ଗିରୋନଙ୍କୁ, ମିନାଉର ୫-୭, ୭-୬, ୬-୩, ୬-୩ ସେଟ୍‌ରେ ଆର୍ଜେଣ୍ଟିନାର ୩୧ତମ ସିଡ୍ ଫ୍ରାନସିସ୍କୋ ସେରୁଣ୍ଡୋଲୋଙ୍କୁ, ରୁନ୍ ୬-୭, ୬-୩, ୪-୬, ୬-୪, ୬-୪ ମାରାଥନ ସେଟ୍‌ରେ ସର୍ବିଆର ମିଓମୀର କେକ୍‌ମାନୋଭିକଙ୍କୁ ପରାସ୍ତ କରି ଚତୁର୍ଥ ରାଉଣ୍ଡକୁ ଉଠିଛନ୍ତି । ୧୯ତମ ସିଡ୍ ରୁଷିଆର କାରେନ ଖାଚାନୋଭ ୩-୬, ୬-୭, ୨-୬ ସେଟ୍‌ରେ ଆମେରିକାର ଆଲେକ୍ସ ମିଚେଲସେନଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି ।

### ରିବାକିନା, ସ୍ୱିଆଟେକଙ୍କ ଅଗ୍ରଗତି: ପାଓଲିନି ଆଉଟ୍

ମହିଳା ଏକକରେ ସିଡେଡ୍ ଖେଳାଳିମାନେ ଅଗ୍ରଗତି କରିଥିବା ବେଳେ ଗୋଟେ ଦୁଇଟି ବିପର୍ଯ୍ୟୟ ଘଟିଛି । ୬ଷ୍ଠ ସିଡ୍ କାଜାଖସ୍ତାନର ଏଲିନା ରିବାକିନା ୬-୩, ୬-୪ ସେଟ୍‌ରେ ୩୨ତମ ସିଡ୍ ୟୁକ୍ରେନର ଡାୟାନା ୟସ୍ତ୍ରେମସ୍କାଙ୍କୁ, ଦ୍ୱିତୀୟ ସିଡ ପୋଲାଣ୍ଡର ଇଗା ସ୍ୱିଆଟେକ ୬-୧, ୬-୦ ସିଧାସଳଖ ସେଟ୍‌ରେ ବ୍ରିଟେନର ଇମା ରାଡୁକାନୁଙ୍କୁ, ୮ମ ସିଡ୍ ଆମେରିକାର ଇମା ନାଭାରୋ ୬-୪, ୩-୬, ୬-୪ ସେଟ୍‌ରେ ଟ୍ୟୁନିସିଆର ଓନ୍ସ ଜାବେରଉରଙ୍କୁ, ୯ମ ସିଡ୍ ରୁଷିଆର ଡାରିଆ କାସାତକିନା ୭-୫, ୬-୧ ସେଟ୍‌ରେ ୨୪ତମ ସିଡ୍ କାଜାଖସ୍ତାନର ୟୁଲିଆ ପୁଟିନଶୋଭାଙ୍କୁ, ୧୯ତମ ସିଡ୍ ଆମେରିକାର ମାଡିନସନ କିଜ୍ ୬-୪, ୬-୪ ସେଟ୍‌ରେ ନିଜ ଦେଶର ୧୦ମ ସିଡ୍ ଡାନିଏଲେ କଲିନ୍ସଙ୍କୁ ପରାସ୍ତ କରି ଚତୁର୍ଥ ରାଉଣ୍ଡକୁ ଉଠିଛନ୍ତି । ତେବେ ଚତୁର୍ଥ ସିଡ୍ ଇଟାଲୀର ଜସ୍ମିନ ପାଓଲିନି ୬-୨, ୪-୬, ୦-୬ ସେଟ୍‌ରେ ୨୮ତମ ସିଡ୍ ୟୁକ୍ରେନ୍‌ର ଏଲିନା ଭିଟୋଲିନାଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି ।



ଏଲିନା ରିବାକିନା

### ଯୁଗଳରେ ହାରିଲେ ବାଲାଜୀ

ପୁରୁଷ ଯୁଗଳ ପ୍ରତିଯୋଗିତାରେ ଭାରତୀୟ ଖେଳାଳି ଏନ୍ ଶ୍ରୀରାମ ବାଲାଜୀ ଦ୍ୱିତୀୟ ରାଉଣ୍ଡରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି । ବାଲାଜୀ ଓ ତାଙ୍କ ମେକ୍ସିକୋ ସାଥି ମିଗୁଏଲ୍ ଆଞ୍ଜେଲ ରେୟେସ-ଭାରେଲଶ ୬-୭, ୬-୪, ୩-୬ ସେଟ୍‌ରେ ପର୍ତ୍ତୁଗାଲ ଯୋଡି ନୁନୋ ବୋର୍ଗେସ ଓ ଫ୍ରାନ୍‌ସିସ୍କୋ କର୍ବାଲଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି । ଅଭିଜ୍ଞ ରୋହନ ବୋପାନ୍ନା ଓ ତାଙ୍କ ଚୀନ୍ ସାଥି ଝାଙ୍ଗ ସୁଆଇ ରବିବାର ମିଶ୍ରିତ ଯୁଗଳ ଦ୍ୱିତୀୟ ରାଉଣ୍ଡରେ ମୋନେଗାସ୍କର ହୁଗୋ ନିସ ଓ ଆମେରିକାର ଟେଲର ଟାଉନସେଣ୍ଡଙ୍କୁ ଭେଟିବେ ।

## ଖୋ ଖୋ ବିଶ୍ୱକପ୍ ଫାଇନାଲ୍ ଆଜି

# ଉଭୟ ବର୍ଗରେ ଭାରତ-ନେପାଳ ଲଢ଼େଇ



ବିଜୟ ପରେ ଉଲ୍ଲସିତ ଭାରତୀୟ ମହିଳା ଦଳ

ନୂଆଦିଲ୍ଲୀ, ୧୮ ।୧ (ଏଜେନ୍ସି): ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଇଣ୍ଡୋର ଷ୍ଟାଡିୟମରେ ଚାଲିଥିବା ପ୍ରଥମ ଖୋ ଖୋ ବିଶ୍ୱକପ୍‌ରେ ଆୟୋଜକ ଭାରତକୁ ଶନିବାର ଡବଲ୍ ସଫଳତା ମିଳିଛି । ଭାରତର ଉଭୟ ପୁରୁଷ ଓ ମହିଳା ଦଳ ସେମିଫାଇନାଲରେ ବିଜୟ ହୋଇ ଫାଇନାଲରେ ପ୍ରବେଶ କରିଛନ୍ତି । ସେମିଫାଇନାଲରେ ଭାରତୀୟ ପୁରୁଷ ଦଳ ୧୮ ପଏଣ୍ଟ (୬୦-୪୨)ରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଥିଲା । ସେହିଭଳି ମହିଳା ଦଳ ୫୦ ପଏଣ୍ଟ (୬୬-୧୬)ରେ ସହଜରେ ସମାନ ଦକ୍ଷିଣ ଆଫ୍ରିକାକୁ ହରାଇ ଫାଇନାଲରେ ସ୍ଥାନ ପକ୍କା କରିଛି । ରବିବାର ପୁରୁଷ ବିଭାଗ ଫାଇନାଲରେ ଭାରତର ମୁକାବିଲା ନେପାଳ ସହ ହେବ । ସେହିଭଳି ମହିଳା ବିଭାଗରେ ମଧ୍ୟ ସମାନ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଦେଖିବାକୁ ମିଳିବ । ଭାରତୀୟ ମହିଳା ସହ ନେପାଳ ମହିଳା ଦଳ ଟାଇଟଲ୍ ଲାଗି ଟର୍ଫକୁ ଓହ୍ଲାଇବେ । ନେପାଳ ପୁରୁଷ ଦଳ ସେମିରେ ୭୨-୨୦ରେ ଇରାନକୁ ଓ ମହିଳା ଦଳ ୮୯-୧୮ରେ ଉଗାଣ୍ଡାକୁ ହରାଇଥିଲା ।

ଶନିବାର ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯାଇଥିବା ପୁରୁଷ ସେମିଫାଇନାଲ କଡ଼ା ସଂଘର୍ଷପୂର୍ଣ୍ଣ ରହିଥିଲା । ଏପରିକି ୩ୟ ଟର୍ନ ସୁଦ୍ଧା ଦକ୍ଷିଣ ଆଫ୍ରିକା ୪୨-୨୮ ପଏଣ୍ଟରେ ଅଗ୍ରଣୀ ହାସଲ କରିଥିଲା । ଅନ୍ତିମ ୭ ମିନିଟ୍ ତଥା ୪ର୍ଥ ଟର୍ନରେ ଭାରତ ଚମତ୍କାର ଆଟାକ୍ କରି ୩୨ ପଏଣ୍ଟ ହାତେଇନେବା ସହ ୬୦-୪୨ରେ ବିଜୟୀ ହୋଇଥିଲା । ଭାରତ ସ୍କାଏ ଡାଇଭରେ ୩୬ ଓ ଟଚ୍‌ରେ ୨୦ ପଏଣ୍ଟ ହାସଲ କରିଥିଲା । ଭାରତୀୟ ଦଳର ଅଧିନାୟକ ପ୍ରତୀକ ୱାଇକର୍, ରାମଜୀ କାଶ୍ୟପ, ଓଡ଼ିଶାର ପବନୀ ଶବର ପ୍ରମୁଖ ପ୍ରଭାବୀ ପ୍ରଦର୍ଶନ କରିଥିଲେ । ସେହିଭଳି ମହିଳା ବିଭାଗ ସେମିଫାଇନାଲରେ ମଧ୍ୟ ଦକ୍ଷିଣ ଆଫ୍ରିକା ଭାରତର ଶିକାର ବନିଥିଲା । ଭାରତ ଏହି ମ୍ୟାଚକୁ ୬୬-୧୬ରେ ଏକପାଖିଆ ବିଜୟ ଲାଭ କରିଥିଲା । ଭାରତୀୟ ମହିଳା ଦଳରେ ଓଡ଼ିଶାର ଶୁଭଶ୍ରୀ ସିଂ ଓ ମଗାଇ ମାଝୀ ଖେଳୁଛନ୍ତି ।



ଭାରତ ଓ ଦ.ଆଫ୍ରିକା ମଧ୍ୟରେ ଅନୁଷ୍ଠିତ ପୁରୁଷ ସେମିଫାଇନାଲ୍

**ଆଜି ଫାଇନାଲ**
ମହିଳା: ଭାରତ-ଦକ୍ଷିଣ ଆଫ୍ରିକା, ରାତି ୭ଟା
ପୁରୁଷ: ଭାରତ-ଦକ୍ଷିଣ ଆଫ୍ରିକା, ରାତି ୮ଟା ୧୫
ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ ନେଟୱର୍କ

■ ୨୮ରୁ ୩୮ତମ ଜାତୀୟ କ୍ରୀଡ଼ା

## ଭାଗନେବେ ୩୦୧ ଓଡ଼ିଆ କ୍ରୀଡ଼ାବିତ୍

ଡେରାଡୁନ,୧୮ ।୧(ଏଜେନ୍ସି): ଉତ୍ତରାଖଣ୍ଡର ଡେରାଡୁନଠାରେ ଆୟୋଜନ ହେବ ୩୮ତମ ଜାତୀୟ କ୍ରୀଡ଼ା । ସ୍ଥାନୀୟ ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଏହି କ୍ରୀଡ଼ା ମହାକୁମ୍ଭର ଉଦ୍‌ଘାଟନୀ ଉତ୍ସବ ଆସନ୍ତା ୨୮ ତାରିଖରେ ଆୟୋଜନ ହେବ । ସେହିପରି ଉଦ୍‌ଯାପନୀ ଉତ୍ସବ ଫେବୃଆରୀ ୧୪ରେ ଆୟୋଜନ ହେବ । ଏହି ସମ୍ମାଜନକ ପ୍ରତିଯୋଗିତାରେ ଓଡ଼ିଶାର ୩୦୧ ଆଥଲେଟ୍ ଓ ୭୫ ଜଣ ସପୋର୍ଟ ଷ୍ଟାଫ୍ ଅଂଶଗ୍ରହଣ କରିବେ । ମୋଟ୍ ୩୬ଟି କ୍ରୀଡ଼ାରୁ ଓଡ଼ିଆ ଖେଳାଳିମାନେ ୨୫ଟି କ୍ରୀଡ଼ାରେ ଅଂଶଗ୍ରହଣ କରିବେ । ଓଡ଼ିଶା ବାସ୍କେଟବଲ ଆସୋସିଏସନ ସମ୍ପାଦକ ଅଶୋକ କୁମାର ସାହୁ ଦଳର ‘ଚେଫ୍ ଡି ମିଶନ’ ଭାବେ ଦାୟିତ୍ୱ ସମ୍ପାଦନ କରିବେ । ଦୁଇ ଦିନ ପୂର୍ବରୁ ଆଥଲେଟମାନେ ଡେରାଡୁନ୍‌ରେ ପହଞ୍ଚି ପ୍ରସ୍ତୁତି ଆରମ୍ଭ କରିବେ ବୋଲି କୁହାଯାଇଛି । ଜାତୀୟ କ୍ରୀଡ଼ାର ଗତ ୩୭ତମ ସଂସ୍କରଣ ଗୋଆରେ ଆୟୋଜିତ ହୋଇଥିଲା । ଏଥିରେ ମହାରାଷ୍ଟ୍ର ୮୦ ସ୍ୱର୍ଣ୍ଣ, ୬୯ ରୌପ୍ୟ, ୭୯ କାଂସ୍ୟ ସହ ମୋଟ୍ ୨୨୮ ପଦକ ହାସଲ କରି ତାଲିକାର ଶୀର୍ଷରେ ରହିଥିଲା । ସେହିପରି ଓଡ଼ିଶା ୧୦ ସ୍ୱର୍ଣ୍ଣ, ୧୮ ରୌପ୍ୟ ଓ ୩୦ କାଂସ୍ୟ ସହ ମୋଟ ୫୮ ପଦକ ସହ ତାଲିକାର ୧୬ତମ ସ୍ଥାନରେ ରହିଥିଲା ।

# କର୍ଣ୍ଣାଟକକୁ ୫ମ ବିଜୟ ହଜାରେ ଟ୍ରଫି

ଭଦୋଦାରା,୧୮ ।୧(ଏଜେନ୍ସି): ବିଜୟ ହଜାରେ ଟ୍ରଫିର ୩୨ତମ ସଂସ୍କରଣ ଶନିବାର ଉଦ୍‌ଯାପିତ ହୋଇଛି । କର୍ଣ୍ଣାଟକ ୩୬ ରନରେ ବିଦର୍ଭକୁ ପରାସ୍ତ କରି ଏଥର ଟାଇଟଲ ହାସଲ କରିଛି । କର୍ଣ୍ଣାଟକ ୫ମଥର ପାଇଁ ଚାମ୍ପିଅନ ହୋଇଛି । ସ୍ଥାନୀୟ କୋଟାମ୍ବି ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ଫାଇନାଲରେ ଟସହାରି କର୍ଣ୍ଣାଟକ ୬ ୱିକେଟ ହରାଇ ୩୪୮ ରନ କରିଥିଲା । ଜବାବରେ ବିଦର୍ଭ ୪୮.୨ ଓଭରରେ ୩୧୨ ରନରେ ସୀମିତ ରହି ରନର୍ସଅପ୍ ବିବେଚିତ ହୋଇଛି । ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ୭୭୯ ରନ କରି ପ୍ଲେୟର ଅଫ ଦି ସିରିଜ ବିବେଚିତ ହୋଇଥିବା କରୁନ ନାୟର ବିଫଳ ହୋଇଥିଲେ । କର୍ଣ୍ଣାଟକର ରବିଚନ୍ଦ୍ରନ ସ୍ମରଣ ୧୦୧ ରନର ଶତକୀୟ ପାଳି ଖେଳି ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି ।



୩୪୯ ରନର କଷ୍ଟସାଧ୍ୟ ଟାର୍ଗେଟର ପିଛା କରି ବିଦର୍ଭ ନିୟମିତ ଅନ୍ତରରେ ୱିକେଟ ହରାଇଥିଲା । ଓପନର ଧ୍ରୁବ ଶୋରେ ୧୧୦ ରନର ଶତକୀୟ ପାଳି ଖେଳିଥିଲେ ମଧ୍ୟ ଏହା ନିଷ୍ଫଳ ସାବ୍ୟସ୍ତ ହୋଇଥିଲା । ସେହିପରି ମଧ୍ୟକ୍ରମ ବ୍ୟାଟର ହର୍ଷ ଦୁବେ ୬୩ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ ମଧ୍ୟ ଅନ୍ୟମାନେ ବିଫଳ ହୋଇଥିଲେ । ଏହି କ୍ରମରେ ଯଶ ରାଠୋର ୨୨, ଇନ୍‌ଫର୍ମ କରୁଣ ନାୟର ୨୭, ଜିତେଶ ଶର୍ମା ୩୪ ରନ କରି ଆଉଟ ହୋଇଥିଲେ । ବୋଲିଂରେ କର୍ଣ୍ଣାଟକ ତରଫରୁ ବାସୁକି କୌଶିକ, ପ୍ରସିଦ୍ଧ କ୍ରିଷ୍ଣା ଓ ଅଭିଲାଷ ସେଟ୍ଟୀ ୩ଟି ଲେଖାଏ, ହାର୍ଦ୍ଦିକ ରାଜ ଗୋଟିଏ ୱିକେଟ ଅକ୍ତିଆର କରିଥିଲେ ।

ପ୍ରଥମେ ବ୍ୟାଟିଂ କରିଥିବା କର୍ଣ୍ଣାଟକ ତରଫରୁ ମଧ୍ୟକ୍ରମ ବ୍ୟାଟର ରବିଚନ୍ଦ୍ରନ ସ୍ମରଣ ୧୦୧ ରନର ଶତକୀୟ ପାଳି ଖେଳିଥିଲେ । ସେହିପରି ଅଭିନବ ମନୋହର ୪୨ ବଲରୁ ୧୦ ଚୌକା ଓ ୪ ଛକା ସହ ୭୯ ରନର ବିସ୍ଫୋରକ ଅର୍ଦ୍ଧଶତକୀୟ ପାଳି ଖେଳି ଦଳକୁ ବିଶାଳ ସ୍କୋର ପ୍ରଦାନ କରିଥିଲେ । କ୍ରିଷ୍ଣନ ଶ୍ରୀଜିତ୍ ୭୮, ମୟଙ୍କ ୩୨ ରନ ସଂଗ୍ରହ କରିଥିଲେ । ବୋଲିଂରେ ବିଦର୍ଭ ତରଫରୁ ଦର୍ଶନ ନାଲକଣ୍ଡେ ଓ ନଚିକେତ ଭୂତେ ୨ଟି ଲେଖାଏ, ଯଶ ଠାକୁର ଓ ଯଶ କଦକ ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ ।

## ଇଣ୍ଡିଆ ଓପନ୍ ବ୍ୟାଡ୍‌ମିଣ୍ଟନରେ ଭାରତର ଅଭିଯାନ ଶେଷ

ନୂଆଦିଲ୍ଲୀ, ୧୮ ।୧ (ଏଜେନ୍ସି): ସ୍ଥାନୀୟ କେଡି ଯାଦବ ଇଣ୍ଡୋର୍ ହଲ୍‌ରେ ଚାଲିଥିବା ୮ କୋଟି ୨୨ ଲକ୍ଷ ଟଙ୍କା ପୁରସ୍କାର ରାଶିବିଶିଷ୍ଟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଭାରତର ଅଭିଯାନ ଶେଷ ହୋଇଛି । ଶନିବାର ପୁରୁଷ ଡବଲ୍ସ ସେମିଫାଇନାଲରେ ଭାରତର ଶେଷଆଶା ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ଯୋଡ଼ି ୧୮-୨୧, ୧୪-୨୧ ସିଧାସଳଖ ଗେମ୍‌ରେ ଇଣ୍ଡୋନେସିଆ ଯୋଡ଼ି ଗୋ ଜି ଫେଇ ଓ ନୁର୍ ଇଜୁଦ୍ଦିନଙ୍କ ନିକଟରୁ ହାରିଯାଇଥିଲେ । ଚିରାଗ ଓ ସାତ୍ତ୍ୱିକ ଯୋଡ଼ି କ୍ରମାଗତ ୨ୟ ସେମିଫାଇନାଲରେ ପରାସ୍ତ ହୋଇଛନ୍ତି । ଏଥିପୂର୍ବରୁ ମାଲେସିଆ ଓପନ୍‌ରେ ମଧ୍ୟ ଏହି ଭାରତୀୟ ଯୋଡ଼ି ସେମିଫାଇନାଲରେ ଅଟକିଥିଲେ ।

## ଉତ୍କଳ ଓପନ୍ ଟେନିସ | ପ୍ରାର୍ଥନା-ଅଭିପ୍ସା ଫାଇନାଲ ମୁକାବିଲା

ଭୁବନେଶ୍ୱର, ୧୮ ।୧ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମସ୍ଥିତ ଟେନିସ କମ୍ପ୍ଲେକ୍ସରେ ଚାଲିଥିବା ଉତ୍କଳ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟର ମହିଳା ସିଙ୍ଗଲ୍ସ ଫାଇନାଲ ଲାଇନଅପ୍ ସ୍ପଷ୍ଟ ହୋଇଛି । ରବିବାର ଫାଇନାଲରେ ୩ୟ ସିଡ୍ ପ୍ରାର୍ଥନା ମଣ୍ଡଳ ଓ ଅଭିପ୍ସା ଦେହୁରୀ ପରସ୍ପରକୁ ଭେଟିବେ । ସେମିରେ ପ୍ରାର୍ଥନା ୯-୮ (୫)ରେ ଟପ୍ ସିଡ୍ ପ୍ରିଶା ଦାସଙ୍କୁ ପରାସ୍ତ କରିଥିଲେ । ସେହିଭଳି ଅଭିପ୍ସା ୯-୨ରେ ୮ମ ସିଡ୍ ସରଞ୍ଜନା ଦାସଙ୍କୁ ହରାଇଥିଲେ । ରବିବାର ପୁରୁଷ ସିଙ୍ଗଲ୍ସ ସେମି ଖେଳାଯିବ । ଟପ୍ ସିଡ୍ ଅମୃତଜୟ ମହାନ୍ତି ଓ ୩ୟ ସିଡ୍ ଅଂଶୁମାନ ସିଂ ପରସ୍ପରକୁ ଭେଟିବେ । ଆଦିତ୍ୟ ଶତପଥୀ ଓ ୬ଷ୍ଠ ସିଡ୍ ଆଦିତ୍ୟ ମହାପାତ୍ରଙ୍କ ମଧ୍ୟରେ ୨ୟ ସେମିଫାଇନାଲ ଖେଳାଯିବ । ୧୪ ବର୍ଷରୁ କମ୍ ବାଳିକା ଫାଇନାଲରେ ଏସ୍‌କେ ୱନିଆ ଶଜଫା ଓ ସରଞ୍ଜନା ଦାସ ପରସ୍ପରକୁ ଭେଟିବେ ।

## ଆଶିଷ ପ୍ରଥମ ଓଡ଼ିଆ ସ୍ୱୀକୃତିପ୍ରାପ୍ତ ଅନ୍ତର୍ଜାତୀୟ ସୁଟିଂ ବିଚାରପତି



ଭୁବନେଶ୍ୱର, ୧୮ ।୧ (ସମିସ): ପ୍ରଥମ ଓଡ଼ିଆ ଭାବେ ଆଶିଷ ନାୟକ ଅନ୍ତର୍ଜାତୀୟ ସୁଟିଂ ସ୍ପୋର୍ଟ୍ସ ବିଚାରପତି ଭାବେ ସ୍ୱୀକୃତି ଲାଭ କରିଛନ୍ତି । ଜାତୀୟ ରାଇଫଲ୍ ସଂଘ ପକ୍ଷରୁ ମନୋନୀତ ହୋଇ ଆଶିଷ ଦିଲ୍ଲୀରେ ଅନ୍ତର୍ଜାତୀୟ ସୁଟିଂ ସ୍ପୋର୍ଟ୍ସ ଫେଡେରେସନ ଦ୍ୱାରା ଆୟୋଜିତ ବିଚାରପତି ପାଠ୍ୟକ୍ରମ ପରୀକ୍ଷା (ରାଇଫଲ୍ ଓ ପିସ୍ତଲ)ରେ କୃତକାର୍ଯ୍ୟ ହୋଇଛନ୍ତି । ଆଶିଷ ଏଥିପୂର୍ବରୁ ପ୍ରଥମ ଓଡ଼ିଆ ଭାବେ ଅନ୍ତର୍ଜାତୀୟ ସୁଟିଂ ସ୍ପୋର୍ଟ୍ସ କ୍ରୀଡ଼ା ପ୍ରଶିକ୍ଷକ ଓ ଜାତୀୟ ବନ୍ଧୁକ ଚାଳନା ବିଚାରପତି ପରୀକ୍ଷାରେ ମଧ୍ୟ ଉତ୍ତୀର୍ଣ୍ଣ ହୋଇଥିଲେ । ଏହି ସଫଳତା ଲାଗି ଆଶିଷଙ୍କୁ ଜାତୀୟ ରାଇଫଲ୍ ସଂଘର ସଭାପତି କଳିକେଶ ନାରାୟଣ ସିଂଦେଓ ଅଭିନନ୍ଦନ ଜଣାଇଛନ୍ତି ।

## ହକି ଇଣ୍ଡିଆ ଲିଗ୍ | ହାଇଦ୍ରାବାଦ୍ ତୁଫାନ୍ସର ବଡ଼ ବିଜୟ

ରାଞ୍ଚି,୧୮ ।୧(ଏଜେନ୍ସି): ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ର ଚଳିତ ଷଷ୍ଠ ସଂସ୍କରଣରେ ଶନିବାର ଖେଳାଯାଇଥିବା ମ୍ୟାଚ୍‌ରେ ହାଇଦରାବାଦ ତୁଫାନ୍ସ ୪-୦ ଗୋଲରେ ତାମିଲନାଡୁ ଡ୍ରାଗନ୍ସକୁ ପରାସ୍ତ କରିଛି । ଡ୍ରାଗନ୍ସର ରକ୍ଷଣଭାଗ ଦୁର୍ବଳତାରୁ ଫାଇଦା ଉଠାଇ ଡ୍ରାଗନ୍ସ ଗୋଟିଏ ପରେ ଗୋଟିଏ ଗୋଲ ସ୍କୋର କରିଥିଲା । ଏହି ବିଜୟ ସହ ତୁଫାନ୍ସ ୭ଟି ମ୍ୟାଚ୍ ଖେଳି ୧୩ ପଏଣ୍ଟ ପାଇ ଦ୍ୱିତୀୟ ଓ ଡ୍ରାଗନ୍ସ ସମାନ ସଂଖ୍ୟକ ମ୍ୟାଚ୍ ଖେଳି ପରାଜୟ ସତ୍ତ୍ୱେ ୧୫ ପଏଣ୍ଟ ଶୀର୍ଷ ସ୍ଥାନ ବଜାୟ ରଖିଛି ।



### ପେଇଲାଟଙ୍କ ଡବଲ୍ ଗୋଲ

ସ୍ଥାନୀୟ ଜୟପାଲ ସିଂ ଷ୍ଟାଡିୟମରେ ଖେଳାଯାଇଥିବା ଏହି ଏକପାଖିଆ ମ୍ୟାଚ୍‌ରେ ତୁଫାନ୍ସ ତରଫରୁ ୨୧ତମ ମିନିଟ୍‌ରେ ଅଭିଜ୍ଞ ଜର୍ମାନୀ ଡିଫେଣ୍ଡର ଗୋଞ୍ଜାଲୋ ପେଇଲାଟ୍ ୨୧ ୪୮ତମ ମିନିଟ୍‌ରେ ଦୁଇଟି ଗୋଲ ଦେଇ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ସେହିପରି ୩୧ତମ ମିନିଟ୍‌ରେ ନେଦରଲାଣ୍ଡସ ଡିଫେଣ୍ଡର ଆର୍ଥର ସ୍ଲୁଭେର ଓ ଏହାର ଦୁଇ ମିନିଟ ପରେ ଅର୍ଥାତ ୩୩ତମ ମିନିଟ୍‌ରେ ଅଷ୍ଟ୍ରେଲିଆ ଫରୱାର୍ଡ ଟିମୋଥି ଡାନିଏଲ ବ୍ରାଣ୍ଡ ଗୋଲ ସ୍କୋର କରିଥିଲେ । ଅପରପକ୍ଷରେ ଡ୍ରାଗନ୍ସ ତୁଫାନ୍ସ ଡିଫେନ୍ସକୁ ଭେଦ କରିପାରି ନଥିଲା । ବ୍ରାଣ୍ଡ ଫିଲ୍ଡ ଗୋଲ ଦେଇଥିବା ବେଳେ ଅନ୍ୟ ୩ଟି ଗୋଲ୍ ପେନାଲ୍ଟି କର୍ଣ୍ଣର ଜରିଆରେ ସ୍କୋର ହୋଇଥିଲା । ବଲ ପଜେସନରେ ଡ୍ରାଗନ୍ସ ସାମାନ୍ୟ ଆଗୁଆ ରହିଥିଲା । ତେବେ ସର୍କଲ ଏଣ୍ଟ୍ରି ଓ ପେନାଲ୍ଟି କର୍ଣ୍ଣରରେ ତୁଫାନ୍ସ ଯଥେଷ୍ଟ ଆଗରେ ରହିଥିଲା । ୧୮ଟି ପେନାଲ୍ଟି କର୍ଣ୍ଣର ପାଇ ତୁଫାନ୍ସ ମାତ୍ର ୩ଟି ଗୋଲ ସ୍କୋର କରିଥିଲା । ସେହିପରି ୩ଟି ପେନାଲ୍ଟି ପାଇଥିଲେ ମଧ୍ୟ ଡ୍ରାଗନ୍ସ ଗୋଲ ଦେଇପାରି ନଥିଲା ।

### ରୁଦ୍ରସଠାରୁ ହାରିଲା ଗୋନାସିକା

ଦ୍ୱିତୀୟ ମ୍ୟାଚ୍‌ରେ ଟିମ୍ ଗୋନାସିକା ୦-୧ ଗୋଲରେ ୟୁପି ରୁଦ୍ରସଠାରୁ ପରାସ୍ତ ହୋଇଛି । ସ୍ଥାନୀୟ ଜୟପାଲ ସିଂ ଷ୍ଟାଡିୟମରେ ଖେଳାଯାଇଥିବା ଏହି ସଂଘର୍ଷପୂର୍ଣ୍ଣ ମୁକାବିଲାରେ ରୁଦ୍ରସ ତରଫରୁ ହାର୍ଦ୍ଦିକ ସିଂ ପେନାଲ୍ଟି ଷ୍ଟ୍ରୋକ୍ ଜରିଆରେ ୧୫ତମ ମିନିଟ୍‌ରେ ମ୍ୟାଚ୍‌ର ଏକମାତ୍ର ଗୋଲ ସ୍କୋର କରିଥିଲେ । ଗୋନାସିକା ୧୭ଟି ପେନାଲ୍ଟି କର୍ଣ୍ଣର ପାଇଥିଲେ ମଧ୍ୟ ଗୋଟିଏ ବି ଗୋଲରେ ପରିଣତ କରିପାରି ନଥିଲା । ମିଳିଥିବା ଗୋଟିଏ ପେନାଲ୍ଟି ଷ୍ଟ୍ରୋକ୍‌କୁ ରୁଦ୍ରସ୍ ଗୋଲରେ ପରିଣତ କରିଥିଲା । ସର୍କଲ ଏଣ୍ଟ୍ରିରେ ରୁଦ୍ରସ ସମାନ୍ୟ ଆଗରେ ରହିଥିଲା । ବଲ୍ ପଜେସନରେ ଗୋନାସିଆକ ମଧ୍ୟ ସାମାନ୍ୟ ଆଗରେ ରହିଥିଲା ।









PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS